ଧରିତ୍ରୀ
DHARITRI

ବ୍ରହ୍ମପୁର, ଗୁରୁବାର, ନଭେମ୍ବର ୭/୨୦୧୯ (୨୦ ପୃଷ୍ଠା) | Berhampur, Thursday, November 7/2019 | ★★★

୧୫ଶ ଭାଗ ୨୭୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-



## ଗୋବିନ୍ଦାଙ୍କ ଫିଲ୍ମ ସଂଖ୍ୟା ୧୬୫

ଗୋବିନ୍ଦାଙ୍କ ହିନ୍ଦୀ ସିନେମା କ୍ୟାରିୟର ଆରମ୍ଭ ହୋଇଥିଲା 'ଇଲଜାମ୍'ରୁ। ଇତିମଧ୍ୟରେ ସେ ୧୬୫ଟି ସିନେମାରେ ଅଭିନୟ କରି ନିଜ ଅଭିନୟ ଦକ୍ଷତା ଦେଖାଇପାରିଛନ୍ତି।

୧୬

୧୮

## ବାଇସୋୟାଙ୍କୁ ୧୦ ଉଇକେଟ ସଫଳତା

ମେଘାଳୟ ଅଫ୍ ସ୍ପିନର ନିର୍ଦ୍ଦେଶ ବାଇସୋୟା ନାଗାଲାଣ୍ଡ ବିପକ୍ଷ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି ମ୍ୟାଚରେ ସେ ଗୋଟିଏ ଇନିଂସରେ ୧୦ଉଇକେଟ ଅକ୍ତିଆର କରିଛନ୍ତି।



■ ପାଣିପାଗ ବିଭାଗର ଆକଳନ


# ଓଡ଼ିଶାକୁ ବାତ୍ୟା ଭୟ ନାହିଁ

ଭୁବନେଶ୍ୱର,୬।୧୧(ବ୍ୟୁରୋ)

ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗର ଏବଂ ଉତ୍ତର ଆଣ୍ଡାମାନ ନିକଟରେ ସୃଷ୍ଟି ହୋଇଥିବା ଲଘୁଚାପ ଗଭୀର ଅବପାତ (ଡିପ ଡିପ୍ରେଶନ)ରେ ପରିଣତ ହୋଇଛି। ଆସନ୍ତା ୧୨ ଘଣ୍ଟା ମଧ୍ୟରେ ଏହା ବାତ୍ୟାରୂପ ନେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଓଡ଼ିଶା ଉପକୂଳ ସମୁଦ୍ର ମଧ୍ୟ ଦେଇ ବାଂଲାଦେଶ ଆଡ଼କୁ ବାତ୍ୟା ଚାଲିଯିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଓଡ଼ିଶା ଉପରୁ ଏକ ପ୍ରକାର ବିପଦ ଟଳି ଯାଇଛି। ତେବେ ଏହାର ପ୍ରଭାବରେ ଆସନ୍ତା ୮ ତାରିଖରେ ଓଡ଼ିଶା ଉପକୂଳରେ ଘଣ୍ଟାକୁ ୪୦ରୁ ୫୦ କିଲୋମିଟର ବେଳେ ବେଳେ ୬୦ କିଲୋମିଟର ବେଗରେ ପବନ ବହିବା ସମ୍ଭାବନା ରହିଛି। ଏଥିସହିତ ଉପକୂଳ ଓଡ଼ିଶାର କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ୯ ଓ ୧୦ ତାରିଖରେ ମଧ୍ୟ ବର୍ଷା ଲାଗି ରହିବ। ବାତ୍ୟା ପ୍ରଭାବରେ ଉପକୂଳ ଅଶାନ୍ତ ରହୁଥିବାରୁ ଆସନ୍ତା ୯ ତାରିଖ ଯାଏ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବା ଲାଗି ପରାମର୍ଶ ଦିଆଯାଇଛି।

ଅବପାତ ବୁଧବାର ଆଣ୍ଡାମାନର ମାୟାବନ୍ଦରିଠାରୁ ଉତ୍ତର-ଉତ୍ତର ପଶ୍ଚିମ ଦିଗର ୩୯୦ କିଲୋମିଟର, ପାରାଦୀପଠାରୁ ଦକ୍ଷିଣ- ଦକ୍ଷିଣ ପୂର୍ବ ଦିଗଠାରୁ ୮୧୦ କିଲୋମିଟର ଏବଂ ପଶ୍ଚିମବଙ୍ଗଠାରୁ ୯୬୦ କିଲୋମିଟର ଦୂରରେ କେନ୍ଦ୍ରୀଭୂତ ହୋଇଛି। ଧୀରେ ଧୀରେ ଏହା ଭୟଙ୍କର ସାମୁଦ୍ରିକ ଝଡ଼ରେ ପରିଣତ ହେଉଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରଥମେ କିଛି ସମୟ ପାଇଁ ଏହା ଉତ୍ତର-ପଶ୍ଚିମ ଦିଗ ଏବଂ ପରେ ଏହା ଉତ୍ତର- ଉତ୍ତର ପଶ୍ଚିମ ଦିଗ ଦେଇ ପଶ୍ଚିମବଙ୍ଗ ଏବଂ ବାଂଲାଦେଶ ଆଡ଼କୁ ମୁହାଁଇବା ସମ୍ଭାବନା ରହିଛି ।

ବାତ୍ୟା ପ୍ରଭାବରେ ଆସନ୍ତା ୯ ଓ ୧୦ ତାରିଖରେ ଉପକୂଳ ଓଡ଼ିଶାରେ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ଚାଲିଛି। ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍ଆର୍ସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରଭାବିତ ହେବାକୁ ଥିବା ୧୫ ଜିଲାର ☞ପୃଷ୍ଠା–୪




■ ବାଂଲାଦେଶ ମୁହାଁ ହେଉଛି ଅବପାତ
■ ୧୨ ଘଣ୍ଟା ମଧ୍ୟରେ ଅବପାତ ବାତ୍ୟା ରୂପ ନେବ
■ ଉପକୂଳ, ଉତ୍ତର ଓଡ଼ିଶାରେ ବର୍ଷା ସମ୍ଭାବନା
■ ଘଣ୍ଟାକୁ ୪୦ରୁ ୫୦ କି.ମି. ପବନ ବହିବ
■ ସମୁଦ୍ରକୁ ନ ଯିବାକୁ ମତ୍ସ୍ୟଜୀବୀଙ୍କୁ ପରାମର୍ଶ

## ବିଶ୍ୱ ଜଳବାୟୁ ଜରୁରୀ ପରିସ୍ଥିତି ଘୋଷଣା କଲେ ୧୧ ହଜାର ବୈଜ୍ଞାନିକ

ପୃଷ୍ଠା–୫




'ମୋ ବସ୍'ର ପ୍ରଥମ ବାର୍ଷିକ ସମାରୋହରେ ଯୋଗଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ସନ୍ଧ୍ୟାରେ ନବୀନ ନିବାସରୁ ନିୟମିତ ଚଳାଚଳ କରୁଥିବା ମୋ ବସ୍‌ରେ ବସି ସୂଚନା ଭବନ ଅଭିମୁଖେ ଯାଉଛନ୍ତି। (ରିପୋର୍ଟ: ପୃଷ୍ଠା–୪)

# ପାକ୍‌ର କର୍‌ତାରପୁର ଭିଡିଓରେ ଖଲିସ୍ତାନୀ

ନୂଆଦିଲ୍ଲୀ/ଲାହୋର,୬।୧୧(ପି.ଟି.)

କର୍‌ତାରପୁର କରିଡର ଉପରେ ପାକିସ୍ତାନ ସରକାର ପକ୍ଷରୁ ଜାରି ଏକ ଭିଡିଓକୁ ନେଇ ବିବାଦ ସୃଷ୍ଟି ହୋଇଛି। ଉକ୍ତ ଭିଡିଓରେ ଜର୍ନାଇଲ ସିଂ ଭିନ୍ଦ୍ରନ୍‌ୱାଲେ ଓ ତାଙ୍କ ସାମରିକ ପରାମର୍ଶଦାତା ଶାହବେଗ୍ ସିଂଙ୍କ ସମେତ ୩ ଶିଖ୍ ବିଚ୍ଛିନ୍ନତାବାଦୀ ନେତା ରହିଛନ୍ତି। ୧୯୮୪ରେ ଅପରେଶନ ବ୍ଲୁ ଷ୍ଟାର ବେଳେ ଏହି ୩ ଜଣ ନିହତ ହୋଇଥିଲେ। ଭାରତ ପକ୍ଷରୁ ଏହାର ଦୃଢ଼ବିରୋଧ କରାଯାଇ ଭିଡିଓରୁ ସେମାନଙ୍କ ଦୃଶ୍ୟ ବାଦ୍ ଦେବା ଲାଗି ଦାବି କରାଯାଇଛି। ବହୁ ପ୍ରତୀକ୍ଷିତ କର୍‌ତାରପୁର କରିଡର ଉଦ୍‌ଘାଟନକୁ ମାତ୍ର ଦୁଇଦିନ ବାକି ଥିବାବେଳେ ପାକିସ୍ତାନ ସୋମବାର ଏକ ବିବାଦୀୟ ଭିଡିଓ ଜାରି କରିଛି। ଉକ୍ତ ଭିଡିଓରେ ଖଲିସ୍ତାନୀ ସଙ୍ଗଠନ ଶିଖ୍ ଫର୍ ଜଷ୍ଟିସ୍‌ର ଏକ ପୋଷ୍ଟର ରହିଛି। ପାକିସ୍ତାନ ସପକ୍ଷବାଦୀ ଏହି ନିଷିଦ୍ଧ ଘୋଷିତ ବିଚ୍ଛିନ୍ନତାବାଦୀ ସଙ୍ଗଠନ ୨୦୨୦ରେ ଶିଖ୍ ଗଣଭୋଟ କରାଇବା ପାଇଁ ଦାବି କରୁଛି। ଭିନ୍ଦ୍ରନ୍‌ୱାଲେ ଶିଖ୍ ଧାର୍ମିକ ଗୋଷ୍ଠୀ ଦମଦମୀ ତକ୍‌ସାଲର ମୁଖ୍ୟ ଥିଲେ। ୧୯୮୪ରେ ଅପରେଶନ୍ ବ୍ଲୁ ଷ୍ଟାର ବେଳେ ସୁରକ୍ଷା ବଳ ହାତରେ ସେ ନିହତ ହୋଇଥିଲେ। ହଜାର ହଜାର ଲୋକଙ୍କ ଜୀବନ ଯାଇଥିବା ଖଲିସ୍ତାନ ଆନ୍ଦୋଳନର ସୂତ୍ରଧର ବୋଲି ତାଙ୍କୁ କୁହାଯାଏ। ସେହିପରି ଶାହବେଗ୍ ସିଂ ଭାରତୀୟ ସେନାର ଜଣେ ଜେନେରାଲ ଥିଲେ। ତାଙ୍କ ବିରୋଧରେ ଅବସର ନେବାର ☞ପୃଷ୍ଠା–୪

### ଶିଖ୍ ବିଚ୍ଛିନ୍ନତାବାଦୀଙ୍କ ଦୃଶ୍ୟ ହଟାଇବାକୁ କହିଲା ଭାରତ



## ଆସନ୍ତୁ ୯ରେ ଇତିହାସର ସାକ୍ଷୀ ହେବା

ନୂଆଦିଲ୍ଲୀ: କର୍‌ତାରପୁର କରିଡର ଆସନ୍ତା ୯ ତାରିଖରେ ଖୋଲିବାକୁ ଥିବାବେଳେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ବୁଧବାର ଏନେଇ ଏକ ଭିଡିଓ ଜାରି କରିଛନ୍ତି। ସେ ଟୁଇଟର୍‌ରେ ଶେୟାର କରିଥିବା ଭିଡିଓ ସହ ଲେଖିଛନ୍ତି 'ଆସନ୍ତୁ ୯ରେ ଇତିହାସର ସାକ୍ଷୀ ହେବା'। ଏହାସହ ଶାହ ଶ୍ରୀ ଗୁରୁ ନାନକ ଦେବଜୀଙ୍କ ଶିକ୍ଷାକୁ ବିଶ୍ୱର କୋଣଅନୁକୋଣରେ ପହଞ୍ଚାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଶଂସା କରିଛନ୍ତି। କର୍‌ତାରପୁର କରିଡରର ଏପରି ସୀମାପାର ଯୋଗସୂତ୍ର, ଯାହା ଶିଖ୍ ଶ୍ରଦ୍ଧାଳୁଙ୍କୁ ପାକିସ୍ତାନର ଗୁରୁଦ୍ୱାରା ଦରବାର ସାହିବ ପହଞ୍ଚାଇବ। ଗୁରୁ ନାନକ ଦେବଜୀଙ୍କ ୫୫୦ତମ ପ୍ରକାଶ ପର୍ବ ଅବସରରେ ଏହି କରିଡର ଉଦ୍‌ଘାଟନ ହେଲେ ଲକ୍ଷ ଲକ୍ଷ ଲୋକଙ୍କ ଦୀର୍ଘଦିନର ସ୍ୱପ୍ନ ସାକାର ହେବ ବୋଲି ଶାହ ଏଥିରେ ଉଲ୍ଲେଖ କରିଛନ୍ତି।

### ଶାହ ଟୁଇଟ୍ କଲେ କର୍‌ତାରପୁର ଭିଡିଓ



### ଆଜିର ସମ୍ପାଦକୀୟ

## ଜୀବେ ନିଷ୍ଠୁରତା ଓ ଅପରାଧ

### ଆଜିର ମନ୍ତବ୍ୟ

'କର୍‌ତାରପୁର ମଡେଲ୍' ଭବିଷ୍ୟତରେ ବିବାଦ ସମାଧାନରେ ସହାୟକ ହୋଇପାରେ।

-ମନମୋହନ ସିଂ, ପୂର୍ବତନ ପ୍ରଧାନମନ୍ତ୍ରୀ

### କିଛି ତଥ୍ୟ

ଭାରତ ୨୦୧୮–୧୯ରେ ୟୁରୋପୀୟ ୟୁନିୟନକୁ ୩ ଲକ୍ଷ ଟନ୍ ବାସମତି ଚାଉଳ ରପ୍ତାନି କରିଛି।

– ବାଣିଜ୍ୟ ମନ୍ତ୍ରଣାଳୟ


Taste the difference! Vencobb Fresh Chicken

06.11.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 64 | 111 | 121 |
| CTC | 64 | 111 | 121 |
| DKL | 65 | 113 | 123 |
| BDK | 67 | 115 | 125 |
| BLS | 67 | 115 | 125 |
| ANG | 65 | 113 | 123 |
| BHM | 60 | 106 | 116 |

*Conditions Apply

Issued in the Interest of Consumers


### ଏସ୍‌ସିବି ମେଡିକାଲ ପାଇଁ ୧୦୦୦ କୋଟି

# ଏମ୍ସ ପ୍ଲସ୍ ଢାଞ୍ଚାରେ ହେବ ବିକାଶ

■ ଶଯ୍ୟା ସଂଖ୍ୟା ୩୦୦୦କୁ ବୃଦ୍ଧି
■ ଦେଶର ଶ୍ରେଷ୍ଠ ୩ ଅନୁଷ୍ଠାନ ମଧ୍ୟରେ ସାମିଲ ହେବା ଲକ୍ଷ୍ୟ

ଭୁବନେଶ୍ୱର,୬।୧୧(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ (ଏସ୍‌ସିବି) ମେଡିକାଲ କଲେଜ ଓ ହସ୍ପିଟାଲର ସର୍ବାଙ୍ଗୀନ ଉନ୍ନତି ନେଇ ଏକାଧିକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ଲୋକ ସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଥିବା ଏକ ବୈଠକରେ ଏସ୍‌ସିବିକୁ ଏମ୍ସ ପ୍ଲସ୍ ଅନୁଷ୍ଠାନରେ ପରିଣତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ହସ୍ପିଟାଲର ଶଯ୍ୟା ସଂଖ୍ୟା ୩୦୦୦କୁ ବୃଦ୍ଧି ପାଇବ। ଏଥିପାଇଁ ପ୍ରାୟ ୧୦୦୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରାଯିବ ବୋଲି ସରକାରୀସ୍ତରରେ ନିଷ୍ପତ୍ତି ହୋଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୨୦୦ ବର୍ଷ ତଳୁ ଏହି ସ୍ୱାସ୍ଥ୍ୟାନୁଷ୍ଠାନ ଓଡ଼ିଶାବାସୀଙ୍କୁ ସେବା ଯୋଗାଇ ଆସିଛି। ଏଠାରୁ ଅନେକ ବିଶିଷ୍ଟ ଡାକ୍ତର ବାହାରିଛନ୍ତି, ଯେଉଁମାନେ କେବଳ ଭାରତ ନୁହେଁ, ସାରା ପୃଥିବୀର ଲୋକମାନଙ୍କୁ ସେବା ଦେଇ ଆସୁଛନ୍ତି। ତେଣୁ ଏହି ଅନୁଷ୍ଠାନର ଗୁରୁତ୍ୱକୁ ଆହୁରି ବିଶ୍ୱସ୍ତରରେ ପରିଣତ କରାଯିବ। ପ୍ରତି ଓଡ଼ିଆ ସୁଲଭ ତଥା ଉଚ୍ଚ ଗୁଣାତ୍ମକମାନର ସ୍ୱାସ୍ଥ୍ୟ ସେବା ପାଆନ୍ତୁ। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅଧିକ ସମ୍ବଳ ବିନିଯୋଗ କରାଯାଉଛି। ଏସ୍‌ସିବିରେ ସମସ୍ତ ଅତ୍ୟାଧୁନିକ ସୁବିଧା ରହିବ। ଦେଶର ଶ୍ରେଷ୍ଠ ଚିକିତ୍ସା ଅନୁଷ୍ଠାନ(ଏମ୍ସ ପ୍ଲସ୍ ଭଳି) ମଧ୍ୟରେ ଏସ୍‌ସିବି ଯେପରି ସ୍ଥାନ ପାଇବ, ସେଥିପ୍ରତି ଦୃଷ୍ଟି ଦିଆଯିବ। ହସ୍ପିଟାଲର ଉନ୍ନତି ସହ ଅଧ୍ୟୟନ ପାଇଁ ଆସିଥିବା ଛାତ୍ରୀଛାତ୍ରଙ୍କ ରହିବା ଓ ମନୋରଞ୍ଜନ ପରିବେଶ ସୃଷ୍ଟି ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଓଡ଼ିଶା ବାହାରର ସ୍ୱନାମଧନ୍ୟ ଚିକିତ୍ସକମାନେ ଆସି ଯେପରି ସେବା ଯୋଗାଇଦେବାକୁ ଆଗ୍ରହ ପ୍ରକାଶ କରିବେ, ସେ ଦିଗରେ ଦୃଷ୍ଟି ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ପାଇଁ ଜନସାଧାରଣଙ୍କୁ ବହୁତ କିଛି ଆର୍ଥିକ ଖର୍ଚ୍ଚ ବହନ କରିବାକୁ ପଡ଼ିବ। ହେଲେ ଏହି ପଦକ୍ଷେପ ଦ୍ୱାରା କୌଣସି ବି ଓଡ଼ିଆ ଚିକିତ୍ସା ପାଇଁ ରାଜ୍ୟ ବାହାରକୁ ଯିବାକୁ ପଡ଼ିବ ନାହିଁ ବୋଲି କୁହାଯାଇଛି। ☞ପୃଷ୍ଠା–୪

# ରିୟଲ ଇଷ୍ଟେଟ୍ କ୍ଷେତ୍ର ଲାଗି ୨୫ ହଜାର କୋଟିର ପ୍ୟାକେଜ୍



■ ମଞ୍ଜୁରୀ ଦେଲା କେନ୍ଦ୍ର କ୍ୟାବିନେଟ
■ ତ୍ୱରାନ୍ୱିତ ହେବ ୧୬୦୦ ଅସମ୍ପୂର୍ଣ୍ଣ ପ୍ରକଳ୍ପ କାର୍ଯ୍ୟ
■ ୧୦ ହଜାର କୋଟିର ବିକଳ୍ପ ନିବେଶ ପାଣ୍ଠି ଆସିବ
■ ଏସ୍‌ବିଆଇ, ଏଲ୍‌ଆଇସି ଦେବେ ୧୫ ହଜାର କୋଟି
■ ଘର କ୍ରେତାଙ୍କ ସମସ୍ୟାକୁ ଧ୍ୟାନ ଦିଆଯାଇଛି:ନିର୍ମଳା

ନୂଆଦିଲ୍ଲୀ,୬।୧୧

ଦେଶ ମଧ୍ୟରେ ଅସମ୍ପୂର୍ଣ୍ଣ ହୋଇ ପଡ଼ି ରହିଥିବା ପ୍ରାୟ ୧୬୦୦ ରିୟଲ ଇଷ୍ଟେଟ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ସରକାର ପୁଞ୍ଜି ଯୋଗାଣ ସମ୍ପର୍କରେ ଘୋଷଣା କରିଛନ୍ତି। ଏନେଇ ୨୫ ହଜାର କୋଟି ଟଙ୍କାର ଏକ ବେଲ୍ ଆଉଟ୍ ପାଣ୍ଠି ଗଠନ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କେନ୍ଦ୍ର କ୍ୟାବିନେଟ ବୈଠକରେ ବୁଧବାର ଏହି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଅସମ୍ପୂର୍ଣ୍ଣ ପ୍ରକଳ୍ପ କାର୍ଯ୍ୟ ପୁଣି ଆରମ୍ଭ କରି ଦେଶର ଅର୍ଥ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ଲାଗି ଏଭଳି ନିଷ୍ପତ୍ତି ସରକାର ଘୋଷଣା କରିଥିବା ଜଣାପଡିଛି। ଏହାକୁ ଘୋଷଣା କରି ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି ଯେ, ବିକଳ୍ପ ନିବେଶ ପାଣ୍ଠି (ଏଆଇଏଫ୍)ରେ ସରକାର ୧୦,୦୦୦ କୋଟି ଟଙ୍କାର କର୍ପସ ପାଣ୍ଠି ଦ୍ୱାରା ପୁଞ୍ଜି ବ୍ୟବସ୍ଥା କରିବେ। ଏହାବାଦ୍ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ଏବଂ ଲାଇଫ୍ ଇନସ୍ୟୁରାନ୍ସ କର୍ପୋରେଶନ ଅଫ୍ ଇଣ୍ଡିଆ(ଏଲ୍‌ଆଇସି) ୧୫,୦୦୦ କୋଟି ଟଙ୍କା ଯୋଗାଇ ଦେବେ। ଏହିଭଳି ଭାବେ ମୋଟ ୨୫,୦୦୦ କୋଟି ଟଙ୍କାର ପାଣ୍ଠି ବ୍ୟବସ୍ଥା କରାଯିବ। ମଧ୍ୟମ ଏବଂ ନିମ୍ନ ଆୟକାରୀ ଗ୍ରୁପର ମୋଟ ବନ୍ଦ ହୋଇ ପଡିଥିବା ୧୬୦୦ ପ୍ରକଳ୍ପରେ ୪.୫୮ ଲକ୍ଷ ୟୁନିଟ ହାଉସିଂର କାର୍ଯ୍ୟ ପୁଣିଥରେ ତ୍ୱରାନ୍ୱିତ ହେବ। ଘର କ୍ରେତା ବିଲ୍ଡରଙ୍କୁ ଘର ନେବା ଲାଗି ଅଗ୍ରିମ ପ୍ରଦାନ କରିଛନ୍ତି। ☞ପୃଷ୍ଠା–୪





For a test drive, SMS 'RENAULT' to 53030 or call on 1800 300 44444 (Open from Monday to Sunday, 7:00 am -11:00 pm). Select variants available in CSD. Special offers for Defence Personnel, Government, PSU and Corporate employees.

Terms and conditions apply. #Price mentioned is for TRIBER and KWID base variant for ex-showroom Bhubaneswar and is exclusive of local taxes. Offers may vary across variants and cities. The above mentioned offers are valid till 30th November 2019 and are through Renault dealership. *Benefits mentioned above are applicable only on select KWID versions & stock, Conditions apply. Additional Corporate Bonus of ₹ 2 000 is available for Renault approved list of Corporates & PSUs. **Warranty of 4 Years includes Manufacturer Warranty of 2 Years or 50 000 km + Extended Warranty of 2 Years or 50 000 km. ***Loyalty bonus at sole discretion of Renault India. For further details, please check T&C on website. For detailed offers, visit www.renault.co.in/offers. Renault India Pvt. Ltd. reserves the right to change or modify the mentioned schemes and conditions without prior notice.

SHOWROOMS: ODISHA: BHUBANESWAR: RENAULT Bhubaneswar Mob: +91 8860076082, RENAULT Bhubaneswar North Mob: +91 9643800532. BALANGIR: RENAULT Balangir Mob: +91 9643800378. JHARSUGUDA: RENAULT Jharsuguda Mob: +91 7290055349. ROURKELA: RENAULT Rourkela Mob: + 91 8860875802. SAMBALPUR: RENAULT Sambalpur Mob: +91 8860048351.

L&K | SAATCHI & SAATCHI

## କଂଗ୍ରେସ ବିଧାୟକଙ୍କ ଘରେ ସିବିଆଇ ଚଢ଼ାଉ

ବ୍ୟାଙ୍କ ଜାଲିଆତି ଘଟଣାକୁ ନେଇ ମଧ୍ୟପ୍ରଦେଶର ମୋରେନାରେ ଥିବା କଂଗ୍ରେସ ବିଧାୟକ ରଘୁରାଜ୍ ସିଂ କନ୍‌ସାନାଙ୍କ ବାସଭବନରେ ସିବିଆଇ ଚଢ଼ାଉ କରିଛି। ରଘୁରାଜଙ୍କ ପୁତୁରା କୁଶଲ୍ ସିଂ ଏହି ମାମଲାରେ ଅଭିଯୁକ୍ତ ଥିବା ଜଣାପଡ଼ିଛି। ସିବିଆଇ ପକ୍ଷରୁ ତାଙ୍କ ବିରୋଧରେ ମାମଲା ରୁଜୁ କରାଯିବା ପରେ ସର୍ଚ୍ଚ ଅପରେଶନ ଜାରି ରହିଛି। କୁଶଲ୍ ଜାଲ୍ କାଗଜପତ୍ର ଦେଇ ୟୁକୋ ବ୍ୟାଙ୍କରୁ ଋଣ ଉଠାଇଥିଲେ।

## ସଂକ୍ଷେପରେ

### ଏଜେଏଲ୍ ଜମି ଆବଣ୍ଟନ ମାମଲା
## ଭୋରା, ହୁଡ଼ାଙ୍କୁ ଜାମିନ



**ଚଣ୍ଡିଗଡ଼,୬।୧୧(ପି.ଟି.):** ଆସୋସିଏଟେଡ୍ ଜର୍ନାଲ୍ସ ଲିମିଟେଡ୍ (ଏଜେଏଲ୍)କୁ ଜମି ଆବଣ୍ଟନ ମାମଲାରେ ପଞ୍ଚକୁଲାର ସ୍ୱତନ୍ତ୍ର ଇଡି କୋର୍ଟ ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପିନ୍ଦର ସିଂ ହୁଡା ଏବଂ ବରିଷ୍ଠ କଂଗ୍ରେସ ନେତା ମୋତିଲାଲ ଭୋରାଙ୍କୁ ନିୟମିତ ଜାମିନ ପ୍ରଦାନ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୧୦କୁ ଧାର୍ଯ୍ୟ କରାଯାଇଛି। ବୁଧବାର ଶୁଣାଣି ବେଳେ କୋର୍ଟରେ ଦୁଇ କଂଗ୍ରେସ ନେତା ଉପସ୍ଥିତ ଥିଲେ। ଗତ ୩୦ରେ ସ୍ୱତନ୍ତ୍ର ଅଦାଲତ ଦୁଇ ନେତାଙ୍କୁ ନଭେମ୍ବର ୬ ପର୍ଯ୍ୟନ୍ତ ଅନ୍ତରୀଣ ଜାମିନ ପ୍ରଦାନ କରିଥିଲେ। ଏଜେଆଇକୁ ଜମି ଆବଣ୍ଟନରେ ଅନିୟମିତତା ନେଇ ଗତ ଅଗଷ୍ଟ ମାସରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଭୋରା ଓ ହୁଡାଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଥିଲା। ୨୦୦୫ରୁ ୨୦୧୪ ହୁଡା ମୁଖ୍ୟମନ୍ତ୍ରୀ ଥିଲାବେଳେ ଏଜେଏଲ୍‌କୁ ବେଆଇନ ଭାବେ ପଞ୍ଚକୁଲାରେ ମୂଲ୍ୟବାନ ଜମି ପ୍ରଦାନ କରାଯାଇଥିଲା। ଏହି ଦୁର୍ନୀତିରେ ହୁଡା ଓ ଭୋରା ସିଧାସଳଖ ସମ୍ପୃକ୍ତ ଥିବା ଇଡି ଚାର୍ଜଶିଟ୍‌ରେ ଉଲ୍ଲେଖ କରିଥିଲା। ମନିଲଣ୍ଡରିଂ ପ୍ରତିକାର ଆଇନର ବ୍ୟବସ୍ଥା ଅନୁଯାୟୀ ଇଡି ୬୪.୯୩ କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି।

## ଝାଡ଼ଖଣ୍ଡରେ ଭିଡ଼ହିଂସା
## ଜଣେ ମୃତ,ଜଣେ ଗୁରୁତର

**ରାଞ୍ଚି,୬।୧୧(ଆଇଏଏନ୍ଏସ୍):** ଝାଡ଼ଖଣ୍ଡର ଧାନବାଦରେ ଚୋର ସନ୍ଦେହରେ ଜଣକୁ ଉତ୍ତ୍ୟକ୍ତ ଲୋକେ ପିଟି ପିଟି ମାରିଦେଇଛନ୍ତି। ଏହି ଭିଡ଼ହିଂସାରେ ଅନ୍ୟ ଜଣେ ଗୁରୁତର ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ପୋଲିସ କହିଛି। ମଙ୍ଗଳବାର ରାତିରେ ଗୋବିନ୍ଦପୁର କଲୋନିରେ ଥିବା ସର୍ଭିସ ସେଣ୍ଟରରେ ଏହି ଘଟଣା ଘଟିଛି। ମୁବାରକ ଅନ୍‌ସାରୀ ଓ ଅଖତର ଅନ୍‌ସାରୀ ଏକ ଟ୍ରକ୍‌ରୁ ବ୍ୟାଟେରି ଚୋରି କରିବାକୁ ଉଦ୍ୟମ କରୁଥିଲାବେଳେ ଡ୍ରାଇଭର ଏହାକୁ ଦେଖି ଚିତ୍କାର କରିଥିଲେ। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ରୁଣ୍ଡ ହେବା ସହ ଦୁଇଜଣଙ୍କୁ ନିଧୂମ୍ ପିଟିଥିଲେ। କେହି ଜଣେ ଥାନାକୁ ଫୋନ୍ କରିବାରୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଖତରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲା। ସେତେବେଳକୁ ମୁବାରକଙ୍କ ମୃତ୍ୟୁ ହୋଇସାରିଥିଲା। ପୋଲିସ ୫ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଗତ ଜୁନ୍‌ରେ ବାଇକ୍ ଚୋରି ସନ୍ଦେହରେ ତବ୍‌ରେଜ୍ ଅନ୍‌ସାରୀଙ୍କୁ ଉତ୍ତ୍ୟକ୍ତ ଲୋକେ ନିସ୍ତୁକ ମାଡ଼ ମାରିଥିଲେ। ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା।

### ବାୟୁ ପ୍ରଦୂଷଣ ରୋକିବାରେ ସରକାର ବିଫଳ
# କେନ୍ଦ୍ର, ରାଜ୍ୟକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

ନୂଆଦିଲ୍ଲୀ,୬।୧୧(ପି.ଟି.)

ଦିଲ୍ଲୀ-ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ ଉତ୍କଟ ବାୟୁ ପ୍ରଦୂଷଣ ରୋକିବାରେ କର୍ତ୍ତୃପକ୍ଷ ବିଫଳ ହୋଇଥିବାରୁ ସୁପ୍ରିମକୋର୍ଟ ବୁଧବାର ଭର୍ତ୍ସନା କରିଛନ୍ତି। ନଡ଼ା ନ ପୋଡିବା ଲାଗି କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ୭ ଦିନ ମଧ୍ୟରେ କୁଇଣ୍ଟାଲ ପିଛା ୧୦୦ ଟଙ୍କା ଲେଖାଏ ଆର୍ଥିକ ସହାୟତା ଯୋଗାଇଦେବାକୁ ଅଦାଲତ ପଞ୍ଜାବ, ହରିୟାଣା ଓ ଉତ୍ତରପ୍ରଦେଶ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୃଷି ଦେଶ ଅର୍ଥନୀତିର ମେରୁଦଣ୍ଡ ହୋଇଥିବାରୁ କୃଷକମାନଙ୍କ ସ୍ୱାର୍ଥକୁ ଦେଖିବା ରାଜ୍ୟର ଦାୟିତ୍ୱ ବୋଲି ଜଷ୍ଟିସ୍ ଅରୁଣ ମିଶ୍ର ଓ ଦୀପକ ଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ଏଥିସହିତ ନଡ଼ା ପୋଡ଼ି ବନ୍ଦ କରିବା ଲାଗି ଚାଷୀଙ୍କୁ ଆବଶ୍ୟକ ଯନ୍ତ୍ରପାତି ଯୋଗାଇଦିଆଯିବା ଆବଶ୍ୟକ ବୋଲି ଖଣ୍ଡପୀଠ ମତ ଦେଇଛନ୍ତି। ପରିବେଶର ଯତ୍ନ ନେବା ଲାଗି ୩ ମାସ ମଧ୍ୟରେ ବିସ୍ତୃତ ଯୋଜନା ପ୍ରସ୍ତୁତ କରିବାକୁ ଅଦାଲତ କେନ୍ଦ୍ର ସରକାରଙ୍କ ସମେତ ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶ ଓ ଦିଲ୍ଲୀ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବାୟୁ ପ୍ରଦୂଷଣ ପାଇଁ ସର୍ବୋଚ୍ଚ ଅଦାଲତ ସରକାରଙ୍କୁ ଦାୟୀ କରିଥିଲେ। ନଡ଼ା ପୋଡ଼ି ବନ୍ଦ କରିବା ଲାଗି କ'ଣ ପାଇଁ ସରକାର ଆବଶ୍ୟକ ଯନ୍ତ୍ରପାତି ଯୋଗାଇନାହାନ୍ତି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ଯଦି ସରକାର ଲୋକଙ୍କ ପାଇଁ ଚିନ୍ତା କରୁନାହାନ୍ତି ତେବେ ସେମାନଙ୍କର କ୍ଷମତାରେ ରହିବାର ଅଧିକାର ନାହିଁ। ଜନମଙ୍ଗଳ ସରକାରଙ୍କ ସଙ୍କଳ୍ପକୁ ରାଜ୍ୟଗୁଡ଼ିକ ଭୁଲିଯିବା ଦୁର୍ଭାଗ୍ୟଜନକ ବୋଲି ଅଦାଲତ କହିଥିଲେ। ଆପଣମାନେ କେବଳ ଶାସନ କ୍ଷମତାରେ ରହିବାକୁ ଚାହୁଁଛନ୍ତି, ଅଥଚ ଲୋକଙ୍କ ପାଇଁ ଚିନ୍ତା ନ କରି ସେମାନଙ୍କୁ ମରିବାକୁ ଛାଡିଦେଉଛନ୍ତି ବୋଲି ଖଣ୍ଡପୀଠ ସରକାରଙ୍କୁ ଭର୍ତ୍ସନା କରିଥିଲେ।




ବାୟୁପ୍ରଦୂଷଣ ବିରୋଧରେ ନୂଆଦିଲ୍ଲୀର ରାଜୀବ ଚୌକଠାରେ ଯୁବ କଂଗ୍ରେସ କର୍ମୀ ମୁଖାପିନ୍ଧି ବିକ୍ଷୋଭ କରୁଛନ୍ତି।

### କୃଷକଙ୍କୁ ଆର୍ଥିକ ସହାୟତା ଦେବାକୁ ନିର୍ଦ୍ଦେଶ

## ଅଲ୍‌ୱର କୋର୍ଟରେ ପୋଲିସ- ଓକିଲ ସଂଘର୍ଷ

**ଜୟପୁର, ୬।୧୧ (ଆଇଏଏନ୍ଏସ୍)**

ଦିଲ୍ଲୀ ପରେ ରାଜସ୍ଥାନର ଅଲ୍‌ୱର କୋର୍ଟ ପରିସରରେ ବୁଧବାର ସକାଳେ ପୋଲିସ-ଓକିଲଙ୍କ ମଧ୍ୟରେ ସଂଘର୍ଷ ଆରମ୍ଭ ହୋଇଛି। ଓକିଲମାନେ ଜଣେ ମହିଳା ପୋଲିସକୁ ଖରାପ ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ବରିଷ୍ଠ ପୋଲିସ ଅଧିକାରୀ ଓ ବିଚାରପତି ସେଠାରେ ପହଞ୍ଚିବା ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା।

ଘଟଣାରୁ ପ୍ରକାଶ ଯେ, ଦିଲ୍ଲୀ ଘଟଣାକୁ ନେଇ ଓକିଲମାନେ ଅଲୱର କୋର୍ଟ ପରିସରରେ ବିକ୍ଷୋଭ କରୁଥିବାବେଳେ ଜଣେ ହରିୟାଣା ପୋଲିସ ସେଠାକୁ ଆସିବାରୁ ଓକିଲମାନେ ତାଙ୍କୁ ଗାଳିଗୁଲଜ କରିଥିଲେ। ପରେ ଏହା ଗଣ୍ଡଗୋଳର ରୂପ ଦେଇଥିଲା। ପୋଲିସ ଓ ଓକିଲଙ୍କ ମଧ୍ୟରେ ଏହି ଘଟଣାକୁ ନେଇ ମାର୍‌ପିଟ୍ ହୋଇଥିବାବେଳେ ଏସ୍‌ପି ଅନିଲ ପରିସ୍ ଦେଶମୁଖ ଓ ବିଚାରପତି ସେଠାରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲେ।




## ଜେଲ୍‌ରୁ ମୁକୁଳିଲେ ହନିପ୍ରୀତ୍

**ପଞ୍ଚକୁଲା, ୬।୧୧(ଆଇଏଏନ୍ଏସ୍):** ଜେଲ୍‌ରେ ଥିବା ଡେରା ସଚ୍ଚା ସୌଦା ମୁଖ୍ୟ ହର୍‌ମିତ୍ ରାମରହିମ୍ ସିଂଙ୍କ ପାଳିତା କନ୍ୟା ହନିପ୍ରୀତ୍ ଇନ୍‌ସାନ୍‌ଙ୍କୁ ବୁଧବାର ଅମ୍ବାଲା କେନ୍ଦ୍ରୀୟ ଜେଲ୍‌ରୁ ମୁକ୍ତି ମିଳିଛି। କୋର୍ଟ ପକ୍ଷରୁ ତାଙ୍କୁ ଜାମିନ ପ୍ରଦାନ କରାଯାଇଛି। ୨୦୧୭ରେ ହରିୟାଣାର ପଞ୍ଚକୁଲାରେ ହୋଇଥିବା ହିଂସାକାଣ୍ଡ ମାମଲାରେ ଆତ୍ମଘୋଷିତ ଭଗବାନ ତଥା ଡେରାମୁଖ୍ୟଙ୍କ ସହ ହନିପ୍ରୀତ୍‌ଙ୍କୁ ମଧ୍ୟ ଗିରଫ କରାଯାଇଥିଲା। ରାମରହିମ୍‌ଙ୍କୁ ୨୦ ବର୍ଷ ଜେଲ୍‌ଦଣ୍ଡ ସହ ୩୦ ଲକ୍ଷ ଟଙ୍କାର ଜରିମାନା ଲଗାଯାଇଛି। ତାଙ୍କ ବିରୋଧରେ ଶିଷ୍ୟାଙ୍କୁ ବଳାତ୍କାର ଅଭିଯୋଗ ହେବା ପରେ ହିଂସା ଏକାଧିକ ରାଜ୍ୟକୁ ବ୍ୟାପିଥିଲା। ଏଥିରେ ୩୮ ଜଣ ପ୍ରାଣ ହରାଇଥିବାବେଳେ ୨୬୪ ଆହତ ହୋଇଥିଲେ।



### କଂଗ୍ରେସ-ଏନ୍‌ସିପି ବିରୋଧୀ ଆସନରେ ବସିବେ: ପାୱାର
# ଭାଜପା-ଶିବସେନା ସରକାର ଗଢ଼ନ୍ତୁ

ମୁମ୍ବାଇ,୬।୧୧ (ପି.ଟି./ଆଇଏଏନ୍ଏସ୍)



ମହାରାଷ୍ଟ୍ରରେ ଶାସକ ଭାଜପା-ଶିବସେନା ମେଣ୍ଟ ଯଥାଶୀଘ୍ର ସମ୍ଭବ ମିଳିମିଶି ସରକାର ଗଠନ କରନ୍ତୁ। କଂଗ୍ରେସ ଓ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ବିରୋଧୀ ଆସନରେ ବସିବେ। ବିରୋଧୀଙ୍କ ସମର୍ଥନରେ ସରକାର ଗଠନ ନେଇ ଶିବସେନା ପକ୍ଷରୁ ଗୋଟିଏ ପରେ ଗୋଟିଏ ମନ୍ତବ୍ୟ ଆସୁଥିବାବେଳେ ବୁଧବାର ସମସ୍ତ କଳ୍ପନାଜଳ୍ପନାର ଅବସାନ ଘଟାଇ ଏନ୍‌ସିପି ମୁଖ୍ୟ ଶରଦ ପାୱାର ଏପରି ପରାମର୍ଶ ଦେଇଛନ୍ତି।

ଶିବସେନା ନେତା ତଥା ରାଜ୍ୟ ସଭା ସଦସ୍ୟ ସଞ୍ଜୟ ରାଉତ୍‌ଙ୍କୁ ଭେଟିବା ପରେ ୭୮ ବର୍ଷୀୟ ପାୱାର ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରିଛନ୍ତି। ସେ କହିଛନ୍ତି, ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱାଧୀନ ଦଳକୁ ସରକାର ଗଠନ ପାଇଁ ଏନ୍‌ସିପି ସମର୍ଥନ ଦେବ ନାହିଁ। ଭାଜପା ଓ ଶିବସେନା ୨୫ ବର୍ଷ ଧରି ମେଣ୍ଟରେ ଅଛନ୍ତି। ସେମାନେ ଜନଦେଶ ପାଇଥିବାରୁ କୌଣସି ସମୟରେ ମଧ୍ୟ ପୁଣି ଏକାଠି ହେବେ। ରାଜ୍ୟରେ ସାମ୍ବିଧାନିକ ସଙ୍କଟ ଦୂର କରିବା ଲାଗି ସେମାନେ ସରକାର ଗଠନ କରିବା ଉଚିତ। ଆମ ପାଖରେ ସଂଖ୍ୟାବଳ ଥିଲେ ଆମେ କାହାକୁ ଅପେକ୍ଷା କରି ନ ଥାନ୍ତୁ। କଂଗ୍ରେସ ଓ ଏନ୍‌ସିପି ୧୦୦ ଅତିକ୍ରମ କରି ନ ଥିବାରୁ ଆମେ ଏକ ଦାୟିତ୍ୱସମ୍ପନ୍ନ ବିରୋଧୀର ଭୂମିକା ନିଭାଇବୁ ବୋଲି ସ୍ପଷ୍ଟ କରିଛନ୍ତି। ଏହାସହ ସେ ମୁଖ୍ୟମନ୍ତ୍ରୀ ହେବା ନେଇ ଚାଲିଥିବା ଚର୍ଚ୍ଚାକୁ ମଧ୍ୟ ପାୱାର ଖଣ୍ଡନ କରିଛନ୍ତି। ମିଳିଥିବା ସୂଚନାନୁସାରେ ସରକାର ଗଠନ ପାଇଁ ୫୦:୫୦ ସୂତ୍ରକୁ ନେଇ ଅଡିବସିଥିବା ଶିବସେନାକୁ ମନାଇବା ଲାଗି ଭାଜପା ପକ୍ଷରୁ ଉଦ୍ୟମ ଜାରି ରହିଛି। ଭାଜପା ଗୁରୁବାର ମହାରାଷ୍ଟ୍ର ରାଜ୍ୟପାଳଙ୍କୁ ଭେଟିବ। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼୍‌ନବିସ ବୁଧବାର କୃଷି ସମସ୍ୟା ନେଇ ଡାକିଥିବା ବୈଠକରେ ଶିବସେନାର ୬ ମନ୍ତ୍ରୀ ଉପସ୍ଥିତ ଥିଲେ। ଉକ୍ତ ବୈଠକରେ ସରକାର ଗଠନ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଛି। ତୁମେ ପାଣିକୁ ଅଲଗା କରିପାରିବ ନାହିଁ। ଯାହା ହୋଇଗଲେ ବି ଶିବସେନା ଓ ଭାଜପା ଏକାଠି ରହିବେ। ଭଲ ଖବର କୌଣସି ସମୟରେ ଆସିପାରେ ବୋଲି ଭାଜପା ନେତା ସୁଧୀର ମୁଙ୍ଗାନ୍ତିୱାର ବୈଠକ ପରେ କହିଛନ୍ତି।

### ଆଜି ରାଜ୍ୟପାଳଙ୍କୁ ଭେଟିବ ଭାଜପା

## ଇତିହାସର ଆଇନାରେ — ନଭେମ୍ବର ୭ର ପ୍ରମୁଖ ଘଟଣା

୨୦୧୨ ନଭେମ୍ବର ୭ରେ ଗୁଏଟ୍‌ମାଲାରେ ଭୟଙ୍କର ଭୂକମ୍ପ ଅନୁଭୂତ ହୋଇଥିଲା। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୭.୪ ଥିଲା। ମେକ୍ସିକୋ ଓ ହଣ୍ଡୁରାସ୍‌ରେ ମଧ୍ୟ ଏହାର ପ୍ରଭାବ ଅନୁଭଳତ ହୋଇଥିଲା। ୪୦ ଲୋକ ଏହାର ପ୍ରଭାବରେ ମୃତ୍ୟୁବରଣ କରିଥିବା ବେଳେ ବହୁ ଘରଦ୍ୱାର ଭାଙ୍ଗିଯାଇଥିଲା।

୨୦୧୭ ନଭେମ୍ବର ୭ରେ ଆଫଗାନିସ୍ତାନସ୍ଥିତ ସମ୍‌ସାଦ ଟିଭି ଷ୍ଟେଶନ ଉପରେ ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ। ଗୁଳିମାଡ଼ କରିବା ପରେ ସେମାନେ ବିସ୍ଫୋରଣ କରିଥିଲେ। ଏଥିରେ ଜଣେ ସୁରକ୍ଷାକର୍ମୀ ପ୍ରାଣ ହରାଇଥିବାବେଳେ ଅନେକ ଆହତ ହୋଇଥିଲେ। ଆଇଏସ୍ ପକ୍ଷରୁ ଏଥିଲାଗି ନିଜକୁ ଦାୟୀ କରାଯାଇଥିଲା।

## ମହିଳା ଆଇଏସ୍‌ଆଇ ଏଜେଣ୍ଟଙ୍କୁ ତଥ୍ୟ ଦେଇ ୨ ଯବାନ ଗିରଫ

**ନୂଆଦିଲ୍ଲୀ,୬।୧୧(ଆଇଏଏନ୍‌ଏସ୍):** ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇର ଜଣେ ମହିଳା ଏଜେଣ୍ଟଙ୍କୁ ଗୁରୁତ୍ୱପୂର୍ଣ୍ଣ ଗୋପନ ତଥ୍ୟ ଦେବା ଅଭିଯୋଗରେ ୨ ଯବାନଙ୍କୁ ଗିରଫ କରାଯାଇଛି। ଲାନ୍ସ ନାଏକ ରବି ବର୍ମା ଏବଂ ଯବାନ ବିଚିତ୍ର ବୋହ୍‌ରାଙ୍କୁ ସିବିଆଇ ଓ ଆଇବିର ମିଳିତ ଟିମ୍ ଗିରଫ କରିଛି। ପୋଖରାନ ଯାଉଥିଲାବେଳେ ଗୋଇନ୍ଦା ଅଧିକାରୀମାନେ ସେମାନଙ୍କୁ ପିଛା କରି ଯୋଧପୁର ରେଳଷ୍ଟେଶନରୁ ଗିରଫ କରି ହାଜତକୁ ନେବା ପରେ ପଚରା ଉଚରା ଜାରି ରଖିଛନ୍ତି। ଏମାନେ ପାକିସ୍ତାନୀ ମହିଳାଙ୍କ ହନିଟ୍ରାପ୍‌ରେ ଫସି ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ସୀମା ତଥ୍ୟ ପ୍ରଦାନ କରୁଥିଲେ। ସେମାନେ ହ୍ୱାଟ୍ସଆପ୍ ଓ ଫେସ୍‌ବୁକ୍ ଜରିଆରେ ପାକିସ୍ତାନକୁ ସୂଚନା ପଠାଉଥିଲେ ବୋଲି ଜଣେ ଅଧିକାରୀ କହିଛନ୍ତି। ମହିଳା ଆଇଏସ୍‌ଆଇ ଏଜେଣ୍ଟ ଜଣକ ପାକିସ୍ତାନ ନମ୍ବରରୁ ଭଏସ୍ ଓଭର ଇଣ୍ଟରନେଟ ପ୍ରୋଟୋକଲ୍ ସେବା ଜରିଆରେ କଥା ହେଉଥିଲେ। ଏହା ଯବାନଙ୍କ ଫୋନ୍ ସ୍କ୍ରିନ୍‌ରେ ଭାରତୀୟ ନମ୍ବର ଭଳି ଜଣାପଡୁଥିଲା। ଫଳରେ ସେମାନେ ତାଙ୍କୁ ଭାରତୀୟ ମହିଳା ଭାବି ରାଜସ୍ଥାନରେ ସେନା ମୁତୟନ, ସେନା ଉପକରଣ ଓ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଗୁପ୍ତ ତଥ୍ୟ ଦେଇଚାଲିଥିଲେ।

# ଥାଇଲାଣ୍ଡରେ ଉଗ୍ରପନ୍ଥୀ ଆକ୍ରମଣ: ୧୫ ନିହତ

ୟାଲା,୬।୧୧(ଏ.ଏଫ୍.ପି./ଆଇଏଏନ୍ଏସ୍)

ଥାଇଲାଣ୍ଡର ହିଂସା ପ୍ରଭାବିତ ଦକ୍ଷିଣାଞ୍ଚଳରେ ମୁସ୍‌ଲିମ ଉଗ୍ରପନ୍ଥୀମାନେ ରକ୍ତମୁଖା ହୋଇଯାଇଛନ୍ତି। ଏହି ବିଚ୍ଛିନ୍ନତାବାଦୀଙ୍କ ଆକ୍ରମଣରେ ବୁଧବାର ୧୫ ନିହତ ଓ ୫ ଆହତ ହୋଇଛନ୍ତି। ଏହାକୁ ଏହି ଦକ୍ଷିଣ ଏସୀୟ ଉପକୂଳ ରାଷ୍ଟ୍ରରେ ଉଗ୍ରବାଦର ୧୫ ବର୍ଷ ମଧ୍ୟରେ ସବୁଠୁ ଘାତକ ଆକ୍ରମଣ ବୋଲି କୁହାଯାଉଛି।

୨୦୦୪ରେ ଥାଇଲାଣ୍ଡକୁ ମାଡ଼ିଆସିଥିଲା ବିଚ୍ଛିନ୍ନତାବାଦ। ଦକ୍ଷିଣ ପ୍ରଦେଶ ପଟ୍ଟାନି, ୟାଲା ଓ ନାରାଥିୱାଟ୍‌ର ଅଧିକ ସ୍ୱାୟତ୍ତତା ପାଇଁ ଲଢ଼େଇ ଜାରି ରହିଥିବାବେଳେ ମାଲୟ-ମୁସ୍‌ଲିମ୍ ଉଗ୍ରପନ୍ଥୀଙ୍କ ଆକ୍ରମଣରେ ୭,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ପ୍ରାଣହାନି ଘଟିଲାଣି। ଏଥିପାଇଁ ଏହି ୩ ପ୍ରଦେଶରେ ୪୦,୦୦୦ରୁ ଊର୍ଦ୍ଧ୍ୱ ସୁରକ୍ଷା ବଳଙ୍କୁ ମୁତୟନ କରାଯିବା ସହ ଜରୁରିକାଳୀନ ପରିସ୍ଥିତି ଓ ସାମରିକ ଆଇନ ଲାଗୁ ପାଇଁ ଘୋଷଣା କରାଯାଇଛି। ଏହି ଅଞ୍ଚଳ ପୋଲିସ ଓ ସେନା ନିୟନ୍ତ୍ରଣରେ ଥିବାବେଳେ ସ୍ଥାନୀୟ ବାସିନ୍ଦା ଓ ଅଧିକାର କର୍ମୀମାନେ ସାମରିକ ବଳପ୍ରୟୋଗକୁ ବିରୋଧ କରୁଛନ୍ତି। ସୁରକ୍ଷା ବଳ ଦ୍ୱାରା ତାଲିମପ୍ରାପ୍ତ ସଶସ୍ତ୍ର ଗ୍ରାମବାସୀମାନେ ମଧ୍ୟ ଗ୍ରାମାଞ୍ଚଳର ସୁରକ୍ଷା ଅନୁଧ୍ୟାନ କରୁଛନ୍ତି। ବିଦ୍ରୋହୀମାନେ ସେମାନଙ୍କୁ କ୍ୱଚିତ୍ ଆକ୍ରମଣ କରିଥାନ୍ତି। ହେଲେ ମଙ୍ଗଳବାର ବିଳମ୍ବିତ ରାତିରେ ଏଥିରେ ପରିବର୍ତ୍ତନ ଦେଖିବାକୁ ମିଳିଥିଲା। ନାଗରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀଙ୍କ ଦ୍ୱାରା ପରିଚାଳିତ ୟାଲା ପ୍ରଦେଶର ତିନୋଟି ଚେକ୍‌ପଏଣ୍ଟକୁ ଉଗ୍ରପନ୍ଥୀମାନେ ଟାର୍ଗେଟ କରିଥିଲେ। ସେମାନେ ଚେକ୍‌ପଏଣ୍ଟରୁ ଏମ୍-୧୬ ରାଇଫଲ ଓ ଅନ୍ୟ ଅସ୍ତ୍ରଶସ୍ତ୍ର ଛଡ଼ାଇ ନେଇ ଗ୍ରାମବାସୀଙ୍କ ଉପରକୁ ଗୁଳିବର୍ଷା କରିଥିଲେ। ଗୁଳିମାଡ଼ରେ ଘଟଣାସ୍ଥଳରେ ଜଣେ ପୋଲିସ କର୍ମଚାରୀଙ୍କ ସମେତ ୧୨ ପ୍ରାଣ ହରାଇଥିବାବେଳେ ହସ୍ପିଟାଲରେ ଆଉ ୩ ଆଖି ବୁଜିଦେଇଥିଲେ। ଅନ୍ୟ ୫ ଜଣ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ସୁରକ୍ଷା ବଳ ସମ୍ପୃକ୍ତ ଅଞ୍ଚଳକୁ ଘେରି ତଲାସି ଚଳାଇଛି। ବୋମା ନିଷ୍କ୍ରିୟକାରୀ ଦଳ ପହଞ୍ଚି ତନାଘନା କରୁଛି। ଆକ୍ରମଣ ପାଇଁ କୌଣସି ସଙ୍ଗଠନ ନିଜକୁ ଦାୟୀ କରିନାହିଁ। ତେବେ ଏହା ପଛରେ ବରିସାନ୍ ରିଭୋଲ୍ୟୁସି ନାସିନାଲ (ବିଆର୍‌ଏନ୍) ଉଗ୍ରପନ୍ଥୀଙ୍କ ହାତ ଥିବା କଲୋନେଲ ପ୍ରମୋଟ୍ ପ୍ରୋମ୍-ଇନ୍ ସୂଚନା ଦେଇଛନ୍ତି। ଆକ୍ରମଣକାରୀଙ୍କୁ ଆଇନର କାଠଗଡ଼ାକୁ ନିଶ୍ଚିତ ଭାବେ ଅଣାଯିବ ବୋଲି ପ୍ରଧାନମନ୍ତ୍ରୀ ପ୍ରୟୁତ୍ ଚାନ୍-ଓ-ଚା କହିଛନ୍ତି।



### ସଂଘର୍ଷ କାହିଁକି

ଥାଇଲାଣ୍ଡର ମୁସ୍‌ଲିମ ବହୁଳ ଦକ୍ଷିଣାଞ୍ଚଳରେ ସ୍ୱାଧୀନତା ଚାହୁଁଥିବା ବିଚ୍ଛିନ୍ନତାବାଦୀ ଉଗ୍ରପନ୍ଥୀଙ୍କ ଆନ୍ଦୋଳନକୁ ବୁଝିବା ପାଇଁ ୧୦୦ ବର୍ଷ ପଛକୁ ଘୁଞ୍ଚିବାକୁ ପଡ଼ିବ। ମାଲୟ୍ ମୁସ୍‌ଲିମ ଉଗ୍ରପନ୍ଥୀ ବୁଦ୍ଧିଷ୍ଟ ସରକାର ଅଧୀନରେ ଚାଲିଥିବା ଭେଦଭାବକୁ ନିନ୍ଦା ଓ ବିରୋଧ କରୁଛନ୍ତି। ଏହାସହ ସେମାନେ ପଟ୍ଟାନି, ୟାଲା ଓ ନାରାଥିୱାଟ୍ ପ୍ରଦେଶକୁ ମିଶାଇ ଏକ ସ୍ୱାଧୀନ ରାଷ୍ଟ୍ର ଗଠନ ପାଇଁ ଦାବି କରୁଛନ୍ତି। ୧୯୦୯ରେ ସେମାନେ ଦକ୍ଷିଣାଞ୍ଚଳରେ ପଟ୍ଟାନି ସଲଟନେଟ୍ ଗଠନ କରିଥିଲେ। ପଟ୍ଟାନିରେ ରହୁଥିବା ଅଧିକାଂଶ ଲୋକ ମାଳୟ୍ ମୁସ୍‌ଲିମ ଥିଲେ। କିନ୍ତୁ ବିଂଶ ଶତାବ୍ଦୀ ଆରମ୍ଭରେ ପଟ୍ଟାନି ଥାଇଲାଣ୍ଡର ଏକ ଅଂଶ ବିଶେଷ ହୋଇଯାଇଥିଲା। ମାଳୟ୍ ମୁସ୍‌ଲିମମାନେ ଧାର୍ମିକ, ସାଂସ୍କୃତିକ ଓ ଜାତିଗତ ଦୃଷ୍ଟିରୁ ଥାଇଲାଣ୍ଡର ଅନ୍ୟ ଭାଗରେ ଥିବା ଲୋକଙ୍କଠାରୁ ଭିନ୍ନ। ସ୍ୱତନ୍ତ୍ର ଦକ୍ଷିଣାଞ୍ଚଳ ରାଷ୍ଟ୍ର ଗଠନ ଦାବିରେ ଥାଇଲାଣ୍ଡରେ ୨୦୦୪ରୁ ଲାଗିରହିଥିବା ବିଦ୍ରୋହ ଓ ସଂଘର୍ଷରେ ଅଦ୍ୟାବଧି ୭,୦୦୦ ଜଣଙ୍କ ମୃତ୍ୟୁ ଘଟିଲାଣି। ଅନ୍ତର୍ଜାତୀୟ ସ୍ତରରେ ଏହା ବିଶେଷ ଦୃଷ୍ଟି ଆକର୍ଷଣ କରିପାରି ନ ଥିଲେ ବି ଏହାକୁ ଦକ୍ଷିଣ-ପୂର୍ବ ଏସିଆର ସବୁଠୁ ଘାତକ ସଂଘର୍ଷ ବୋଲି କୁହାଯାଉଛି।









# ଶିକ୍ଷୟିତ୍ରୀଙ୍କୁ ଯୌନ ନିର୍ଯାତନା

## ଏସ୍‌ଡିପିଓ ତଦନ୍ତ କରି ଫେରିଲେ

**ବାଲିଆପାଳ,୬।୧୧ (ସ୍ୱ.ପ୍ର./ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଜାଠିଆଠାରେ ଥିବା ଏକ ହାଇସ୍କୁଲର ଜନୈକା ଶିକ୍ଷୟିତ୍ରୀଙ୍କୁ ପ୍ରଧାନଶିକ୍ଷକ ଯୌନ ନିର୍ଯାତନା ଦେବା ଘଟଣା ପଦାକୁ ଆସିଛି। ଏ ନେଇ ବାଲିଆପାଳ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ. ୧୭୨/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବୁଧବାର ଅପରାହ୍ନରେ ବସ୍ତା ଏସ୍‌ଡିପିଓ ରଞ୍ଜିତ ପୃଷ୍ଟି ଉକ୍ତ ବିଦ୍ୟାଳୟକୁ ଯାଇ ତଦନ୍ତ କରିଛନ୍ତି। ସେ ଅଭିଯୋଗକାରୀ ଶିକ୍ଷୟିତ୍ରୀଙ୍କ ସମେତ ଅଭିଯୁକ୍ତ ପ୍ରଧାନ ଶିକ୍ଷକ, ସ୍କୁଲ ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ବୟାନ ରେର୍କଡ କରି ଫେରିଛନ୍ତି। ଏଥିପୂର୍ବରୁ ବାଲିଆପାଳ ଥାନା ପୋଲିସ ଏହି ଘଟଣାର ତଦନ୍ତରେ ଶିଥିଳତା ପ୍ରକାଶ କରୁଥିବା ଦର୍ଶାଇ ସମ୍ପୃକ୍ତ ଶିକ୍ଷୟିତ୍ରୀ ଗଣମାଧ୍ୟମ ସାମ୍ନାକୁ ଆସି ସମସ୍ତ ଘଟଣା ବୟାନ କରିବା ପରେ ଏହା ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି।

ଶିକ୍ଷୟିତ୍ରୀ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ତାଙ୍କୁ ବିଭିନ୍ନ ସମୟରେ ଅସଦାଚରଣ କରିବା ସହିତ ଅଫିସ୍ ଭିତରେ ଏକୁଟିଆ ଦେଖି ଯୌନ ନିର୍ଯାତନା ଦେଉଥିଲେ। ଏ ସମ୍ପର୍କରେ ସେ ବିଦ୍ୟାଳୟ ପରିଚାଳନା କମିଟି କର୍ମକର୍ତ୍ତାଙ୍କୁ ଜଣାଇଥିଲେ। କମିଟିରେ ଏ ସମ୍ପର୍କରେ ଆଲୋଚନା ହୋଇଥିଲେ ମଧ କିଛି ସୁଫଳ ମିଳି ନ ଥିଲା। ଅନ୍ୟପକ୍ଷେ ପ୍ରଧାନଶିକ୍ଷକଙ୍କ କେତେକ ସମର୍ଥକ ଶିକ୍ଷକ ନିର୍ଯାତନା ଦେବା ଘଟଣା ବାହାରେ ପ୍ରଘଟ କଲେ ପରିସ୍ଥିତି ଭୟାବହ ହେବ ବୋଲି ଧମକଚମକ ଦେଇଥିଲେ। ଏଥିରେ ଅତିଷ୍ଠ ହୋଇ ସେ ବାଲିଆପାଳ ଥାନାରେ ଏ ନେଇ ଗତ ମାସ ୨୦ ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରିଥିଲେ ମଧ ତଦନ୍ତ ନ କରି ନୀରବ ରହିବାରୁ ସେ ଶେଷରେ ଗଣମାଧ୍ୟମ ସାମ୍ନାକୁ ଆସିବାକୁ ବାଧ ହୋଇଥିବା କହିଥିଲେ। ଅନ୍ୟପକ୍ଷରେ ପୋଲିସ ତଦନ୍ତରେ ଶିଥିଳତା ନେଇ ସେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ମହିଳା କମିଶନ, ରାଜ୍ୟ ମାନବାଧିକାର କମିଶନ, ଜିଲାପାଳ ଓ ଜିଲା ଶିକ୍ଷାଧିକାରୀଙ୍କ ନିକଟକୁ ଅଭିଯୋଗ ପଠାଇଛନ୍ତି। ଉଲ୍ଲେଖନୀୟ ଯେ, ଶିକ୍ଷୟତ୍ରୀଙ୍କ ଅଭିଯୋଗ ଗଣମାଧ୍ୟମରେ ପ୍ରଚାର ହେବା ପରେ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାସ ତୁରନ୍ତ ଏହାର ତଦନ୍ତ କରି ବୁଧବାର ସନ୍ଧ୍ୟା ସୁଦ୍ଧା ରିପୋର୍ଟ ଦେବାକୁ ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ବାଲିଆପାଳ ବିଇଓ ନାରାୟଣ ଦାସ, ନିଶାମଣି ଗାର୍ଲସ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ରେବତୀ ଦାସ ଅପରାହ୍ନରେ ସେଠାକୁ ଯାଇ ମିଳିତ ତଦନ୍ତ କରି ଗଣଶିକ୍ଷାମନ୍ତ୍ରୀଙ୍କ ନିକଟକୁ ରିପୋର୍ଟ ପଠାଇଥିବା ଜଣାପଡିଛି। ଅପରପକ୍ଷେ ସମ୍ପୃକ୍ତ ପ୍ରଧାନ ଶିକ୍ଷକ ତାଙ୍କ ବିରୋଧରେ ଶିକ୍ଷୟିତ୍ରୀ ଆଣିଥିବା ଅଭିଯୋଗକୁ ଖଣ୍ଡନ କରିବା ସହିତ ସେ ଏଭଳି କିଛି କାର୍ଯ୍ୟ କରି ନାହାନ୍ତି ବୋଲି କହିଛନ୍ତି।

## ■ ଏସ୍‌ସିବି ମେଡିକାଲରେ ୫-ଟି ସଚିବ

# ସୁପର ସ୍ପେଶିଆଲିଟି ବିଲ୍ଡିଂ ନିର୍ମାଣ ନେଇ ଆଲୋଚନା

**କଟକ ଅଫିସ, ୬।୧୧**

ରାତି ପାହିନି, କଟକ ଏସ୍‌ସିବି ମେଡିକାଲରେ ରାଜ୍ୟର ୩ ଜଣ ଆଇଏଏସ୍ ଅଫିସର ପହଞ୍ଚିଥିଲେ। ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟ ସଚିବ ପ୍ରମୋଦ ମହେର୍ଦ୍ଧା, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକ ଶାଳିନୀ ପଣ୍ଡିତ ବୁଧବାର ଭୋର ୫ଟାରେ ଏସ୍‌ସିବି ମେଡିକାଲ ଗସ୍ତ କରିଥିଲେ। ୫-ଟି ସଚିବ ଆସୁଛନ୍ତି ବୋଲି ମଙ୍ଗଳବାର ମଧରାତ୍ରରୁ ସୂଚନା ମିଳିଯାଇଥିଲା। ଫଳରେ ସନ୍ଧ୍ୟା ୫ଟାରୁ ଘରକୁ ପଳାଇଥିବା ଉଚ୍ଚ ଅଧିକାରୀ ଓ ଡାକ୍ତରମାନେ ରାତି ଅନିଦ୍ରା ହୋଇ ଜଗି ବସିଥିଲେ। କାଜୁଆଲ୍‌ଟିରେ ହସ୍ପିଟାଲ ମ୍ୟାନେଜର ବସିଥିବା ବେଳେ ଆର୍‌ଡିସି (ଆଞ୍ଚଳିକ ନିଦାନ କେନ୍ଦ୍ର)ରେ ମେଡିକାଲ ପ୍ରଶାସନିକ ଅଧିକାରୀ ଓ ଅଧୀକ୍ଷକଙ୍କ ଅଫିସରେ ପ୍ରଫେସରମାନେ ଉପସ୍ଥିତ ଥିଲେ। ପ୍ରଥମେ ସେମାନେ ପଲ୍‌ମନାରି ମେଡିସିନ ବିଭାଗ ବାଟ ଦେଇ ମେଡିକାଲ ଖେଳ ପଡ଼ିଆକୁ ଯାଇଥିଲେ। ସେଠାରେ ଭୁବନାନନ୍ଦ ଓଡ଼ିଶା ସ୍କୁଲ ଅଫ୍ ଇଞ୍ଜିନିୟରିଂ(ବୋସ୍) ଗଡ଼ା ନିକଟକୁ ଏକ ରାସ୍ତା ଖୋଲିବା ପାଇଁ ଆଲୋଚନା କରିଥିଲେ। ମେଡିକାଲକୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକର ପ୍ରଶସ୍ତୀକରଣ ଉପରେ ତର୍ଜମା କରାଯାଇଥିଲା। ଏହାପରେ ମେଡିକାଲର ପୁରୁଣା ଆଉଟ୍‌ଡୋର ନିକଟସ୍ଥ ଜାଗା ବୁଲି ଦେଖିଥିଲେ। ମୁଖ୍ୟତଃ କେଉଁଠି ସୁପର ସ୍ପେଶିଆଲିଟି ବିଲ୍ଡିଂ ନିର୍ମାଣ କରାଯିବ ସେ ସମ୍ପର୍କରେ ମେଡିକାଲ ଅଧିକାରୀମାନଙ୍କ ସହିତ ଆଲୋଚନା ହୋଇଥିଲା। ପରେ ମେଡିକାଲ କଲେଜ ପ୍ରିନ୍ସିପାଲଙ୍କ ଚାମ୍ବରରେ ଅନୁଷ୍ଠିତ ବୈଠକରେ ସେମାନେ ଯୋଗଦେଇଥିଲେ। ବୈଠକ ଶେଷକରି ସକାଳ ୬ଟା ସୁଦ୍ଧା ସେମାନେ ଭୁବନେଶ୍ୱର ଫେରିଯାଇଥିଲେ।

ପ୍ରିନ୍ସିପାଲଙ୍କ ଚାମ୍ବରରେ ହୋଇଥିବା ବୈଠକର ନିଷ୍ପତ୍ତି ଅନୁଯାୟୀ, ବୁଧବାର ସନ୍ଧ୍ୟାରେ ସଚିବାଳୟରେ ଏସ୍‌ସିବିର ସମସ୍ତ ବିଭାଗର ମୁଖ୍ୟ, ଅଧୀକ୍ଷକ, ପ୍ରିନ୍ସିପାଲ ଓ ପ୍ରଶାସନିକ ଅଧିକାରୀଙ୍କର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଏସ୍‌ସିବି ମେଡିକାଲ ପାଇଁ ବହୁକୋଟି ଟଙ୍କାର ପ୍ୟାକେଜ ସରକାର ଘୋଷଣା କରିଛନ୍ତି। ତେବେ ପାଣ୍ଡିଆନ ଓ ଅନ୍ୟ ଦୁଇ ଆଇଏଏସ୍ ଅଧିକାରୀଙ୍କ ଗସ୍ତକୁ ନେଇ ସାମାଜିକ କର୍ମୀ ଓ ରୋଗୀ ସମ୍ପର୍କୀୟଙ୍କ ମଧ୍ୟରେ ବିଭିନ୍ନ କଥା ଶୁଣିବାକୁ ମିଳୁଛି। ସାମାଜିକ କର୍ମୀ ଉମେଶ ବିଶ୍ୱାଳ କହିଛନ୍ତି, ଯଦି ୫-ଟି ସଚିବ ଏସ୍‌ସିବି ମେଡିକାଲର ପ୍ରକୃତ ଅବସ୍ଥା ଜାଣିବାକୁ ଇଚ୍ଛା କରୁଥିଲେ, ତେବେ ଭୋର ସମୟରେ ନ ଆସି ପୂର୍ବାହ୍ନ ୧୦ଟା ପରେ ଆସିଥିଲେ ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର ଦେଖିଥାନ୍ତେ। ନିରାମୟ କେନ୍ଦ୍ରଠାରୁ ଆରମ୍ଭ କରି ନିଦାନ କେନ୍ଦ୍ର ପର୍ଯ୍ୟନ୍ତ ରୋଗୀଙ୍କର ଲମ୍ବା ଲାଇନ କେତେ କଷ୍ଟ ତାହା ହୃଦ୍‌ବୋଧ କରିଥାନ୍ତେ। ଯାଜପୁର ଅଞ୍ଚଳରୁ ଆସିଥିବା ମନୋରଞ୍ଜନ ସିଂ ନାମକ ଜଣେ ରୋଗୀଙ୍କ ସମ୍ପର୍କୀୟ କୁହନ୍ତି, ୫-ଟି ସଚିବ ମେଡିକାଲ ରାସ୍ତା ଦେଇ ଚାଲିଗଲେ। ୱାର୍ଡ ଭିତରକୁ ପଶିଥିଲେ ଭିତିରି କଥା ଜାଣିଥାନ୍ତେ। ରାସ୍ତା ଦେଇ ଚାମ୍ବରରେ ବୈଠକ କରିବାର ମାନେ କିଛି ନାହିଁ। ତେବେ ୫-ଟି ସଚିବଙ୍କ ଏହି ଗସ୍ତ ସମୟରେ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ଡିସିପି ଅଖିଳେଶ୍ୱର ସିଂ, ଏସ୍‌ସିବି ମେଡିକାଲ କଲେଜ ପ୍ରିନ୍ସିପାଲ ପ୍ରଫେସର ଜୟଶ୍ରୀ ମହାନ୍ତି, ଅଧୀକ୍ଷକ ପ୍ରଫେସର ସରୋଜକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



୫-ଟି ସଚିବ ଭି.କେ. ପାଣ୍ଡିଆନ ସୁପର ସ୍ପେଶିଆଲିଟି ବିଲ୍ଡିଂ ନିର୍ମାଣ ନେଇ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

■ ଭୋର୍ ୫ଟାରେ ସ୍ଥିତି ପରଖିଲେ

■ ବିଭିନ୍ନ ଅଧିକାରୀଙ୍କ ସହ ବୈଠକ

# ଜାତୀୟ ପୁରସ୍କାର ପାଇବେ ଓଡ଼ିଶାର ୮ ହସ୍ତଶିଳ୍ପୀ

**ଭୁବନେଶ୍ୱର, ୬।୧୧(ବ୍ୟୁରୋ)**

■ ୫ ଜଣଙ୍କୁ ଜାତୀୟ ହସ୍ତଶିଳ୍ପ ପୁରସ୍କାର

■ ୩ ପାଇବେ ଜାତୀୟ 'କୃତୀ' ପୁରସ୍କାର

ଓଡ଼ିଶାର ହସ୍ତଶିଳ୍ପ ତଥା ଓଡ଼ିଆ କାରିଗରଙ୍କ କଳାକୃତି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବେଶ୍ ସୁନାମ ଅର୍ଜନ କରିଛି। ଇତିମଧ୍ୟରେ ଓଡ଼ିଶାର ମୋଟ ୧୮୦ ହସ୍ତଶିଳ୍ପ କାରିଗର ଜାତୀୟସ୍ତରରେ ପୁରସ୍କୃତ ହୋଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ସେମାନଙ୍କ ମଧ୍ୟରୁ ୪ ପଦ୍ମ ପୁରସ୍କାର ଏବଂ ୧୧ ସମ୍ମାନଜନକ ଶିଳ୍ପୀଗୁରୁ ପୁରସ୍କାର ହାସଲ କରିଛନ୍ତି। ଏହି କ୍ରମରେ ୨୦୧୭ ବର୍ଷ ପାଇଁ ଓଡ଼ିଶାର ୮ ହସ୍ତଶିଳ୍ପୀ କାରିଗର ଜାତୀୟ ହସ୍ତଶିଳ୍ପ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୫ ଜାତୀୟ ହସ୍ତଶିଳ୍ପ ପୁରସ୍କାର ପାଇବାକୁ ମନୋନୀତ ହୋଇଥିବାବେଳେ ୩ ଜାତୀୟ 'କୃତୀ' ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। 'ତାଳପତ୍ର ଖୋଦେଇ(କୃଷ୍ଣଲୀଳା)' ପାଇଁ ଶିଳ୍ପୀ ବିରଞ୍ଚି ନାରାୟଣ ବେହେରା, ପଥର ଖୋଦେଇ(କନ୍ଦର୍ପ ହସ୍ତୀ) ଲାଗି ଶିଳ୍ପୀ ରାକେଶ କୁମାର ମହାରଣା, ନଡ଼ାଶିଳ୍ପ(କନ୍ଦର୍ପ ରଥ) କାରିଗର ପ୍ରଦୀପ କୁମାର ନାୟକ, ପଟ୍ଟଚିତ୍ର(କୃଷ୍ଣଲୀଳା) ପାଇଁ ସବିତା ମହାପାତ୍ର, ଟସର ପେଣ୍ଟିଂ(ଠିଆ ବଡ଼ିଆ) ଲାଗି ଶିଳ୍ପୀ ସ୍ୱର୍ଣ୍ଣଲତା ମହାପାତ୍ର ଜାତୀୟ ପୁରସ୍କାର ବିଜୟୀ ହୋଇଛନ୍ତି। ସେହିଭଳି ମୁକୁନ୍ଦ ରଣା, ରଘୁ ରଣା ଏବଂ ଅପରାଜିତା ପରିଡ଼ା 'କୃତୀ' ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ମୃତ୍ତିକା ଶିଳ୍ପରେ 'ମା'ଦୁର୍ଗା ଭସାଣି' ପାଇଁ ମୁକୁନ୍ଦ ରଣା ଏବଂ 'ତୁଳସୀ ଚଉରା' ପାଇଁ ରଘୁ ରଣା, ପଟ୍ଟଚିତ୍ରରେ 'କୃଷ୍ଣଲୀଳା' କଳାକୃତି ନିମନ୍ତେ ଅପରାଜିତା ପରିଡ଼ା ପୁରସ୍କୃତ ହେବେ। ଗୋଟିଏ ବର୍ଷରେ ଓଡ଼ିଶାର ଏତେ ସଂଖ୍ୟକ ହସ୍ତଶିଳ୍ପୀ ଜାତୀୟ ପୁରସ୍କାର ପାଇବା ଏକ ଉଲ୍ଲେଖନୀୟ ସଫଳତା ବୋଲି ବିବେଚନା କରାଯାଉଛି। ତେବେ ଓଡ଼ିଶାରୁ ୨୦୦୯ ବର୍ଷ ପାଇଁ ୬ଜଣ, ୨୦୧୦ ପାଇଁ ୫ଜଣ, ୨୦୧୧ରେ ୫ଜଣ, ୨୦୧୨ରେ ୪ଜଣ, ୨୦୧୩ରେ ୨ଜଣ, ୨୦୧୪ରେ ଜଣେ ଏବଂ ୨୦୧୫ରେ ୪ ଜଣ ହସ୍ତଶିଳ୍ପୀ ଜାତୀୟ ସ୍ତରରେ ପୁରସ୍କୃତ ହୋଇଥିଲେ।

# ଡେଙ୍ଗୁରେ ଯବାନଙ୍କ ମୃତ୍ୟୁ

**ରାଜକନିକା, ୬।୧୧ (ଡି.ଏନ୍.ଏ.)**

ଭାରତୀୟ ସେନା ବାହିନୀରେ ଥିବା ରାଜକନିକା ଥାନା କାଟଣାବଣିଆ ପଞ୍ଚାୟତ ସିଙ୍ଗିରି ଗ୍ରାମର ବିକ୍ରମ ଦାସ (୩୫)ଙ୍କ ମଙ୍ଗଳବାର ଡେଙ୍ଗୁରେ ମୃତ୍ୟୁ ଘଟିଛି। ବିକ୍ରମ ପଞ୍ଜାବର ଲୁଧିଆନାଠାରେ ଥିବା ଆର୍ମି ରେଜିମେଣ୍ଟରେ ନିଯୁକ୍ତି ପାଇଥିଲେ। ସେ ଗତ କିଛି ଦିନ ହେବ ଡେଙ୍ଗୁରେ ଆକ୍ରାନ୍ତ ହୋଇ ସେଠାକାର ମେଡିକାଲରେ ଚିକିତ୍ସିତ ହେଉଥିଲେ। ହେଲେ ମଙ୍ଗଳବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁରେ ରାଜକନିକା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବିକ୍ରମଙ୍କ ଘରେ ମା'ବାପା, ସ୍ତ୍ରୀ ଓ ୮ବର୍ଷର ଗୋଟିଏ ପୁଅ ଅଛନ୍ତି। ବୁଧବାର ତାଙ୍କ ମରଶରୀର ଏକ ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱରରେ ପହଞ୍ଚିବା ପରେ ତାଙ୍କୁ ଗାର୍ଡ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ସନ୍ଧ୍ୟାରେ ସିଙ୍ଗିରି ଗ୍ରାମ ଶ୍ମଶାନରେ ବିକ୍ରମଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ପିଆଜ ବିକିବେ ସରକାର


## ଜିଲାପାଳଙ୍କୁ ଚିଠି ଲେଖିଲା ଯୋଗାଣ ବିଭାଗ

**ଭୁବନେଶ୍ୱର,୬।୧୧(ବ୍ୟୁରୋ)**



କି.ଗ୍ରା. ପ୍ରତି ୧୦ରୁ ୧୫ ଟଙ୍କାରେ ମିଳୁଥିବା ପିଆଜ ଏବେ ୬୫ ଟଙ୍କା ଛୁଇଁଲାଣି। ପିଆଜ ଗତ ଦୁଇମାସ ହେବ ଗରିବ ଓ ନିମ୍ନ ଆୟବର୍ଗର ଲୋକମାନଙ୍କୁ କଲବଲ କରୁଛି। ଆସନ୍ତା ମାସକ ମଧ୍ୟରେ ଦର କମିବା ସମ୍ଭାବନା କ୍ଷୀଣ। ବଜାର ଅବସ୍ଥାକୁ ଦେଖି ରାଜ୍ୟ ସରକାର ଖାଉଟିମାନଙ୍କୁ ସୁଲଭ ମୂଲ୍ୟରେ ପିଆଜ ଯୋଗାଇବାକୁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖାଯାଇଛି। ଚିଠିରେ ଉଲ୍ଲେଖ କରାଯାଇଛି ଯେ, ପିଆଜ କୁଇଣ୍ଟାଲ ୪୮୦୦ରୁ ୬୨୦୦ ଟଙ୍କାକୁ ବୃଦ୍ଧି ପାଇଛି। ଖୁଚୁରା ବଜାରରେ କିଲୋ ୫୨ରୁ ୭୦ ଟଙ୍କାକୁ ବୃଦ୍ଧି ପାଇଛି। ରାଜ୍ୟର ବ୍ୟବସାୟୀ ମହାସଂଘ ସହିତ ଆଲୋଚନା କରିବା ପରେ ଜଣାପଡ଼ିଛି ଯେ, ଲଗାତର ପ୍ରବଳ ବର୍ଷା ଯୋଗୁ ଆନ୍ଧ୍ରପ୍ରଦେଶ ଓ କର୍ଣାଟକରେ ପିଆଜ ଚାଷ ଗଭୀର ଭାବେ ପ୍ରଭାବିତ ହୋଇଛି। ଆବଶ୍ୟକତା ଅନୁଯାୟୀ ଓଡ଼ିଶାକୁ ଆସୁନାହିଁ। ମହାରାଷ୍ଟ୍ରରୁ ନୂଆ ପିଆଜ ଆସିବ ବୋଲି ଅନୁମାନ କରାଯାଉଥିବା ବେଳେ ସେଠାରେ ପ୍ରବଳ ବର୍ଷା ଯୋଗୁ ଏହି ଫସଲ ଉଜୁଡ଼ି ଯାଇଛି। ପିଆଜର ଚଢ଼ା ଦର ରହିଥିବାରୁ ଏହାର ସୁଯୋଗ ନେଇ ଅସାଧୁ ବ୍ୟବସାୟୀମାନେ ଅଧିକ ମୁନାଫା କମାଇବା ଆଶାରେ ବଜାରରେ କୃତ୍ରିମ ଅଭାବ ସୃଷ୍ଟି କରିବା ସମ୍ଭାବନା ରହିଛି। ଏହା ଉପରେ ନଜର ରଖିବାକୁ କୁହାଯାଇଛି। ଏଥିସହିତ ବଜାର ଚାହିଦାକୁ ଦେଖି ସ୍ଥାନୀୟ ମାର୍କେଟରୁ ପିଆଜ କିଣି ସରକାରୀ ଖୁଚୁରା ଦୋକାନ (ପିଡିଏସ୍) ଓ ମୈତ୍ରୀ ଦୋକାନରେ ବିନା ଲାଭ ଓ କ୍ଷତିରେ ବିକ୍ରି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ବଜାର ସ୍ଥିତି ଓ ପିଆଜ ବିକ୍ରି ସମ୍ପର୍କରେ ନିୟମିତ ଖବର ଜଣାଇବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଆଳୁ ଓ ପିଆଜ ଏକ ଅତ୍ୟାବ୍ୟଶକ ସାମଗ୍ରୀ ହୋଇଥିବାରୁ ତିରୋଟ ସମୟ ପୂର୍ବରୁ ଗଚ୍ଛିତ ରଖିବାକୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ପ୍ରାଇସ୍ ଷ୍ଟାବିଲାଇଜେଶନ ଫଣ୍ଡ (ପିଏସ୍‌ଏଫ୍) ଗଠନ କରିଛନ୍ତି। ଉଭୟ ୫୦ କୋଟି ଟଙ୍କା ଲେଖାଏ ଦେବାକୁ ମଧ ବ୍ୟବସ୍ଥା ହୋଇଛି। ତେବେ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ପ୍ରତ୍ୟେକ ବର୍ଷ ଲୋକମାନଙ୍କୁ ଆଳୁ ଓ ପିଆଜ ପାଇଁ ହିନସ୍ତା ହେବାକୁ ପଡୁଛି। ପିଆଜ ଏକ ଶୀଘ୍ର ନଷ୍ଟ ହେଉଥିବା ଫସଲ ହୋଇଥିବାରୁ ସେଗୁଡ଼ିକୁ ପୂର୍ବରୁ ଗଚ୍ଛିତ ରଖିବା ସମ୍ଭବ ନୁହେଁ ବୋଲି ଯୋଗାଣ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ରିହାତି ଦରରେ ପିଆଜ ଯୋଗାଇବାକୁ ସରକାର ଚିନ୍ତା କରୁଛନ୍ତି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇଥିଲେ। କେବଳ ପିଆଜ ନୁହେଁ, ପନିପରିବା ଦର ବୃଦ୍ଧି ମଧ ଜନସାଧାରଣଙ୍କୁ ଆହୁରି କଷ୍ଟ ଦେଇଛି। କାର୍ତ୍ତିକ ମାସରେ ପରିବା ଦର ଏକ ପ୍ରକାର ଆକାଶଛୁଆଁ ହୋଇଛି। ପୋଟଳ, ବାଇଗଣ, ବିନ୍, ଝୁଡ଼ଙ୍ଗ, କଲରା, ଟମାଟୋ, ଗାଜର ଆଦି ପରିବା ଦର କିଲୋ ପିଛା ୫୦ ଟଙ୍କା ଉପରେ ରହିଛି। ଡାଲି ଦର ମଧ ବୃଦ୍ଧି ଘଟିଛି। ଆଳୁ ପିଆଜଠାରୁ ଆରମ୍ଭ କରି ପନିପରିବା ଓ ଡାଲି ଦର ବୃଦ୍ଧି ସାଧାରଣ ଲୋକଙ୍କୁ ଅଣନିଃଶ୍ୱାସୀ କରିଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଦିବ୍ୟାଂଶୀ
ପରିବାରବର୍ଗ


ପୂର୍ଣ୍ୟଶ୍ଳୋକ
ପରିବାରବର୍ଗ


ରେହାନ୍
ପରିବାରବର୍ଗ


ସମୀର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଲୋକଙ୍କ ଆସ୍ଥାଭାଜନ ହୋଇଛି 'ମୋ ବସ୍'

- ବସ୍ ଗାଇଡ୍ ଓ କ୍ୟାପଟେନ୍‌ଙ୍କୁ ପୁରସ୍କୃତ କଲେ ମୁଖ୍ୟମନ୍ତ୍ରୀ
- ମୋ ବସ୍‌ର ମାସ୍କଟ 'ମୋବୀ' ଉନ୍ମୋଚିତ

ଭୁବନେଶ୍ୱର, ୬।୧୧(ବ୍ୟୁରୋ)

'ମୋ ବସ୍' ସେବାକୁ ଇତିମଧ୍ୟରେ ଗୋଟିଏ ବର୍ଷ ପୂରିଛି। ଏହା ମଧ୍ୟରେ 'ମୋ ବସ୍' ଭରସାଯୋଗ୍ୟ ସେବା ଯୋଗାଇବା ସହ ଲୋକଙ୍କ ଆସ୍ଥାଭାଜନ ହୋଇପାରିଛି। ଗୋଟିଏ ଦିନରେ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଯାତ୍ରୀ ଯାତାୟାତ କରିବା ନିଶ୍ଚିତ ଭାବେ ଖୁସିର କଥା। ପବ୍ଲିକ୍ ଟ୍ରାନ୍ସପୋର୍ଟ ଭାବେ ଏହା ଏକ ବଡ଼ ସଫଳତା ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ବୁଧବାର ସୂଚନା ଭବନରେ ଆୟୋଜିତ 'ମୋ ବସ୍'ର ବାର୍ଷିକ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ କହିଛନ୍ତି, ଦିନକୁ ଦିନ ସହରର କଳେବର ବଢୁଛି। ଲୋକସଂଖ୍ୟା ବୃଦ୍ଧି ପାଇବା ସହ ଗତିଶୀଳତା ବଢୁଛି। ସମାନ ଭାବେ ସହରରେ ଟ୍ରାଫିକ ଓ ପ୍ରଦୂଷଣ ମଧ୍ୟ ବଢୁଛି। ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଆମ ରାଜ୍ୟର ସ୍ଥିତି ବହୁତ ଭଲ ଅଛି। କିନ୍ତୁ ଏହି ସମସ୍ୟାରୁ ମୁକ୍ତ ହେବାକୁ ଆମକୁ ଆଜିଠାରୁ କିଛି ନୂଆ ଭାବିବାକୁ ହେବ। ଆମ ସମସ୍ତଙ୍କୁ ପବ୍ଲିକ୍ ଟ୍ରାନ୍ସପୋର୍ଟ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବାକୁ ପଡ଼ିବ। ସମୟାନୁବର୍ତ୍ତିତା ସହ ଯାତ୍ରୀ ସୁରକ୍ଷା କ୍ଷେତ୍ରରେ ମୋ ବସ୍ ବହୁତ ଭଲ ସେବା ଯୋଗାଇପାରିଛି। ମୋ ବସ୍ କର୍ମଚାରୀଙ୍କ ନିଷ୍ଠା ଓ କାର୍ମିକ ମନୋଭାବ ହିଁ ଏହି ସଫଳତା ଆଣିପାରିଛି। ଅନ୍ୟ ମେଟ୍ରୋ ସହରଗୁଡ଼ିକ ଅପେକ୍ଷା ଏଠାରେ ମୋ ବସ୍ ଆହୁରି ଉନ୍ନତ ସେବା ଯୋଗାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା, ଓଡ଼ିଶା ସ୍କିଲ୍ ଡେଭଲପ୍‌ମେଣ୍ଟ ଅଥରିଟି ଚେୟାରମ୍ୟାନ ସୁବ୍ରତୋ ବାଗ୍‌ଚି, ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଭି. ମାଥି ଭାଥନାନ୍, କ୍ୟାପିଟାଲ ରିଜିଅନ୍ ଟ୍ରାନ୍ସପୋର୍ଟ ଲିମିଟେଡ୍ (କ୍ରୁଟ)ର ପରିଚାଳନା ନିର୍ଦ୍ଦେଶକ ଅରୁଣ ବୋଥ୍ରା ଯୋଗ ଦେଇଥିଲେ। ଏହି ଅବସରରେ ମୋ ବସ୍‌ରେ ନିଷ୍ଠାପର କାର୍ଯ୍ୟ କରିଥିବା କେତେଜଣ ଗାଇଡ୍ ଓ କ୍ୟାପଟେନ୍‌ଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ। ଏଥିସହ ମୋ ବସ୍‌ର ମାସ୍କଟ 'ମୋବୀ' (ମୋ ବସ୍ ଫର୍ ବେଟର୍ ୟୁ)କୁ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, କ୍ରୁଟ୍‌ର ଜେନେରାଲ ମ୍ୟାନେଜର ଦୀପ୍ତି ମହାପାତ୍ର ଓ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ଟିକେଟ କାଟି ମୋ ବସ୍‌ରେ ଆସିଲେ ମୁଖ୍ୟମନ୍ତ୍ରୀ

ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ନବୀନ ନିବାସରୁ ନିୟମିତ ଭାବେ ଚଳାଚଳ କରୁଥିବା ମୋ ବସ୍‌ରେ ସମାରୋହ ସ୍ଥଳ ସୂଚନା ଭବନ ପର୍ଯ୍ୟନ୍ତ ଆସିଥିଲେ। ଏହି ଯାତ୍ରା ସମୟରେ ପାଖରେ ବସିଥିବା ଯାତ୍ରୀଙ୍କ ସହ ବାର୍ତ୍ତାଳାପ କରିଥିଲେ। ସେମାନଙ୍କ ସହ ସେଲ୍ଫି ନେଇ ନିଜେ ଖୁସି ହେବା ସହ ଯାତ୍ରୀଙ୍କ ହୃଦୟ ଜିଣିଥିଲେ। ସେହିପରି ଉକ୍ତ ବସ୍‌ରେ ଯାତ୍ରା କରୁଥିବା କୁନି କୁନି ପିଲାଙ୍କୁ ଅଟୋଗ୍ରାଫ୍ ଦେଇ ସେମାନଙ୍କ ମୁହଁରେ ହସ ଫୁଟାଇଥିଲେ। ସବୁଠାରୁ ବଡ଼କଥା ହେଲା ମୁଖ୍ୟମନ୍ତ୍ରୀ ହେବା ସତ୍ତ୍ୱେ ଜଣେ ସାଧାରଣ ନାଗରିକ ପରି ସେ ୧୦ଟଙ୍କା ଦେଇ ବସ୍ ଟିକେଟ କାଟିଥିଲେ। କେତେଜଣ ଯାତ୍ରୀ ମୁଖ୍ୟମନ୍ତ୍ରୀଙ୍କ ସହ ବାର୍ତ୍ତାଳାପ କରି ନିଜ ସମସ୍ୟା ବିଷୟରେ ଅବଗତ କରାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସମ୍ମୁଖ ସିଟ୍‌ରେ ବସିଥିଲେ ଛାତ୍ରୀ ସଞ୍ଜିତା ପାଣିଗ୍ରାହୀ। ସେ ମୁଖ୍ୟମନ୍ତ୍ରୀଙ୍କୁ ଅତି ନିକଟରେ ପାଇ ଭାବ ବିହ୍ୱଳିତ ହୋଇପଡିଥିଲେ। ବାର୍ତ୍ତାଳାପ ବେଳେ ମୁଖ୍ୟମନ୍ତ୍ରୀଙ୍କୁ ନିଜ ପାଠପଢ଼ା ଅନୁଭୂତି ବଖାଣି ଥିଲେ।

### ସୁପ୍ରିମକୋର୍ଟରେ ସିଆଇସି, ଏସ୍ଆଇସି ନିଯୁକ୍ତି ମାମଲା

# ଷ୍ଟାଟସ୍ ରିପୋର୍ଟ ଦାଖଲ ଲାଗି କେନ୍ଦ୍ର, ଓଡ଼ିଶା ସମେତ ୯ ରାଜ୍ୟକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୬।୧୧(ପି.ଟି.)

ପୂର୍ବ ନିର୍ଦ୍ଦେଶନାମା ଅନୁଯାୟୀ କେନ୍ଦ୍ର ଓ ରାଜ୍ୟ ସୂଚନା କମିଶନରେ କେତେ ଖାଲି ପଦବୀ ପୂରଣ ହୋଇଛି, ତାହାର ସ୍ଥିତି ରିପୋର୍ଟ ଦାଖଲ କରିବା ଲାଗି ସୁପ୍ରିମକୋର୍ଟ ବୁଧବାର କେନ୍ଦ୍ର ସରକାରଙ୍କ ସମେତ ଓଡିଶା ଓ ଅନ୍ୟ ୮ ରାଜ୍ୟକୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ରୀୟ ସୂଚନା କମିଶନ (ସିଆଇସି) ଓ ରାଜ୍ୟ ସୂଚନା କମିଶନ (ଏସ୍ଆଇସି)ରେ ଥିବା ଖାଲି ପଦବୀ ପୂରଣ ଲାଗି ପୂର୍ବରୁ ସର୍ବୋଚ୍ଚ ଅଦାଲତ ଦେଇଥିବା ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇ ନଥିବା ସୂଚନା ଅଧିକାର କର୍ମୀ ଅଞ୍ଜଳି ଭରଦ୍ୱାଜ ଓ ଅନ୍ୟମାନେ କୋର୍ଟଙ୍କୁ ଜଣାଇଥିଲେ। ଏହି ପଦବୀ ପାଇଁ ଚୟନ ହୋଇଥିବା ଅଧିକାରୀଙ୍କ ସଂକ୍ଷିପ୍ତ ତାଲିକା ସରକାରୀ ୱେବ୍‌ସାଇଟରେ ପ୍ରକାଶ ପାଇ ନ ଥିବା ଭରଦ୍ୱାଜ ଓ ଅନ୍ୟମାନଙ୍କ ପକ୍ଷରୁ ଓକିଲ ପ୍ରଶାନ୍ତ ଭୂଷଣ ଖଣ୍ଡପୀଠଙ୍କୁ କହିଥିଲେ। ସିଆଇସି ଏବଂ ଏସ୍ଆଇସିରେ ଥିବା ଖାଲି ପଦବୀଗୁଡିକୁ ତୁରନ୍ତ ପୂରଣ କରିବା ଲାଗି ଗତ ଫେବୃୟାରୀରେ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ପଦବୀ ଖାଲି ହେବାର ଦୁଇମାସ ପୂର୍ବରୁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେବା ଆବଶ୍ୟକ ବୋଲି ଖଣ୍ଡପୀଠ କହିଥିଲେ। ମୁଖ୍ୟ ସୂଚନା କମିଶନର ଉଚ୍ଚ ପଦବୀ ହୋଇଥିବାରୁ ଏହାର ନିଯୁକ୍ତି ପ୍ରକ୍ରିୟା ମୁଖ୍ୟ ନିର୍ବାଚନ କମିଶନର ନିଯୁକ୍ତି ଭଳି ହେବା ଆବଶ୍ୟକ। ପ୍ରଶାସନିକ ଅଧିକାରୀଙ୍କ ବ୍ୟତୀତ ଖ୍ୟାତନାମା ବ୍ୟକ୍ତିବିଶେଷଙ୍କୁ ମଧ୍ୟ ଏହି ପଦବୀ ଲାଗି ବିଚାରକୁ ନିଆଯାଇପାରିବ ବୋଲି ଅଦାଲତ ମତ ଦେଇଥିଲେ। ମୁଖ୍ୟ ସୂଚନା କମିଶନର ଓ ସୂଚନା କମିଶନର ନିଯୁକ୍ତିରେ ସ୍ୱଚ୍ଛତା ବଜାୟ ରଖିବା ଲାଗି ଓ ଏ ସମ୍ପର୍କିତ ତଥ୍ୟ ସରକାରୀ ୱେବସାଇଟ୍‌ରେ ରଖିବା ଲାଗି ଖଣ୍ଡପୀଠ ସେତେବେଳେ ନିର୍ଦ୍ଦେଶ ଦେଇଥିଲେ। କେବେ ସୁଦ୍ଧା ଏହି ପଦବୀ ପୂରଣ କରିବେ ଜଣାଇବା ଲାଗି ସୁପ୍ରିମକୋର୍ଟ ଓଡ଼ିଶା, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ଗୁଜରାଟ, କେରଳ ଓ କର୍ଣ୍ଣାଟକ ସରକାରଙ୍କୁ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ।

# ଶୁକ୍ରବାର ମନ୍ତ୍ରୀ ପରିଷଦ ବୈଠକ

ଭୁବନେଶ୍ୱର,୬।୧୧(ବ୍ୟୁରୋ)

ରାଜ୍ୟ ସରକାରଙ୍କ ମନ୍ତ୍ରୀ ପରିଷଦ ବୈଠକ ଆସନ୍ତା ଶୁକ୍ରବାର ଲୋକସେବା ଭବନଠାରେ ଅନୁଷ୍ଠିତ ହେବ। ଅପରାହ୍ନ ୧୨ଟା ୫ମିନିଟ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ଯୋଗଦେବା ଲାଗି ସବୁ ମନ୍ତ୍ରୀମାନଙ୍କୁ ଚିଠି ଦିଆଯାଇଛି। ମନ୍ତ୍ରୀ ପରିଷଦ ବୈଠକରେ ମୁଖ୍ୟତଃ ଚଳିତ ଆର୍ଥିକ ବର୍ଷରେ ଆସିବାକୁ ଥିବା ଅତିରିକ୍ତ ବଜେଟ୍‌ର ରୂପରେଖ ନେଇ ଆଲୋଚନା ହେବ। ଆସନ୍ତା ୧୩ରୁ ବିଧାନସଭା ଶୀତ ଅଧିବେଶନ ଆରମ୍ଭ ହେବ। ଏହି ଅଧିବେଶନରେ ଗୃହରେ ସରକାର ଅତିରିକ୍ତ ବଜେଟ୍ ଆଣିବେ। ଏ ସମ୍ପର୍କିତ ପ୍ରସ୍ତାବକୁ ମନ୍ତ୍ରୀ ପରିଷଦ ବୈଠକରେ ଗୃହୀତ କରାଯିବ। ବଜେଟ୍‌ର ରୂପରେଖ ନେଇ ଆଲୋଚନା ହେବ ବୋଲି ଜଣାପଡିଛି। ସେହିପରି ଆସନ୍ତା ଅଧିବେଶନରେ କେତେଗୁଡିଏ ଗୁରୁତ୍ୱପୂର୍ଣ୍ଣ ଯୋଜନା ପାଇଁ ମଞ୍ଜୁର ହେବାକୁ ଥିବା ବଜେଟ୍ ସମ୍ପର୍କରେ ସମ୍ପୃକ୍ତ ବିଭାଗର ମନ୍ତ୍ରୀଙ୍କ ସହ ମଧ୍ୟ ଆଲୋଚନା କରାଯିବ ବୋଲି ଜଣାପଡିଛି।

## ପ୍ରଥମ ପୃଷ୍ଠାରୁ...

### ଓଡ଼ିଶାକୁ ବାତ୍ୟା ...

ଜିଲାପାଳଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଜାରି କରାଯାଇ ସାରିଛି। ରାଜ୍ୟକୁ ବାତ୍ୟା ଆଶଙ୍କା ନ ଥିଲେ ମଧ୍ୟ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ବୁଧବାର ଗଣମାଧ୍ୟମକୁ ସୂଚନା ଦେଇ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍ଆର୍‌ସି) ପ୍ରଦୀପ କୁମାର ଜେନା କହିଛନ୍ତି ଯେ ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁଯାୟୀ ବାତ୍ୟା ଓଡ଼ିଶା ଛୁଇଁବା ସମ୍ଭାବନା ନାହିଁ। ସମ୍ଭାବ୍ୟ ବାତ୍ୟା ଯୋଗୁ ଆସନ୍ତା ୯ ଓ ୧୦ ତାରିଖରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ବର୍ଷାକୁ ଦୃଷ୍ଟିରେ ରଖି କୃଷି ବିଭାଗ ପକ୍ଷରୁ ଚାଷୀମାନଙ୍କ ପାଇଁ ଏକ ପରାମର୍ଶ ବାର୍ତ୍ତା (ଆଡ୍‌ଭାଇଜରି) ଜାରି କରାଯାଇଛି। ଜିଲାପାଳମାନଙ୍କୁ ସତର୍କ ରହିବାକୁ କୁହାଯାଇଛି। ଜିଲାପାଳଙ୍କ ସହ ପାଣିପାଗ ବିଭାଗ ପକ୍ଷରୁ ଜାରି କରାଯାଇଥିବା ପୂର୍ବସୂଚନା ଅନୁଯାୟୀ ପ୍ରସ୍ତୁତି କରିବାକୁ ଏସଆରସି ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୧୦ ତାରିଖ ସନ୍ଧ୍ୟା ସୁଦ୍ଧା ବାତ୍ୟା ସ୍ଥଳଭାଗ ଛୁଇଁବା ସମ୍ଭାବନା ରହିଛି। ବାତ୍ୟା ଉପରେ ନଜର ରଖାଯାଇଛି। ଏ ବିଷୟରେ ଦୈନିକ ଗଣମାଧ୍ୟମକୁ ସୂଚନା ଦିଆଯିବ ବୋଲି ଏସଆରସି କହିଛନ୍ତି।

### ରିୟଲ ଇଷ୍ଟେଟ୍ କ୍ଷେତ୍ର ଲାଗି...

ହେଲେ ବିଭିନ୍ନ କାରଣ ଲାଗି ପ୍ରକଳ୍ପଗୁଡିକ ଅଟକି ରହିଛି। ଲୋକମାନେ ଏହାକୁ ନେଇ ଅନେକ ସମସ୍ୟା ସାମ୍ନା କରିଥିବା ବେଳେ ସରକାରଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ଏଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ବିଚାର କରି ପଦକ୍ଷେପ ନିଆଯାଇଛି ବୋଲି ନିର୍ମଳା ସ୍ପଷ୍ଟ କରିଛନ୍ତି। ଦେଶରେ ମାନ୍ଦାବସ୍ଥା ଚାଲିଥିବା ବେଳେ ରିୟଲ ଇଷ୍ଟେଟ କ୍ଷେତ୍ରର କାର୍ଯ୍ୟକଳାପ ହ୍ରାସ ଘଟିଛି। ଏହି କ୍ଷେତ୍ର ଅନେକ ଲୋକଙ୍କୁ ନିଯୁକ୍ତି ଦେଉଥିବା ବେଳେ ଗତ ୨ ବର୍ଷରୁ ଅଧିକ ସମୟ ହେବ ଧିମାସ୍ଥିତିରେ ରହିଛି। ଦେଶର କୋର୍ ସେକ୍ଟର ସହ ଏହାର ସିଧାସଳଖ ସମ୍ପର୍କ ରଖିଥିବାରୁ ଉକ୍ତ କ୍ଷେତ୍ରର ଉନ୍ନତି ହେଲେ ଏହା ଦେଶର ଅର୍ଥ ବ୍ୟବସ୍ଥା ଉପରେ ସକାରାତ୍ମକ ପ୍ରଭାବ ପକାଇବ ବୋଲି ବଜାର ବିଶେଷଜ୍ଞମାନେ କହିଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତି ଯୋଗୁ ସିମେଣ୍ଟ, ଲୁହା ଏବଂ ଇସ୍ପାତ ଭଳି କ୍ଷେତ୍ରରେ ଚାହିଦା ବୃଦ୍ଧି ଏବଂ ନିଯୁକ୍ତି ସୃଷ୍ଟି ଦିଗରେ ସହାୟକ ହେବ। ସେହିଭଳି ପ୍ରମୁଖ କ୍ଷେତ୍ରଗୁଡିକରେ ଲାଗି ରହିଥିବା ମାନ୍ଦାବସ୍ଥା ବିରୋଧରେ ଲଢେଇ କରିବାରେ ଏହା କାର୍ଯ୍ୟ କରିବ। ଏହି ପାଣ୍ଠିକୁ ସରକାର ବଢାଇବା ଲାଗି କାର୍ଯ୍ୟ କରିବେ ବୋଲି ସୂଚନା ରହିଛି। ଏଆଇଏଫ୍‌ରେ ସୋଭରେନ୍ ଏବଂ ପେନ୍‌ସନ ପାଣ୍ଠି ଯୋଗ ଦେବ ବୋଲି ଆଶା କରାଯାଉଛି। ଏନ୍‌ପିଏ ଘୋଷଣା ହୋଇଥିବା ପ୍ରକଳ୍ପ କିମ୍ବା ଇନସଲ୍‌ଭେନ୍ସି ପ୍ରକ୍ରିୟାରେ ଥିବା ପ୍ରକଳ୍ପଗୁଡିକ ଏଆଇଏଫ୍‌ର ବ୍ୟବହାର କରିପାରିବେ ବୋଲି ନିର୍ମଳା ପ୍ରକାଶ କରିଛନ୍ତି। ଅର୍ଥବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ଲାଗି ପରବର୍ତ୍ତୀ ପର୍ଯ୍ୟାୟ ପଦକ୍ଷେପ ଶୀଘ୍ର ନିଆଯିବ ବୋଲି ସେ ମଙ୍ଗଳବାର ସୂଚନା ଦେଇଥିଲେ। ଏହି ପଦକ୍ଷେପ ଅନ୍ତର୍ଗତ ରିୟଲ ଇଷ୍ଟେଟ ପ୍ରକଳ୍ପ ଲାଗି ପ୍ୟାକେଜ ଘୋଷଣା କରାଯାଇଛି।

### ଏମ୍ସ ପ୍ଲସ୍ ଢାଞ୍ଚା..

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, ରାଜ୍ୟ ଚିକିତ୍ସା କ୍ଷେତ୍ରର ଶ୍ରେଷ୍ଠ ବ୍ୟକ୍ତିମାନେ ଏସ୍‌ସିବି ପାଇଁ ସେମାନଙ୍କର ଯୌବନ ସମର୍ପିତ କରିଛନ୍ତି। ବର୍ତ୍ତମାନ ସାରା ଦେଶରେ ଏସ୍‌ସିବିର ୧୪ ନମ୍ବର ସ୍ଥାନରେ ରହିଛି। ହେଲେ ସମସ୍ତଙ୍କ ତ୍ୟାଗ, ପରିଶ୍ରମ ଓ ସମର୍ପିତ ଭାବ ସହିତ ରାଜ୍ୟ ସରକାର ଏହାକୁ ଦେଶର ଶ୍ରେଷ୍ଠ ୩ ଅନୁଷ୍ଠାନ ମଧ୍ୟରେ ସ୍ଥାନିତ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଉଲ୍ଲେଖଯୋଗ୍ୟ, ବୁଧବାର ପ୍ରତ୍ୟୁଷରୁ 'ମୋ ସରକାର' କାର୍ଯ୍ୟକ୍ରମ ଜରିଆରେ ଏସ୍‌ସିବି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ପ୍ରତ୍ୟକ୍ଷ ଅବଗତ ହେବା ପାଇଁ ୫-ଟି ତଥା ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କେ ପାଣ୍ଡିଆନ୍, ଏନ୍‌ଏଚ୍‌ଏମ୍ ଅଧ୍ୟକ୍ଷା ଶାଳିନୀ ପଣ୍ଡିତ, ପୂର୍ତ୍ତ ସଚିବ କ୍ରିଷ୍ଣନ କୁମାର, ସ୍ୱାସ୍ଥ୍ୟ ସଚିବ ପ୍ରମୋଦ ମେହେର୍ଦ୍ଦା ଏବଂ ଦ୍ୱୈତ ନଗରୀ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ପ୍ରମୁଖ ହସ୍ପିଟାଲ ପରିସରକୁ ଗସ୍ତ କରିଥିଲେ। ସେଠାରେ ରୋଗୀ, କର୍ମଚାରୀ, ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକ ସମୟରେ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ, ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ, ଉନ୍ନୟନ କମିଶନର ସୁରେଶ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।


### ପାକ୍‌ର କର୍ତାରପୁର ...

ଠିକ୍ ପୂର୍ବରୁ ଦୁର୍ନୀତି ଅଭିଯୋଗ ଆସିବା ପରେ ତାଙ୍କୁ ନିମ୍ନ ପାହ୍ୟାକୁ ଖସାଇ ଦିଆଯାଇଥିଲା। ଏହାକୁ ନେଇ ସେ କ୍ଷୁବ୍ଧ ହୋଇ ୧୯୮୪ରେ ଖଲିସ୍ତାନ ଆନ୍ଦୋଳନରେ ଯୋଗଦେଇଥିଲେ। ଶାହବେଗ୍ ମଧ୍ୟ ଏହି ଅପରେଶନରେ ପ୍ରାଣ ହରାଇଥିଲେ। ପ୍ରକାଶ ଯେ, ଆସନ୍ତା ୯ ତାରିଖରେ କର୍ତାରପୁର କରିଡର ଉଦ୍‌ଘାଟନ କରାଯିବ। ଭାରତର ପଞ୍ଜାବସ୍ଥିତ ଡେରା ବାବା ନାନକ ପୀଠ ସହ ପାକିସ୍ତାନର ପଞ୍ଜାବ ପ୍ରଦେଶ ଦରବାର ସାହିବକୁ ଯୋଡୁଥିବା କର୍ତାରପୁର କରିଡର ଅନ୍ତର୍ଜାତୀୟ ସୀମାରୁ ମାତ୍ର ୪ କି.ମି. ଦୂରରେ ରହିଛି। ଦିନକୁ ୫୦୦୦ ଶିଖ୍ ଶ୍ରଦ୍ଧାଳୁ ଦରବାର ସାହିବ ଯାଇ ଗୁରୁ ନାନକ ଦେବଙ୍କ ପୀଠ ଦର୍ଶନ କରିବେ ବୋଲି ଦୁଇଦେଶ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ଏଭଳି ସମୟରେ ପାକିସ୍ତାନର ଏହି ଭିଡିଓ ବିବାଦୀୟ ପରିସ୍ଥିତି ସୃଷ୍ଟି କରିଛି। ଉକ୍ତ ଭିଡିଓରୁ ଆପତ୍ତିଜନକ ତତ୍ତ୍ୱଙ୍କ ଦୃଶ୍ୟକୁ ହଟାଇବା ପାଇଁ ପାକିସ୍ତାନକୁ ଭାରତ ପକ୍ଷରୁ କୁହାଯାଇଛି।

## ଅରବିନ୍ଦ ସିଂ ହେଲେ ଏଏଆଇ ଅଧ୍ୟକ୍ଷ

ଭୁବନେଶ୍ୱର, ୬।୧୧(ବ୍ୟୁରୋ)

ମହାରାଷ୍ଟ୍ର କ୍ୟାଡର ଆଇଏଏସ୍ ଅଫିସର ଅରବିନ୍ଦ ସିଂ ବୁଧବାର ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ(ଏଏଆଇ)ର ଅଧ୍ୟକ୍ଷ ଦାୟିତ୍ୱ ନେଇଛନ୍ତି। ଗତ ମାସ ୨୨ ତାରିଖରେ କ୍ୟାବିନେଟ୍ ନିଯୁକ୍ତି କମିଟି ଅରବିନ୍ଦଙ୍କ ନିଯୁକ୍ତିକୁ ସ୍ୱୀକୃତି ଦେଇଥିଲା। ଅତିରିକ୍ତ ଅଧ୍ୟକ୍ଷ ଦାୟିତ୍ୱରେ ଥିବା ଅନୁଜ ଅଗ୍ରୱାଲଙ୍କଠାରୁ ଅରବିନ୍ଦ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏନେଇ ଏଏଆଇ ପକ୍ଷରୁ ବୁଧବାର ଟୁଇଟ୍ କରି ସୂଚନା ଦିଆଯାଇଛି। ଅରବିନ୍ଦ ନାଗପୁର, ଔରଙ୍ଗାବାଦ ଜିଲାପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ବିଦର୍ଭ ଉନ୍ନୟନ ବୋର୍ଡ ଓ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟରେ କାର୍ଯ୍ୟକରି ଆସିଛନ୍ତି।



## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ମନକଥା ମନରେ ରଖି କାମ ହାସଲ କରିବାକୁ ଚେଷ୍ଟା କଲେ କେତେକାଂଶରେ ଉପକୃତ ହେବେ। ରାଜନୀତି, ସଭାସମିତି କିମ୍ବା ପ୍ରଶାସନିକସ୍ତରରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟା ସମାଧାନ କରିପାରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, କ୍ରୀଡ଼ା, ଚଳଚ୍ଚିତ୍ର ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହେବାର କ୍ଷୀଣ ଆଶା ରହିଛି ।

**ବୃଷ** ଆଜି ଯାହାକୁ ଯାହା କହିବେ ସେହି ବ୍ୟକ୍ତି ତାହାକୁ ଅସ୍ୱୀକାର କରିବ ନାହିଁ। ବନ୍ଧୁଙ୍କୁ ବିଭିନ୍ନ ପ୍ରକାର ବିନୟପୂର୍ଣ୍ଣ କଥା କହି କାମ ହାସଲ କରିପାରିବେ। ଶିକ୍ଷାକ୍ଷେତ୍ର, ପରୀକ୍ଷା, ଆଲୋଚନା ଓ ତର୍କ ବିତର୍କରେ ଆଶାନୁଯାୟୀ ସୁଫଳ ପାଇ ପ୍ରଶଂସିତ ହେବେ। ପରିସ୍ଥିତିରେ ପଡ଼ି ଗୁଡିଏ ଟଙ୍କା ଖର୍ଚ୍ଚକରି ଦୁଃଖିତ ହୋଇପାରନ୍ତି।

**ମିଥୁନ** କୌଣସି ଭଦ୍ର ମହିଳାଙ୍କ ବଦାନ୍ୟତାରେ ମନସ୍ଥିତିକୁ ଦୃଢ଼ କରିପାରନ୍ତି। କର୍ମକ୍ଷେତ୍ରରେ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରି ଏକପ୍ରକାର ଆଶ୍ୱସ୍ତି ଲାଭ କରିବେ। ଶୁଣାକଥାକୁ ବିଶ୍ୱାସ କରି ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ପରିବାରରେ ସାମୟିକ ଝଗଡ଼ାର ସୂଚନା ରହିଛି। ସଭାସମିତି, କ୍ରୟବିକ୍ରୟ, ଆଲୋଚନା କ୍ଷେତ୍ର ମନ୍ଦ ହେବନାହିଁ।

**କର୍କଟ** ଆପଣଙ୍କ କାର୍ଯ୍ୟଦକ୍ଷତାକୁ ନେଇ ଉପରିସ୍ଥ କର୍ମଚାରୀ ଖୁସୀ ରହିବେ। ଅଟକି ରହିଥିବା ପ୍ରାପ୍ୟ ଅର୍ଥ ପାଇବାର ସମ୍ଭାବନା ରହିଛି। ସଭାସମିତିରେ ସମ୍ମାନିତ ହେବା ସହ ପୁରସ୍କୃତ ହୋଇପାରନ୍ତି। ପାରିବାରିକ କ୍ଷେତ୍ରରେ ଅଭିଯୋଗଜନିତ ସାମୟିକ ଟେନ୍‌ସନ ଲାଗି ରହିବ। ବାଣିଜ୍ୟ, ବ୍ୟବସାୟ, ଆନୁଷ୍ଠାନିକ କାମ ସନ୍ତୋଷଜନକ ରହିବ।

**ସିଂହ** ନିକଟ ସମ୍ପର୍କୀୟଙ୍କ ସହଯୋଗରୁ ଅଭିଳାଷ ପୂରଣ ହୋଇଯିବ। ପରିସ୍ଥିତି ଅନୁଯାୟୀ ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବା ପାଇଁ ବାଧ ହୋଇପାରନ୍ତି। ଅଶାନ୍ତ ମନ ବନ୍ଧୁଙ୍କ ସହ ଆଳାପ ଆଲୋଚନା ପରେ ପରେ ଶାନ୍ତ ହୋଇଯିବ। ପ୍ରତ୍ୟେକ କ୍ଷେତ୍ରରେ ସ୍ୱାଧୀନ ଭାବେ କାର୍ଯ୍ୟ କରିବାର ସୁଯୋଗ ପାଇବେ।

**କନ୍ୟା** ପୂର୍ବ ପ୍ରସ୍ତୁତି ନ ଥାଇ ଆକସ୍ମିକ ଭାବେ ବନ୍ଧୁଙ୍କ ନିମନ୍ତ୍ରଣ ରକ୍ଷାକରି ଯାତ୍ରା କରିପାରନ୍ତି। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଆଗରେ ନ ହେଲେ ମଧ୍ୟ ପଛରେ ବିଭିନ୍ନ ପ୍ରକାର ମନଗଢ଼ା କଥା କହିବେ। ଥଣ୍ଡାଜନିତ ସ୍ୱାସ୍ଥ୍ୟରେ ସମାନ୍ୟ ବ୍ୟତିକ୍ରମ ଦେଖାଦେଇପାରେ। ଅପରାହ୍ନରେ ଇଚ୍ଛା କରୁଥିବା ଜିନିଷଟି ପାଇ ପାଇ ଖୁସି ହେବେ।

**ତୁଳା** କାର୍ଯ୍ୟରେ ସଫଳତା, ଅର୍ଥଲାଭ, ବନ୍ଧୁମିଳନ ଓ ନୂତନ ସ୍ଥାନ ପରିଦର୍ଶନରୁ ଆନନ୍ଦ ଅନୁଭବ କରିବେ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ବିରକ୍ତି ପ୍ରକାଶ କରିପାରନ୍ତି। ମାତ୍ରାଧିକ ଭ୍ରମଣ ଆଳସ୍ୟ ଓ ଅସୁସ୍ଥତାର କାରଣ ହୋଇପାରେ। ପରିବହନ ଓ ବ୍ୟବସାୟରେ ବିଶେଷ ଉନ୍ନତି ପରିଲକ୍ଷିତ ହେବ।

**ବିଛା** ପରିବାରରେ ପିଲାମାନଙ୍କ ସମସ୍ୟା ଭିତରେ ନିଜେ ବାନ୍ଧି ହୋଇଯାଇପାରନ୍ତି। ଦୀର୍ଘଦିନରୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇ ମନ ଖୁସି ହୋଇଯିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, କଳା, ସାହିତ୍ୟ, ପ୍ରଶାସନ ତଥା ଆଇନ କ୍ଷେତ୍ରରୁ ସମସ୍ୟା ହଟିଯିବ। ପୂର୍ବ ଶତ୍ରୁତା କାମରେ ପ୍ରତିବନ୍ଧକ ସୃଷ୍ଟି କରିପାରେ।

**ଧନୁ** ପ୍ରତ୍ୟେକ କାମରେ ସମସ୍ୟା ଓ ବିଳମ୍ବ ମନ ଦୁଃଖର କାରଣ ହେବ। ଆଜି ବନ୍ଧୁଗହଣରେ ଭଙ୍ଗା ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବାର ସୂଚନା ରହିଛି। ଦେହ ଓ ମନରେ ଶିଥିଳତା ଅନୁଭବ କରିବେ। ପ୍ରତିଯୋଗିତାରେ ସଫଳତା ହାସଲ କରିବେ ଏବଂ ପୁରସ୍କୃତ ମଧ୍ୟ ହୋଇପାରନ୍ତି। ଶିଳ୍ପ, ବ୍ୟବସାୟ, ପରିବହନରେ ଉନ୍ନତି କରିବେ।

**ମକର** ଆନୁଷ୍ଠାନିକ କାମ ଓ ସଭାସମିତିରେ ସଫଳତା ହାସଲ କରିବେ। ନିଜର ସହଜାତ ଗୁଣରୁ ଅନ୍ୟମାନଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ କରି ପ୍ରଶଂସିତ ହେବେ। କିନ୍ତୁ କୌଣସି ଜଣେ ବନ୍ଧୁଙ୍କୁ ବିଶ୍ୱାସକରି ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ସାଧାରଣ କଥାକୁ କେନ୍ଦ୍ରକରି ଅଶାନ୍ତ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିପାରେ।

**କୁମ୍ଭ** କୌଣସି କାମ ସହଜ ଓ ସୁବିଧାରେ ହେଉ ନ ଥିବା କାରଣରୁ ମନସ୍ତାପ କରିପାରନ୍ତି। ଆଜି ଅପରାହ୍ନରେ ବନ୍ଧୁମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ସତ୍‌ସଙ୍ଗ ଓ ଭ୍ରମଣ ସୁଯୋଗ ପାଇବେ। ବିବାଦୀୟ ଘଟଣା ଭିନ୍ନ ଆକାର ଧାରଣ କରିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ସାମୟିକ ଭାବେ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି।

**ମୀନ** ସାମାଜିକସ୍ତରରେ ସମୂହ କଲ୍ୟାଣ କାମରେ ଅର୍ଥ, ଶ୍ରମ ଓ ସମୟ ବିନିଯୋଗ କରିପାରନ୍ତି। ସହକର୍ମୀଙ୍କ ସାହାଯ୍ୟରେ ଦୀର୍ଘଦିନର ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ପାରିବାରିକ, ବ୍ୟବସାୟିକ, ସାମାଜିକ, ପ୍ରଶାସନିକ ତଥା ରାଜନୈତିକ କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ। ବିଭିନ୍ନ ସମସ୍ୟା ନେଇ ମନ ଅଶାନ୍ତ ରହିବ।

ଆଜି କାର୍ତ୍ତିକ ଶୁକ୍ଳପକ୍ଷ ଦଶମୀଯୁକ୍ତ ଏକାଦଶୀ ଗୁରୁବାର, ନଭେମ୍ବର ୭ ତାରିଖ, ସୁଦଶା ବ୍ରତ, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ଶ୍ରୀଜୀଉଙ୍କର ରାଧା ଦାମୋଦର ବେଶ ସମାପ୍ତି, ରାଶି ନକ୍ଷତ୍ର- ପୂର୍ବଭାଦ୍ର/କୁମ୍ଭ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୫।୫୫ମି. ଗତେ ଘ୭।୨୫ମି. ମଧ୍ୟେ, ଘ୧।୨୨ମି. ଗତେ ଘ୨।୫୨ମି. ମଧ୍ୟେ ଅମୃତବେଳା। ଦିବା ଘ୧୨।୫୪ମି. ଗତେ ଘ୨।୧୮ମି. ମଧ୍ୟେ ରାହୁକାଳ।

classifieds Everyday 0674-2580101, 2549302




SALE

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। possession, registration immediately. Contact: 9178660666. D-68155

NH16 ପିତାପଲ୍ଲୀ ଛକରେ ସ୍ଥିତିବାନ ପ୍ଲଟ୍ possession ଥାଇ 399/-ରେ ମିଳୁଅଛି। 7504861292. D-68410

ଭୁବନେଶ୍ୱର New Railwaystation 30ft Road ଥାଇ sqft. 480/-, Ragistration, Conversion, Mutation free. 6371406921, 9439690111. D-68505

ଭୁବନେଶ୍ୱର Airport ଠାରୁ 5K.M ଦୂରତାରେ ସୁନ୍ଦରପଦାରେ ବାସୋପଯୋଗୀ ପ୍ଲଟ୍ Possession ସହ ମିଳୁଛି। 9040008777. D-68414

36 decimal land with 2storied building at Plot No. 629/2492, Khata No.2676, Mouza-Nayapalli, Bhubaneswar for sale. Contact: 8763055738. D-68162

ଭୁବନେଶ୍ୱର ପିତାପଲ୍ଲି Biswas +2 Science College backsideରେ Yellowzone ପ୍ଲଟ୍ ମିଳୁଅଛି। 8594954102. D-68419

Plot, flat, simplex, duplex sale in Bhubaneswar. Please Contact: 7873616375, 6372322064. D-66997

PURCHASE

ଭୁବନେଶ୍ୱର ଭିତରେ plot, flat, simplex, duplex ବିକ୍ରି କରିବା ପାଇଁ ଚାହୁଁଛନ୍ତି କି? Only owner. 7873616375. D-66996

GENERAL

SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-68404

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Rejuvenate and ayurvedic full body massage by smart therapist. 9114402304. D-68145

Refresh your mind and soul with best therapy at Orchid Salon/Spa. 9937287222. D-66991

Ayurvedic full body massage ladies & gents smart therapist. 9040900385. D-66992

Newly open full body massage by ladies, gents therapist. 8018656899 D-60847

Ayurvedic herbal body massage trend therapist Mob: 8018246332. D-66993

Ayurvedic full body massage by ladies, gents therapist. 7008773793 D-60848

Full body herbal massage with refreshment expert therapist. 7381239385, 06742540855. D-68158

Experience full body massage with us (expert). Call: 7377048581, 06742597822. D-68159

Herbal full body massage by smart / expert therapist. Contact: 8338067247. D-68160

Summer special mesmerizing offer expert therapeutic refreshing massage appointment. 9668374480. D-68161


Ayurvedic full body massage ladies/ gents smart experts therapist: 8480939300. D-66994

KAJAL Ayurvedic massage club fully relaxed by smart lady home service available- 9937637219. D-66995

AFFIDAVIT

Before Notary Public Rourkela, Sundergarh, Odisha, I Birendra Mahato changed my name from Birendra Kumar to Birendra Mahato. Henceforth I shall be known as Birendra Mahato for all purposes. D-15087

### ଜନ୍ମଦିନ ଶୁଭେଚ୍ଛା



ରିହାନ୍ ରାଉତ
ଅଯୋଧ୍ୟା ନଗର-୩, ବ୍ରହ୍ମପୁର
ଆଜି ତୋର ଜନ୍ମବାର୍ଷିକୀରେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା। ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ ତଥା ତୋର ଚଲାପଥକୁ କୁସୁମିତ କରାନ୍ତୁ।
ଶୁଭେଚ୍ଛା ସହ
ପାପା, ଜେଜେ, ଜେଜେମା', ସାନ ଜେଜେ, ପିଉସୀମା', ପିଉସା, ଆନ୍ ଭାଇ, ଜେମ୍ ତଥା ପରିବାରବର୍ଗ ।
ଧ-୬୬୬୨୪

### ଜନ୍ମଦିନ ଶୁଭେଚ୍ଛା



ସନ୍ଦୀପ୍ କୁମାର ମାର୍ଣ୍ଡି (ସମୀର)
ନୟାପଲ୍ଲୀ, ଭୁବନେଶ୍ୱର
ଆଜି ତୋର ଜନ୍ମଦିନରେ ମା' ତାରିଣୀଙ୍କ ଚରଣ ତଳେ ଆମ୍ଭମାନଙ୍କର ଏତିକି ଗୁହାରି ତୋତେ ନୀରୋଗ ରଖନ୍ତୁ, ଭଲ ବୁଦ୍ଧି ଦିଅନ୍ତୁ, ସଦାସର୍ବଦା ତୋର ଚଲାପଥରେ ସହାୟ ହୁଅନ୍ତୁ ଓ ପଣତ ତଳେ ଘଣ୍ଟ ଘୋଡେଇ ରଖିଥାଆନ୍ତୁ।
ଶୁଭେଚ୍ଛା ସହ
ବାପା, ମାଆ, ମାମା, ମାଇଁ, ସୁମନ୍, ପିଙ୍କୁ, ସାନୁ ।
ଧ-୧୫୧୦୯

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



# ଜିଲ୍ଲା ଚିଠି
## ରାୟଗଡ଼ା

### ବାଲ୍ୟ ବିବାହ

ବାଲ୍ୟ ବିବାହ ଏକ ଦଣ୍ଡନୀୟ ଅପରାଧ। ଏଥିପାଇଁ ଜନ ସଚେତନତା ସୃଷ୍ଟି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଚାଲିଛି। ସରକାରୀ ନୀତି ନିୟମ ମଧ୍ୟ ପ୍ରଣୟନ ହେଉଛି। ପୋଲିସ ପ୍ରଶାସନ ବି ଏପରି ଅପରାଧ ବନ୍ଦ ପାଇଁ ତତ୍ପର। ହେଲେ ଏବେ ବି ସାରା ରାଜ୍ୟରେ ବାଲ୍ୟ ବିବାହ ଏକ ସମସ୍ୟା ହୋଇ ଠିଆ ହୋଇଛି। ଆଉ ରାୟଗଡ଼ା ଜିଲାରେ ଏହି ସ୍ଥିତି ଚିନ୍ତାଜନକ। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ରିପୋର୍ଟରେ ସଦ୍ୟ ତଥ୍ୟ ଅନୁସାରେ ଜିଲାରେ ୩୪.୪ ପ୍ରତିଶତ ବାଲ୍ୟ ବିବାହ ହେଉଛି। ରାଜ୍ୟରେ ରାୟଗଡ଼ା ଜିଲା ବାଲ୍ୟ ବିବାହରେ ୫ମ ସ୍ଥାନରେ ରହିଛି। ବିଶେଷ ଭାବେ ଗ୍ରାମାଞ୍ଚଳରେ ଏପରି ବିବାହ ଦିନକୁ ଦିନ ବଢ଼ି ଚାଲିଛି। ଯାହା ଲୋକଲୋଚନକୁ ଆସିପାରୁନାହିଁ। ଜିଲାରେ ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ପ୍ରାୟ ୬୩ ପ୍ରତିଶତ ପରିବାରରେ ବାଲ୍ୟ ବିବାହ ଏକ ସାଧାରଣ କଥାରେ ପରିଣତ ହୋଇଛି। ଆର୍ଥିକ ସ୍ୱଚ୍ଛଳ ଥିବା ପରିବାରରେ ୩୩ ପ୍ରତିଶତ ବାଲ୍ୟ ବିବାହ ହେଉଛି। ୬୮ ପ୍ରତିଶତ ନିରକ୍ଷର ପରିବାର ଓ ୩୫ ପ୍ରତିଶତ ସାକ୍ଷର ପରିବାରରେ ଏହି ବିବାହ ଚାଲିଛି। ବାଲ୍ୟ ବିବାହ ଯୋଗୁ ନାବାଳିକାମାନେ ନିଜର ସ୍ୱାଧୀନତା, ସ୍ୱାସ୍ଥ୍ୟ, ଶିକ୍ଷା ଓ ସୁରକ୍ଷା ଇତ୍ୟାଦି ଭଳି ଗୁରୁତର ମୌଳିକ ଅଧିକାର ହରାଉଛନ୍ତି। ନାବାଳକମାନେ ପାରିବାରିକ ବୋଝ ତଳେ ଚାପି ହୋଇଯାଉଛନ୍ତି। ଏଥିଯୋଗୁ ସାମାଜିକ ଅସ୍ଥିରତା ଦେଖାଯାଉଛି। ସେହିପରି ବାଲ୍ୟ ବିବାହ ଯୋଗୁ ଜଣେ ନାବାଳିକା ଗର୍ଭଧାରଣ ଓ ପ୍ରସବ ସମୟରେ ୬୭ ପ୍ରତିଶତ ଗୁରୁତର ଭାବେ ସ୍ୱାସ୍ଥ୍ୟଗତ ସମସ୍ୟା ଦେଇ ଗତି କରୁଥିବା ରିପୋର୍ଟ କହୁଛି। ଏଥିସହ ପାରିବାରିକ ଅଶାନ୍ତି, ବିବାହ ବିଚ୍ଛେଦ ଭଳି ଅନେକ ସାମାଜିକ ସମସ୍ୟା ବଢ଼ି ଚାଲିଛି। ଅଧାରୁ ପାଠ ଛାଡୁଥିବା ପିଲାଙ୍କୁ ମଧ୍ୟ ପରିବାର ଲୋକେ ବୋଝ ଭାବି କମ୍ ବୟସରୁ ବିବାହ କରିବାକୁ ବାଧ୍ୟ ହେଉଛନ୍ତି। ବାଲ୍ୟବିବାହ ନିରୋଧକ ଆଇନ ୨୦୦୬ ଅନୁସାରେ ବର୍ତ୍ତମାନ ପର୍ଯ୍ୟନ୍ତ ରାୟଗଡ଼ା ଜିଲାରେ କାହାକୁ ଦଣ୍ଡ ନ ମିଳିବା ପ୍ରଶାସନର ଏକ ବଡ଼ ବିଫଳତା ବୋଲି ଅଭିଯୋଗ ହୋଇଛି। ରାଜ୍ୟ ସରକାରଙ୍କ ଉଦ୍ୟମକ୍ରମେ ଚଳିତ ବର୍ଷ ରାୟଗଡ଼ା ଜିଲାରେ ବାଲ୍ୟ ବିବାହକୁ ବିରୋଧ କରି ୨.୨୫ ଲକ୍ଷ ଜନସାଧାରଣ ଓ ୧.୫ ଲକ୍ଷ ଛାତ୍ରୀଛାତ୍ରଙ୍କୁ ନେଇ ଏକ ମାନବ ଶୃଙ୍ଖଳ କରାଯାଇଥିଲା। ନିଶ୍ଚିତ ଭାବେ ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ। ଜିଲା ପ୍ରଶାସନ ଏପରି ପଦକ୍ଷେପକୁ ନେଇ ପୁରସ୍କୃତ ହୋଇଥିଲା। ଏବେ ଜିଲା ପ୍ରଶାସନ ଗ୍ରାମାଞ୍ଚଳ ଲୋକଙ୍କୁ ଏଥିପାଇଁ ସଚେତନ କରିବା ଜରୁରୀ ହୋଇପଡ଼ିଛି। ଏଥିପ୍ରତି ସମସ୍ତଙ୍କ ଉଦ୍ୟମ ସଫଳତା ଆଣିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

– ଭାଗ୍ୟଶ୍ରୀ ମିଶ୍ର

# ବିଶ୍ୱ ଜଳବାୟୁ ଜରୁରୀ ପରିସ୍ଥିତି ଘୋଷଣା କଲେ ୧୧ ହଜାର ବୈଜ୍ଞାନିକ

ନୂଆଦିଲ୍ଲୀ,୬।୧୧(ପି.ଟି.)

ଜଳବାୟୁ ପରିବର୍ତ୍ତନଜନିତ ପ୍ରଭାବକୁ ନେଇ ବୈଜ୍ଞାନିକମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ୧୫୩ଟି ରାଷ୍ଟ୍ରର ୧୧ହଜାରରୁ ଉର୍ଦ୍ଧ୍ୱ ବୈଜ୍ଞାନିକ ବିଶ୍ୱ ଜଳବାୟୁ ଜରୁରୀ ପରିସ୍ଥିତି ଘୋଷଣା କରିବା ସହ ଖୁବ୍‌ଶୀଘ୍ର ମାନବ ସମାଜ ଏଥିପାଇଁ ଅକଥନୀୟ ଯନ୍ତ୍ରଣାର ସମ୍ମୁଖୀନ ହେବା ଅନିବାର୍ଯ୍ୟ ବୋଲି ସତର୍କ କରାଇଦେଇଛନ୍ତି। ମାନବକୃତ ସବୁଜ ଗୃହ ଗ୍ୟାସ୍ ନିର୍ଗମନ ଓ ଅନ୍ୟାନ୍ୟ କାରଣ ଯୋଗୁ ଜଳବାୟୁରେ ଦ୍ରୁତ ପରିବର୍ତ୍ତନ ହୋଇଚାଲିଛି। ବାୟୋସାଇନ୍ସ ପତ୍ରିକାରେ ମଙ୍ଗଳବାର ପ୍ରକାଶିତ ଏହି ଲେଖାରେ ୧୧,୨୫୮ ଜଣ ବୈଜ୍ଞାନିକ ସ୍ୱାକ୍ଷର କରିଛନ୍ତି। ସେଥିରେ ଭାରତରୁ ୬୯ ଜଣ ସାମିଲ ଅଛନ୍ତି। ବର୍ତ୍ତମାନର ଜଳବାୟୁ ପରିବର୍ତ୍ତନର ଧାରା ସମ୍ପର୍କରେ ସେମାନେ ସତର୍କ କରାଇଦେବା ସହ ଏହାକୁ ରୋକିବା ଦିଗରେ କେତେକ ପ୍ରଭାବଶାଳୀ ପ୍ରଶମନ ପଦକ୍ଷେପ ସମ୍ପର୍କରେ ପରାମର୍ଶ ଦେଇଛନ୍ତି।

ସେମାନେ ଦୀର୍ଘ ୪୦ ବର୍ଷର ତଥ୍ୟକୁ ଅନୁଧ୍ୟାନ କରିବା ପରେ ଏଭଳି ଜରୁରୀ ପରିସ୍ଥିତି ଘୋଷଣା କରିଥିବା କହିଛନ୍ତି। ବିପୁଳ ପରିମାଣରେ ଶକ୍ତିର ବ୍ୟବହାର, ଭୂପୃଷ୍ଠ ତାପମାତ୍ରା ବୃଦ୍ଧି, ଜନସଂଖ୍ୟା ବୃଦ୍ଧି, ଗଛ କଟା ଓ ଜଙ୍ଗଲ ହ୍ରାସ, ମେରୁ ଅଞ୍ଚଳରୁ ପର୍ଯ୍ୟାପ୍ତ ବରଫ ତରଳିବା, ଉର୍ବରତା ହାର, ମୋଟ ଘରୋଇ ଉତ୍ପାଦ (ଜିଡିପି) ଏବଂ ଅଙ୍ଗାରକ ନିର୍ଗମନ ଆଦିର ତଥ୍ୟକୁ ଅନୁଧ୍ୟାନ କରିବା ପରେ ବୈଜ୍ଞାନିକମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଜଳବାୟୁ ପରିବର୍ତ୍ତନ ଓ ଏହାର ପ୍ରଭାବକୁ ନେଇ ୪୦ ବର୍ଷ ହେଲା ବିଶ୍ୱ ସ୍ତରରେ ବିଭିନ୍ନ ଆଲୋଚନା ଜାରି ରହିଥିଲେ ମଧ୍ୟ ପ୍ରକୃତରେ ଏହାକୁ ରୋକିବା ଦିଗରେ ଯେତିକି ତତ୍ପରତା ପ୍ରକାଶ ପାଇବା କଥା ତାହା ହୋଇନାହିଁ। ପୂର୍ବ ଧାରା ଅବ୍ୟାହତ ରହିଥିବାରୁ ସଙ୍କଟ ସମାଧାନ କରିବାରେ ସଫଳତା ମିଳିନାହିଁ ବୋଲି ଆମେରିକାର ଓରେଗନ୍ ଷ୍ଟେଟ୍ ୟୁନିଭର୍ସିଟି (ଓଏସ୍‌ୟୁ) କଲେଜ ଅଫ୍ ଫରେଷ୍ଟ୍ରିର ପ୍ରଫେସର ୱିଲିୟମ ଜେ. ରିପ୍ପଲ୍ କହିଛନ୍ତି। ଜଳବାୟୁ ପରିବର୍ତ୍ତନ ଯେଉଁ ହାରରେ ହେଉଥିବା ବୈଜ୍ଞାନିକମାନେ ଆଶା କରୁଥିଲେ ତାହାଠାରୁ ଯଥେଷ୍ଟ ଦ୍ରୁତଗତିରେ ଏହା ବଦଳୁଥିବା ରିପ୍ପଲ୍ ସୂଚନା ଦେଇଛନ୍ତି। ବିଶ୍ୱ ତାପମାତ୍ରାକୁ ହ୍ରାସ କରିବାକୁ ହେଲେ ତୁରନ୍ତ ଶକ୍ତି, ସ୍ୱଳ୍ପମିଆଦୀ ପ୍ରଦୂଷକ, ପ୍ରକୃତି, ଖାଦ୍ୟ, ଅର୍ଥନୀତି ଓ ଜନସଂଖ୍ୟା କ୍ଷେତ୍ରରେ ପଦକ୍ଷେପ ନେବାକୁ ହେବ ବୋଲି ଓଏସ୍‌ୟୁ ପ୍ରଫେସର ରିପ୍ପଲ ଏବଂ କ୍ରିଷ୍ଟୋଫର ୱୁଲ୍ଫଙ୍କ ନେତୃତ୍ୱରେ ବିଶ୍ୱ ବୈଜ୍ଞାନିକମାନଙ୍କ ସଂଘ ମତ ପ୍ରକାଶ କରିଛି।

ଗବେଷଣାରୁ ଜଣାପଡ଼ିଛି, ଜନସଂଖ୍ୟା ବୃଦ୍ଧି ସହ ସମସ୍ତଙ୍କୁ ପର୍ଯ୍ୟାପ୍ତ ଖାଦ୍ୟ ଓ ଶକ୍ତି ଯୋଗାଇଦେବା ପାଇଁ ଆମେ ପ୍ରକୃତିର ଶୋଷଣ କରିଚାଲିଛୁ, ଯାହା ପରିବେଶର ଗୁରୁତର କ୍ଷତି କରୁଛି ବୋଲି ଦିଲ୍ଲୀ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ଜ୍ଞାନପ୍ରକାଶ ଶର୍ମା କହିଛନ୍ତି। ସେ ମଧ୍ୟ ଉକ୍ତ ଘୋଷଣାନାମାର ଅନ୍ୟତମ ସ୍ୱାକ୍ଷରକାରୀ। ଜଳବାୟୁ ପରିବର୍ତ୍ତନର ପ୍ରଭାବ ଭାରତରେ ସ୍ପଷ୍ଟ ପରିଲକ୍ଷିତ ହୋଇଛି। ଯାହା ଫଳରେ ମୌସୁମୀ ସମେତ ପରିବେଶ ଢାଞ୍ଚାରେ ମଧ୍ୟ ବ୍ୟାପକ ପରିବର୍ତ୍ତନ ଦେଖାଦେଇଛି। ଏଥିପାଇଁ କୃଷି ପଦ୍ଧତି ବଦଳାଇବାକୁ ପଡିଥିବା ଶର୍ମା କହିଛନ୍ତି। ଜଳବାୟୁ ପରିବର୍ତ୍ତନକୁ ରୋକିବାକୁ ହେଲେ ବିଶ୍ୱ ସମାଜର କାର୍ଯ୍ୟଧାରାରେ ଭିନ୍ନତା ଆଣିବାକୁ ହେବ ବୋଲି ଉକ୍ତ ପ୍ରବନ୍ଧରେ ଉଲ୍ଲେଖ କରାଯାଇଛି। ଏକ ଦୀର୍ଘସ୍ଥାୟୀ ତଥା ନ୍ୟାୟସଙ୍ଗତ ଭବିଷ୍ୟତ ଗଠନ ଲାଗି ନୀତି ନିର୍ଦ୍ଧାରକମାନଙ୍କୁ ସହାୟତା କରିବା ଲାଗି ଆମେ ପ୍ରସ୍ତୁତ ବୋଲି ବୈଜ୍ଞାନିକ ସଂଘ କହିଛନ୍ତି। ମାନବ ସମାଜ ପାଇଁ ବଡ଼ ବିପଦ ଦେଖାଦେଇଥିଲାବେଳେ ଏନେଇ ସତର୍କ କରାଇବା ବୈଜ୍ଞାନିକମାନଙ୍କର ନୈତିକ କର୍ତ୍ତବ୍ୟ ବୋଲି ସିଡ୍‌ନୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଥୋମାସ୍ ନ୍ୟୁସମ୍ କହିଛନ୍ତି। ଉପଲବ୍ଧ ତଥ୍ୟ ଅନୁଯାୟୀ ଆମେ ଜଳବାୟୁ ଜରୁରୀ ପରିସ୍ଥିତିର ସମ୍ମୁଖୀନ ହେବାକୁ ଯାଉଥିବାର ସ୍ପଷ୍ଟ ସୂଚନା ମିଳୁଛି ବୋଲି ସେ ମତ ଦେଇଛନ୍ତି।

ଜଳବାୟୁ ବଦଳୁଥିବାର ସୂଚନା ମିଳିବା ପରେ ୪୦ ବର୍ଷ ତଳେ ପ୍ରଥମ ବିଶ୍ୱ ଜଳବାୟୁ ସମ୍ମିଳନୀ ୧୯୭୯ରେ ଜେନେଭାରେ ଅନୁଷ୍ଠିତ ହୋଇଥିଲା। ଇତିମଧ୍ୟରେ ଅନେକ ବିଶ୍ୱ ସମ୍ମିଳନୀ ହୋଇଛି ଏବଂ ଏଦିଗରେ ତ୍ୱରିତ୍ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ନେଇ ସମସ୍ତେ ସହମତ ହୋଇଛନ୍ତି। ବିଶ୍ୱ ସ୍ତରରେ ଶିଶୁ ଜନ୍ମହାର ହ୍ରାସ ପାଇଥିବା ଏକ ଭଲ ସୂଚନା। ତେବେ ବ୍ରାଜିଲ୍‌ରେ ଆମାଜନ ଅଞ୍ଚଳରେ ଜଙ୍ଗଲ କ୍ଷୟ ବଢ଼ିଚାଲିବା ଚିନ୍ତାଜନକ ହୋଇଛି। ସେହିପରି ଭୂପୃଷ୍ଠ ଓ ସମୁଦ୍ରର ତାପ ବଢ଼ିବା ସହ ଉପକୂଳ ଅଞ୍ଚଳରେ ପ୍ରାକୃତିକ ବିପର୍ଯ୍ୟୟ, ସମୁଦ୍ର ସ୍ତର ବୃଦ୍ଧି, ସମୁଦ୍ର ଜଳରେ ଅମ୍ଳତା ବଢ଼ିବା ଓ ଜଙ୍ଗଲ ନିଆଁ ବଢ଼ିଚାଲିଛି। ମେରୁ ବରଫ ଦ୍ରୁତବେଗରେ ତରଳିବା ଫଳରେ ସମୁଦ୍ରର ଜଳସ୍ତର ବଢ଼ିଚାଲିଛି। ତେଣୁ ଜଳବାୟୁ ପରିବର୍ତ୍ତନ ବିରୋଧରେ ଜରୁରୀ ପଦକ୍ଷେପ ଆବଶ୍ୟକ ବୋଲି ମତପ୍ରକାଶ ପାଇଛି।




- ମେରୁ ବରଫ ଦ୍ରୁତବେଗରେ ତରଳିବାରୁ ସମୁଦ୍ରର ଜଳସ୍ତର ବଢ଼ୁଛି
- ତୁରନ୍ତ ପଦକ୍ଷେପ ନେବାକୁ ପରାମର୍ଶ
- ସ୍ୱାକ୍ଷରକାରୀଙ୍କ ମଧ୍ୟରେ ଭାରତର ୬୯ ବୈଜ୍ଞାନିକ

# ନାବାଳକଙ୍କୁ ସାବାଳକ ସଜାଇଲା ପୋଲିସ

ନୟାଗଡ଼ ଅଫିସ,୬।୧୧

ନୟାଗଡ଼ ଜିଲା ଓଡ଼ଗାଁ ପୋଲିସ ଜଣେ ନାବାଳକଙ୍କୁ ସାବାଳକ ଦର୍ଶାଇ ଜେଲ୍‌କୁ ପଠାଇଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ନାବାଳକ ୩ମାସ ହେଲା ଖୁଣ୍ଟୁବନ୍ଧସ୍ଥିତ ଉପକାରାଗାରରେ ରହି ଆସୁଛନ୍ତି। ଜଣେ ନାବାଳକ ଅଭିଯୁକ୍ତଙ୍କୁ ସ୍ୱଧାରଗୃହ ପରିବର୍ତ୍ତେ ସାବାଳକ ଦର୍ଶାଇ ଜେଲକୁ କିପରି ପଠାଗଲା ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘଟଣା ପୋଲିସ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି।

ଓଡ଼ଗାଁ ଥାନା ବନ୍ଧସାହି ଗ୍ରାମର ସମ୍ପୃକ୍ତ ୧୭ ବର୍ଷୀୟ ନାବାଳକଙ୍କୁ ଗତ ଅଗଷ୍ଟ ୨୫ରେ ପୋଲିସ ଏକ ଚୋରି ମାମଲାରେ ଗିରଫ କରିଥିଲା। ତାଙ୍କୁ କୋର୍ଟ ଚାଲାଣ ପରେ ଜେଲକୁ ପଠାଇ ଦିଆଯାଇଥିଲା। ଜିଲା କିଶୋର ନ୍ୟାୟ ପରିଷଦର ସଦସ୍ୟ କିଶୋର ଚନ୍ଦ୍ର ମହାପାତ୍ର କିଛିଦିନ ତଳେ ଉପକାରାଗାରକୁ ପରିଦର୍ଶନରେ ଯାଇଥିବାବେଳେ ଘଟଣା ପଦାକୁ ଆସିଥିଲା। ଏ ନେଇ ନାବାଳକଙ୍କ ପରିବାର ସହିତ ଆଲୋଚନା କରାଯିବା ପରେ ତାଙ୍କ ମା' ସାର୍ଟିଫିକେଟ ଦେଖାଇଥିଲେ, ଯେଉଁଥିରେ ନାବାଳକଙ୍କ ଜନ୍ମ ତାରିଖ ୨୦୦୨ ଫେବୃୟାରୀ ୫ ବୋଲି ଦର୍ଶାଯାଇଛି। ଏଥିରୁ ତାଙ୍କୁ ୧୭ବର୍ଷ ହୋଇଥିବା ସ୍ପଷ୍ଟ ହୋଇଥିଲା। ଏହାପରେ କିଶୋର ନ୍ୟାୟ ପରିଷଦ ଓଡ଼ଗାଁ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ (ଜେଏମ୍‌ଏଫ୍‌ସି)କୁ ମାମଲାର ତଦନ୍ତ କରିବାକୁ ଅନୁରୋଧ କରିଛନ୍ତି।

ନାବାଳକଙ୍କ ମା'ଙ୍କ କହିବା କଥା, ଏକ ଚୋରି ମାମଲାରେ ଅଭିଯୁକ୍ତ ଦର୍ଶାଇ ପୁଅକୁ ପୋଲିସ ଉଠାଇ ନେଇଥିଲା। ପ୍ରତିବାଦ କରିବା ସତ୍ତ୍ୱେ କେହି ଶୁଣି ନ ଥିଲେ। ଓଲଟି ତାଙ୍କୁ ଜେଲ୍ ପଠାଇଦେବାକୁ ଧମକ ଦେଇଥିଲେ। ନାବାଳକ ପୁଅକୁ ଉପଯୁକ୍ତ ନ୍ୟାୟ ଦେବାକୁ ସେ ଦାବି କରିଛନ୍ତି। ଜିଲା କିଶୋର ନ୍ୟାୟ ପରିଷଦର ସଦସ୍ୟ କିଶୋର ଚନ୍ଦ୍ର ମହାପାତ୍ର କୁହନ୍ତି, ସମ୍ପୃକ୍ତ ନାବାଳକଙ୍କ ବିଷୟରେ ଜାଣିବା ପରେ ଜେଏମ୍‌ଏଫ୍‌ସିଙ୍କୁ ଏହାର ତଦନ୍ତ କରିବାକୁ ଅନୁରୋଧ କରାଯାଇଛି। ଅନ୍ୟପଟେ ତଦନ୍ତ ସମୟରେ ଆଧାର କାର୍ଡରୁ ପିଲାର ବୟସ ୨୦ବର୍ଷ ବୋଲି ଜଣାପଡ଼ିଥିଲା। ଏହାପରେ ଭାରପ୍ରାପ୍ତ ଥାନାଧିକାରୀ ତାଙ୍କୁ ଗିରଫ କରି ଜେଲକୁ ପଠାଇ ଦେଇଥିବା ଜଣେ ପୋଲିସ କର୍ମଚାରୀ କହିଛନ୍ତି।

**୩ ମାସ ହେଲାଣି ରହି ଆସୁଛନ୍ତି ଜେଲ୍‌ରେ**

ଜିଲ୍ଲା ଖଣିଜ ପ୍ରତିଷ୍ଠାନ, ସୁନ୍ଦରଗଡ଼
District Mineral Foundation

OPPORTUNITY FOR DOCTORS TO SAVE LIVES

District Mineral Foundation (DMF), Sundargarh, a statutory body Established for the welfare and sustainable development of mining affected communities, is looking for passionate and dedicated doctors to provide health services across various health institutions (DHH/ RGH/ SDH/ CHCs) in Sundargarh District on Monthly basis/ per Day basis.

REQUIREMENT OF DOCTORS (113 POSTS)
Specialists in Medicine (11) / Surgery (3) / O&G (4) / Paediatrics (14) / Anesthesia (2) / Orthopedics (21) / and MBBS (58)

Quote Your Fee
We are willing to negotiate & Pay

Last Date for Application Submission
22nd NOVEMBER 2019
Interview Date: 23rd NOVEMBER 2019

For More Information, Please Visit www.sundergarh.nic.in/notices/Recruitment
dmfsundergarh@gmail.com 7438960549, 7978519049

# ୨ରେ ଓଡ଼ିଶା ଡାକଲେଖା କାର୍ଯ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ



ଭୁବନେଶ୍ୱର,୬।୧୧(ବ୍ୟୁରୋ): ଓଡ଼ିଶା ଡାକଲେଖା କାର୍ଯ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଆସନ୍ତା ଡିସେମ୍ବର ୨ରେ କଟକସ୍ଥିତ ଡାକଲେଖା ଭବନଠାରେ ଅନୁଷ୍ଠିତ ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ ବୁଧବାର ଡାକଲେଖା ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମାରୋହର ସଫଳ ଆୟୋଜନ ପାଇଁ ବିଭିନ୍ନ କମିଟି ଗଠନ ହେବାସହ କାର୍ଯ୍ୟାଳୟର ସମସ୍ତ ପୂର୍ବତନ କର୍ମଚାରୀ ଏବଂ ଅବସରପ୍ରାପ୍ତ କର୍ମଚାରୀଙ୍କୁ କାର୍ଯ୍ୟକ୍ରମରେ ସାମିଲ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏହି ଅବସରରେ ଡାକଲେଖା କାର୍ଯ୍ୟାଳୟରୁ ସେବା ନିବୃତ୍ତ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବ। ରାଜ୍ୟପାଳ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଡାକ ବିଭାଗର ବରିଷ୍ଠ ଏବଂ ଉଚ୍ଚ ଅଧିକାରୀଙ୍କୁ ନିମନ୍ତ୍ରିତ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ପ୍ରସ୍ତୁତ ବୈଠକରେ ଡାକଲେଖା ଉପ ନିର୍ଦ୍ଦେଶକ ଦେବାଶିଷ ଜେନା, ସହକାରୀ ମୁଖ୍ୟ ଲେଖା ଅଧିକାରୀ ରବୀନ୍ଦ୍ରନାଥ ପଟ୍ଟନାୟକ, ବରିଷ୍ଠ ଲେଖା ଅଧିକାରୀ ହେମନ୍ତ କୁମାର ସାହୁ, ଧନେଶ୍ୱର ସାମଲ, ଲେଖା ଅଧିକାରୀ ସୁରେନ୍ଦ୍ରନାଥ ଦାଶ, ସହାୟକ ଲେଖା ଅଧିକାରୀ ଗଦାଧର ରଥ, ସ୍ୱାତିଲୀନା ଜେନା, ଶୁଭେନ୍ଦୁ ନସ୍କର, ଡାକ ଲେଖା ଚିତ୍ତବିନୋଦନ କ୍ଲବ ସମ୍ପାଦକ ଚିତ୍ତରଞ୍ଜନ ସୁବୁଦ୍ଧି ଏବଂ ବରିଷ୍ଠ ଲେଖାକାର ଜ୍ଞାନନନ୍ଦ ହୋତା ପ୍ରମୁଖ ଉପସ୍ଥିତ ଥିଲେ।

**ବଢୁଛି ସାଇବର କ୍ରାଇମ୍**

# ଆଇଆରଡିଏ ଅଧିକାରୀ ପରିଚୟ ଦେଇ ୧୭ ଲକ୍ଷ ଟଙ୍କା ଠକେଇ

ଗୋପାଳପୁର,୬।୧୧

ଆଇଆରଡିଏ (ଇନ୍‌ସ୍ୟୁରାନ୍ସ ରେଗୁଲେଟାରି ଆଣ୍ଡ ଡେଭଲପ୍‌ମେଣ୍ଟ ଅଥରିଟି)ର ଅଧିକାରୀ ପରିଚୟ ଦେଇ ଅନ୍‌ଲାଇନ୍‌ରେ ଗଞ୍ଜାମ ଜିଲା ଗୋପାଳପୁର ଥାନା ଡୁରା ଗ୍ରାମର ଜଣେ ବ୍ୟକ୍ତିଙ୍କଠାରୁ ୧୭ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ ହୋଇଥିବା ଅଭିଯୋଗ ହୋଇଛି। ଏହାର ଶିକାର ହୋଇଛନ୍ତି ଶକ୍ତି କୁମାର ପାତ୍ର। ମଙ୍ଗଳବାର ଗୋପାଳପୁର ଥାନାଧିକାରୀ ବିବେକାନନ୍ଦ ମହନ୍ତ ଠକେଇର ତଦନ୍ତ ଚଳାଇଥିବା ବେଳେ ଶକ୍ତିଙ୍କ ବାପା ବ୍ରହ୍ମପୁର ସାଇବର ଥାନାରେ ଅଭିଯୋଗ କରିବେ ବୋଲି କହିଛନ୍ତି।

୨୦୧୩ରେ ଶକ୍ତିଙ୍କ ନାଁରେ ତାଙ୍କ ବାପା ବିର୍ଲା ସନ୍ ଲାଇଫ୍ ଇନ୍‌ସ୍ୟୁରାନ୍ସରେ ଏକ ପଲିସି କରିଥିଲେ। ୨୦୧୫ରେ ଜଣେ ବ୍ୟକ୍ତି ତାଙ୍କ ବାପାଙ୍କୁ ଫୋନ କରି ଆଇଆରଡିଏର ଅଧିକାରୀ ବୋଲି ପରିଚୟ ଦେଇଥିଲେ। ବିର୍ଲା ସନ୍ ଲାଇଫ ଇନ୍‌ସ୍ୟୁରାନ୍ସର ବିବରଣୀ ଦେବା ସହ ଉକ୍ତ ପଲିସିରେ ୨ ଲକ୍ଷ ୪୫ ହଜାର ଟଙ୍କା ବୋନସ ଆସିଛି, ଏଥିରେ ଇନକମ୍ ଟ୍ୟାକ୍ସ ଲାଗିବ ବୋଲି କହିଥିଲେ। ଏଥିରୁ ମୁକ୍ତି ପାଇବାକୁ ହେଲେ ଅନ୍ୟ ଏକ ଇନ୍‌ସ୍ୟୁରାନ୍ସ କରିବାକୁ କହି ଏକ ଆକାଉଣ୍ଟ ନମ୍ବର ତାଙ୍କୁ ଦେଇଥିଲେ। ଏହା ଶୁଣି ତାଙ୍କ ବାପା ଉକ୍ତ ଆକାଉଣ୍ଟ ନମ୍ବରରେ ୪୫ ହଜାର ଟଙ୍କା ଜମା କରିଥିଲେ। ପରେ ଉକ୍ତ ଇନ୍‌ସ୍ୟୁରାନ୍ସର ଏକ ନକଲ ଘରେ ପହଞ୍ଚିଥିଲା, କିନ୍ତୁ ବୋନସ ଟଙ୍କା ଆସିନଥିଲା। ପୁଣି ଉକ୍ତ ବ୍ୟକ୍ତି ଫୋନ କରି ତାଙ୍କ ବାପାଙ୍କୁ ଇନ୍‌କମ୍ ଟ୍ୟାକ୍ସ ଭରିବା ପାଇଁ କହି ଆକାଉଣ୍ଟ ଓ ଫୋନ ନମ୍ବର ଦେଇଥିଲେ। ଏଥିରେ ମଧ୍ୟ ତାଙ୍କ ବାପା ୧୯ ହଜାର ଟଙ୍କା ପୈଠ କରିଥିଲେ। ପରେ ବିର୍ଲା ସନ୍ ଲାଇଫ୍ ଇନ୍‌ସ୍ୟୁରାନ୍ସର ଏମ୍‌ଡି ପରିଚୟ ଦେଇ ଫୋନ ଆସିଥିଲା। ବୋନସ ଟଙ୍କା ପାଇବା ପାଇଁ ଏକ ଆକାଉଣ୍ଟ ନମ୍ବରରେ ଟଙ୍କା ପଠାଇବାକୁ କୁହାଯାଇଥିଲା। ସେହି ଆକାଉଣ୍ଟ ନମ୍ବରରେ ମଧ୍ୟ ତାଙ୍କ ବାପା ଟଙ୍କା ଜମା କରିଥିଲେ। ଏପରି ୨୦୧୫ରୁ ୨୦୧୭ ମଧ୍ୟରେ ୨୫ଟି ବ୍ୟାଙ୍କ ଆକାଉଣ୍ଟରେ ୧୭ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଶକ୍ତିଙ୍କ ବାପା ଜମା କରିଥିଲେ। କିଛି ଦିନ ପରେ ଶକ୍ତିଙ୍କ ବାପା କଲ ଆସିଥିବା ନମ୍ବରକୁ ଫୋନ କରିବାରୁ ତାହା ସୁଇଚ୍ ଅଫ୍ କହିବାରୁ ଏ ନେଇ ଅନ୍‌ଲାଇନରେ ପୋଲିସର ଉଚ୍ଚ ପଦାଧିକାରୀଙ୍କୁ ଅଭିଯୋଗ କରିଥିଲେ। ମଙ୍ଗଳବାର ଉକ୍ତ ଅଭିଯୋଗକୁ ଗୋପାଳପୁର ଥାନାଧିକାରୀ ପାଇ ଶକ୍ତିଙ୍କ ବାପାଙ୍କୁ ଡାକି ବିଭିନ୍ନ ଡକ୍ୟୁମେଣ୍ଟ ଯାଞ୍ଚ କରିଥିଲେ।




**ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
(ଭାରତ ସରକାରଙ୍କ ଏକ ଉପକ୍ରମ)
କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର, ପ୍ଲଟ୍ ନଂ.: ୧୦୮-ବି, ୟୁନିଟ୍-୭, ପ୍ରଥମ ମହଲା, ସୂର୍ଯ୍ୟନଗର, ଗୋପବନ୍ଧୁ ଛକ, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୩, ଇମେଲ୍ : recoverybhubro@centralbank.co.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

"ପରିଶିଷ୍ଟ-୪-ଏ" [ରୁଲ୍ ୮(୬) ଦ୍ରଷ୍ଟବ୍ୟ)] (ସ୍ଥାବର ସମ୍ପତ୍ତିଗୁଡିକ ବିକ୍ରୟ ନିମନ୍ତେ ବିକ୍ରୟ ନୋଟିସ୍)
ଅମାନତ ଜମା ରାଶି ଏବଂ କାଗଜାତ୍ ଦାଖଲ କରିବାର ଅନ୍ତିମ ତାରିଖ: ତା.୧୯.୧୧.୨୦୧୯ରିଖ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ
ଇ-ନିଲାମ ତାରିଖ ଏବଂ ସମୟ: ତା.୨୧.୧୧.୨୦୧୯ରିଖ ପୂର୍ବାହ୍ନ ୧୧.୩୦ ଘଟିକାରୁ ଅପରାହ୍ନ ୧୨.୩୦ ଘଟିକା ମଧ୍ୟରେ ବିକ୍ରୟ ସମାପ୍ତ ପର୍ଯ୍ୟନ୍ତ ସ୍ୱତଃ ୫ ମିନିଟ୍ ବର୍ଦ୍ଧିତ ସମୟ ସହିତ

ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତି ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ନୋଟିସ୍। ଏତଦ୍ୱାରା ବିଶେଷ ଭାବେ ଋଣଗ୍ରହୀତା (ମାନଙ୍କୁ) ଓ ଗ୍ୟାରେଣ୍ଟିଦାତା (ମାନଙ୍କୁ) ଏବଂ ସର୍ବସାଧାରଣଙ୍କୁ ସମୂହ ଭାବେ ଜଣାଇଦିଆଯାଉଛିକି ନିମ୍ନଦର୍ଶିତ ସ୍ଥାବର ସମ୍ପତ୍ତି ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ରହିଛି। ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର (ସୁରକ୍ଷିତ ଋଣଦାତା)ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଉକ୍ତ ସମ୍ପତ୍ତି ଭୌତିକ ଦଖଲ ନିଆଯାଇଛି, ଯାହାକୁ କି **ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଚନ୍ଦ୍ରଶେଖରପୁର ଶାଖା** (ସୁରକ୍ଷିତ ଋଣଦାତା)ଙ୍କର ବକେୟା ଋଣରାଶି: **ତା.୩୧.୦୫.୨୦୧୪ରିଖ ସୁଦ୍ଧା ଟ.୧୩,୦୦,୩୨,୪୦୩.୦୦** + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ପରବର୍ତ୍ତୀ ସୁଧ **ମେସର୍ସ ସ୍ୱର୍ଣ୍ଣ ହସ୍ପିଟାଲ୍ ପ୍ରା. ଲିଃ. (ପରିଚାଳନା ନିର୍ଦ୍ଦେଶକ: ଡଃ. ଚିତ୍ତ ରଞ୍ଜନ ଦାସ, ନିର୍ଦ୍ଦେଶକମାନେ : ଶ୍ରୀମତୀ ସୁଚିତ୍ରା ଦାସ ଏବଂ କ୍ୟାପଟେନ୍ ରାଜକିରନ୍ ଜଗନ୍ନାଥ ସେଠୀ)**ଙ୍କ ଠାରୁ ଆଦାୟ କରିବା ପାଇଁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି"** ଏବଂ **"ସେଠାରେ ଯାହା ଅଛି"** ଭିତ୍ତିରେ **ତା.୨୧.୧୧.୨୦୧୯ରିଖରେ** ସମ୍ପତ୍ତି ବିକ୍ରି କରାଯିବ।

**ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ: ଟ.୧୯,୭୪,୦୦,୦୦୦.୦୦ (ଉଣେଇଶି କୋଟି ଚଉସ୍ତରୀ ଲକ୍ଷ ଟଙ୍କା ମାତ୍ର) ଏବଂ ଅମାନତ ଜମା ରାଶି : ଟ.୧,୯୭,୪୦,୦୦୦.୦୦ (ଏକ କୋଟି ସତାନବେ ଲକ୍ଷ ଚାଳିଶ ହଜାର ଟଙ୍କା ମାତ୍ର)**

**(ସମ୍ପତ୍ତିର ସଂକ୍ଷିପ୍ତ ବିବରଣୀ ସହିତ ଜ୍ଞାତ ଥିବା ଏନ୍‌କମ୍ବ୍ରାନ୍‌ସେସ୍, ଯଦି ଥାଏ)**
ପ୍ଲଟ୍ ନଂ.: ସି-୧, ଡ୍ରଇଂ ନଂ.: ବି-୧୧୯୫, ପରିମିତ କ୍ଷେତ୍ର: ୯୨'x୧୦୫', ଅନୁରୂପ ରେଭିନ୍ୟୁ ପ୍ଲଟ୍ ନଂ.: ୨୮୨ (ଅଂଶ), ଖାତା ନଂ.: ୧୪୨୭, ମୌଜା: ଜୟଦେବ ବିହାର, ୟୁନିଟ୍ ନଂ.: ୧୬, ଥାନା: ନିଉ କ୍ୟାପିଟାଲ୍ ନଂ.: ୩୩, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏହାର ଚତୁଃପାର୍ଶ୍ୱରେ ପୂର୍ବ: ରେଭିନ୍ୟୁ ପ୍ଲଟ୍ ନଂ.: ୨୮୪, ପଶ୍ଚିମ: ରେଭିନ୍ୟୁ ପ୍ଲଟ୍ ନଂ.: ୨୮୨(ଅଂଶ), ଉତ୍ତର: ରେଭିନ୍ୟୁ ପ୍ଲଟ୍ ନଂ.: ୨୮୨(ଅଂଶ), ଦକ୍ଷିଣ: ରେଭିନ୍ୟୁ ପ୍ଲଟ୍ ନଂ.: ୨୮୨(ଅଂଶ)।
**ସ୍ୱର୍ଣ୍ଣ ହସ୍ପିଟାଲ୍‌ର ବିଲ୍ଡିଂ ସହିତ ସେଠାରେ ସ୍ଥାପନ କରାଯାଇଥିବା / ରଖାଯାଇଥିବା ମେଡିକାଲ/ଇଲେକ୍ଟ୍ରିକାଲ୍ ସରଞ୍ଜାମ ଏବଂ ଆନୁସଙ୍ଗିକ ଉପକରଣ ଓ ଆସବାବ ପତ୍ର ଏବଂ ସଂଲଗ୍ନ ଉପକରଣ ଫର୍ଣ୍ଣିଚର ଏବଂ ଫିକଚର୍ସ ଇତ୍ୟାଦି ସହିତ ସେଠାରେ ଥିବା ସମସ୍ତ ଜିନିଷ।**

**ସୁରକ୍ଷିତ ଋଣଦାତାଙ୍କୁ ଜ୍ଞାତ ଥିବା ଏନ୍‌କମ୍ବ୍ରାନ୍‌ସେସ୍ :**
ସଫଳ ନିଲାମ କ୍ରେତାଙ୍କୁ ସମ୍ପତ୍ତି ହସ୍ତାନ୍ତରିତ ପୂର୍ବରୁ ଓଡିଶା ସରକାରଙ୍କ ଜି.ଏ. ଡିପାର୍ଟମେଣ୍ଟକୁ ୨୦୦% ଅନୁମତି ଫି ଅର୍ଥାତ୍ **ଟ.୬,୬୫,୨୮,୯୨୬.୦୦ (ଛଅ କୋଟି ପଞ୍ଚଷଠି ଲକ୍ଷ ଅଠେଇଶି ହଜାର ନଅ ଶହ ଛବିଶ ଟଙ୍କା ମାତ୍ର)****

ଉପରଦର୍ଶିତ ସମ୍ପତ୍ତି ଏବଂ ହସ୍ପିଟାଲ୍ ସରଞ୍ଜାମ ଇତ୍ୟାଦି ମଧ୍ୟ ପାରି-ପାଶୁ ଭିତ୍ତିରେ **ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କ ଲିଃ., ଅଶୋକ ନଗର ଶାଖା, ଭୁବନେଶ୍ୱର ଏବଂ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖା** କମ୍ପାନୀକୁ ସେମାନଙ୍କ ଦ୍ୱାରା ଦିଆଯାଇଥିବା ଋଣ ଅଗ୍ରୀମ ପାଇଁ ବନ୍ଧକ / ଚାର୍ଜରେ ରହିଛି। **ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କ ଲିଃ.**କୁ ଦେବାକୁ ଥିବା ଦେୟ ପରିମାଣ **ତା.୩୧.୧୨.୨୦୧୪ରିଖ ସୁଦ୍ଧା ଟ.୩,୦୬,୨୯,୨୮୫.୦୦** ଏବଂ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**କୁ ଦେବାକୁ ଥିବା ଦେୟ ପରିମାଣ **ତା.୧୨.୦୯.୨୦୧୪ରିଖ ସୁଦ୍ଧା ଟ.୮,୯୪,୪୪,୩୬୩.୦୦** ଯୁକ୍ତ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ । ବିଡ୍ ରାଶି / ବିକ୍ରୟ ମୂଲ୍ୟ ଏହି ତିନି ଗୋଟି ବ୍ୟାଙ୍କ ଦ୍ୱାରା ଆନୁପାତିକ ଭିତ୍ତିରେ ବଣ୍ଟନ କରାଯିବ।

**ଓଡିଶା ସରକାର ନିମ୍ନଲିଖିତ ନିୟମ ଏବଂ ସର୍ତ୍ତାବଳୀ ଅନୁଯାୟୀ ଲିଜ୍ ହୋଲ୍ଡ ବନ୍ଧକ ସମ୍ପତ୍ତିକୁ ନିଲାମ ପାଇଁ ଅନୁମତି ଦେଇଛନ୍ତି:**
୧) ପଟ୍ଟାଦାତାଙ୍କ ପ୍ରତିନିଧି ଉପସ୍ଥିତିରେ ନିଲାମ କରାଯିବ ଏବଂ କଥିତ ସମ୍ପତ୍ତି ବିକ୍ରୟ ହୋଇଗଲେ କ୍ରେତା ଏକ ନୂତନ ରାଜିନାମାର ଦଲିଲ ପଟ୍ଟାଦାତା (ସରକାର)ଙ୍କ ସହିତ ସମ୍ପାଦନ କରିବେ, ଯେଉଁଥିରେ ମୂଳ ଲିଜ୍‌ରେ ଥିବା ନିୟମ ଏବଂ ସର୍ତ୍ତାବଳୀ ଲିଜ୍‌ର ଅବଶିଷ୍ଟ ସମୟ ଯାହା **ତା.୨୩.୧୧.୨୦୯୪ରିଖ** ପର୍ଯ୍ୟନ୍ତ ପାଳନ ହେବ ଏବଂ ପ୍ରଥମରୁ ଯେଉଁଥିପାଇଁ ଲିଜ୍ ମଞ୍ଜୁର କରାଯାଇଥିଲା ସେହି ଉଦ୍ଦେଶ୍ୟରେ ଏହା ବ୍ୟବହାର କରାଯିବ।
୨) ଉପରଦର୍ଶିତ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ସମ୍ପତ୍ତିର ନିଲାମ କରାଯିବ ଏବଂ ସଫଳ ନିଲାମଧାରୀ କ୍ରେତା ୨୦୦% ସହମତି ଫି ଯାହା **ଟ.୬,୬୫,୨୮,୯୨୬/-** ଅମାନତ ରାଶି ଦାଖଲ କରିବାର **୨୪ ଘଣ୍ଟା ମଧ୍ୟରେ** ପଇଠ କରିବେ, ଯାହା ଦେୟ ଆଦାୟ ପାଇଁ ସର୍ବୋଚ୍ଚ ନିଲାମଧାରୀଙ୍କୁ ସମ୍ପତ୍ତି ହସ୍ତାନ୍ତର କରିବା ପୂର୍ବରୁ ସରକାରଙ୍କୁ ପଇଠ କରାଯିବ।
୩) ଆର୍ଥିକ ସଂସ୍ଥାଗୁଡିକ ଦ୍ୱାରା ବକେୟା ଦେୟ ଆଦାୟ ପରେ ବଳକା ରାଶି ପଟ୍ଟାଧାରୀଙ୍କୁ ପଇଠ କରାଯିବ ।
୪) ସଂସ୍ଥା / ବ୍ୟକ୍ତିବିଶେଷ / କମ୍ପାନୀ ଯେଉଁମାନେ ରାଜଧାନୀ ଭୁବନେଶ୍ୱରରେ ଜମି ଲିଜ୍ ପାଇବା ପାଇଁ ଥିବା ସରକାରଙ୍କ ନୀତି ଅନୁଯାୟୀ ଯୋଗ୍ୟ ସେମାନେ କେବଳ ନିଲାମ ବିକ୍ରୟରେ ଅଂଶଗ୍ରହଣ କରିପାରିବେ, ଯାହାକି ନିଲାମ ପୂର୍ବରୁ ପଟ୍ଟାଦାତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ସ୍ଥିର କରାଯିବ। ସେମାନଙ୍କୁ ଉପରୋକ୍ତ ବିଷୟ ଉପରେ ନିଜର /ସେମାନଙ୍କର ସନ୍ତୁଷ୍ଟି ମୁତାବକ ଆଫିଡେଭିଟ୍ ପ୍ରଦାନ କରିବାକୁ ହେବ ଏବଂ ଯଦି ପରବର୍ତ୍ତୀ ପର୍ଯ୍ୟାୟରେ ଦଲିଲ୍ ସମ୍ପାଦନ ପୂର୍ବରୁ କଥିତ ନିଲାମ କ୍ରେତା ନିଜର ଯୋଗ୍ୟତା ବିଷୟରେ କିଛି ତଥ୍ୟ ଗୋପନ ରଖିଥିବା କଥା ଜଣାପଡେ, ନିଲାମକୁ ବାତିଲ କରାଯିବ ଏବଂ ତଥା କଥିତ କ୍ରେତାଙ୍କର ଏହି ନିଲାମ ଉପରେ ଏବଂ ନିଲାମ ହୋଇଥିବା ସ୍ଥାବର ସମ୍ପତ୍ତି ଉପରେ କୌଣସି ଦାବୀ ରହିବ ନାହିଁ। ଏହି ପରିପ୍ରେକ୍ଷୀରେ ପୁଣି ନିଲାମ କରାଯିବ।
୫) ପଟ୍ଟାଦାତା ରାଜ୍ୟ କଥିତ ସମ୍ପତ୍ତି ଉପରେ ଅଗ୍ରାଧିକାର ଅଧିକାରକୁ ସଂରକ୍ଷିତ ରଖିଛନ୍ତି।
୬) ମୂଳ ଲିଜ୍ ଦଲିଲ୍‌ରେ ଦର୍ଶାଯାଇଥିବା ନିୟମ ଓ ସର୍ତ୍ତାବଳୀ ସହିତ ନିଲାମର କ୍ରେତାଙ୍କ ସହିତ ଲିଜ୍ ଅବଧିର ଅବଶିଷ୍ଟ ସମୟ ଯାହା **ତା.୨୩.୧୧.୨୦୯୪ରିଖ** ପର୍ଯ୍ୟନ୍ତ ରହିବ।
୭) ଏହି ଅନୁମତି **ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** ଦ୍ୱାରା ଇସ୍ୟୁ କରାଯାଇଥିବା ବ୍ୟାଙ୍କ ଗ୍ୟାରେଣ୍ଟିର ବୈଧତା **ତା.୨୧.୧୧.୨୦୧୯ରିଖ** ପର୍ଯ୍ୟନ୍ତ ବୈଧ ଅଟେ।
୮) ନିଲାମ ପରେ ନିଲାମଧାରୀ କ୍ରେତାଙ୍କୁ ନିଲାମର **୧ ମାସ** ମଧ୍ୟରେ **ତ୍ରିପକ୍ଷ** ଦଲିଲ୍ ସମ୍ପାଦନ କରିବାକୁ ପଡିବ।

** ମାନ୍ୟବର ଉଚ୍ଚ ନ୍ୟାୟାଳୟ କେସ୍- **WP(C) No-17530 of 2017**, ତାରିଖ: ୦୪.୦୯.୨୦୧୭ରେ ମଧ୍ୟବର୍ତ୍ତୀକାଳୀନ ଆଦେଶ ବଳରେ ସଫଳ ନିଲାମ କ୍ରେତା ୨୪ ଘଣ୍ଟା ମଧ୍ୟରେ ୧୦୦% ସହମତି ଫି ଟ.୩,୩୨,୬୪,୪୬୩/- ସହିତ ନିଲାମ ରାଶିର ୨୫% ଯାହା ମଧ୍ୟରେ ଅମାନତ ରାଶି ଅନ୍ତର୍ଭୁକ୍ତ ତାହା ପ୍ରଦାନ କରିବାକୁ ହେବ।
ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ସୁରକ୍ଷିତ ଋଣଦାତାଙ୍କ ୱେବ୍‌ସାଇଟ୍‌ରେ ପ୍ରଦତ୍ତ www.centralbankofindia.co.in ଲିଙ୍କ୍ ଦେଖନ୍ତୁ, ନିଲାମଧାରୀ https://centralbank.auctiontiger.net & https://ibapi.in ଦେଖିପାରିବେ।

**ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮(୬)/ ରୁଲ୍ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍**
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬)/ ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖରେ ଉକ୍ତ ସମ୍ପତ୍ତିକୁ ଇ-ନିଲାମ ବିକ୍ରୟ କରାଯିବ।

ସ୍ଥାନ : ଭୁବନେଶ୍ୱର, ତାରିଖ : ୦୬.୧୧.୨୦୧୯ — କ୍ଷମତାପ୍ରାପ୍ତ ଅଧିକାରୀ, ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

> ଆମେ ଯାହାକୁ ହିନ୍ଦୁ ଧର୍ମ କହୁ– ତାହା ହେଉଛି ପ୍ରକୃତରେ ଶାଶ୍ୱତ ବା ସନାତନ ଧର୍ମ। କାରଣ– ଏହା ହେଉଛି ବିଶ୍ୱଜନୀକ ଧର୍ମ, ଯାହାକି ଅନ୍ୟ ସମସ୍ତ ଧର୍ମକୁ ଆଲିଙ୍ଗନ କରେ। କୌଣସି ଧର୍ମ ଯଦି ବିଶ୍ୱଜନୀନ ନୁହେଁ– ତେବେ ତାହା ସନାତନ ହୋଇ ପାରେନା। – ଶ୍ରୀଅରବିନ୍ଦ



ପରିବେଶ ପରିଚିନ୍ତା

# ଜୀବେ ନିଷ୍ଠୁରତା ଓ ଅପରାଧ

ମାନେକା ଗାନ୍ଧୀ

ଆମର କେତେଜଣ ବିଚାରପତି ଜୀବେ ନିଷ୍ଠୁରତାର ଦେଶ ଉପରେ କି ପ୍ରଭାବ ପଡୁଛି ତାହା ବୁଝିବାକୁ ଆରମ୍ଭ କଲେଣି ଏବଂ ତା' ଉପରେ କାର୍ଯ୍ୟାନୁଷ୍ଠାନ ବି ନେଲେଣି। ପଞ୍ଜାବ ଓ ହରିୟାଣା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ୍ ରାଜୀବ ଶର୍ମା ଜୀବେ ନିଷ୍ଠୁରତା ଉପରେ କେତେକ ଉଚ୍ଚକୋଟୀର ରାୟ ଲେଖିଛନ୍ତି। ନିର୍ଦ୍ଦିଷ୍ଟ ବିଷୟରେ ଭୋପାଳକୁ ତାଲିମ ପାଇଁ ଆସୁଥିବା ବିଚାରପତିମାନଙ୍କୁ ତାହା ପଢ଼ାଯିବା ଉଚିତ। ଶୀଘ୍ର ବିଭିନ୍ନ ମାମଲାର ରାୟ ଶୁଣାଇବାରେ ଜଷ୍ଟିସ୍ ଶର୍ମାଙ୍କର ସୁନାମ ଅଛି ଏବଂ ପ୍ରକୃତି ଓ ପରିବେଶ ପ୍ରତି ସେ ଅତ୍ୟନ୍ତ ସଚେତନ। ଗଙ୍ଗା ଓ ଜୈବମଣ୍ଡଳକୁ ଜୀବନ୍ତ ସତ୍ତା ଭାବେ ମାନ୍ୟତା ଦେବା ପରି ସେ ଅନେକ ଐତିହାସିକ ରାୟ ଶୁଣାଇଛନ୍ତି। ତାଙ୍କର ଆଉ କେତେକ ଐତିହାସିକ ରାୟ ଭିତରେ ଅଛି: ଏତଲାରେ କାହାର ଜାତି ବିଷୟରେ ଉଲ୍ଲେଖ ନ କରିବା, ମୃତ୍ୟୁ ଦଣ୍ଡାଦେଶ ପାଇଥିବା ଅପରାଧୀକୁ ଏକାନ୍ତ କାରାବାସରେ ରଖିବାର ପୁରୁଣା ପରମ୍ପରାର ବିଲୋପ ଏବଂ ଶିକ୍ଷା, ସ୍ୱାସ୍ଥ୍ୟ, ମାନସିକ ସ୍ୱାସ୍ଥ୍ୟ ଆଦି ସମ୍ପର୍କିତ ଆହୁରି ଅନେକ ରାୟ।

ଏବେ ଆସିବା ମୁଖ୍ୟ ବିଚାରପତି ସଞ୍ଜୟ କାରୋଲ ଏବଂ ଜଷ୍ଟିସ୍ ଅରିନ୍ଦମ ଲୋଧାଙ୍କ ରାୟ ପ୍ରସଙ୍ଗକୁ ଯେଉଁମାନେ ତ୍ରିପୁରାର ମନ୍ଦିରଗୁଡ଼ିକରେ ପଶୁବଳିକୁ ନିଷିଦ୍ଧ କରିଛନ୍ତି। ପୂର୍ବତନ ଆଇନ ସେବା ଅଧିକାରୀ ସୁଭାଷ ଭଟ୍ଟାଚାର୍ଜୀ ଗତବର୍ଷ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ବିଚାରପତିଦ୍ୱୟ ବୁଝିଥିଲେ ଏ ପ୍ରଥା ମୂଳରେ ରହିଥିବା କିଛି ଲୋକଙ୍କ ଲୋଭ ଓ ଅର୍ଥନୈତିକ କାରଣ ବିଷୟରେ। ଏକ ସଭ୍ୟ ସମାଜରେ ଏପରି ବର୍ବର ପରମ୍ପରାର କୌଣସି ସ୍ଥାନ ନାହିଁ। ଏହାକୁ ଆମର ସଂସ୍କୃତି ବୋଲି ବି କୁହାଯାଇପାରିବ ନାହିଁ। ୫୨୫ ବର୍ଷ ପରେ ପ୍ରଥମ ଥର ପାଇଁ ଅଗରତାଲାର ଦୁର୍ଗାବାଡ଼ି ମନ୍ଦିରରେ କୌଣସି ବଳି ଦିଆଯିବ ନାହିଁ।

୨୦୧୯ ଅଗଷ୍ଟ ୧୯ରେ କିଶୋର ଓ ପରିବାର ନ୍ୟାୟାଳୟର ବିଚାରପତିମାନଙ୍କ ଜାତୀୟ ପରିଷଦ (ଏନ୍‌ସିଜେଏଫ୍‌ସିଜେ) ଜୀବେ ନିଷ୍ଠୁରତା ଏବଂ ଅନ୍ୟାନ୍ୟ ହିଂସା ସହ ଏହାର ସମ୍ପର୍କ ବିଷୟରେ ଏକ ସଂକଳ୍ପନାମା ଜାରି କଲେ। ଏଥିରେ କୁହାଯାଇଛି: ପ୍ରୟୋଗସିଦ୍ଧ ଗବେଷଣାରୁ ଜଣାପଡ଼ିଛି ଯେ ଜୀବେ ନିଷ୍ଠୁରତା ଏବଂ ମଣିଷ ସମାଜରେ ଘଟୁଥିବା ବିଭିନ୍ନ ପ୍ରକାର ହିଂସା (ପାର୍ଟନର ସହ ଦୁର୍ବ୍ୟବହାର, ଶିଶୁ ନିର୍ଯାତନା, ବୁଢ଼ାବୁଢ଼ୀଙ୍କ ପ୍ରତି ନିର୍ଯାତନା ସମେତ) ମଧ୍ୟରେ ଏକ ସିଧାସଳଖ ଯୋଗସୂତ୍ର ରହିଛି। ଯେଉଁ ଘରଗୁଡ଼ିକରେ ପ୍ରାଣୀମାନଙ୍କ ପ୍ରତି ନିର୍ଯାତନା ଦିଆଯାଏ, ସେଠାରେ ଅନ୍ୟ ପାରିବାରିକ ହିଂସା ଘଟିବାର ଯଥେଷ୍ଟ ସମ୍ଭାବନା ରହିଛି। ଜୀବେ ନିଷ୍ଠୁରତା ହେଉଛି ଏକ ହିଂସାମୂଳକ ଅପରାଧ ଏବଂ ଏଥିରୁ ଅତୀତ ବା ଭବିଷ୍ୟତ ହିଂସାକାଣ୍ଡର ସୂଚନା ମିଳେ।

ଗବେଷକମାନେ ଦେଖିଲେ ଯେ ୧୯୮୮ରୁ ୨୦୧୨ ମଧ୍ୟରେ ଆମେରିକାରେ ସ୍କୁଲଗୁଡ଼ିକରେ ଗୁଳିକାଣ୍ଡ ଘଟାଇଥିବା ଅପରାଧୀମାନଙ୍କର ପ୍ରାଣୀମାନଙ୍କୁ ନିର୍ଯାତନା ଦେବା ବା ଜୀବହିଂସା କରିବାର ଇତିହାସ ରହିଛି। ଏନ୍‌ସିଜେଏଫ୍‌ସିଜେ ଦର୍ଶାଇଛି ଯେ ଘରୋଇ ହିଂସା ସମେତ କିଶୋର ଓ ପାରିବାରିକ କୋର୍ଟ କେସ୍‌ରେ କୋର୍ଟ ନିଷ୍ପତ୍ତି ନେବା ବେଳେ ନିର୍ଯାତିତ ପ୍ରାଣୀମାନଙ୍କ ମଙ୍ଗଳ ବିଷୟକୁ ମଧ୍ୟ ବିଚାରକୁ ନେବା ଉଚିତ। ପ୍ରାଣୀ ପ୍ରତି ହିଂସା ଆଚରଣ କରୁଥିବା ବ୍ୟକ୍ତି ମଣିଷ ପ୍ରତି ମଧ୍ୟ ସେପରି କରିବାର ସମ୍ଭାବନା ରହିଛି। ଘରୋଇ ହିଂସାର ଶିକାର ହୋଇଥିବା ୮୯ ପ୍ରତିଶତ ମହିଳାଙ୍କ ଘରେ ପୂର୍ବରୁ ନିର୍ଯାତକଙ୍କ ଦ୍ୱାରା ପୋଷା ପ୍ରାଣୀ ହିଂସା ବା ନିର୍ଯାତନାର ଶିକାର ହୋଇଥିବା ଜଣାପଡ଼ିଛି। ଯେଉଁ ପିଲାମାନେ ପ୍ରାଣୀଙ୍କ ପ୍ରତି ହିଂସା ଆଚରଣ କରନ୍ତି ସେମାନେ ହିଂସାତ୍ମକ ବ୍ୟବହାର ପ୍ରଦର୍ଶନ କରିବାର ଦୁଇଗୁଣ ଅଧିକ ସମ୍ଭାବନା ଥାଏ। କିଶୋର ଓ ପାରିବାରିକ ମାମଲାରେ ନିଷ୍ପତ୍ତି ନେବା ବେଳେ ବିଚାରପତିମାନେ ପୋଷା ପ୍ରାଣୀକୁ ପରିବାରର ସଦସ୍ୟ ଭାବେ ବିଚାର କରିବା ଉଚିତ ବୋଲି ଏନ୍‌ସିଜେଏଫ୍‌ସିଜେର ଅଧ୍ୟକ୍ଷ ଜଷ୍ଟିସ୍ ଜନ୍ ଜେ. ରୋମେରୋ କହିଛନ୍ତି।

ଏନ୍‌ସିଜେଏଫ୍‌ସିଜେ ବିଚାରପତିମାନଙ୍କୁ ତାଲିମ ଦେବା ଏବଂ ଜୀବେ ନିଷ୍ଠୁରତା ସହ ଜଡ଼ିତ କିଶୋର ଓ ପାରିବାରିକ ମାମଲା ବିଚାରରେ ସହଯୋଗ କରିବା ଲାଗି ପ୍ରାଣୀ ମଙ୍ଗଳ ସଂଗଠନଗୁଡ଼ିକ ସହ ଅନୁବନ୍ଧିତ ହେବ। ଚଳିତ ବର୍ଷ ଏନ୍‌ସିଜେଏଫ୍‌ସିଜେ ଓ ପ୍ରାଣୀ ଆଇନଗତ ସୁରକ୍ଷା ପାଣ୍ଠି (ଏଏଲ୍‌ଡିଏଫ୍) ଜୀବେ ନିଷ୍ଠୁରତା ଉପରେ ପ୍ରଥମ ମିଳିତ ବୈଠକର ଆୟୋଜନ କରିଥିଲେ। ଏହି ବୈଠକରେ ନୂତନ ଟେକ୍ନିକାଲ ଆସିଷ୍ଟାନ୍ସ ବୁଲେଟିନ, ଆନିମଲ ଆବ୍ୟୁଜ୍ ଇସ୍ୟୁଜ୍ ବାହାର କରିବାକୁ ନିଷ୍ପତ୍ତି ନିଆଯାଇଥିଲା, ଯେଉଁଥିରୁ କିଶୋର ଓ ପାରିବାରିକ କୋର୍ଟ ବିଚାରପତିମାନେ ଆବଶ୍ୟକ ଶିକ୍ଷା ପାଇପାରିବେ। ଏପରି ଶିକ୍ଷାପ୍ରାପ୍ତ ବିଚାରପତିମାନେ ଉଭୟ ମଣିଷ ଓ ପ୍ରାଣୀମାନଙ୍କ ପାଇଁ ନିରାପଦ ସହାବସ୍ଥାନ ନିମନ୍ତେ ସମାଧାନ ବାହାର କରିପାରିବେ।

ଏମାନେ କ'ଣ ଏକମାତ୍ର ନ୍ୟାୟ ପ୍ରବର୍ତ୍ତନକାରୀ ବ୍ୟକ୍ତି ଯେଉଁମାନେ ପ୍ରାଣୀ ପ୍ରତି ଅପରାଧ ଓ ସାଧାରଣ ଅପରାଧ ମଧ୍ୟରେ ସମ୍ବନ୍ଧ ଥିବା ବୁଝିପାରିଛନ୍ତି? ନା। ୨୦୧୯ ଜାନୁୟାରୀ ପହିଲାରୁ ଏଫ୍‌ବିଆଇର କ୍ରିମିନାଲ ଡାଟାବେସ୍‌ରେ ବିଭିନ୍ନ ଗୁରୁତର ଅପରାଧ ଯଥା ଗୃହଦାହ, ସିନ୍ଧି ଚୋରି, ଆକ୍ରମଣ ଓ ନରହତ୍ୟା ପ୍ରଭୃତି ସହ ଜୀବେ ନିଷ୍ଠୁରତାକୁ ଅନ୍ତର୍ଭୁକ୍ତ କରାଯାଇଛି। ଜାତୀୟ ଅପରାଧ ବ୍ୟୁରୋ ବର୍ତ୍ତମାନ ଆଇନ ପ୍ରବର୍ତ୍ତନ ସଂସ୍ଥାଗୁଡ଼ିକଠାରୁ ପ୍ରାଣୀମାନଙ୍କ ପ୍ରତି ଗୁରୁତର ଅବହେଳା, ନିର୍ଯାତନା, ସଂଗଠିତ ନିର୍ଯାତନା, ଯୌନ ନିର୍ଯାତନା ସମେତ ଜୀବେ ନିଷ୍ଠୁରତାର ବିଭିନ୍ନ ତଥ୍ୟ ସଂଗ୍ରହ କରୁଛି। ସେମାନଙ୍କ ଅନୁଧ୍ୟାନରୁ ଜଣାପଡ଼ିଛି ଯେ ଜୀବେ ନିଷ୍ଠୁରତା ହେଉଛି ବଡ଼ ଅପରାଧର ପୂର୍ବାଭାସ।

ଆମେରିକାରେ ଶେରିଫ ହେଉଛନ୍ତି ଏକ କାଉଣ୍ଟିର ଆଇନ ପ୍ରବର୍ତ୍ତନକାରୀ ଅଧିକାରୀ। ଅନେକ ଶେରିଫ ପୋଲିସ ମୁଖ୍ୟର ଦାୟିତ୍ୱ ତୁଲାଇଥାନ୍ତି। ଏବେ ଜାତୀୟ ଶେରିଫ ସଂଘ ଦାବି କରୁଛି ଯେ ବ୍ୟୁରୋର ଅପରାଧ ପରିସଂଖ୍ୟାନରେ ଜୀବେ ନିଷ୍ଠୁରତା ସମ୍ବନ୍ଧୀୟ ତଥ୍ୟ ମଧ୍ୟ ରଖାଯାଉ। ଜୀବେ ନିଷ୍ଠୁରତା ସହ ନରହତ୍ୟା ସମେତ ବିଭିନ୍ନ ଅପରାଧର ସମ୍ପର୍କ ଥିବା ନେଇ ସଂଘ ଅନେକ ବର୍ଷ ହେଲା ତଥ୍ୟ ଉପସ୍ଥାପନ କରିଆସୁଛି। ଜୀବେ ନିଷ୍ଠୁରତା ସହ ପାରିବାରିକ ହିଂସା ଓ ଶିଶୁ ନିର୍ଯାତନାର ସମ୍ପର୍କ ରହିଥିବା ସଂଘ ଦର୍ଶାଇ ଆସୁଛି। ଯଦି ଜଣେ ଲୋକ ଏକ ପ୍ରାଣୀର କ୍ଷତି କରୁଛି, ତେବେ ସେ ମଣିଷକୁ ବି ଆଘାତ ଦେବାର ସମ୍ଭାବନା ଅଛି ବୋଲି ଜାତୀୟ ଶେରିଫ ସଂଘର ଡେପୁଟି ନିର୍ବାହୀ ନିର୍ଦ୍ଦେଶକ ଜନ୍ ଥମ୍ପସନ କହିଛନ୍ତି। ଜୀବେ ନିଷ୍ଠୁରତା ଜନିତ ଅପରାଧଗୁଡ଼ିକ ଚିହ୍ନଟ କରିବା ଓ ତର୍ଜମା କରିବା ଦ୍ୱାରା ଆଇନ ପ୍ରବର୍ତ୍ତନ ସୁଗମ ହୋଇଥାଏ। ଜୀବେ ନିଷ୍ଠୁରତା ଯେ କେବଳ ପ୍ରାଣୀମାନଙ୍କ ପ୍ରତି ଅପରାଧ ଏ ଧାରଣା ଲୋକମାନେ ମନରୁ ପୋଛିଦେବା ଉଚିତ। ଏହା ହେଉଛି ସମାଜ ପ୍ରତି ଅପରାଧ। ଏହିସବୁ ଅପରାଧ ପ୍ରତି ଧ୍ୟାନ ଦେଲେ ତାହାଦ୍ୱାରା ସମଗ୍ର ସମାଜ ଉପକୃତ ହୋଇପାରିବ। ଆପଣ ଯଦି କୌଣସି ବିଚାରପତିଙ୍କୁ ଜାଣିଥାନ୍ତି, ତେବେ ଏ ଲେଖାର ପେପର କଟିଂ ତାଙ୍କୁ ଦେବାକୁ ଭୁଲିବେ ନାହିଁ।

Email: gandhim@nic.in

# ପ୍ରଥମେ ମୁଁ



ଛନ୍ଦା ମିଶ୍ର

କୁହାଯାଏ ମନୁଷ୍ୟ ଜନ୍ମ ଅତି ଦୁର୍ଲଭ। କାରଣ, ମନୁଷ୍ୟ ହିଁ ଏକମାତ୍ର ପ୍ରାଣୀ, ଯାହା ପାଖରେ ବାହ୍ୟଚକ୍ଷୁ ସହ ଅନ୍ତର୍ଚକ୍ଷୁ ବା ବିବେକ ଥାଏ। ତଥାପି ମଣିଷ ଆଖି ଥାଉ ଥାଉ ଅନ୍ଧ ପରି ଆଚରଣ କରେ। ଚାଲି ନ ଜାଣି ବାଟର ଦୋଷ ଖୋଜେ। ଝୁଣ୍ଟିକରି ମୁହଁ ମାଡ଼ି ତଳେ ପଡ଼ି କ୍ଷତାକ୍ତ ହେଲେ ରାସ୍ତାର ଖାଲଖମାକୁ ଦୋଷ ଦିଏ। ମାତ୍ର ଦୃଷ୍ଟିଶକ୍ତି ଥାଇ ବି ସେ କାହିଁକି ତା'ର ସଦ୍‌ବ୍ୟବହାର ନ କଲା ସେ କଥା ନିଜକୁ ପଚାରେନା। ସେ ଭୁଲିଯାଏ ଯେ, ଅନ୍ୟର ଦୋଷକୁ ଗୋଟିଏ ଅଙ୍ଗୁଳି ନିର୍ଦ୍ଦେଶ କଲାବେଳକୁ ତା' ଅଜାଣତରେ ତାଆରି ହାତର ଅନ୍ୟ ତିନି ଅଙ୍ଗୁଳି ସ୍ୱୟଂ ତାକୁ ଦୋଷୀ ବୋଲି ପ୍ରମାଣିତ କରିସାରିଲେଣି। ବୋଧହୁଏ ସେଇଥିପାଇଁ ସଫଳତାର ଶ୍ରେୟ ନେବାକୁ, ବାହାବା ସାଉଁଟିବାକୁ ଅନେକେ ପଡ଼ିଉଠି ଧାଇଁଲା ବେଳକୁ ବିଫଳତା ପଡିଥାଏ ବାପଛେଉଣ୍ଡ ହୋଇ। ସାଧାରଣ ମଣିଷର ସ୍ୱଭାବ ହିଁ ସେହିପରି। ପ୍ରଶଂସା ପାଇଁ 'ମୁଁ କରିଛି'ର ଗର୍ବବୋଧରେ ଛାତି ତା'ର ଫୁଲି ଉଠୁଥିଲା ବେଳେ 'ନିନ୍ଦା' ସହ ମୁହାଁମୁହିଁ ହୋଇଗଲେ ସେ 'ଭାଗ୍ୟର ଦୋଷ' କହି ବାଟକାଟି ଚାଲିଯିବାକୁ ଉଚିତ ମଣେ। କିନ୍ତୁ ଭାଗ୍ୟ ଉପରେ ଦୋଷ ଲଦୁଥିବା ସେହି ମନୁଷ୍ୟଟି ଯେବେ ନିଜ ଚର୍ମଚକ୍ଷୁକୁ ମୁଦି ନିଜ ଅନ୍ତର୍ଚକ୍ଷୁକୁ ମେଲାଇ ଧରେ ତାକୁ ନିଜର ଦୋଷତ୍ରୁଟିଗୁଡିକ ଜଳ ଜଳ ହୋଇ ଦିଶେ। ସମାଜ ଆଗରେ ଯେତେ ଅଭିନୟ କଲେ ବି 'ମନ ଜାଣେ ପାପ' ନ୍ୟାୟରେ ସେ ଭିତରେ ଭିତରେ ସନ୍ତୁଳି ହୁଏ। ବିବେକ ତାକୁ କଟାକ୍ଷ ହାଣେ, ଶୁଆଇ ବସାଇ ଦିଏନା। ତା'ର ମଣିଷପଣିଆ ଜାଗିଉଠେ। ନିଜ ଦୋଷ ସ୍ୱୀକାର କରିବାକୁ ସେ ହୁଏ ଆଗଭର। ଆଖିରୁ ତା'ର ପଶ୍ଚାତ୍ତାପର ଲୁହ ନିଗିଡ଼ି ପଡି ଅନ୍ତର୍ମନକୁ କରେ ଶୁଦ୍ଧ ଓ ପବିତ୍ର।

ତେବେ, କ୍ୱଚିତ୍ କ୍ଷେତ୍ରରେ ସ୍ୱଳ୍ପ କିଛି ଭାଗ୍ୟବାନ୍‌ଙ୍କର ଏହି ତୃତୀୟ ନୟନଟି ନିଜ ଯାଦୁକରୀ ସ୍ପର୍ଶରେ ଜୀବନକୁ କରେ ମହିମାବନ୍ତ। ଅନ୍ୟଥା ଅଧିକାଂଶ ସ୍ଥାନରେ ତା' ଉପରେ ଅହଂର ପରଳ ମାଡ଼ିଯାଇଥାଏ। ଯେବେ ଏହି ପରଳଟି ଫିଟେ, ନେଡ଼ିଗୁଡ଼ କହୁଣିକୁ ବୋହିଯାଇଥାଏ। 'ବିଳମ୍ବ' କରିଥିବାର ଦଣ୍ଡ ସ୍ୱରୂପ ମୃତ୍ୟୁ ପର୍ଯ୍ୟନ୍ତ ଏକ ଦୋଷୀ ଦୋଷୀ ଭାବ ନେଇ ବଞ୍ଚିବାକୁ ହୁଏ।

ଝିଅଟିର ଆଖିରୁ ବୋହି ଯାଉଥିଲା ଲୁହଧାର। କାରଣଟି ଜାଣି ଦୀର୍ଘଶ୍ୱାସ ତ୍ୟାଗ କରିବା ଛଡ଼ା ଅନ୍ୟ ଉପାୟ ନ ଥିଲା। ନୂଆ ନୂଆ କଲେଜରେ ପାଦ ଦେଇଥିବା ଝିଅଟିକୁ ଅନ୍ୟ ଏକ ବିଭାଗର ଛାତ୍ରୀଟିଏ ଅହେତୁକ ସ୍ନେହ ପ୍ରଦର୍ଶନ କଲା। ଯେଉଁଠି ଦେଖିଲେ ଧାଇଁ ଆସି ଅତ୍ୟନ୍ତ ଆଗ୍ରହର ସହ ତା'ର ଭଲମନ୍ଦ ପଚାରିବା ଓ ନିଜ ବିଷୟରେ ବଖାଣିବାରେ ଛାତ୍ରୀଟି ପାଉଥିଲା ଆନନ୍ଦ। ମାତ୍ର ତା'ର ଏହି ଉପରେ ପଡ଼ି ଭଲେଇ ହେବା ସ୍ୱଭାବଟି ଝିଅଟିକୁ ମନେ ହେଉଥିଲା ଅସ୍ୱସ୍ତିକର। ଦିନେ ଝିଅଟି ବେଶ୍ କଡ଼ା ସ୍ୱରରେ ଶୁଣାଇଦେଲା ଦୁଇପଦ: ''ତୋର କ'ଣ କିଛି କାମଧନ୍ଦା ନାହିଁ, ଏତେ କାହିଁ ଭଲେଇ ଦେଖେଇ ହେଉଛୁ?'' ଏପରି ଶୁଣି ସ୍ତବ୍ଧ ହୋଇଗଲା ଛାତ୍ରୀଟି। ସେହିଦିନଠାରୁ ଆଉ ଝିଅଟିକୁ ଦେଖା କଲା ନାହିଁ। ଝିଅଟି ଯେବେ ନିଜ ଭୁଲ୍ ବୁଝି ଛାତ୍ରୀ ନିକଟରୁ କ୍ଷମାପ୍ରାର୍ଥନା କରିବା ପାଇଁ ପହଞ୍ଚିଲା, ସେତେବେଳକୁ ବେଶ୍ ଡେରି ହୋଇସାରିଥିଲା। ଛାତ୍ରୀଟିର ନାମ ଆଗରେ ସ୍ୱର୍ଗତା ଶବ୍ଦଟି ଯୋଡ଼ା ସରିଥିଲା। ସେ ଲ୍ୟୁକେମିଆରେ ଥିଲା ପୀଡିତା। ଘଟଣାଟି ଗଳ୍ପ ପରି ମନେହେଉଥିଲେ ବି ନିରାଟ ସତ୍ୟ।

ଆମ ଅଜାଣତରେ ଆମ ଦ୍ୱାରା ଅନେକ ଭୁଲ୍‌ଭଟକା ହୋଇଯାଏ ଏବଂ ଏହି ଭୁଲ୍‌ଗୁଡ଼ିକୁ ସୁଧାରିବା ପାଇଁ ଆମେ ନିଜ ଦୋଷକୁ ମଥାପାତି ମାନିନେଇ କ୍ଷମାଯାଚନା କରିବା ଦ୍ୱାରା ମନୁଷ୍ୟର ଅନ୍ତଃକରଣ ଶୁଦ୍ଧ ଏବଂ ପବିତ୍ର ହୁଏ। କିନ୍ତୁ କ୍ଷମାଯାଚନା ଏକ କଷ୍ଟକର କାର୍ଯ୍ୟ। ଏଥିପାଇଁ ନିଜ ସହିତ ନିଜକୁ ବେଶ୍ ଲଢ଼େଇ କରିବାକୁ ହୋଇଥାଏ। ଅହଂକାର ଓ ବିବେକର ଏହି ଲଢ଼େଇରେ ଯିଏ ଜିତେ ସେ ମଣିଷର ପ୍ରଭୁ ସାଜେ। ସହଜ କାମ ତ ସମସ୍ତେ କରିପାରନ୍ତି। ମାତ୍ର କଷ୍ଟ କାର୍ଯ୍ୟଟିକୁ କେବଳ ଦୃଢ଼ମନା ସାହସୀଟିଏ ହିଁ କରେ। ସମ୍ପର୍କ ବଞ୍ଚାଇବା ପାଇଁ, ସମ୍ପର୍କ ଯୋଡ଼ିବା ପାଇଁ ସେ କହେ 'ପ୍ରଥମେ ମୁଁ ହିଁ କ୍ଷମା ମାଗିବି। ଆସନ୍ତୁ ସାହସୀ ହେବା। ଶୋଇପଡ଼ିଥିବା ବିବେକଟିକୁ ଜାଗ୍ରତ କରିବା। ଅନ୍ୟମାନଙ୍କୁ ଆକ୍ଷେପ କରିବା ପୂର୍ବରୁ ପ୍ରଥମେ ନିଜ ଦୋଷକୁ ନିଜେ ଅଣ୍ଡାଳିବା। ନିଜକୁ ସୁଧାରିବା। ସମୟ ଗଡ଼ିଯିବା ଆଗରୁ କରିନେବା କ୍ଷମାଯାଚନା। ପ୍ରତିବଦଳରେ ମିଳିପାରେ କ୍ଷମା ଅବା ଭର୍ତ୍ସନା। ଏ ଉଭୟକୁ ସାଦରେ କରିବା ସ୍ୱାଗତ। ବାଚନିକ ହୋଇ ନ ପାରିଲେ ଲିଖିତ ଆକାରରେ ନିଜ ଦୋଷ ସ୍ୱୀକାର କରିବା। 'ହଁ, ମୋ ଦ୍ୱାରା ଏହି ଭୁଲ୍‌ଟି ହୋଇଯାଇଛି' କହିଲା ମାତ୍ରେ ପଥର ହୃଦୟର ବ୍ୟକ୍ତି ତରଳି ଯିବାକୁ ସମୟ ଲାଗିବ ନାହିଁ।

ଏହି ପରିପ୍ରେକ୍ଷୀରେ ମନେପଡ଼େ କଥାଟିଏ। ଦୀର୍ଘ କେତେ ଦଶନ୍ଧି ଧରି ଦୁଇଟି ପରିବାର ମଧ୍ୟରେ ଥିଲା ଶତ୍ରୁତା। ପୈତୃକ ସମ୍ପତ୍ତି ପରି ତାହା ମଧ୍ୟ ଗଡ଼ି ଆସୁଥିଲା ପିଢ଼ି ପରେ ପିଢ଼ିକୁ। ଏକଦା ଗୋଟିଏ ପରିବାରର ମୁଖ୍ୟ ଏହି ଶତ୍ରୁତାର ଅନ୍ତ କରିବେ ବୋଲି ନିଷ୍ପତ୍ତି କରି ଅନ୍ୟ ପରିବାରର ମୁଖିଆଙ୍କୁ ଭେଟିବେ ବୋଲି ଅଣ୍ଟାଭିଡ଼ିଲେ। ତାଙ୍କ ପରିବାରର ଶତ ବାରଣ ସତ୍ତ୍ୱେ ସେ ଯାଇ ଅନ୍ୟ ପରିବାରରେ ଛିଡ଼ା ହେଲା ମାତ୍ରେ ସେ ପରିବାରର ସଦସ୍ୟମାନେ ବି ୟାଙ୍କୁ ମାରିବା ପାଇଁ ହୋଇଗଲେ ତୟାର। ମାତ୍ର ସେ ପରିବାରର ମୁଖିଆ ତାଙ୍କ କଥା ଶୁଣି ତାଙ୍କୁ ଲୋତକାପ୍ଲୁତ ନୟନରେ ଆଲିଙ୍ଗନ କରିବା ସହ କହିଉଠିଲେ, ''ଅନେକ ଦିନରୁ ଏକଥା ଭାବିଥିଲି, ମାତ୍ର ସାହସ ଜୁଟାଇ ପାରି ନ ଥିଲି।''

ଓଆର/୬, ବିଜେବିନଗର,
ମୋ–୯୪୩୭୪୫୩୬୧୦

## ଏଇ ଭାରତରେ

ପାଷାଣ ଦିଅଁ ହେଲେ ବି ହିନ୍ଦୁ ଧର୍ମରେ ସେ ଜୀବିତ। ସେ ମଣିଷ ଭଳି ନିତ୍ୟକର୍ମ ସହ ସ୍ନାନ କରନ୍ତି, ଭୋଜନ କରନ୍ତି। ତାଙ୍କ ପାଇଁ ଶୟନର ବିଧି ବି ଖଞ୍ଜାଯାଇଛି। କେଉଁଠି ତାଙ୍କୁ ଜ୍ୱର ହେଲେ ଉପଚାର କରାଯାଏ ତ କେଉଁଠି ତାଙ୍କ ପାଇଁ ରହିଛି ବିଭିନ୍ନ ଖେଳର ବ୍ୟବସ୍ଥା। ତେବେ ପ୍ରଦୂଷଣ ବଳୟରେ ଲୋକେ ଅଣନିଃଶ୍ୱାସୀ ହୋଇପଡୁଥିବାବେଳେ ତାଙ୍କ ପାଇଁ ଏହା କଷ୍ଟଦାୟକ ନ ହେବ କାହିଁକି? ଏମିତି କଷ୍ଟ ଅନୁଭବ କରୁଛନ୍ତି ବାରାଣସୀର ଏକ ମନ୍ଦିରରେ ପୂଜା ପାଉଥିବା ଦେବଦେବୀଗଣ। ବାୟୁ ପ୍ରଦୂଷଣ କାରଣରୁ ସାରା ସହରକୁ କୁହୁଡି ଘୋଡାଇ ରଖିଛି। ଏହି କାରଣରୁ ଲୋକମାନେ ଶ୍ୱାସକ୍ରିୟାରେ ଯାହା କଷ୍ଟ ଅନୁଭବ ନ କରୁଛନ୍ତି, ତା'ଠାରୁ ବେଶି ଅସୁବିଧାରେ ପଡିଛନ୍ତି ଧର୍ମନଗରୀର ଦେବତାମାନେ। ଏଥିପାଇଁ ଭଗବାନଙ୍କୁ ପ୍ରଦୂଷିତ ବାୟୁରୁ ରକ୍ଷା ପାଇଁ ମାସ୍କ ପିନ୍ଧାଇ ଦିଆଯାଇଛି। ବାରାଣସୀର ସିଗରାସ୍ଥିତ ମନ୍ଦିରରେ ମହାଦେବଙ୍କ ସହ ସମସ୍ତ ଦେବଦେବୀ ମାସ୍କ ପିନ୍ଧିଛନ୍ତି। ମନ୍ଦିରର ପୂଜାରୀ ହରିଶ ମିତ୍ରଙ୍କ ନେତୃତ୍ୱରେ ଏହା କରାଯାଇଛି। କେବଳ ସିଗରାରେ ଥିବା ମନ୍ଦିର ନୁହେଁ, ବାରାଣସୀର ଆଉ କେତେକ ମନ୍ଦିରରେ ବି ଦେବଦେବୀଙ୍କୁ ମାସ୍କ ପିନ୍ଧାଯାଇଛି। ବାରାଣସୀରେ ଏବେ ଏୟାର କ୍ୱାଲିଟି ଇଣ୍ଡେକ୍ସ ୪୦୦ ପାଖାପାଖି ରହିଥିବାରୁ ପ୍ରଦୂଷଣ ବୋର୍ଡ ଏହା ଉପରେ ଗମ୍ଭୀରତା ପ୍ରକାଶ କରିଛି। ଏଣୁ ଏହାକୁ ଲକ୍ଷ୍ୟ କରି ମନ୍ଦିର କର୍ତ୍ତୃପକ୍ଷ ଏଭଳି ପଦକ୍ଷେପ ନେଇଛନ୍ତି। ଭଗବାନଙ୍କୁ ପ୍ରଦୂଷଣରୁ ବଞ୍ଚାଇବା ଲାଗି ଏଭଳି ନିଆରା ଉପାୟ ଏବେ ସାରା ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି।

## ଚିରନ୍ତନୀ

ରଖି ଦେବ ନାହିଁ କି ଆଜି ଏ ବାଆ ?
ତିଳେ ହେଲେ ତାର ଗୋ ନାହିଁ ତ ମାୟା।
ଦିନେ ପରା ବଇଁଶୀ ଶବଦ ଶୁଣି
ତିଆରିଲେ ଲାଜ ଗୋ ଗୋପ ତରୁଣୀ।
ଫିଟିଗଲା କବରୀ ତୁଟିଲା ହାର
ପୁଲକରେ ଝରିଲା ଲୋତକ ଧାର,
ତୁଆ ତୁଆ ହୋଇ ଯେ ଶୁଭିଲା 'ସ୍ୱନ'
ଛନ ଛନ ହୋଇଲା ପରାଣ ମନ।

(ବଂଶୀ ଧ୍ୱନି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 7 | 8 | | 3 | | | | | | | | 0 | 1 | |
| 9 | | | | E | | | C | | D | | | | B | |
| | | 3 | | | | A | | 2 | | | E | 7 | | 5 |
| E | | | 8 | 6 | | 7 | 5 | | 1 | | 9 | | | |
| | 0 | | | | 1 | 4 | | | | | | | | A |
| A | | 9 | 4 | | 8 | | | D | 3 | | | | | |
| | | | | C | 2 | | | 6 | | | | | | 7 |
| | 6 | | | | A | 3 | | | | | B | | | |
| | E | C | | B | | | | | A | | | | | D |
| B | 1 | | 6 | 0 | D | | | | 7 | | 5 | 3 | | C |
| 5 | | | | | | B | | 4 | 2 | | | D | A | |
| 8 | | | 5 | | 6 | | E | A | B | | | | 7 | |
| | | | | | 4 | | | | 8 | | | | 0 | |
| 6 | | 4 | | 8 | 9 | | | | 0 | 3 | | E | | 2 |
| | | | C | D | | 2 | | 0 | | | | 5 | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 9 | 4 | 5 | 0 | 6 | E | 7 | B | C | 3 | A | D | 8 | 2 |
| 2 | A | E | 4 | 9 | D | C | 0 | 3 | B | 5 | 8 | 6 | 1 | 7 |
| 7 | C | B | E | 3 | 2 | 6 | 8 | A | 1 | 9 | D | 0 | 4 | 5 |
| D | 8 | 6 | C | B | 7 | 1 | 2 | 5 | 4 | 0 | E | A | 9 | 3 |
| 0 | 3 | 5 | 8 | A | 1 | 4 | D | 9 | 2 | 7 | 6 | E | C | B |
| 5 | 2 | D | B | 1 | A | 3 | 6 | 0 | E | 8 | C | 4 | 7 | 9 |
| E | 1 | 9 | 7 | D | 8 | A | 4 | C | 3 | 6 | 5 | 2 | B | 0 |
| B | 7 | 3 | 0 | 5 | E | 8 | 1 | D | 9 | 4 | 2 | C | A | 6 |
| 8 | 0 | A | 6 | 4 | C | B | 9 | 2 | D | 1 | 7 | 3 | 5 | E |
| 4 | 6 | C | 3 | 2 | 9 | 7 | 5 | E | A | B | 0 | 1 | D | 8 |
| A | B | 1 | 9 | 7 | 0 | 2 | E | 6 | 8 | C | 4 | 5 | 3 | D |
| C | 4 | 7 | 2 | E | B | 5 | A | 8 | 0 | D | 3 | 9 | 6 | 1 |
| 6 | 5 | 2 | D | C | 3 | 9 | B | 4 | 7 | E | 1 | 8 | 0 | A |
| 3 | E | 0 | 1 | 8 | 5 | D | C | 7 | 6 | A | 9 | B | 2 | 4 |
| 9 | D | 8 | A | 6 | 4 | 0 | 3 | 1 | 5 | 2 | B | 7 | E | C |

ଗତକାଲିର ଉତ୍ତର



# ଉଚ୍ଚଶିକ୍ଷା ବିଭାଗ କାହାର

ଡ. ସୁବାସ ଚନ୍ଦ୍ର ପାତ୍ର

କ୍ରିକେଟ ଖେଳରେ ଉଠିଥିବା କ୍ୟାଚ୍‌ଟି କ୍ଷେତ୍ରରକ୍ଷକ ନ ଥିବା କୌଣସି ଏକ ସ୍ଥାନରେ ପଡ଼ିବା ବା ନୋ ମ୍ୟାନ୍ସ ଲ୍ୟାଣ୍ଡରେ ପଡ଼ିବା କଥା ଭଳି ଉଚ୍ଚଶିକ୍ଷା ବିଭାଗ ଏକ 'ନୋ ମ୍ୟାନ୍ସ ଲ୍ୟାଣ୍ଡ'ରେ ପରିଗଣିତ ହେଲାଣି। 'ମୋ ସରକାର' କାର୍ଯ୍ୟକ୍ରମରେ ଅନ୍ୟ ବିଭାଗ ବିଶେଷତଃ ପୋଲିସ ଓ ସ୍ୱାସ୍ଥ୍ୟ ବିଭାଗରେ ହଇଚଇ ସୃଷ୍ଟି ହେଲାବେଳେ, ସବୁ ବିଭାଗର ଜନନୀ ବୋଲି ବିଚାର କରାଯାଉଥିବା ଶିକ୍ଷା ବିଭାଗ ଉପରେ ସରକାରଙ୍କ ଦୃଷ୍ଟି କେବେ ପଡ଼ିବ ଜଣାନାହିଁ। ପୋଲିସ, ଡାକ୍ତରଙ୍କ ସ୍ଥିତି ସୁଧାରିବାରେ ଅସୁବିଧା ନାହିଁ, କିନ୍ତୁ ଯେଉଁ ବିଭାଗ ଉନ୍ନତ ମାନବସମ୍ବଳ ସୃଷ୍ଟି ମାଧ୍ୟମରେ ଉତ୍ତମ ଡାକ୍ତର ବା ପୋଲିସ କର୍ମଚାରୀଙ୍କୁ ଜନ୍ମଦେବ ସେ ବିଭାଗ ପ୍ରାଥମିକତା ହରାଇବାର କାରଣ କ'ଣ? ଉଚ୍ଚଶିକ୍ଷା ବିଭାଗ ଯେ ସମ୍ପୂର୍ଣ୍ଣ ଦିଶାହୀନ ହୋଇପଡ଼ିଛି, ତାହା ନିମ୍ନୋକ୍ତ କେତୋଟି ବିଷୟ ଉପରେ ଦୃଷ୍ଟିପାତ କଲେ ସ୍ପଷ୍ଟ ଜଣାପଡ଼ିବ।

ଏବେ ଶିକ୍ଷା ବିଭାଗ କହିଲେ ଖାଲି ଅଧ୍ୟାପକ ବା ଅତିଥି ଅଧ୍ୟାପକଙ୍କୁ ବୁଝାଯାଉଛି। ସରକାରଙ୍କ ହିସାବରେ ୧୪୦୦ ଅଧ୍ୟାପକ ପଦବୀ ଖାଲିଥିବା ବେଳେ ପବ୍ଲିକ ସର୍ଭିସ୍ କମିଶନଙ୍କୁ ୬୦୬ ଅଧ୍ୟାପକ ନିଯୁକ୍ତି ପାଇଁ ପରୀକ୍ଷା କରିବାକୁ କୁହାଯାଇଛି। ଅର୍ଥାତ୍ ୮୦୦ ପଦବୀ ଖାଲି ରହିଗଲା। ଏହା ଭିତରେ ଆହୁରି କିଛି ଲୋକ ଅବସର ନେଇଯାଇଥିବେ, ନୂଆ ପଦବୀ ସୃଷ୍ଟି ହୋଇଥିବ। ଅର୍ଥାତ୍ ମୋଟାମୋଟି ହଜାରେ ଅଧ୍ୟାପକ ପଦ ଖାଲି। ସେଥିପାଇଁ ପୁଣି ଅତିଥି ଶିକ୍ଷକ ଆସିବେ। କହିବା ବାହୁଲ୍ୟ ଯେ, ଅତିଥି ଅଧ୍ୟାପକ ନିୟୋଜନ ଏକ କାମଚଳା ବ୍ୟବସ୍ଥା। ଏ କାମଚଳା ବ୍ୟବସ୍ଥାରୁ କାମଚଳା ଜ୍ଞାନ ନେଇ ଯେଉଁ ଯୁବପିଢ଼ି ବାହାରିବେ ସେମାନଙ୍କ ଅନ୍ଧକାର ଭବିଷ୍ୟତ ପାଇଁ କିଏ ଦାୟୀ ହେବ? ଶାରୀରିକ ଅସୁସ୍ଥତା ମଣିଷର ତତ୍‌କ୍ଷଣାତ୍ କ୍ଷତି କରିପାରେ। କିନ୍ତୁ ବହୁ ବ୍ୟବସ୍ଥାଗତ ଅସୁସ୍ଥତା ମାଧ୍ୟମରେ ପିଢ଼ି ପରେ ପିଢ଼ି ଦୀର୍ଘମିଆଦି ସୂତ୍ରରେ ଅସୁସ୍ଥ ହୋଇ ଦୁର୍ବଳ ହୋଇଯାଇଥିବା ମାନବସମ୍ବଳ ଶେଷରେ କାହାର ଚିକିତ୍ସା କରିବ? ଅତିଥି ଶିକ୍ଷକ ନିଯୁକ୍ତିର ବଡ଼ ଦୁର୍ବଳତା ସ୍ଥାନୀୟତା। ଏହା ଏକ ମହାବିଦ୍ୟାଳୟସ୍ତରୀୟ ନିଯୁକ୍ତି ହୋଇଥିବାରୁ ଏବଂ ପାରିଶ୍ରମିକ କମ୍ ଥିବାରୁ ଦୂରଦୂରାନ୍ତର ମେଧାବୀ ପ୍ରାର୍ଥୀମାନେ ସେଥିରେ ଭାଗ ନିଅନ୍ତି ନାହିଁ। ତା'ଛଡ଼ା ସ୍ଥାନୀୟସ୍ତରରେ କିଛି ପ୍ରିୟାପ୍ରୀତିର ଅଭିଯୋଗ ମଧ୍ୟ ହୁଏ। ପାଠ୍ୟକ୍ରମ ଏବଂ ପ୍ରଶ୍ନପତ୍ରର ସମାନତା ଥିବାବେଳେ ଶିକ୍ଷକଙ୍କ ଗୁଣାତ୍ମକ ମାନର ଅସମତାର ଶିକାର ହୁଏ ଛାତ୍ରସମାଜ। ତେଣୁ ଏହା ବଦଳରେ କେନ୍ଦ୍ରୀୟ ଭାବରେ ୟୁଜିସି ନିୟମ ଆଧାରରେ ଆଡହକ୍ ଅଧ୍ୟାପକ ଚୟନ କରି ଯଦି ସମଗ୍ର ଓଡ଼ିଶାର ସରକାରୀ କଲେଜ ମଧ୍ୟରେ ବାଣ୍ଟି ଦିଆଯାଆନ୍ତା ତେବେ ଗୁଣାତ୍ମକତା କ୍ଷେତ୍ରରେ ପରିବର୍ତ୍ତନ ଆସିପାରନ୍ତା। ତା'ଛଡ଼ା ପାଣ୍ଠି ଦୃଷ୍ଟିରୁ ଏଥିରେ ସରକାରଙ୍କ ଖର୍ଚ୍ଚ କମ୍। ଅର୍ଥାତ୍ ଜଣେ ଆଡହକ୍ ଅଧ୍ୟାପକ ୪୮୦୦୦ ଟଙ୍କା ଦରମାରେ ସପ୍ତାହକୁ ୨୫ଟି ଲେଖାଏ ମାସକୁ ୧୦୦ଟି ପିରିୟଡ୍ ନେବାର ବ୍ୟବସ୍ଥା ଥିବାବେଳେ ଜଣେ ଅତିଥି ଅଧ୍ୟାପକ ମାସକୁ ୨୫ ହଜାର ଟଙ୍କା ଦରମାରେ ୫୦ଟି ପିରିୟଡ୍ ନେବାର ବ୍ୟବସ୍ଥା ଅଛି। ଅଧିକନ୍ତୁ ଜଣେ ଆଡହକ୍ ଅଧ୍ୟାପକ ନିୟମିତ ଅଧ୍ୟାପକ ପରି କଲେଜର ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ କରିବା ସହ କଲେଜରେ ସାତଘଣ୍ଟା ରହିବେ ଅର୍ଥାତ୍ ୪୮୦୦୦ ଟଙ୍କାରେ ଶିକ୍ଷାଦାନ କରୁଥିବା ଜଣେ ଆଡହକ୍ ଅଧ୍ୟାପକ ୫୦ ହଜାର ଟଙ୍କାରେ ଶିକ୍ଷାଦାନ କରୁଥିବା ଦୁଇଜଣ ଅତିଥି ଅଧ୍ୟାପକଙ୍କ ଅପେକ୍ଷା ଅଧିକ କାମ କରିବେ। ଶିକ୍ଷାଦାନ କ୍ଷେତ୍ରରେ ପ୍ରାଦେଶିକ ସ୍ତରରେ ଏକ ସମାନତା ଦେଖାଯିବ। ସରକାର ଯଦି ଆଡହକ୍ ଅଧ୍ୟାପକଙ୍କର ନିୟମିତୀକରଣକୁ ନେଇ ଆଇନଗତ ସମସ୍ୟା କଥା ଭାବୁଥାନ୍ତି, ପ୍ରତିବର୍ଷ ମେ' ମାସରେ ସେମାନଙ୍କ ଚାକିରିର ଧାରାବାହିକତାକୁ ବ୍ରେକ୍ ଦିଆଯାଇପାରେ, ଯାହା ସରକାର ଏବେ ମଧ୍ୟ କରୁଛନ୍ତି।

ଖାଲି ଶିକ୍ଷକଙ୍କୁ ନେଇ କଲେଜ ଚାଲେନାହିଁ। ମହାବିଦ୍ୟାଳୟ ପାଇଁ ଶିକ୍ଷକ ଯେତିକି ଗୁରୁତ୍ୱପୂର୍ଣ୍ଣ, ଜଣେ ସଫେଇ କର୍ମଚାରୀ, ପିଅନ, ମାଳୀ, ଲାବରେଟୋରି ଆଟେଣ୍ଡାଣ୍ଟ, ରାତ୍ରି ଜଗୁଆଳି, ଲାଇବ୍ରେରି ଆଟେଣ୍ଡାଣ୍ଟ ସେତିକି ଗୁରୁତ୍ୱପୂର୍ଣ୍ଣ। ଏବେ ଏ ସବୁ ପଦବୀ ସରକାର ପୂରଣ ନ କରି ଆଭ୍ୟନ୍ତରୀଣ ସମ୍ବଳ ମାଧ୍ୟମରେ କଲେଜଗୁଡ଼ିକୁ ସେ କଥା ବୁଝିବାକୁ ଛାଡ଼ିଦେଇଛନ୍ତି। ଫଳରେ ଆଜି ଅଧିକାଂଶ ସରକାରୀ କଲେଜ ଭୂତଖାନାରେ ପରିଣତ ହେଲାଣି। ବିଡ଼ମ୍ବନାର କଥା ଯେ ବିଶ୍ୱବ୍ୟାଙ୍କ, ରୁସା, ୟୁଜିସି ଅନୁଦାନରେ ବହୁତଳବିଶିଷ୍ଟ କୋଠାବାଡ଼ି ନିର୍ମିତ ହେଉଥିଲାବେଳେ ତାକୁ ସଫାସୁତୁରା କରିବା, ତା'ର କବାଟ ଝରକା ଖୋଲିବା ବା ବନ୍ଦ କରିବା ପାଇଁ ଲୋକ ନାହିଁ। ଅନୁରୂପ ଲାଇବ୍ରେରି ଓ ଲାବରେଟୋରିର ଅବସ୍ଥା। ଅର୍ଥାତ୍ ଲାବରେଟୋରି/ଲାଇବ୍ରେରିରେ ଯେଉଁ ଉପକରଣ ବା ବହି ଅଛି, ତା'ର ରକ୍ଷଣାବେକ୍ଷଣ ଅବା ପ୍ରଦର୍ଶନ ପାଇଁ କେହି ନାହାନ୍ତି।

ତଥାକଥିତ ଆଭ୍ୟନ୍ତରୀଣ ସମ୍ବଳର କଲେଜୱାରି ଅବସ୍ଥା କ'ଣ ସରକାର ବୁଝିଛନ୍ତି କି? ଉଦାହରଣ ସ୍ୱରୂପ, ୬୦୦ ଛାତ୍ରୀଛାତ୍ରବିଶିଷ୍ଟ ଗୋଟିଏ କଳା ମହାବିଦ୍ୟାଳୟର ୩ଟି ଶ୍ରେଣୀ ପାଇଁ ୨୫୦ ଟଙ୍କା ହାରରେ ବାର୍ଷିକ ୪ ଲକ୍ଷ ୫୦ ହଜାର ସଂଗୃହୀତ ହେଲେ ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ବାଦ୍ ଦେଲେ ବହୁକଷ୍ଟରେ ୩ଲକ୍ଷ ଟଙ୍କା ବଳିବ। ବର୍ଷକୁ ୩ ଲକ୍ଷ ଅର୍ଥ ମାସକୁ ୨୫ ହଜାର ଟଙ୍କାରେ ସରକାରଙ୍କ ଅର୍ଦ୍ଧକୁଶଳୀ ବା ଅଣକୁଶଳୀ ଶ୍ରମିକ ନିୟୋଜନର ନିର୍ଦ୍ଧାରିତ ଦର ହିସାବରେ କେତେଜଣ କର୍ମଚାରୀ ରଖିହେବ? ଖୁବ୍ ବେଶିରେ ୨ରୁ ୩ ଜଣ। ସେଥିମଧ୍ୟରୁ କେତେଜଣ ପିଅନ, ସଫେଇ କର୍ମଚାରୀ, ରାତ୍ରି ଜଗୁଆଳି, ମାଳୀ ଓ ଲାବରେଟୋରି/ଲାଇବ୍ରେରି ଆଟେଣ୍ଡାଣ୍ଟ ନିଯୁକ୍ତ ହେବେ?

ଉଲ୍ଲେଖଯୋଗ୍ୟ ଯେ, ରକ୍ଷଣାବେକ୍ଷଣ ଓ ସଫାସୁତରା ବ୍ୟାପାରରେ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକ ଆଗରେ। ତେଣୁ ଗୁଣାତ୍ମକତା ଥାଉ ବା ନ ଥାଉ ଏହି ବାହ୍ୟ ଚାକଚକ୍ୟ ମୋହରେ ଲୋକେ ଘରୋଇ ଶିକ୍ଷାନୁଷ୍ଠାନ ଆଡ଼କୁ ଆକର୍ଷିତ ହେଉଛନ୍ତି। ତେବେ ଏହାର ମଧ୍ୟ ସମାଧାନ ସମ୍ଭବ। ସରକାର ଯଦି ଏହି ସବୁ ପଦବୀରେ ନିୟମିତ କର୍ମଚାରୀ ରଖିବା ବ୍ୟୟବହୁଳ ବୋଲି ଭାବୁଛନ୍ତି, ଅତିଥି ଶିକ୍ଷକ ନିଯୁକ୍ତି ପାଇଁ ଅର୍ଥ ବ୍ୟବସ୍ଥା କଲାଭଳି ପ୍ରତି ଅନୁଷ୍ଠାନରେ ସୃଷ୍ଟ ପଦବୀ ଆଧାରରେ ବାହ୍ୟ ସଂସ୍ଥାରୁ ମାନବସମ୍ବଳ ଆଣି ଏହି ପଦବୀରେ ନିୟୋଜିତ କରିବାକୁ କଲେଜଗୁଡ଼ିକୁ ସ୍ୱାଧୀନତା ଦିଅନ୍ତୁ।

ଶିକ୍ଷାନୁଷ୍ଠାନଗୁଡ଼ିକରେ ଏ ବର୍ଷ ନିର୍ବାଚନ ବନ୍ଦ ହେଲା। ଉପରକୁ ଏହା ଭଲ ଦେଖାଯାଉଛି କିନ୍ତୁ ଏହାର ଅନ୍ତରାଳରେ ଯେଉଁ କେତେକ ସମସ୍ୟା ସୃଷ୍ଟି ହେଲା ତାହା ଉପରେ ଧ୍ୟାନ ଦିଆଯାଉନାହିଁ। ଅର୍ଥାତ୍ ଛାତ୍ର ୟୁନିୟନ, କ୍ରୀଡ଼ା ସଂସଦ, ନାଟ୍ୟ ସଂସଦ, ଦିବାଧ୍ୟାୟୀ ଛାତ୍ର ସଂସଦ ଆନୁକୂଲ୍ୟରେ ଯେଉଁ ପ୍ରତିଯୋଗିତାମାନ ଅନୁଷ୍ଠିତ ହେଉଥିଲା, ଯେପରି ପ୍ରବନ୍ଧ ଲିଖନ, ଦଳଗତ ଆଲୋଚନା, ତର୍କ ପ୍ରତିଯୋଗିତା, ସାକ୍ଷାତ୍‌କାର ପରୀକ୍ଷା, କବିତା ଲିଖନ, ଚିତ୍ରକଳା, ଗୀତ ପ୍ରତିଯୋଗିତା, ସଂଗୀତ ପ୍ରତିଯୋଗିତା, ନାଟ୍ୟାଭିନୟ, ବାଳିକାମାନଙ୍କ ମୁରୁଜ, ରଙ୍ଗୋଲି, ଝୋଟି, ଶଂଖବାଦନ, ମେହେନ୍ଦି ଏବଂ ବାର୍ଷିକ ଖେଳକୁଦ ତାହା ବନ୍ଦ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ ଓ ସଫଳତା ଜଣେ ଛାତ୍ରକୁ ବୌଦ୍ଧିକ, ସାଂସ୍କୃତିକ ତଥା ଶାରୀରିକ ଦୃଷ୍ଟିରୁ ସମୃଦ୍ଧ କରେ। ସ୍ଥଳ ବିଶେଷରେ ଏଥିରୁ ମିଳୁଥିବା ପ୍ରମାଣପତ୍ର ସେମାନଙ୍କୁ କର୍ମନିଯୁକ୍ତିରେ ସହାୟକ ହୁଏ। ସ୍କୁଲ୍‌ଗୁଡ଼ିକରେ ନିର୍ବାଚନ ନ ଥିଲେ କ'ଣ ପ୍ରତିଯୋଗିତାମାନ ହୁଏନାହିଁ ନା ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୁଏନାହିଁ?

ବାଲେଶ୍ୱର, ମୋ–୯୪୩୭୩୭୬୨୧୯

## ପାଠକ ଶ୍ରେଷ୍ଠ ବିଚାରକ

### ହସ୍ପିଟାଲରେ ବିକୃତ ଓଡ଼ିଆ

ମହାଶୟ,

ଏସ୍‌ସିବି ମେଡିକାଲ କଲେଜ ସମେତ ଅଧିକାଂଶ ଛୋଟ, ବଡ଼, ସରକାରୀ ଓ ବେସରକାରୀ ହସ୍ପିଟାଲରେ କାନ୍ଥରେ ଲେଖାଯାଇଥିବା ସୂଚନା ଓ ବିଜ୍ଞାପନଗୁଡ଼ିକରେ ଓଡ଼ିଆ ଭାଷାକୁ ବିକୃତ କରାଯାଇଛି। ଦେଖିଲେ ଲାଜରେ ମୁଣ୍ଡ ନଇଁଯାଉଛି। କେତେ ନେତା, ଅଫିସର, ଡାକ୍ତର ଦେଖୁଛନ୍ତି କିନ୍ତୁ କାହାରି କିଛି ପ୍ରତିକ୍ରିୟା ନାହିଁ। ଓଡ଼ିଆରେ ରେଫ୍‌ର ବ୍ୟବହାର ଅନେକଙ୍କୁ ଜଣାନାହିଁ। ତୁରନ୍ତ ଏସବୁ ବର୍ଣ୍ଣାଶୁଦ୍ଧିର ସଂଶୋଧନ କରାଯାଉ, ନ ହେଲେ ଓଡ଼ିଆ ଭାଷାପ୍ରୀତି ଯେଉଁମାନଙ୍କର ଅଛି ସେମାନେ ଏହାର ବିରୋଧ କରନ୍ତୁ। ସମସ୍ତଙ୍କ ଅବଗତି ନିମନ୍ତେ ଲେଖାଯାଇଥିବା ଭୁଲ୍ ଶବ୍ଦ ଓ ତା'ର ଠିକ୍ ରୂପ ଏଠାରେ ଉଲ୍ଲେଖ କରୁଛି। ବର୍ହିବିଭାଗ ବଦଳରେ ବହିର୍ବିଭାଗ ହେବ। ଅର୍ନ୍ତଃବିଭାଗ ବା ଅର୍ନ୍ତବିଭାଗ ବଦଳରେ ଅନ୍ତର୍ବିଭାଗ ହେବ। ସେହିପରି ବରିଷ୍ଟ ଜାଗାରେ ବରିଷ୍ଠ ଓ ସର୍ଜରିକାଲ୍ ଜାଗାରେ ସର୍ଜିକାଲ ହେବ। ଏହାଛଡ଼ା ଆହୁରି ଅନେକ ଭୁଲ୍ ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳେ। ସଚେତନ ଓଡ଼ିଆମାନେ ତାହାର ବିରୋଧ କରିବା ଉଚିତ।

ଡ. ବିଜୟ କୁମାର ଦାସ, ଅରୋଭବନ, କେନ୍ଦ୍ରାପଡ଼ା

### ଚିବର ନା ଚୀବର

ଡ. ପ୍ରଦୀପ ଦାଶ 'ଚରୁ, ଚିବର ଓ ଚର୍ଯ୍ୟା' ପୁସ୍ତକ ନିମନ୍ତେ ଶାରଳା ପୁରସ୍କାର ପାଇଛନ୍ତି ବୋଲି ଧରିତ୍ରୀରେ ପ୍ରକାଶିତ ହୋଇଛି। ବିଭିନ୍ନ ଓଡିଆ ଅଭିଧାନରେ 'ଚୀବର' ଶବ୍ଦଟିର ଅର୍ଥ କୌପୀନ, ଛିନ୍ନ ବସ୍ତ୍ରଖଣ୍ଡ, ବଲ୍‌କଳ। କୌଣସିଥିରେ 'ଚିବର' ଶବ୍ଦ ନାହିଁ। ତେଣୁ ବାସ୍ତବରେ ଏହା 'ଚିବର' ନା 'ଚୀବର'? କେଉଁ ଅର୍ଥରେ ଏହା ବ୍ୟବହାର କରାଯାଇଛି ତା'ର ସ୍ପଷ୍ଟୀକରଣ ଦେବାକୁ ମାନନୀୟ ଲେଖକ ତଥା ପୁରସ୍କାର ବିଜୟୀଙ୍କୁ ବିନମ୍ର ଅନୁରୋଧ।

ମନୋରଞ୍ଜନ ପଣ୍ଡା, ମାଣିଖମ୍ବ, ମୋତିଗଞ୍ଜ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୭ ନଭେମ୍ବର ୧୯୯୪

- ବିଶିଷ୍ଟ ଶିଳ୍ପପତି ଋଷି ମୋଦି ଏୟାର ଇଣ୍ଡିଆ ଏବଂ ଇଣ୍ଡିଆନ ଏୟାର ଲାଇନ୍ସର ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଛନ୍ତି।
- ତ୍ରିରାଷ୍ଟ୍ରୀୟ ୱିଲ୍ସ ସିରିଜ କ୍ରିକେଟ ଫାଇନାଲ ମ୍ୟାଚରେ ୱେଷ୍ଟଇଣ୍ଡିଜକୁ ହରାଇ ଭାରତ ଚାମ୍ପିୟନ।

# ସହରାଞ୍ଚଳରେ ସବୁ ଗରିବଙ୍କୁ ମିଳିବ ଘର

ଭୁବନେଶ୍ୱର,୬।୧୧(ବ୍ୟୁରୋ)


ଆୟୋଜିତ ସମୀକ୍ଷା ବୈଠକରେ ମନ୍ତ୍ରୀ ପ୍ରତାପ ଜେନା ଓ ଅନ୍ୟମାନେ।

■ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ସମୀକ୍ଷା
■ମାର୍ଚ୍ଚ ସୁଦ୍ଧା ୫ ଲକ୍ଷ ସହରୀ ପରିବାରକୁ ଜଳ ସଂଯୋଗ

ରାଜ୍ୟର ସହରାଞ୍ଚଳରେ ବସବାସ କରୁଥିବା ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ ପ୍ରାୟ ୫ ଲକ୍ଷ ଗୃହର ଆବଶ୍ୟକତା ରହିଛି। ହେଲେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ)ରେ ମାତ୍ର ୧ ଲକ୍ଷ ୨୭ ହଜାର ହିତାଧିକାରୀଙ୍କୁ ଘର ମିଳିଛି। ତେଣୁ ଅବଶିଷ୍ଟ ଗୃହ ଆବଶ୍ୟକତା ପୂରଣ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରୁଥିବା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି।

ଲୋକସେବା ଭବନରେ ବୁଧବାର ଆୟୋଜିତ ସମୀକ୍ଷା ବୈଠକରୁ ଜଣାପଡିଛି ଯେ, ଜାଗା ମିଶନରେ ବର୍ତ୍ତମାନ ସୁଦ୍ଧା ସହରାଞ୍ଚଳର ୫୧,୦୦୦ ବସ୍ତିବାସିନ୍ଦାଙ୍କୁ ଜମିପଟ୍ଟା ପ୍ରଦାନ କରାଯାଇଛି। ସେହିପରି ଆସନ୍ତା ମାର୍ଚ୍ଚ ସୁଦ୍ଧା ଆଉ ୨୫,୦୦୦ ଲୋକଙ୍କୁ ପଟ୍ଟା ମିଳିବ। ତେବେ ଏହି ଯୋଜନା ମହାନଗର ନିଗମଗୁଡିକରେ କାର୍ଯ୍ୟକାରୀ ହେଉ ନ ଥିବାରୁ ୫ଟି ସହରରେ ବସବାସ କରୁଥିବା ଲୋକେ କିଭଳି ଘର ପାଇବେ, ସେଥିପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ସେହିପରି ମହାନଗର ନିଗମଗୁଡିକରେ ପ୍ରାୟ ୩ ଲକ୍ଷ ୯୦ ହଜାର ଘର ଆବଶ୍ୟକ ରହିଛି। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଗୃହ ନିର୍ମାଣ ବୋର୍ଡ, ବିଡିଏ ଓ ସିଡିଏ ଭଳି ସଂସ୍ଥାଙ୍କୁ ଦାୟିତ୍ୱ ଦେବା ପାଇଁ ସ୍ଥିର ହୋଇଛି। ରାଜ୍ୟ ସରକାର ଏଥିପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାକୁ ଥିବାବେଳେ ଗୃହ ନିର୍ମାଣ କାର୍ଯ୍ୟ କିଭଳି ହେବ ସେଥିପାଇଁ ୨୦୨୦ ମାର୍ଚ୍ଚ ସୁଦ୍ଧା ମାଷ୍ଟରପ୍ଲାନ ପ୍ରସ୍ତୁତ କରିବାକୁ କୁହାଯାଇଛି।

ଅନୁରୂପଭାବେ ସହରାଞ୍ଚଳରେ ଲୋକଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଣ ସମ୍ପର୍କରେ ମଧ୍ୟ ସମୀକ୍ଷା କରାଯାଇଛି। ଆସନ୍ତା ମାର୍ଚ୍ଚ ସୁଦ୍ଧା ୫ ଲକ୍ଷ ସହରୀ ପରିବାରକୁ ପାନୀୟଜଳ ସଂଯୋଗ କରାଯିବ। ଏଥିପାଇଁ ୬୭୭ଟି ପ୍ରକଳ୍ପ କାର୍ଯ୍ୟ କରୁଛି। ସେଥିମଧ୍ୟରୁ ୫୫୦ଟି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ଜଣାପଡିଛି। ଅବଶିଷ୍ଟ ୧୨୭ ପ୍ରକଳ୍ପର କାର୍ଯ୍ୟ ଆଗେଇ ଚାଲିଛି। ସେହିଭଳି ଅମୃତ ଯୋଜନାରେ କାର୍ଯ୍ୟକାରୀ ହେଉଥିବା ୧୩୦ ପ୍ରକଳ୍ପ ମଧ୍ୟରୁ ୭୧ଟି ସମ୍ପୂର୍ଣ୍ଣ ହୋଇଛି, ବାକି ୫୦ଟିର କାର୍ଯ୍ୟ ଜାରି ରହିଛି। ଜିଲା ଖଣିଜ ପାଣ୍ଠି ଦ୍ୱାରା କାର୍ଯ୍ୟକାରୀ ହେଉଥିବା ୫୫ ପ୍ରକଳ୍ପ ମଧ୍ୟରୁ ୪୫ଟି ସମ୍ପୂର୍ଣ୍ଣ ହୋଇଥିବାବେଳେ ୧୦ଟି କାର୍ଯ୍ୟକାରୀ ହୋଇଛି। ପାନୀୟଜଳ ଯୋଗାଣ ପାଇଁ ୮୯୩ ପ୍ରକଳ୍ପ ମଧ୍ୟରୁ ୬୭୮ କାର୍ଯ୍ୟ ସରିଛି, ୨୧୫ଟିର କାର୍ଯ୍ୟ ଦ୍ରୁତଗତିରେ ଚାଲିଥିବା ଜଣାପଡିଛି। ଚଳିତ ଆର୍ଥିକ ବର୍ଷରେ ବିଭିନ୍ନ ସହରାଞ୍ଚଳରେ ସ୍ମାର୍ଟ ପାର୍କ, ଶବଦାହ ଗୃହ ଓ ଷ୍ଟ୍ରିଟ୍ ଲାଇଟ୍ ପାଇଁ ୩୭୦ କୋଟି ଟଙ୍କାର ବଜେଟ ରହିଛି।

ଅନ୍ୟମାନଙ୍କ ମଧ୍ୟରେ ଏହି ସମୀକ୍ଷା ବୈଠକରେ ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ବୋର୍ଡର ଅଧକ୍ଷ ପ୍ରିୟଦର୍ଶୀ ମିଶ୍ର, ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଜି. ମାଥିଭାଥନ, ଓରେଡାର ଅଧକ୍ଷ ଅମୀୟ କୁମାର ମହାପାତ୍ର, ଗୃହ ନିର୍ମାଣ ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ଆଦ୍ୟାଶା ପାଢ଼ୀ


ଆଶୁତୋଷ ନନ୍ଦ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

## ରାଜ୍ୟ ବିଜ୍ଞାନ ଓ କାରିଗରି ବିଭାଗ ମନ୍ତ୍ରୀମାନଙ୍କ ସମ୍ମିଳନୀ

# ବିଜ୍ଞାନଭିତ୍ତିକ ଷ୍ଟାର୍ଟଅପ୍‌କୁ ପ୍ରୋତ୍ସାହନ


କୋଲକାତାରେ ଅନୁଷ୍ଠିତ ରାଜ୍ୟ ବିଜ୍ଞାନ ଓ କାରିଗରି ବିଭାଗ ମନ୍ତ୍ରୀମାନଙ୍କ ସମ୍ମିଳନୀରେ ଯୋଗଦେବା ଅବସରରେ ମନ୍ତ୍ରୀ ଅଶୋକ ପଣ୍ଡା।

ଭୁବନେଶ୍ୱର, ୬।୧୧(ବ୍ୟୁରୋ)

■ରାଜ୍ୟରେ ଆଉ ୧୦ ବିଜ୍ଞାନ କେନ୍ଦ୍ର, ୬ ପ୍ଲାନେଟୋରିୟମ୍
■ଅଧିକ ପ୍ରୋତ୍ସାହନ, ପାଣ୍ଠି ବରାଦ ପାଇଁ ଓଡ଼ିଶାର ଦାବି

ମୌଳିକ ଓ ପ୍ରାୟୋଗିକ ବିଜ୍ଞାନରେ ଉତ୍କର୍ଷ ତଥା ପିଏଚ୍‌ଡି ଅଧ୍ୟୟନ ଏବଂ ଉଚ୍ଚତର ଗବେଷଣା ନିମନ୍ତେ ଓଡ଼ିଶା ସରକାର ସ୍ୱତନ୍ତ୍ର ବୃତ୍ତି ପ୍ରଦାନ କରୁଛନ୍ତି। କେନ୍ଦ୍ର ସରକାରଙ୍କ ବାୟୋଟେକ୍ନୋଲୋଜି ନୀତି ୨୦୧୮ ଅନୁସାରେ ରାଜ୍ୟରେ ଟେକ୍ନୋଲୋଜି ପାର୍କ, ଇନ୍‌କ୍ୟୁବେସନ୍ ସେଣ୍ଟର ଏବଂ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ସାଙ୍ଗକୁ ଭିତ୍ତିଭୂମି ବିକାଶ ଦିଗରେ ଗୁରୁତ୍ୱ ଦିଆଯାଉଛି। ବିଜ୍ଞାନଭିତ୍ତିକ ଷ୍ଟାର୍ଟଅପ୍‌କୁ ପ୍ରୋତ୍ସାହିତ କରାଯିବା ସହ ବିଭିନ୍ନ ବୃତ୍ତି ଓ ଫେଲୋଶିପ୍ ପ୍ରଦାନ କାର୍ଯ୍ୟରେ ବିଜ୍ଞାନ ଓ କାରିଗରି ବିଭାଗ ଅଧିକ ଗୁରୁତ୍ୱ ଦେଉଛି। ଜାତୀୟ ଓ ଆନ୍ତର୍ଜାତିକ କର୍ମଶାଳା ଓ ସମ୍ମିଳନୀଗୁଡିକରେ ଓଡ଼ିଶାର ପ୍ରତିନିଧିତ୍ୱକୁ ପ୍ରୋତ୍ସାହନ ମିଳୁଛି। ସେହିଭଳି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ବିକାଶ ଦିଗରେ ଆଉପାଦେ ଆଗକୁ ଯାଇ ରାଜ୍ୟରେ ଆଉ ୧୦ ବିଜ୍ଞାନ କେନ୍ଦ୍ର ଏବଂ ୬ ପ୍ଲାନେଟୋରିୟମ୍ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ହୋଇଥିବା ସୂଚନା ଦେଇଛନ୍ତି ବିଭାଗୀୟ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା। ଭାରତ ଅନ୍ତର୍ଜାତୀୟ ବିଜ୍ଞାନ ଉତ୍ସବ ପରିପ୍ରେକ୍ଷୀରେ ବୁଧବାର କୋଲକାତାର ବିଶ୍ୱ ବାଙ୍ଗଲା କନ୍‌ଭେନ୍‌ଶନ୍ ସେଣ୍ଟରରେ ଅନୁଷ୍ଠିତ ରାଜ୍ୟ ବିଜ୍ଞାନ ଓ କାରିଗରି ବିଭାଗ ମନ୍ତ୍ରୀମାନଙ୍କ ସମ୍ମିଳନୀରେ ଯୋଗଦେଇ ମନ୍ତ୍ରୀ ପଣ୍ଡା ରାଜ୍ୟରେ ବିଜ୍ଞାନଭିତ୍ତିକ କାର୍ଯ୍ୟକ୍ରମର ବ୍ୟାପକତା ପାଇଁ ଅଧିକ ପ୍ରୋତ୍ସାହନ ଓ ପାଣ୍ଠି ବରାଦ ଲାଗି କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଛନ୍ତି। ବିଜ୍ଞାନ କ୍ଷେତ୍ରରେ ଉଚ୍ଚତର ଗବେଷଣା ଏବଂ 'ଓରେଡା'ର କାର୍ଯ୍ୟକ୍ରମକୁ ସୁଦୃଢ଼ପ୍ରସାରୀ କରିବା ନିମନ୍ତେ ଅଧିକ ଅର୍ଥ ବ୍ୟବସ୍ଥା ନିମନ୍ତେ ସେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟ ବିଜ୍ଞାନ ଓ କାରିଗରି ପରିଷଦ ଦ୍ୱାରା କରାଯାଉଥିବା କାର୍ଯ୍ୟକ୍ରମଗୁଡିକର ବ୍ୟାପକ ସଫଳତା ନିମନ୍ତେ ଅଧିକ ପ୍ରକଳ୍ପକୁ ପ୍ରୋତ୍ସାହନ ଦେବା ଲାଗି ମନ୍ତ୍ରୀ ପଣ୍ଡା ଦାବି କରିଥିଲେ। 'ଓରେଡା' ପକ୍ଷରୁ ହେଉଥିବା ଜିଓ ମ୍ୟାପିଂ ମାଧ୍ୟମରେ ଓଡ଼ିଶାର ପ୍ରାୟ ୮୦୦ ପ୍ରକାର କଳାକୃତିର ଡିଜିଟାଇଜେଶନ୍ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ପ୍ରଳୟଙ୍କରୀ ବାତ୍ୟା ଫନି ଦ୍ୱାରା ପ୍ରଭାବିତ ଲୋକଙ୍କ ପାଇଁ ରୁଫଟପ୍ ସୋଲାର ପ୍ଲାଣ୍ଟ ସମେତ ସୌରଶକ୍ତି ଚାଳିତ ପାନୀୟ ଜଳ ପ୍ରକଳ୍ପ ଓ ବିଦ୍ୟୁତ୍ ସେବା ଯୋଗାଇଦେବାକୁ 'ଓରେଡା' ଉଦ୍ୟମ ଅବ୍ୟାହତ ରଖିଛି। ଏହି କାର୍ଯ୍ୟକ୍ରମକୁ ବ୍ୟାପକ କରିବା ଲକ୍ଷ୍ୟରେ କେନ୍ଦ୍ର ଅଧିକ ଅର୍ଥ ଯୋଗାଇବାକୁ ସେ କହିଥିଲେ। ରାଜ୍ୟର ବିଭିନ୍ନ ଐତିହ୍ୟସ୍ଥଳୀ ଓ ମନ୍ଦିରଗୁଡିକ ପାଖରେ ଥିବା ଜଳଉତ୍ସଗୁଡିକୁ ସର୍ବଦା ପରିଷ୍କାର ରଖିବା ନିମନ୍ତେ ଆଧୁନିକ ଜ୍ଞାନକୌଶଳ ଉପଯୋଗ କରିବାକୁ ମନ୍ତ୍ରୀ ବୈଠକରେ ପ୍ରସ୍ତାବ ଦେଇଥିଲେ। ରାଜ୍ୟ ବିଜ୍ଞାନ ଓ କାରିଗରି ପରିଷଦ, ଓରେଡା, ଓରସାକ୍, ଓଡ଼ିଶା ବିଜ୍ଞାନ ଏକାଡେମୀ, ପଠାଣିସାମନ୍ତ ପ୍ଲାନେଟୋରିୟମ୍, ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ ଇତ୍ୟାଦିର କାର୍ଯ୍ୟକ୍ରମ ସମ୍ପର୍କରେ ମନ୍ତ୍ରୀ ଏଠାରେ ଉଲ୍ଲେଖ କରିଥିଲେ। କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ବିଜ୍ଞାନ ଓ କାରିଗରି ଏବଂ ଭୂବିଜ୍ଞାନ ମନ୍ତ୍ରୀ ଡ. ହର୍ଷବର୍ଦ୍ଧନ ଏହି ସମ୍ମିଳନୀରେ ଅଧକ୍ଷତା କରିଥିବାବେଳେ ଦେଶର ବିଭିନ୍ନ ରାଜ୍ୟର ବିଭାଗୀୟ ମନ୍ତ୍ରୀ ଯୋଗଦେଇଥିଲେ।

## ବିଦ୍ୟୁତ୍ ବିଭାଗର ଅବହେଳାରୁ ଫସଲ ଉଜୁଡ଼ିଗଲା

# ଧାନ କ୍ଷେତରେ ନିଆଁ ଲଗାଇଲେ ଚାଷୀ

ସୋନପୁର, ୬।୧୧(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଖୁଲିମାଲ ଗ୍ରାମର ଚାଷୀ ମହାଦେବ ଭୋଇ(୩୫) ବୁଧବାର ନିଜ ଧାନ କ୍ଷେତରେ ନିଆଁ ଲଗାଇ ଦେଇଛନ୍ତି। ବିଦ୍ୟୁତ୍ ବିଭାଗର ଚରମ ଅବହେଳା ଯୋଗୁଁ ପାଣିବାକୁ ଥିବା ଧାନ ଗଛ ଶୁଖି ମରି ଯିବାରୁ ମହାଦେବ କ୍ରୋଧ ସମ୍ଭାଳି ନପାରି ଉକ୍ତ ଫସଲରେ ନିଆଁ ଲଗାଇ ଦେଇଥିଲେ। ଉଠା ଜଳସେଚନ ପ୍ରକଳ୍ପ ଦ୍ୱାରା ଭୂତଳ ଜଳ ବ୍ୟବହାର କରି ୪ ଏକର ଜମିରେ ମହାଦେବ ଧାନ ଚାଷ କରିଥିଲେ। ଫସଲ ବହୁତ ଭଲ ହୋଇଥିଲା। ସେ ଖୁସି ଥିଲେ। କିନ୍ତୁ ଗତ ୧ ମାସ ହେବ ବିନିକା ବିଦ୍ୟୁତ୍ ବିଭାଗ ମହାଦେବଙ୍କ ଉଠା ଜଳସେଚନ ପ୍ରକଳ୍ପକୁ ବିଦ୍ୟୁତ୍ ସଂଯୋଗ ଛିନ୍ନ କରିଥିଲା। ବିଦ୍ୟୁତ୍ ତାର ଭୂମିଠାରୁ କମ୍ ଉଚ୍ଚରେ ଥିବାରୁ ଜୀବନହାନୀ ଆଶଙ୍କାରେ ବିଭାଗ ପକ୍ଷରୁ ବିଦ୍ୟୁତ୍ ସଂଯୋଗ ଛିନ୍ନ କରାଯାଇଥିଲା। ପୁନଃ ବିଦ୍ୟୁତ୍ ସଂଯୋଗ ପାଇଁ ମହାଦେବ ବାରମ୍ବାର ବିଦ୍ୟୁତ୍ ବିଭାଗର ଅଧିକାରୀଙ୍କୁ ଭେଟି ଅନୁରୋଧ କରିଥିଲେ। ମାତ୍ର ଗରିବ ଚାଷୀର କଥା କେହି ଶୁଣି ନ ଥିଲେ। ଜଳ ଅଭାବରୁ ଜମି ଫାଟି ଆଁ କଲା। ପାଚିଲା ଧାନ ଗଛ ତାଙ୍କ ଆଖି ସାମ୍ନାରେ ମରିଗଲା। ତେଣୁ ଦୁଃଖରେ ମ୍ରିୟମାଣ ହୋଇ ମହାଦେବ କ୍ଷେତରେ ନିଆଁ ଲଗାଇ ଦେଇଥିବା କହିଛନ୍ତି। ଏହି ଘଟଣା ପରେ ଗ୍ରାମବାସୀ ବୁଧବାର ବିନିକା ବିଦ୍ୟୁତ୍ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ରଶ୍ମିରଞ୍ଜନ ଜେନାଙ୍କୁ ଭେଟି ଶୀଘ୍ର ବିଦ୍ୟୁତ୍ ସଂଯୋଗ ପାଇଁ ଦାବି କରିଛନ୍ତି।

# ଶ୍ରୀମନ୍ଦିରରେ ପୋଲିସ ଭାଙ୍ଗିଲା ନିୟମ

ପୁରୀ ଅଫିସ, ୬।୧୧

■ବେହେରଣ ଦ୍ୱାରରେ ଭକ୍ତଙ୍କୁ ଛାଡ଼ିଲା
■ପ୍ରତିବାଦ କଲେ ସେବାୟତ, ନୀତି ବ୍ୟାହତ

ଶ୍ରୀମନ୍ଦିରରେ ଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଉଛି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଓ ଭିଡ଼ ସମୟରେ ଏହାକୁ ନିୟନ୍ତ୍ରଣ କରିବା ପୋଲିସର ଦାୟିତ୍ୱ। ହେଲେ ବାଡ଼ ଫସଲ ଖାଇବା ଭଳି ଘଟଣା ଘଟିଛି ଶ୍ରୀମନ୍ଦିରରେ। ଅର୍ଥାତ୍ ଶୃଙ୍ଖଳା ରକ୍ଷା ପାଇଁ ନିୟୋଜିତ ଥିବା ପୋଲିସ ନିଜେ ନିୟମ ଭାଙ୍ଗିଛି। ଶ୍ରୀମନ୍ଦିରକୁ ଭକ୍ତମାନେ କେଉଁ ଦ୍ୱାର ଦେଇ ଯିବେ ଓ ବାହାରିବେ ତାହା ସ୍ଥିର କରାଯାଇଛି। ତେବେ ବୁଧବାର ଜଣେ ମହିଳା ହୋମଗାର୍ଡ ଏହି ନିୟମ ଭାଙ୍ଗି ପ୍ରଥାନ ଦ୍ୱାର ବେହେରଣ ଦ୍ୱାରରେ ଜୋରଜବରଦସ୍ତି ଭକ୍ତଙ୍କୁ ଭିତରକୁ ଛାଡ଼ିଥିବାରୁ ଏହାକୁ ନେଇ ସେବାୟତମାନେ ପ୍ରତିବାଦ କରିଥିଲେ। ଫଳରେ କିଛି ସମୟ ପାଇଁ ଉଜ୍ଜଳନ ସୃଷ୍ଟି ସହ ନୀତି ପ୍ରଭାବିତ ହୋଇଥିଲା।

ବର୍ତ୍ତମାନ କାର୍ତ୍ତିକ ମାସ ଯୋଗୁ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଗହଳି ହେଉଛି। ଏମିତି କି ଛୁଟିଦିନ କିମ୍ବା ସ୍ୱତନ୍ତ୍ର ପର୍ବପର୍ବାଣି ଦିନରେ ଭିଡ଼ ନିୟନ୍ତ୍ରଣ କରିବାରେ ପୋଲିସକୁ ନାକେଦମ୍ ହେବାକୁ ପଡୁଛି। ବୁଧବାର ସକାଳେ ଅବକାଶ ନୀତି ପରେ ଉଭୟ ବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ଭକ୍ତଙ୍କ ନୀତି ପାଇଁ ଭିତରକାଠରୁ ଭକ୍ତଙ୍କ ଖାଲି କରାଯାଉଥିଲା। ଶ୍ରୀଜୀଉମାନେ ବେହେରଣ ଦ୍ୱାର ଦେଇ ବାହାରକୁ ବାହାରୁଥିଲେ। ଏହି ସମୟରେ ଜଣେ ମହିଳା ହୋମଗାର୍ଡ କେତେଜଣ ଭକ୍ତଙ୍କୁ ବେହେରଣ ଦ୍ୱାର ଦେଇ ଭିତରକୁ ଛାଡୁଥିଲେ। ଏହାକୁ କେତେଜଣ ସେବାୟତ ଦେଖି ବିରୋଧ କରିଥିଲେ। ସମ୍ପୃକ୍ତ ଭକ୍ତଙ୍କୁ ନ ଛାଡ଼ିବାକୁ କହିଥିଲେ। ଏହାକୁ ନେଇ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାର ପ୍ରଭାବରେ ଅଳ୍ପ ସମୟ ଲାଗି ଭଲ୍ଲଭ ନୀତି ବ୍ୟାଘାତ ଘଟିଥିଲା। ସମ୍ପୃକ୍ତ ଭକ୍ତ ବାହାରକୁ ଯିବା ପରେ ସ୍ଥିତି ଶାନ୍ତ ପଡ଼ିଥିଲା ଓ ଠାକୁରଙ୍କ ନୀତିକାନ୍ତି ସ୍ୱାଭାବିକ ହୋଇଥିଲା। ସୂଚନାଥାଉ କି, ଶ୍ରୀମନ୍ଦିର ସଂସ୍କାର ମାମଲାରେ ଗତ ସୋମବାର ସୁପ୍ରିମକୋର୍ଟ ଅନ୍ତରୀଣ ରାୟ ପ୍ରକାଶ କରିଛନ୍ତି। ମହାପ୍ରଭୁଙ୍କ ନୀତିକାନ୍ତିରେ ବ୍ରାଘାତ କିମ୍ବା ବିଳମ୍ବ ବରଦାସ୍ତ କରାଯିବ ନାହିଁ, ଠାକୁରଙ୍କ ଗତିବିଧିରେ ବାଧା ସୃଷ୍ଟି କରିବା ଅଧିକାର କାହାର ନାହିଁ ବୋଲି କହିଛନ୍ତି।

## ନକଲି ସାର୍ଟିଫିକେଟ୍‌ରେ ନିଯୁକ୍ତି

# ଧରାପଡ଼ିଲେ ଆଉ ୩ ଶିକ୍ଷକ

ବ୍ରହ୍ମପୁର ଅଫିସ,୬।୧୧

ଧରାକୋଟ ବ୍ଲକ

ନିଯୁକ୍ତି ବେଳେ ନକଲି ସାର୍ଟିଫିକେଟ୍ ଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବିରୋଧରେ ଆଇନ ହୋଇଛି କାର୍ଯ୍ୟାନୁଷ୍ଠାନ। ଗଞ୍ଜାମ ଜିଲା ଧରାକୋଟ ବ୍ଲକର ଆଉ ୩ ଜଣ ଶିକ୍ଷକ ନକଲି ସାର୍ଟିଫିକେଟ୍ ଦେଇ ଧରାପଡ଼ିଛନ୍ତି। ବୁଧବାର ଏନେଇ ଜିଲା ଶିକ୍ଷା ଅଧିକାରୀ ସନାତନ ପଣ୍ଡାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ସେମାନଙ୍କ ନାମ ପ୍ରକାଶ କରାଯାଇନାହିଁ, ପରିଚୟ ଲୁଚାଇ ରଖାଯାଇଛି। ଧରା ପଡ଼ିଥିବା ସମସ୍ତ ୩ଜଣ ଶିକ୍ଷକଙ୍କ ବିରୋଧରେ ଥାନାରେ ଏତଲା ଦେବାକୁ ଧରାକୋଟ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଧରାକୋଟ ବ୍ଲକର ଜଣେ ଶିକ୍ଷୟିତ୍ରୀ ଏବଂ ଅନ୍ୟ ୩ ଶିକ୍ଷକ ନକଲି ସାର୍ଟିଫିକେଟ୍ ଦେଇ ଧରାପଡ଼ିଛନ୍ତି। ସେମାନଙ୍କ ନାମରେ ଥାନାରେ ଏତଲା ଦିଆଯାଇଥିଲା। ଫଳରେ ବ୍ଲକରେ ନକଲି ସାର୍ଟିଫିକେଟ୍ ଦେଇଥିବା ଶିକ୍ଷକଙ୍କ ସଂଖ୍ୟା ୭ରେ ପହଞ୍ଚିଛି।


## ପୂର୍ବ ତଟ ରେଳପଥ
### 'ଇ' କ୍ରୟ ପ୍ରଣାଳୀ

ଟେଣ୍ଡର ବିଜ୍ଞପ୍ତି ନଂ.PCMM/EP/2019-20/04, ତା.01.11.2019ରିଖ

ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବସାଇଟ: www.ireps.gov.in ରେ ଅପଲୋଡ କରାଯାଇଛି।

କ୍ରମ ନଂ.01 : ଟେଣ୍ଡର ନଂ.04192430, ... ପରିମାଣ : 178 ...
କ୍ରମ ନଂ.02 : ଟେଣ୍ଡର ନଂ.02191585, ... ପରିମାଣ : 20 ...
କ୍ରମ ନଂ.03 : ଟେଣ୍ଡର ନଂ.02195419, ... (Blower) ... (Impeller) ... ପରିମାଣ : T.S. ...
କ୍ରମ ନଂ.04 : ଟେଣ୍ଡର ନଂ.03191125, ... (Suspension) ... (Bolster) ... ପରିମାଣ : 16323 ...
କ୍ରମ ନଂ.05 : ଟେଣ୍ଡର ନଂ.04191001A, ... (Valve) ... ପରିମାଣ : T.S. ...
କ୍ରମ ନଂ.06 : ଟେଣ୍ଡର ନଂ.02195448, ... (Cylindrical) ... ପରିମାଣ : 67 ...
କ୍ରମ ନଂ.07 : ଟେଣ୍ଡର ନଂ.02195445, ... WAP7/WAG9 ... (Gear case) ... (MS) ... ପରିମାଣ : 63 ...
କ୍ରମ ନଂ.08 : ଟେଣ୍ଡର ନଂ.03193903, ... (Vertical) ... (Damper) ... ପରିମାଣ : 2500 ...
କ୍ରମ ନଂ.09 : ଟେଣ୍ଡର ନଂ.04192252, ... ପରିମାଣ : 35 ...
କ୍ରମ ନଂ.10 : ଟେଣ୍ଡର ନଂ.03191982, ... (Flap) ... ପରିମାଣ : 3760 ...
କ୍ରମ ନଂ.11 : ଟେଣ୍ଡର ନଂ.02191071, ... (Break Shoe) ... ପରିମାଣ : 6800 ...
କ୍ରମ ନଂ.12 : ଟେଣ୍ଡର ନଂ.02195460, ... WAG9/WAP7 ... (Yaw Damper) ... ପରିମାଣ : 254 ...
କ୍ରମ ନଂ.13 : ଟେଣ୍ଡର ନଂ.02191020, ... ପରିମାଣ : 45 ...
କ୍ରମ ନଂ.14 : ଟେଣ୍ଡର ନଂ.02195431, ... ପରିମାଣ : 44 ...
କ୍ରମ ନଂ.15 : ଟେଣ୍ଡର ନଂ.04194313, ... Sensoriess DC ... ପରିମାଣ : 7548 ...
କ୍ରମ ନଂ.16 : ଟେଣ୍ଡର ନଂ.07191052, ... ପରିମାଣ : 3384 ...

ଟେଣ୍ଡର ଖୋଲିବା ତାରିଖ : ତା.22.11.2019ରେ, କ୍ରମ ନଂ.01 ... ତା.25.11.2019ରେ, କ୍ରମ ନଂ.03 ... ତା.26.11.2019ରେ, କ୍ରମ ନଂ.04 ଏବଂ 05 ... ତା.02.12.2019ରେ, କ୍ରମ ନଂ.06 ଏବଂ 07 ... ତା.03.12.2019ରେ, କ୍ରମ ନଂ.08 ଏବଂ 09 ... ତା.04.12.2019ରେ, କ୍ରମ ନଂ.10 ... ତା.06.12.2019ରେ, କ୍ରମ ନଂ.11 ଏବଂ 12 ... ତା.10.12.2019ରେ, କ୍ରମ ନଂ.13 ... ତା.11.12.2019ରେ, କ୍ରମ ନଂ.14 ... ତା.17.12.2019ରେ, କ୍ରମ ନଂ.15 ... ତା.18.12.2019ରେ, କ୍ରମ ନଂ.16 ... ତା.15.11.2019ରେ ... ଟେଣ୍ଡରଗୁଡ଼ିକ ପାଇଁ 1500 ...

ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର
PR-486/K/19-20


## କାଳୀପୂଜା ଯାତ୍ରା ଦେଖିବାକୁ ଆସିଥିବା ଯୁବକଙ୍କୁ ଛୁରାମାଡ଼

### କନ୍‌ଷ୍ଟେବଲଙ୍କ ସମେତ ୩ ଆହତ

ଭଦ୍ରକ ଅଫିସ,୬।୧୧

ଭଦ୍ରକ ଚରମ୍ପା କାଳୀପୂଜାରେ ମଙ୍ଗଳବାର ବିଳମ୍ବିତ ରାତିରେ ଯାତ୍ରା ଚାଲିଥିବାବେଳେ ଜଣେ ଯୁବକଙ୍କୁ ଛୁରାମାଡ଼ ହୋଇଛି। ଆକ୍ରମଣର ଶିକାର ହୋଇଥିବା ଯୁବକ ହେଲେ ଚରମ୍ପା ଅଞ୍ଚଳର ଜିତ୍ ପଡ଼ିଆରୀ। ସେ ଏବେ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣାରେ ଜିତ୍‌ଙ୍କ ସାଙ୍ଗ ଓ ଜଣେ କନ୍‌ଷ୍ଟେବଲ ମଧ୍ୟ ଆହତ ହୋଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଯାତ୍ରା ଦେଖୁଥିବାବେଳେ ଜିତ୍ ଅନ୍ୟ ୫ରୁ ୬ ଜଣ ଯୁବକଙ୍କ ମଧ୍ୟରେ ପୂର୍ବ ଶତ୍ରୁତାକୁ ନେଇ ଯୁକ୍ତିତର୍କ ହୋଇଥିଲା। ପରେ ଉକ୍ତ ଯୁବକମାନେ ତାଙ୍କୁ ଛୁରାମାଡ଼ କରିଥିଲେ। ଖବର ପାଇ ଜଣେ କନ୍‌ଷ୍ଟେବଲ ସେମାନଙ୍କୁ କାବୁ କରିବାକୁ ଚେଷ୍ଟା କରୁଥିବା ବେଳେ ସେ ମଧ୍ୟ ଆହତ ହୋଇଛନ୍ତି। ଏହି ସୁଯୋଗରେ ଆକ୍ରମଣକାରୀମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଆହତ ଜିତ୍‌ଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ପରେ କଟକ ସ୍ଥାନାନ୍ତର କରାଯାଇଛି। ଜିତ୍‌ଙ୍କୁ ରକ୍ଷା କରିବାକୁ ଯାଇ ତାଙ୍କ ସାଙ୍ଗ ଶେଖ୍ ଇର୍ଶାଦ ଅଲି ମଧ୍ୟ ଆହତ ହୋଇ ଭଦ୍ରକ ଜିଲା ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଭଦ୍ରକ ଟାଉନ ଥାନା ପୋଲିସ ଘଟଣାର ତଦନ୍ତ କରୁଛି। ତେବେ ଏହି ରିପୋର୍ଟ ଲେଖା ହେବା ବେଳକୁ ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।


# ମନେ ପଡ଼ନ୍ତି


**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**


ସ୍ୱର୍ଗତ ବଟକୃଷ୍ଣ ମହାରଣା
ଶାଳପଡ଼ା, ଆନନ୍ଦପୁର, କେନ୍ଦୁଝର
ଆବିର୍ଭାବ: ୨୩।୦୪।୧୯୭୮
ତିରୋଧାନ: ୨୮।୧୦।୨୦୧୯
ହେ ପ୍ରିୟ ଆତ୍ମନ, ଆଜି ତୁମ ଏକାଦଶାହ ଦିବସରେ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ କୋଟି କୋଟି ନିବେଦନ କରୁଅଛୁ।
**ଶୋକସନ୍ତପ୍ତ:**
ଧୂଳଧ ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୧୫୪୧୦

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**


ସ୍ୱର୍ଗତ ପ୍ରମୋଦ କିଶୋର ଦାଶ
ଆବିର୍ଭାବ: ୨୫।୦୪।୧୯୫୪
ତିରୋଧାନ: ୨୭।୧୦।୨୦୧୯
୬୦, ବୁଦ୍ଧେଶ୍ୱରୀ କଲୋନୀ, ଭୁବନେଶ୍ୱର
**ଶୋକସନ୍ତପ୍ତ:**
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୫୬୭୮୪

**ଶ୍ରଦ୍ଧାଞ୍ଜଳି**


ସ୍ୱର୍ଗତ ନରହରି ଦାଶ
ଗଡ଼ପଡ଼ି ନଗର, ଭୁବନେଶ୍ୱର
ଆବିର୍ଭାବ: ୨୦।୦୮।୧୯୩୪
ତିରୋଧାନ: ୦୪।୧୧।୨୦୧୯
ଆପଣଙ୍କର ପବିତ୍ର ଓ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
**ଶ୍ରଦ୍ଧାଞ୍ଜଳି ସହ:**
ଧ-୧୫୪୦୮

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**


ସ୍ୱର୍ଗତ ଦୀନବନ୍ଧୁ ବିଶ୍ୱାଳ
ଆବିର୍ଭାବ: ୨୫।୦୩।୧୯୩୯
ତିରୋଧାନ: ୨୮।୧୦।୨୦୧୯
**ଶୋକସନ୍ତପ୍ତ:**
ଆନନ୍ଦ ବିଶ୍ୱାଳ, ମନୋଜ ବିଶ୍ୱାଳ ଓ ପରିବାରବର୍ଗ।
ଧ-୧୫୪୦୬

**୧୯ତମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**


ସ୍ୱର୍ଗତ ବଟକୃଷ୍ଣ ପଟ୍ଟନାୟକ
(ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ)
ଆବିର୍ଭାବ: ୦୧।୦୧।୧୯୪୯
ତିରୋଧାନ: ୦୭।୧୧।୨୦୦୦
ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା।
**ଶୋକସନ୍ତପ୍ତ**
ପତ୍ନୀ, ପୁତ୍ର, ପୁତ୍ରବଧୂ, କନ୍ୟା, ନାତିନାତୁଣୀ, ବନ୍ଧୁ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୬୭୮୩୧

## ସଂକ୍ଷେପରେ

### ପୁଇଁତୋଳାରେ ଅଷ୍ଟପ୍ରହର ନାମଯଜ୍ଞ

ଗଞ୍ଜାମ,୬।୧୧(ଡି.ଏନ.ଏ.)-ଗଞ୍ଜାମ ଏନ୍ଏସି ପୁଇଁତୋଳା ଗ୍ରାମରେ ଅଁଳାନବମୀ ଅବସରରେ ମଙ୍ଗଳବାର ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ ହୋଇ ବୁଧବାର ସରିଛି। ସୋମବାର ସନ୍ଧ୍ୟାରେ ଗ୍ରାମର ମହିଳା, ପୁରୁଷଙ୍କ ଦ୍ୱାରା କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ପ୍ରାତଃରୁ ନାମଯଜ୍ଞ ଆରମ୍ଭ ହୋଇଥିଲା। ନାମଯଜ୍ଞରେ ବିଭିନ୍ନ ଅଞ୍ଚଳର କିର୍ତ୍ତନ ମଣ୍ଡଳୀ ଯୋଗଦେଇ ଥିଲେ। ଏହାକୁ ଗ୍ରାମବାସୀ ପରିଚାଳନା କରିଥିଲେ। ବୁଧବାର ନଗର କୀର୍ତ୍ତନ, ଯମୁନା ସ୍ନାନ ଓ ପୂର୍ଣ୍ଣାହୁତି ହୋଇଥିବା ପୁଇଁତୋଳା (ବନ୍ଧମୁଣ୍ଡ ସାହି) ପରିଚାଳନା କମିଟି ପକ୍ଷରୁ କୁହାଯାଇଛି।

### ଶତାୟୁ ମହିଳାଙ୍କ ବିୟୋଗ

ଗଞ୍ଜାମ,୬।୧୧(ଡି.ଏନ.ଏ.)-ଗଞ୍ଜାମ ବ୍ଲକ କାଇଁଚପୁର ପଞ୍ଚାୟତ କଲ୍ୟାଣପୁର ଗ୍ରାମର କୁନ୍ଦନ ମାଳୀଙ୍କ ୧୧୩ ବର୍ଷ ବୟସରେ ସୋମବାର ପରଲୋକ ଘଟିଛି। ଯାହା ଉକ୍ତ ପଞ୍ଚାୟତରେ ଶହେ ବର୍ଷରୁ ଉର୍ଦ୍ଧ୍ୱ ବଞ୍ଚିବା ପ୍ରଥମ ଘଟଣା। ଉକ୍ତ ଗ୍ରାମରେ ସବୁଠୁ ବୟସ୍କ ବ୍ୟକ୍ତି ବୋଲି ଆଲୋଚନା ହେଉଛି। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପାଞ୍ଚ ଝିଅ, ଦୁଇ ପୁଅ ଓ ନାତିନାତୁଣି ଉପସ୍ଥିତ ଥିଲେ।

### ହରିହରାତ୍ମକ ଆଧାତ୍ମିକ ପାରାୟଣ ଉଦ୍‌ଯାପିତ

କନିଷି,୬।୧୧(ଡି.ଏନ.ଏ.)-ରଙ୍ଗେଇଲୁଣ୍ଡା ବ୍ଲକ କନିଷି ହାଟସ୍ଥିତ ଜଗନ୍ନାଥ ମନ୍ଦିରରେ ଅଁଳା ନବମୀରୁ ହରିହରାତ୍ମକ ଆଧାତ୍ମିକ ପାରାୟଣ ସମିତି ପକ୍ଷରୁ ଶ୍ରୀମଦ୍ ଭାଗବତ ମହାପୁରାଣ ଓ ଶ୍ରୀମଦ ଭଗବତ ଗୀତା ପାରାୟଣ ଶ୍ରୀରାମଚରିତ ମାନସ ଏବଂ ହନୁମାନ ଚାଳିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ୟାସ ଭଗବାନ ପାଢ଼ୀ, ଉପନ୍ୟାସ ପଦ୍ମଚରଣ ମହାପାତ୍ର ପ୍ରବଚନ ଆୟୋଜନ କରିଥିବା ବେଳେ ମନ୍ଦିର ମୁଖ୍ୟକର୍ତ୍ତା ନାଗାର୍ଜୁନ ପାଣିଗ୍ରାହୀ ପରିଚାଳନା କରିଥିଲେ।ଆଖପାଖ ଅଞ୍ଚଳର ବହୁ ଭକ୍ତଙ୍କ ସମାଗମ ହୋଇଥିଲା।

### ଯୁବକଙ୍କୁ କାତିରେ ଆକ୍ରମଣ, ଜଣେ ଅଟକ

ଛତ୍ରପୁର,୬।୧୧(ଡି.ଏନ୍.ଏନ୍.)- ଛତ୍ରପୁର ସାଇ ନଗର ପ୍ରଥମ ଲାଇନ୍‌ର ଜଣେ ଯୁବକଙ୍କୁ ବୁଧବାର ରାତିରେ କାତିରେ ଆକ୍ରମଣ ହୋଇଛି। ସେ ହେଲେ ସୁକାନ୍ତ ନାହାକ। ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ ଛତ୍ରପୁର ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଖବର ପାଇ ଛତ୍ରପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆକ୍ରମଣରେ ବ୍ୟବହୃତ କାତିକୁ ଜବତ କରିବା ସହ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି।

# ଷ୍ଟାଡିୟମରେ ଆହାର କେନ୍ଦ୍ର, ବଢ଼ୁଛି ଅସନ୍ତୋଷ

ଗଞ୍ଜାମ,୬।୧୧(ଡି.ଏନ.ଏ.)

ଗଞ୍ଜାମ ସହର ଭାରତୀ ବିଦ୍ୟାପୀଠ ନିକଟରେ ମିନି ଷ୍ଟାଡିୟମ ରହିଛି। ଏଠାରେ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ପ୍ରତିବର୍ଷ ସ୍କୁଲ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଏକ ସହର ଏକ ମାତ୍ର ମିନି ଷ୍ଟାଡିୟମ ଯେଉଁଠାରେ କି ସ୍ଥାନୀୟ ଅଞ୍ଚଳର ଛାତ୍ରୀଛାତ୍ର ଓ ଯୁବକମାନେ ଖେଳକୁଦ କରିଥାନ୍ତି। କିନ୍ତୁ ଉକ୍ତ ଷ୍ଟାଡିୟମରେ ରାଜ୍ୟ ସରକାରଙ୍କ ଆହାର କେନ୍ଦ୍ର ଖୋଲାଯାଇଛି। ଫଳରେ ସ୍ଥାନୀୟ ଅଞ୍ଚଳର କ୍ରୀଡ଼ାବିତଙ୍କ ମଧ୍ୟରେ ଘୋର ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏହାର ରକ୍ଷଣାବେକ୍ଷଣ ଠିକ୍ ଭାବେ ପ୍ରଶାସନ କରୁ ନ ଥିବାରୁ ପଡ଼ିଆ ସାରା ଲଟାବୁଦାରେ ପରିପୂର୍ଣ୍ଣ ହୋଇପଡ଼ିଛି।


ଗଞ୍ଜାମ ମିନି ଷ୍ଟାଡିୟମ।

ଏଥିଯୋଗୁ ପଡ଼ିଆକୁ ଦୈନନ୍ଦିନ ଆସି ଖେଳ ଅଭ୍ୟାସ କରୁଥିବା ଯୁବକମାନେ ମୁହଁ ଫେରାଇଲେଣି। ସକାଳ ଓ ସନ୍ଧ୍ୟାରେ ବିଭିନ୍ନ ପ୍ରକାର ଖେଳ ଦେଖିବାକୁ ମିଳୁନି। ଏନେଇ ଜଣେ ଛାତ୍ର ତଥା ଖେଳାଳି କହିଛନ୍ତି, ଏନ୍ଏସି ପ୍ରଶାସନର ଉଦସୀନତା ଯୋଗୁ ଷ୍ଟାଡିୟମର ଏପରି ଅବସ୍ଥା ହୋଇଛି। ସହରରେ ଆହାର କେନ୍ଦ୍ର ଖୋଲାଯିବା ପାଇଁ ସ୍ଥାନ ଥିଲେ ମଧ୍ୟ ଷ୍ଟାଡିୟମରେ କରିବା ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି। ଅନ୍ୟପଟେ ସ୍ଥାୟୀ ଆହାରକେନ୍ଦ୍ର ନିର୍ମାଣ ପାଇଁ ଜୟଶ୍ରୀ ଛକରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନ ଚିହ୍ନଟ କରାଯିବା ସହ ଟେଣ୍ଡର ମଧ୍ୟ ସରିଥିବା କହିଛନ୍ତି ବିଡିଓ ଜ୍ୟୋତି ଶଙ୍କର ରାଏ। ଖୁବଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଛନ୍ତି। ଏନେଇ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସୁନୀଲ କୁମାର ଟୁଡୁ କହିଛନ୍ତି, ଖୁବଶୀଘ୍ର ମିନି ଷ୍ଟାଡିୟମରେ ଆଲୋକୀକରଣ ପାଇଁ ଷ୍ଟ୍ରିଟ ଲାଇଟ ଲଗାଯିବ। ଦୈନନ୍ଦିନ ଜଣେ ସୁଇପର ତାହା ତଦାରଖ କରିବେ ବୋଲି ସେ କହିଛନ୍ତି। ମିନି ଷ୍ଟାଡିୟମ ପାଚେରି ମଧ୍ୟ ଗତ ବର୍ଷାରେ ଭାଙ୍ଗି ଯାଇଥିବା ଜଣାପଡ଼ିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉକୁଣି ମୁଣ୍ଡରେ ଖୋଷା**
**ପଛବୁଣା ଚଷା**
**ଛାଇ ତଳିଆ ବେଉସା**
**ଇନ୍ଦୁଡ଼ି ପୁଅକୁ ଆଶା**
**ସଖୀ ବଡ଼ ମନ୍ଦ ଏ।**

ଉକୁଣି ରହୁଥିବା ମୁଣ୍ଡରେ ସ୍ଥିର ଖୋଷା ପାରି ହୋଇ ନ ଥାଏ। ପଛରେ ଚାଷ କାର୍ଯ୍ୟ ଆରମ୍ଭ କଲେ ଚାଷରୁ ସେତେ ଭଲ ଅମଳ ମିଳି ନ ଥାଏ। ଛାଇ ବା ଅନ୍ଧାରୁଆ ଜାଗାରେ ବେଉସା କଲେ ବେପାର ସେତେଟା ହୋଇ ପାରି ନ ଥାଏ, ତେଣୁ ଲାଭ କମ୍ ମିଳିଥାଏ। ସେହିପରି ଜନ୍ମିତ ସନ୍ତାନର ଭବିଷ୍ୟତ କ'ଣ ହେବ କିପରି ହେବ ତାହା ଏବେଠୁ କହି ହୋଇ ନ ଥାଏ। ଏପରିସ୍ଥଳେ ତା' ଉପରେ ଆସ୍ଥାପ୍ରକଟ କରିବା ମୂର୍ଖାମୀ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଉଧାରକୁ ବଦଳ**
**ଏଥିପାଇଁ କିଆଁ ହୁନ୍ଦର।**

ଅଭାବ ପଡ଼ିଲେ ଲୋକେ ବାଧହୋଇ ଅନ୍ୟର ଦ୍ୱାରସ୍ଥ ହୋଇଥାନ୍ତି। ପରିଶୋଧ କରି ନ ପାରିଲେ ତା' ବିନିମୟରେ ଅନ୍ୟ ସାମଗ୍ରୀ ବା ଜିନିଷ ଦେଇଥାନ୍ତି। ପ୍ରାପ୍ତି ହିଁ ଦାନର ଅପେକ୍ଷା ରଖେ। ଉଧାର ବଦଳ ନୀତିରେ ସଂସାର ଚାଲେ। ଏହା ଜୀବନ-ଜୀବିକାର ପୁରାତନ ରୀତି ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ବଳଦେବ ସ୍ୱାମୀ କୃଷକ ସଂଘ ବୈଠକ

ବୁଗୁଡ଼ା,୬।୧୧(ଡି.ଏନ.ଏ.)

ବୁଗୁଡ଼ା ବଳଦେବ ସ୍ୱାମୀ ମନ୍ଦିର ପରିସରରେ ଶନିବାର ବଳଦେବ ସ୍ୱାମୀ କୃଷକ ସଂଘର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିପିନ ବିହାରୀ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଚଳିତ ବର୍ଷ ବୁଗୁଡ଼ାରେ ସାରର କଳାବଜାର ହେଉଥିବା ନେଇ ସ୍ଥାନୀୟ କୃଷି ଅଧିକାରୀ ଓ ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନ ଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପିଓଏସ୍ ମେଶିନ ମାଧ୍ୟମରେ ଚାଷୀଙ୍କୁ ସାର ବିକ୍ରୟ କରିବାର ନିୟମ ଥିଲେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରା ନ ଯାଇ ଚଢ଼ା ଦରରେ ସାର ବିକ୍ରି ଚାଲିଥିବା କୁହାଯାଇଥିଲା। ଚଳିତ ବର୍ଷ ମଣ୍ଡିରେ ଧାନ ବିକ୍ରୟ ପାଇଁ ଚାଷୀମାନଙ୍କ ନାମ ପଞ୍ଜୀକରଣ କରାଯିବାର ନିୟମ ଥିଲେ ମଧ୍ୟ ଏଠାରେ କେତେକ ଅନାମଧେୟ ଚାଷୀଙ୍କ ନାମ ପଞ୍ଜୀକରଣ କରାଯାଇଛି। ଗତବର୍ଷ ମଣ୍ଡିରେ ମିଲରମାନଙ୍କ ମାଧ୍ୟମରେ ଧାନ ସଂଗ୍ରହ କରିବାରେ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ତେଣୁ ଚଳିତ ବର୍ଷ ପ୍ରତି ପଞ୍ଚାୟତର ୩ ଗ୍ରାମରେ ମଣ୍ଡି ଖୋଲି ଧାନ ସଂଗ୍ରହ କରିବା ପାଇଁ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇବା ପାଇଁ ନିଷ୍ପତ୍ତି ହୋଇଥିଲା। ବୈଠକରେ ସଂଘର ସମ୍ପାଦକ ସନ୍ତୋଷ କୁମାର ସାହୁ, କାଳି ଚରଣ ନାୟକ, ନେପାଳ ପାତ୍ର, ଗଙ୍ଗାଧର ବିଷୋୟୀ, ଗୋପାଳ କୃଷ୍ଣ ମହାରଣା, ସୀମାଞ୍ଚଳ ମିଶ୍ର, କାମରାଜୁ ଦୋରା ପ୍ରମୁଖ ଉପସ୍ଥିତ ଥିଲେ।

### ସ୍ତ୍ରୀଙ୍କୁ ଆକ୍ରମଣ, ସ୍ୱାମୀ ଗିରଫ

ବୁଗୁଡ଼ା,୬।୧୧(ଡି.ଏନ.ଏ.)

ବୁଗୁଡ଼ା ଥାନା ଟାକରଡ଼ା ଗ୍ରାମରେ ସ୍ତ୍ରୀଙ୍କୁ ଲୁହାରଡ଼ରେ ଆକ୍ରମଣ ଅଭିଯୋଗରେ ବୁଗୁଡ଼ା ପୋଲିସ ବୁଧବାର ସ୍ୱାମୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଟାକରଡ଼ା ଗ୍ରାମର ଭାସ୍କର ପଲାଇ। ତାଙ୍କ ସ୍ତ୍ରୀଙ୍କ ଅଭିଯୋଗକ୍ରମେ ବୁଗୁଡ଼ା ଥାନାରେ ନଂ.୨୪୯/୧୯ରେ ଏକ ମାମଲା ରୁଜୁ ହୋଇଥିଲା। ପ୍ରକାଶ ଯେ, ଟାକରଡ଼ା ଗ୍ରାମରେ ସୋମବାର ଅପରାହ୍ନରେ ସ୍ତ୍ରୀ କାମିନିଙ୍କୁ କୌଣସି କାରଣରୁ ଗାଳିଗୁଲଜ କରିବା ସହ ଭାସ୍କର ଏକ ଲୁହାରଡ଼ରେ ମୁଣ୍ଡକୁ ଆକ୍ରମଣ କରିଥିଲେ। ମୁଣ୍ଡ ଫାଟିଯିବାରୁ ତାଙ୍କୁ ଗୁରୁତର ଅବସ୍ଥାରେ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସ୍ତ୍ରୀ କାମିନି ଏନେଇ ସେଦିନ ବୁଗୁଡ଼ା ଥାନାରେ ଅଭିଯୋଗ କରିଥିଲେ।

## କୁଏଟରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ ଘଟଣା

# ୨୭ଦିନ ପରେ ଗ୍ରାମରେ ପହଞ୍ଚିଲା ମୃତଦେହ


ଖଲ୍ଲିକୋଟ ବିଧାୟିକା, ଡିଏଲ୍‌ଓଙ୍କ ଉପସ୍ଥିତିରେ ମୃତଦେହ ଗ୍ରହଣ କରୁଛନ୍ତି।

ଖଲ୍ଲିକୋଟ,୬।୧୧(ଡି.ଏନ.ଏ.)

ଖଲ୍ଲିକୋଟ ବ୍ଲକ ଖୋଜାପଲ୍ଲୀ ଗ୍ରାମର ହର ସାମଲ (୩୫) କୁଏଟରେ ଦାଦନ ଶ୍ରମିକ ଭାବେ କାମ କରିବାକୁ ଯାଇ ଅକ୍ଟୋବର ୧୧ରେ ମୃତ୍ୟୁ ଘଟିଥିଲା। ଏକମାତ୍ର ରୋଜଗାରିଆ ପୁଅର ମୃତ୍ୟୁ ଖବର ଶୁଣି ବାପା ରମେଶ, ମା' ଓ ସ୍ତ୍ରୀ ଶୈଳ ଦୁଃଖରେ ଭାଙ୍ଗି ପଡିଥିଲେ। ଖଲ୍ଲିକୋଟ ତହସିଲଦାର ଚିତ୍ତରଞ୍ଜନ ମହାନ୍ତ ହରଙ୍କ ଘରେ ପହଞ୍ଚି ସମବେଦନା ଜଣାଇବା ସହ ମୃତଦେହ ଗାଁକୁ ଫେରାଇ ଆଣିବାକୁ ଜିଲା ଶ୍ରମ ଅଧିକାରୀ ଓ ପ୍ରଶାସନକୁ ଜଣାଇଥିଲେ। ୨୭ ଦିନ ପରେ ବୁଧବାର ମୃତଦେହ ଗାଁରେ ପହଞ୍ଚିଛି। ଗଞ୍ଜାମ ଜିଲା ଶ୍ରମ ଅଧିକାରୀ ଶିବ ନାରାୟଣ ସାହୁ, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ଆତ୍ମୀୟ ଲୋକ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚି ମୃତଦେହ ଗ୍ରାମକୁ ଆଣିଥିଲେ।

# ଭୂଚେତନା ଦକ୍ଷତା ବିକାଶ ତାଲିମ ଶିବିର

ଫୁଲବାଣୀ ଅଫିସ, ୬।୧୧

ଜିଲା କୃଷି କାର୍ଯ୍ୟାଳୟ ପରିସରରେ ଭୂଚେତନା ଦକ୍ଷତା ବିକାଶ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ହାଇଦ୍ରାବାଦ ଇକ୍ରିସାଟ କୃଷି ବିଭାଗ ଏବଂ ନିର୍ମାଣ ସ୍ୱେଚ୍ଛାସେବୀ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ୨ ଦିନିଆ ଶିବିରକୁ ଜିଲା କୃଷି ଅଧିକାରୀ ଅଭୟ କୁମାର ସେଠୀ ଉଦ୍‌ଘାଟନ କରିଥିଲେ। ଇକ୍ରିସାଟର ଜିଲା ସଂଯୋଜକ ଡ.କପିଲ ରାଜେ ଯୋଗଦେଇ ଭୂଚେତନା ସମ୍ପର୍କିତ ସମସ୍ତ ତଥ୍ୟ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ତାଲିମଦାତା ଭାବେ ମୃତ୍ତିକା ରସାୟନବିତ୍ ବିରଞ୍ଚି ନାରାୟଣ ମଙ୍ଗରାଜ, ସହକାରୀ କୃଷି



ତାଲିମ ଶିବିରରେ ଉପସ୍ଥିତ କୃଷି ଅଧକାରୀ ଓ ଅନ୍ୟମାନେ।

ଅଧିକାରୀ ଅଭିଷେକ ଦାଶ ତାଲିମ ପ୍ରଦାନ କରିଥିଲେ। ମାଟିର ସ୍ୱାସ୍ଥ୍ୟ ଓ ଫସଲରେ ଲାଗୁଥିବା ରୋଗପୋକର ନିରାକରଣ ବିଷୟରେ ଆଲୋଚନା ହୋଇଥିଲା।। ଜିଲାର ୨୦ ଜଣ କୃଷି ଅଧିକାରୀ ଏବଂ ୬୦ ଜଣ ବିଭାଗୀୟ ସହଯୋଗୀ ଏହି ତାଲିମ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଆତ୍ମା ଉପ କୃଷି ନିର୍ଦ୍ଦେଶକ ହେମନ୍ତ ଦାସ, ନିର୍ମାଣ ସଂସ୍ଥା ପ୍ରୋଗ୍ରାମ ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ବିଶୋୟୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଗତବର୍ଷ ଭଳି ଚଳିତବର୍ଷ ମଧ୍ୟ ଜିଲାର ସମସ୍ତ ବ୍ଲକରୁ ମୃତ୍ତିକା ସଂଗ୍ରହ କରାଯାଇ ଇକ୍ରିସାଟର ଲାବୋରେଟୋରିରେ ପରୀକ୍ଷା କରାଯିବ।

### ଅଖଣ୍ଡଳମଣିଙ୍କ ବାର୍ଷିକ ମେଳା

ଆସିକା,୬।୧୧(ଡି.ଏନ୍.ଏ.)

ଆସିକା ସିଭିଲ କୋର୍ଟ ପରିସରରେ ଶ୍ରୀଶ୍ରୀ ଅଖଣ୍ଡଳମଣିଙ୍କ ୩୫ତମ ବାର୍ଷିକ ମେଳା ସୋମବାର ସନ୍ଧ୍ୟାରେ ସମ୍ପନ୍ନ ହୋଇଛି। ପୂଜାପାଠ, ଆରତୀ ଓ ହୋମଯଜ୍ଞ କରାଯାଇ ପରେ ଅଦାଲତ ସମ୍ମୁଖରେ ଭଜନ ସମାରୋହ ହୋଇଥିଲା। କାର୍ଯ୍ୟକ୍ରମରେ ଅଦାଲତ ବିଚାର ବିଭାଗୀୟ ଅଧିକାରୀ, ବିଭାଗୀୟ କର୍ମଚାରୀ, ଆଇନଜୀବୀ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# ଦିଗପହଣ୍ଡିରେ ଗାଁ ସାଥୀ ସଂଘର ପରିବର୍ଦ୍ଧିତ ସଭା


ସଭାରେ ଉପସ୍ଥିତ ସଂଘର କାର୍ଯ୍ୟକର୍ତ୍ତା ଓ ସଦସ୍ୟ ବୃନ୍ଦ।

ଦିଗପହଣ୍ଡି,୬।୧୧(ଡି.ଏନ.ଏ.)

ଦିଗପହଣ୍ଡି ଜଳ ସମ୍ପଦ କାର୍ଯ୍ୟାଳୟ ନିକଟରେ ଥିବା ତ୍ରିନାଥ ମନ୍ଦିର ପ୍ରାଙ୍ଗଣରେ ଦିଗପହଣ୍ଡି ଗାଁ ସାଥି ସଂଘର ପରିବର୍ଦ୍ଧିତ ସଭା ଅନୁଷ୍ଠିତ ହୋଇଯାଇଛି। ସଂଘର ବ୍ଲକ ଶାଖା ସଭାପତି ଉଦୟ ନାରାୟଣ ଦାସ ସଭାରେ ଅଧ୍ୟକ୍ଷତା କରିଥିଲେ। ଗାଁ ସାଥୀଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ରାଜ୍ୟ ସରକାରଙ୍କ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ନିଯୁକ୍ତ ଗାଁ ସାଥୀ ମାନଙ୍କୁ ସେମାନଙ୍କ ପାରିଶ୍ରମିକ ସର୍ବନିମ୍ନ ୬ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ପ୍ରୋତ୍ସାହନ ଅର୍ଥରାଶି ପ୍ରଦାନ, ସମସ୍ତ ସରକାରୀ ଯୋଜନାରେ ସେମାନଙ୍କୁ ତଦାରଖ ଦାୟିତ୍ୱ ପ୍ରଦାନ କରାଯାଇ ନିୟମ ପ୍ରକାରେ ପାରିଶ୍ରମିକ ପ୍ରଦାନ ରାଜ୍ୟ ପଞ୍ଚାୟତିରାଜ ବିଭାଗ ପକ୍ଷରୁ କରାଯାଇଥିବା ଚିଠିରେ ଗାଁ ସାଥୀଙ୍କ ସମ୍ପର୍କରେ ସର୍ବସମ୍ମତି ପ୍ରସ୍ତାବ ଗୃହୀତ କରାଯାଇଥିଲା। ସଭାରେ ସଂଘର ଶାଖା ସାଧାରଣ ସମ୍ପାଦକ ଉଆଳି ଗୌଡ, ସହ ସମ୍ପାଦକ ବି.ପାରମେଶ୍ୱ, କୋଷାଧ୍ୟକ୍ଷ ସମୀର ଦଳ ବେହେରା, ଉପଦେଷ୍ଟା ପ୍ରଶାନ୍ତ ପାଣିଗ୍ରାହୀଙ୍କ ସମେତ ବିଭିନ୍ନ ପଞ୍ଚାୟତର ସମସ୍ତ ଗାଁ ସାଥୀ ବୃନ୍ଦ ଉପସ୍ଥିତ ଥିଲେ।

## ବର୍ତ୍ତିନୀ କଲେଜ ସମ୍ମୁଖରେ ଛାତ୍ର, ଅଣଛାତ୍ର ମୁହାଁମୁହିଁ

# ୩ ଜଣଙ୍କୁ ଧରିଲା ପୋଲିସ

ହାତିଓଟ, ୬।୧୧- ବର୍ତ୍ତିନୀ କଲେଜ ଗେଟ୍ ସମ୍ମୁଖରେ ବୁଧବାର ଅପରାହ୍ନରେ ଅଣଛାତ୍ର ଓ ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଜଣେ ଛାତ୍ରଙ୍କୁ ଅପରାହ୍ନରେ କଲେଜ ସମ୍ମୁଖରେ କେତେଜଣ ଅଣଛାତ୍ର ଆକ୍ରମଣ କରିଥିଲେ। ସେ କଲେଜ ଭିତରକୁ ଦୌଡି ଆସି ପାଟି କରିବାରୁ ଅନ୍ୟ ଷ୍ଟାଫ ଓ ଛାତ୍ରୀଛାତ୍ର ରୁଣ୍ଡ ହୋଇଥିଲେ। କଲେଜ ଅଧ୍ୟକ୍ଷ ପୋଲିସକୁ ଖବର ଦେଇଥିଲେ। ପୋଲିସ୍ ପହଞ୍ଚି ଅଣ ଛାତ୍ରଙ୍କୁ ଧରି ଥାନାକୁ ଆଣିଥିଲେ। ମଙ୍ଗଳବାର ୨ ଛାତ୍ରଙ୍କ ମଧ୍ୟରେ ଘଟିଥିବା ଗଣ୍ଡଗୋଳରୁ ଏହି ଘଟଣା ଘଟିଥିବା ଜଣାପଡିଛି। ଘଟଣା ସମ୍ପର୍କରେ ଥାନା ଅଧିକାରିଙ୍କୁ ପଚାରିବାରୁ ସେ କହିଛନ୍ତି, ଉକ୍ତ ଘଟଣା ସ୍ଥଳରୁ ୩ଜଣ ଅଣ ଛାତ୍ରଙ୍କୁ କାବୁ କରି ଥାନାକୁ ଅଣାଯାଇଛି। ଘଟଣା ସମ୍ପର୍କରେ ସେମାନଙ୍କ ଠାରୁ ତଥ୍ୟ ସଂଗ୍ରହ ସହ ଅନୁଧ୍ୟାନ ଚାଲିଛି। ତଦନ୍ତ ପରେ ପ୍ରକୃତ ଘଟଣା ଜଣାପଡିବ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS BUSINESS

ଡାଇରେକ୍ଟ କମ୍ପାନୀର ଡିଜିଟାଲ ଟାୱାର୍ ଟାୱାର୍ କମ୍ପାନୀ ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କମ୍ପାନୀ ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦ ଲକ୍ଷ, ଭଡ଼ା 60 ହଜାର + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ ।
7838639856
8826558929

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
ଭାରତର Govt. Regd. ନଂ.1 କମ୍ପାନୀ
1982ଠାରୁ ଆପଣଙ୍କ ସେବାରେ
MICRO FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
8278449759
8901395759
B-34/7 A Block Vijay Enclave, Bururi, New Delhi

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

KUBER FINANCE
Kuber ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, କୃଷି ଆଧାରକାର୍ଡ ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ମାତ୍ର ୧ ଦିନରେ, 2% ସୁଧ 40% ଛାଡ । ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
Call or SMS Now
8146524009

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
07376033092

FINANCE FINANCE

FINANCE
All India ଋଣ ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୦% ସୁଧ ୫୦% ଛାଡ ଘରେବସି ପାଆନ୍ତୁ
Call / SMS Now
Janavi - 7566-888-563
Sagar - 7773-817-838
Manasi- 8827-505-029
Manisa- 7772-970-949
Sradha - 7583-808-884
Visakha- 8269-150-310
Vasundhara Mall, West Boring Canal Rd, Rajapur, Patna, Bihar 800001

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ ସମସ୍ତ ପ୍ରକାର LOAN
BARSA FINANCE ଯୋଗାଇ ଦେଉଛି । ସୁଧ=1%
M = 7656825259
7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ASTROLOGY ASTROLOGY

ଭାରତର ନଂ. 1 କମ୍ପାନୀ
Hindusthan Tower Group
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇୱେ ପାର୍ଶ୍ୱ ଜମିରେ
DIGITAL
ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଆଡ୍‌ଭାନ୍ସ: 60 ଲକ୍ଷ
ଭଡ଼ା: 60 ହଜାର
94735-96956, 98070-64437
ADDRESS: T-51, GAUTAMPURI, DELHI

ଶୁଭଜନଲକ୍ଷ୍ମୀ ଫାଇନାନ୍ସ
ଗୃହ ଋଣ, ମାର୍କଶିଟ୍ ଋଣ, କୃଷି ଋଣ, ପର୍ସନାଲ ଋଣ, ଗ୍ରୁପ୍ ଋଣ, ମାତ୍ର 5 ବାର୍ଷିକ ସୁଧ ହାରରେ ।
ଯୋଗାଯୋଗ କରନ୍ତୁ
9899289162
9858323204
Dehradun, UK

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଫୁଟବଲ ଟୁର୍ଣ୍ଣାମେଣ୍ଟ: ସୁନାରଦେଇ ଟିମ୍ ଚାମ୍ପିୟନ

**ଫିରିଙ୍ଗିଆ, ୬।୧୧:** ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ଭୂର୍ଙ୍ଗିଯୋଡି ପଞ୍ଚାୟତ ଶୁଣ୍ଡିଗାଁରେ ଚାଲିଥିବା ଗ୍ରାମାଞ୍ଚଳ ଫୁଟବଲ ଟୁର୍ଣ୍ଣମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ସୁନାରଦେଇ ଦଳ ୧-୦ ଗୋଲରେ ସାଡିଙ୍ଗିଆ ଦଳକୁ ହରାଇ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଫୁଲବାଣୀ ପୂର୍ବତନ ବିଧାୟକ ଦୁଗୁନି କହଁର ମୁଖ୍ୟଅତିଥି, ପଞ୍ଚାୟତ ସଭାପତି ଟ୍ରେସା ମଲ୍ଲିକ, କୁଇସମାଜ ସଭାପତି ବୃନ୍ଦାବନ କହଁର, ଏସିଆ କହଁର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ। ଯୁବକ ସଂଘର ସଭାପତି ଚିନୁଆ କହଁର, ସମ୍ପାଦକ ପ୍ରଣବ କହଁର ଏବଂ ସଦସ୍ୟମାନେ ସହଯୋଗ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ୧୬ଟି ଟିମ୍ ଭାଗ ନେଇଥିଲେ।

### ୪୨ ୟୁନିଟ୍ ରକ୍ତ ସଂଗ୍ରହ

**ବାଲିଗୁଡ଼ା,୬।୧୧(ଡି.ଏନ୍.ଏ.):** ବିଶିଷ୍ଟ ଗାନ୍ଧୀବାଦୀ, ସର୍ବୋଦୟ ନେତା ବନବାସୀ ସେବା ସମିତିର ପ୍ରତିଷ୍ଠାତା ତଥା ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ବିଶ୍ୱନାଥ ପଟ୍ଟନାୟକଙ୍କ ୧୦୪ ତମ ଜନ୍ମ ଉତ୍ସବ ଚଳିତ ମାସ ୧୧ତାରିଖରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ସମିତି ପରିସରରେ ପାଳନ କରାଯିବ। ଏହି ଅବସରରେ ବୁଧବାର ଏକ ରକ୍ତଦାନ ଶିବିର ବନବାସୀ ସେବା ସମିତି ପରିସରରେ ଆୟୋଜନ ହୋଇଥିଲା। ସମିତିର ସମ୍ପାଦକ ଉତ୍ସବ ଚନ୍ଦ୍ର ଜେନା ଉପସ୍ଥିତ ରହି ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ମେଡିକାଲର ଡ. ବିଜୟ କୁମାର ସୁର, ଚିତ୍ତ ରଞ୍ଜନ ନାୟକଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ଉପସ୍ଥିତରେ ୪୨ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସ୍ଥାନୀୟ ବ୍ଲଡବ୍ୟାଙ୍କ ତରଫରୁ ସମିତିର କର୍ମକର୍ତ୍ତାଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ବନବାସୀର ସମ୍ପାଦକ ଜେନା, ସହ ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା, ବିଶ୍ୱଜିତ ଜେନା, ପ୍ରମୁଖ କର୍ମଚାରୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

### ପ୍ରଧାନମନ୍ତ୍ରୀ କୌଶଳ ବିକାଶ କେନ୍ଦ୍ର ଉଦ୍‌ଘାଟିତ

**ଫୁଲବାଣୀ ଅଫିସ, ୬।୧୧:** ଫୁଲବାଣୀସ୍ଥିତ ସରକାରୀ ଆଇଟିଆଇରେ ବୁଧବାର ପ୍ରଧାନମନ୍ତ୍ରୀ କୌଶଳ ବିକାଶ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। କନ୍ଧମାଳ ଏମ୍‌ପି ଡ. ଅଚ୍ୟୁତାନନ୍ଦ ସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ଜିଲାପାଳ ଡା. ବୃନ୍ଦା ଡି. ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି କେନ୍ଦ୍ର ଦ୍ୱାରା ଜିଲାର ଛାତ୍ରୀଛାତ୍ରମାନେ ସ୍ୱାବଲମ୍ବୀ ହେବେ ବୋଲି କହିଥିଲେ। ମୁଖ୍ୟଅତିଥି ସାମନ୍ତ ପ୍ରଥମେ ଆଇଟିଆଇ ପରିବେଶ ଦେଖି ଖୁସି ବ୍ୟକ୍ତ କରିଥିଲେ। ପରେ ଆଇଟିଆଇର ଉନ୍ନତି ପାଇଁ ନିଜ ପାଣ୍ଠିରୁ ୨୦ ଲକ୍ଷ ଟଙ୍କାର ସହାୟତା ଘୋଷଣା କରିଥିଲେ। କୌଶଳ କେନ୍ଦ୍ର ଦ୍ୱାରା ବିଭିନ୍ନ ପ୍ରକାର ତାଲିମ ନେଇ ଛାତ୍ରୀଛାତ୍ରମାନେ ସ୍ୱାବଲମ୍ବୀ ହୋଇପାରିବେ। ଜିଲାରେ ପ୍ରତିବର୍ଷ ୫ ହଜାର ଛାତ୍ରୀଛାତ୍ରଙ୍କୁ ତାଲିମ୍ ଦେବା ବ୍ୟବସ୍ଥା କରାଯାଉଛି ବୋଲି କହିଥିଲେ। ପ୍ରଥମ ପର୍ଯ୍ୟାୟରେ ଇଲେକ୍ଟ୍ରିସିଆନ ଏବଂ ସିଲେଇ ତାଲିମ ପ୍ରଦାନ କରାଯିବ। ଏହି ଅବସରର ୨ ତାଲିମଦାତାଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିଲା। ସେହିପରି ପ୍ରତିବର୍ଷ ୫ ଜଣ ଏସ୍‌ଟି, ଏସ୍‌ସି ଛାତ୍ରୀଛାତ୍ରଙ୍କୁ ମାଗଣାରେ କିଟ୍‌ରେ ଅଧ୍ୟୟନ ପାଇଁ ସୁଯୋଗ ଦିଆଯିବ। ଯେଉଁମାନେ ତାଲିମ ସମାପ୍ତ କରିଛନ୍ତି, କିଟ୍‌ର ପ୍ଲେସମେଣ୍ଟ ସେଲ୍ ଦ୍ୱାରା ବିଭିନ୍ନ ନିଯୁକ୍ତି ମେଳାରେ ସୁଯୋଗ ଦେବା ପାଇଁ ଏମ୍‌ପି ଘୋଷଣା କରିଥିଲେ। ଆଇଟିଆଇ ପ୍ରିନ୍ସିପାଲ ଦାୟିତ୍ୱରେ ଥିବା ନୃସିଂହାନନ୍ଦ ମହାପାତ୍ରଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## କନ୍ଧମାଳ ଜିଲା ଯୋଜନା କମିଟି ବୈଠକ

# ୭.୭୫ କୋଟିରେ ହେବ ୨୦୦ ପ୍ରକଳ୍ପ

**ଫୁଲବାଣୀ ଅଫିସ, ୬।୧୧**



ବୈଠକରେ ଉପସ୍ଥିତ ମନ୍ତ୍ରୀ, ଏମ୍‌ପି, ବିଧାୟକ ଏବଂ ଅନ୍ୟମାନେ।

ଫୁଲବାଣୀସ୍ଥିତ ପଞ୍ଚାୟତ ଭବନ ସମ୍ମିଳନୀ କକ୍ଷରେ ବୁଧବାର ଜିଲା ଯୋଜନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସର୍ବସମ୍ମତିକ୍ରମେ ମୋଟ ୨୦୦ଟି ପ୍ରକଳ୍ପ ଗୃହୀତ ହୋଇଛି। ଏହା ୭ କୋଟି ୭୫ ଲକ୍ଷ ୫୮ ହଜାର ଟଙ୍କାରେ ହେବ ବୋଲି ସ୍ଥିରୀକୃତ ହୋଇଛି। ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ବୈଠକରେ ଅଧ୍ୟକ୍ଷତା କରିଥିଲେ। ୨୦୧୯-୨୦ ଆର୍ଥିକ ବର୍ଷରେ ବିଜୁ କନ୍ଧମାଳ ଗଜପତି ଯୋଜନାରେ ଜିଲାର ମୋଟ ପ୍ରାପ୍ୟ ୧୮ କୋଟି ଟଙ୍କା ମଧ୍ୟରୁ ଏକ-ତୃତୀୟାଂଶ ଅର୍ଥ ଜିଲାସ୍ତରୀୟ ଯୋଜନା କମିଟି ମାଧ୍ୟମରେ ଏବଂ ଅବଶିଷ୍ଟ ଦୁଇ-ତୃତୀୟାଂଶ ଅର୍ଥ ରାଜ୍ୟ ଯୋଜନା ପରିଷଦ ଦ୍ୱାରା ମଞ୍ଜୁର କରାଯିବ। ସେହିପରି ରାଜ୍ୟ ସରକାରଙ୍କ ସଂଶୋଧିତ ନିଷ୍ପତ୍ତିକ୍ରମେ ବ୍ଲକୱାରୀ ୫୦ ଲକ୍ଷ ଟଙ୍କା ହାରରେ ମୋଟ ୬ କୋଟି ଟଙ୍କାର ଯୋଜନା ଅଟକଳ ଉପସ୍ଥାପନ କରିବାକୁ ମନ୍ତ୍ରୀ ଅନୁରୋଧ କରିଥିଲେ। ସେହି ଅନୁସାରେ ବ୍ଲକ ଓ ଜିଲାପରିଷଦ ସଦସ୍ୟଙ୍କଠାରୁ ୧୫୮ଟି ପ୍ରକଳ୍ପ ସମ୍ପର୍କରେ ସବିଶେଷ ତଥ୍ୟ ଗୃହରେ ଉପସ୍ଥାପନ କରାଯାଇଥିଲା। ସେଥିମଧ୍ୟରୁ ଗମନାଗମନ ବ୍ୟବସ୍ଥାର ଉନ୍ନତିକରଣ ଦିଗରେ କାର୍ଯ୍ୟକାରୀ ହେବାକୁ ଥିବା ୧୫୪ ପ୍ରକଳ୍ପ ପାଇଁ ୫ କୋଟି ୮୪ ଲକ୍ଷ ଟଙ୍କା, ତୁମୁଡ଼ିବନ୍ଧ ବ୍ଲକରେ ଦୁଇଟି ଆଡ଼ିବନ୍ଧ ନିର୍ମାଣ ପାଇଁ ୮ ଲକ୍ଷ ଟଙ୍କା, ଟିକାବାଲି ବ୍ଲକ୍‌ରେ ଗୋଟିଏ କେନାଲ ନିର୍ମାଣ ପାଇଁ ୩ ଲକ୍ଷ ଟଙ୍କା ଏବଂ ଜି.ଉଦୟଗିରି ବ୍ଲକ୍‌ରେ ଗୋଟିଏ ପୋଖରୀର ସିମେଣ୍ଟ କଂକ୍ରିଟ୍ ୱାଲ୍ ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ମଞ୍ଜୁରି କରାଯାଇଥିଲା।

ଗତ ୨୦୧୮-୧୯ ଆର୍ଥିକ ବର୍ଷରେ ଜିଲା ଯୋଜନା କମିଟି ଦ୍ୱାରା ମଞ୍ଜୁରୀପ୍ରାପ୍ତ ୧୮ ଲକ୍ଷ ୫୦ ହଜାର ଟଙ୍କାର ୬ଟି ପ୍ରକଳ୍ପ ରାଜ୍ୟ ସରକାରଙ୍କ ଦ୍ୱାରା ଅଗ୍ରାହ୍ୟ ହୋଇଛି। ତେଣୁ ସମ୍ପୃକ୍ତ ବ୍ଲକ୍‌ରେ ଅନ୍ୟ ୬ଟି ପ୍ରକଳ୍ପ ସମ୍ପର୍କରେ ମଧ୍ୟ ଗୃହରେ ଉପସ୍ଥାପନ କରାଯାଇଥିଲା। ଏତଦ୍‌ବ୍ୟତୀତ ବିଗତ ଦିନରେ ମଞ୍ଜୁରୀପ୍ରାପ୍ତ ୧ କୋଟି ୫୭ ଲକ୍ଷ ୮ ହଜାର ଟଙ୍କାର ୨୬ ପ୍ରକଳ୍ପ ଅନ୍ୟ କାର୍ଯ୍ୟାନ୍ୱୟନ ସଂସ୍ଥା ଦ୍ୱାରା କାର୍ଯ୍ୟକାରୀ ହେବାକୁ ଥିବାରୁ ସମପରିମାଣ ଅର୍ଥରାଶି ବ୍ୟୟରେ ୩୬ଟି ଅନ୍ୟାନ୍ୟ ପ୍ରକଳ୍ପକୁ ମଞ୍ଜୁର କରିବାକୁ ଆଗତ ପ୍ରସ୍ତାବ ଗୃହୀତ ହୋଇଥିଲା।

ଜିଲାରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା ନିମନ୍ତେ ଘୋଷଣା କରାଯାଇଥିବାରୁ ଜିଲାବାସୀଙ୍କ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଧନ୍ୟବାଦ ପ୍ରସ୍ତାବ ଆଗତ ହୋଇଥିଲା। ଏହାକୁ ଯଥାଶୀଘ୍ର କାର୍ଯ୍ୟକାରୀ କରାଇବାକୁ ହେଲେ ଫୁଲବାଣୀ ସହର କିମ୍ବା ତାହାର ନିକଟବର୍ତ୍ତୀ ଅଞ୍ଚଳରେ ଆବଶ୍ୟକ ପରିମାଣର ଜମି ଚିହ୍ନଟ କରି ରାଜ୍ୟ ସରକାରଙ୍କୁ ଜଣାଇବାକୁ ମନ୍ତ୍ରୀ ଆରୁଖ ଜିଲାପାଳଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷିତ ଖଡ୍‌ଗ ଏବଂ ସାଲୁଙ୍କି ନଦୀ ଉପରେ ପୋଲ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମ୍ପୃକ୍ତ ନିର୍ବାହୀ ଯନ୍ତ୍ରୀଙ୍କୁ ପଚାରି ବୁଝିଥିଲେ। ଜିଲାରେ ଅସମ୍ପୂର୍ଣ୍ଣ ଥିବା ପ୍ରକଳ୍ପ ଗୁଡ଼ିକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ବିଭାଗୀୟ ପଦାଧିକାରୀଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏମ୍‌ପି ଡ. ଅଚ୍ୟୁତ ସାମନ୍ତ, ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର, ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ, ଜିଲା ପରିଷଦ ଅଧ୍ୟକ୍ଷା ଆକାଂକ୍ଷା ପ୍ରଧାନ, ଉପାଧ୍ୟକ୍ଷ ସାରତୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ସେମାନଙ୍କ ମତ ଉପସ୍ଥାପନ କରିଥିଲେ। ଜିଲାପାଳ ଡା. ବୃନ୍ଦା ଡି. ପ୍ରାରମ୍ଭିକ ସମ୍ଭାଷଣ ପ୍ରଦାନ କରିଥିବା ବେଳେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱନାଥ ବାରିକ ଧନ୍ୟବାଦ ଦେଇଥିଲେ।

# ମାଣିକେଶ୍ୱରବାସୀଙ୍କୁ ମିଳିଲା ବିଏସ୍‌ଏନ୍‌ଏଲ୍ ସେବା

**ରାଇକିଆ,୬।୧୧(ଡି.ଏନ.ଏ)**

ରାଇକିଆ ବ୍ଲକର ମାଣିକେଶ୍ୱର ପଞ୍ଚାୟତରେ ବୁଧବାର ବିଏସ୍‌ଏନ୍‌ଏଲ ମୋବାଇଲ ସେବା ଆରମ୍ଭ ହୋଇଛି। ପଞ୍ଚାୟତବାସୀ ଦୀର୍ଘବର୍ଷ ହେଲା ମୋବାଇଲ ସେବା ପାଇଁ ଦାବି କରି ଆସୁଥିଲେ। ମୋବାଇଲ ଓ ଇଣ୍ଟରନେଟ ସେବା ପାଇଁ ପଞ୍ଚାୟତବାସୀ ୬

### ଦାବି ପୂରଣ ହେଲା

କି.ମି. ଦୂର ରାଇକିଆ ସହରକୁ ଆସୁଥିଲେ। ଏ ନେଇ ପୂର୍ବରୁ ବାରମ୍ବାର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହ ବିଏସ୍‌ଏନ୍‌ଏଲର ଉଚ୍ଚସ୍ତରୀୟ କର୍ତ୍ତୃପକ୍ଷଙ୍କ ସହ ଗ୍ରାମବାସୀ ଆଲୋଚନା କରିଥିଲେ। ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ କମ୍ ଟଙ୍କା ବ୍ୟୟରେ ପୁରୁଣା ନଳକୂପ ଲୁହା ପାଇପକୁ ବ୍ୟବହାର କରି ଏହି ଟାୱାର ନିର୍ମାଣ କରାଯାଇଛି। ବିଭାଗୀୟ ଅଧିକାରୀମାନେ ଏଥିରେ ଆବଶ୍ୟକ ଯନ୍ତ୍ରପାତି ବସାଇ ଟାୱାର କାର୍ଯ୍ୟକ୍ଷମ କରାଇଛନ୍ତି। ରାଇକିଆ ବିଡ଼ିଓ ପ୍ରବୀଣ କୁମାର ବାଣୁଆ, ମାଣିକେଶ୍ୱର ସରପଞ୍ଚ ଭୂଷଣ ପ୍ରଧାନ, ଜି.ଉଦୟଗିରି ବିଏସଏନଏଲ ଏସଡ଼ିଓ, ପଞ୍ଚାୟତ ନିର୍ବାହୀ ଅଧିକାର



ଟାୱାରକୁ କାର୍ଯ୍ୟକ୍ଷମ କରାଯାଉଛି।

ଅନିଲ ପଟ୍ଟନାୟକଙ୍କ ଉପସ୍ଥିତିରେ ଏହାର ଶୁଭାରମ୍ଭ କରାଯାଇଛି। ଦୀର୍ଘ ଦିନର ଦାବି ଓ ଅପେକ୍ଷା ପରେ ପଞ୍ଚାୟତବାସୀ ମୋବାଇଲ ସେବା ପାଇଥିବାରୁ ଜିଲାପାଳ ଡ଼. ବୃନ୍ଦା ଡ଼ି, ବିଏସଏନଏଲର ଜି.ଉଦୟଗିରି କାର୍ଯ୍ୟାଳୟ ଅଧିକାରୀ, ରାଇକିଆ ବିଡ଼ିଓ ପ୍ରବୀଣ କୁମାର ବାଣୁଆଙ୍କୁ ସରପଞ୍ଚ ସାଧୁବାଦ ଜଣାଇଛନ୍ତି।

# ଜୀବିକା ସୁରକ୍ଷା ମଞ୍ଚର ବାଇକ୍ ଶୋଭାଯାତ୍ରା

**ଶଙ୍କରାଖୋଲ,୬।୧୧ (ଡି.ଏନ୍.ଏ.)**



ବାହାରିଥିବା ଶୋଭାଯାତ୍ରା।

କନ୍ଧମାଳ ଜିଲା ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ଏକ ବାଇକ୍‌ଶୋଭାଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଖଜୁରିପଡାଠାରୁ ଶିକ୍ଷା, ସ୍ୱାସ୍ଥ୍ୟ ଆମ ଅଧିକାର ନେଇ ଏହି ରାଲି ଲାଇନପଡା, ଶଙ୍କରାଖୋଲ, ଟିକାବାଲି, ଜି.ଉଦୟଗିରି ଦେଇ ରାଇକିଆ ବ୍ଲକ ଆଡକୁ ଗସ୍ତ କରିଥିଲା। ବର୍ତ୍ତମାନ ରାଜ୍ୟ ଓ ଜିଲାରେ ସ୍ୱାସ୍ଥ୍ୟ ଓ ଶିକ୍ଷା ବ୍ୟବସ୍ଥା ଭୁଷୁଡି ପଡିଛି। ଏହାକୁ ଆଖିଆଗରେ ରଖି ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ବାଇକ୍ ଶୋଭାଯାତ୍ରା ବିଭିନ୍ନ ସ୍ଥାନ ପରିକ୍ରମା କରି ସ୍ଲୋଗାନ ଦେଇ ଲୋକଙ୍କୁ ସଚେତନ କରାଇଥିଲେ। ଅଧ୍ୟୟନରୁ ଜଣାପଡେ ୭୦ ପ୍ରତିଶତରୁ ଅଧିକ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ର ଦ୍ୱିତୀୟ ଶ୍ରେଣୀର ପାଠ ପଢ଼ିବାକୁ ସକ୍ଷମ ନୁହନ୍ତି। ଏଭଳି ଅବସ୍ଥା କେବଳ ସରକାରୀ ବିଦ୍ୟାଳୟରେ। ସ୍ୱାସ୍ଥ୍ୟ ଅବସ୍ଥା କଥା ନ କହିବା ଭଲ। କେଉଁଠି ଡାକ୍ତରଖାନା ନାହିଁ ତ ଆଉ କେଉଁଠି ଡାକ୍ତର ନାହାନ୍ତି। ଶିଶୁ ମୃତ୍ୟୁହାର ଓଡିଶାରେ ଉଦ୍‌ବେଗଜନକ। ଏହାକୁ ଦୃଷ୍ଟିରେ ରଖି ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ସରକାରଙ୍କର ନିକଟରେ ଦାବି କରାଯାଇଛି। ବିଦ୍ୟାଳୟ ପରିଚାଳନା କମିଟିକୁ ସକ୍ରିୟ କରିବା, ଶିକ୍ଷା ଅଧିକାର ଆଇନ ୧୦ଗୋଟି ନୀତି ଆଧାରରେ ଆବଶ୍ୟକୀୟ ଭିତ୍ତିଭୂମୀ ସୁନିଶ୍ଚିତ କରିବା, ମଧ୍ୟାହ୍ନ ଭୋଜନକୁ ଦୁଇଗୁଣା କରିବା, ଛାତ୍ରୀଛାତ୍ରଙ୍କ ସଂଖ୍ୟା ଅନୁସାରେ ଆବଶ୍ୟକୀୟ ଶିକ୍ଷକ ନିଯୁକ୍ତି, ଉଚ୍ଚ ପ୍ରାଥମିକ ସ୍ତରକୁ କୌଶଳ ଭିତ୍ତିକ ଶିକ୍ଷାର ପ୍ରଚଳନ କରିବା, ସ୍ୱାସ୍ଥ୍ୟ ଅଧିକାରକୁ ମୌଳିକ ଅଧିକାରରେ ଅନ୍ତର୍ଭୁକ୍ତ, ଦୁର୍ଗମ ଅଞ୍ଚଳରେ ୨ଚକିଆ ଆମ୍ବୁଲାନ୍ସ ଅନେକ ଦାବି ରହିଛି। ଜୀବିକା ସୁରକ୍ଷା ମଞ୍ଚ ବ୍ଲକ ସଂଯୋଜକ ଭାରତୀ ରାଓ, ସସ୍ମିତା ମଲିକ, ସଞ୍ଜୟ ବିଶାଳ, ନବୀନ ବିଶାଳ, ନିରାକାର ସାହୁ ପ୍ରମୁଖ ବାଇକ ଶୋଭାଯାତ୍ରାରେ ଯାଇଥିଲେ।

# ଆଶାୟୀ କନିଷ୍ଠ ଶିକ୍ଷକ ସଂଘର ବିକ୍ଷୋଭ




ଆଶାୟୀ ଶିକ୍ଷକମାନେ।


**ଫୁଲବାଣୀ ଅଫିସ, ୬।୧୧**

କନ୍ଧମାଳ ଜିଲା ଆଶାୟୀ କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ବୁଧବାର ବିଭିନ୍ନ ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଂଘ ସଦସ୍ୟମାନେ ଶୋଭାଯାତ୍ରାରେ ମାଦିକୁଣ୍ଡା ଛକରୁ ବାହାରି ସହର ପରିକ୍ରମା କରିବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। ତୁରନ୍ତ ତାଲିମପ୍ରାପ୍ତଙ୍କୁ ନିଯୁକ୍ତି ଦେବାକୁ ସେମାନେ ଦାବି କରିଥିଲେ। ପରେ ଏକ ଦାବିପତ୍ର ଜିଲା ପ୍ରଶାସନ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପ୍ରେରଣ କରାଯାଇଥିଲା।

ରାଜ୍ୟର ବିଭିନ୍ନ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧ଲକ୍ଷରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ପଦବୀ ଖାଲି ପଡ଼ିଛି। ଅନ୍ୟପଟେ ଶିକ୍ଷକତା ଭଳି ପେସାଭିତ୍ତିକ ପାଠ ପଢ଼ି ଯୁବତୀଯୁବକମାନେ ବେକାର ଅଛନ୍ତି। ଡିଏଲ୍‌ଇଡି, ବିଇଡି, ଓଟିଇଟି, ଓଏସ୍‌ଏସ୍‌ଟିଇଟି, ସିଟିଇଟିପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ ମଧ୍ୟ ଦୀର୍ଘ ୪ବର୍ଷ ହେଲା ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇନାହିଁ। ବର୍ତ୍ତମାନ ଅଧିକାଂଶ ଆଶାୟୀଙ୍କ ବୟସ ସୀମା ସରି ଆସିଲାଣି। ରାଜ୍ୟରେ ୪୦ ହଜାରରୁ ଉର୍ଦ୍ଧ୍ୱ ପିଲା ତାଲିମ ସାରି ଘରେ ବସିଛନ୍ତି। ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ନ ଘଟିଲେ ୫-ଟି ସାକାର ହେବନାହିଁ। ତେଣୁ ବିଦ୍ୟାଳୟରେ ଖାଲିଥିବା କନିଷ୍ଠ ଶିକ୍ଷକ ପଦବୀ ଯଥାଶୀଘ୍ର ପୂରଣ କରିବା, ନିଯୁକ୍ତିର ସର୍ବୋଚ୍ଚ ବୟସ ସୀମା ୩୨ରୁ ୪୨ବର୍ଷକୁ ବୃଦ୍ଧି କରିବା, ନିୟମିତ ବ୍ୟବଧାନରେ ନିଯୁକ୍ତି ଏବଂ ଜିଲାଭିତ୍ତିକ ନିଯୁକ୍ତି ସଂଘର ଦାବି ବୋଲି ସଭାପତି ଯଦୁମଣୀ ଦିଗାଲ ପ୍ରକାଶ କରିଛନ୍ତି।

# ସୁଙ୍ଗାମାହାରୁ ମାଦାପଦରକୁ ରାସ୍ତା ନାହିଁ

**ଫିରିଙ୍ଗିଆ, ୬।୧୧**



ଗାଁକୁ ଥିବା ପାଦଚଲା ରାସ୍ତା।

ଫିରିଙ୍ଗିଆ ବ୍ଲକ ଭୁର୍ଙ୍ଗିଯୋଡି ପଞ୍ଚାୟତର ସୁଙ୍ଗାମାହାଠାରୁ ମାଦାପଦର ଗ୍ରାମକୁ ରାସ୍ତା ନାହିଁ। ପଞ୍ଚାୟତ ସଦର ମହକୁମାଠାରୁ ଏହି ଦୁଇ ଗ୍ରାମ ପ୍ରାୟ ୫ କିମି ଦୂରରେ ରହିଛି। ପାହାଡ ଉପର ଦେଇ ପାଦ ଚଲା ବାଟରେ ଲୋକେ ଯିବା ଆସିବା କରନ୍ତି। ଉକ୍ତ ୨ ଗ୍ରାମରେ ପ୍ରାୟ ୪୦ ପରିବାରର ୨୦୦ରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ଚାଉଳ ଓ ଭତ୍ତା ଆଣିବାକୁ ବୃଦ୍ଧା, ବୃଦ୍ଧ ଓ ଅନ୍ୟାନ୍ୟ କାମରେ ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟାଳୟକୁ ୫ କିମି ପାହାଡ ରାସ୍ତାରେ ଚାଲି ଚାଲି ଯିବାବେଳେ ବହୁ ଅସୁବିଧା ଭୋଗୁଛନ୍ତି। ଆମ୍ବୁଲାନ୍ସ ଆସି ପାରୁ ନ ଥିବାରୁ ରୋଗୀ, ଗର୍ଭବତୀ ଓ ପ୍ରସୂତିଙ୍କୁ ଖଟିଆରେ ଭାର କରି ଆଣିବାକୁ ପଡୁଛି। ମାଦାପଦର ସ୍କୁଲକୁ ପିଲାମାନେ ପାହାଡ ଚଢ଼ି ଆସୁଛନ୍ତି। ଗ୍ରାମର ଆଉ ଏକ ସମସ୍ୟା ହେଉଛି ପାନୀୟ ଜଳ। ଗୋଟିଏ ହେଲେ ବି ନଳକୂପ ନ ଥିବାରୁ ଲୋକେ ଦୂଷିତ ନାଳ ପାଣି ପିଇବାକୁ ବାଧ୍ୟ ହେଉଛନ୍ତି। ଏସବୁ ସମସ୍ୟା ନେଇ ଗ୍ରାମବାସୀ ଅନେକଥର ସରପଞ୍ଚ, ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ସୁଧାର ଆସିନାହିଁ। ଭୋଟ ବେଳେ ନେତାମାନେ ବହୁ ପ୍ରତିଶ୍ରୁତି ଦିଅନ୍ତି। ଜିତିଲା ପରେ କେହି ଆଉ ଆସନ୍ତିନି। ଏ ଯାଏ ଗ୍ରାମକୁ ରାସ୍ତାଟିଏ ହୋଇପାରିଲା ନାହିଁ ବୋଲି ଅବକ୍ଷୀତ କହଁର, କବଚ କହଁର, ସୁଷମା କହଁର ପ୍ରମୁଖ ଅଭିଯୋଗ କରିଛନ୍ତି। ସରପଞ୍ଚ ରାଜକୁମାରୀ ପ୍ରଧାନ କହିଛନ୍ତି, ରାସ୍ତା ନେଇ ବିଡିଓଙ୍କୁ ବହୁବାର କହିଛି। ଏମ୍‌ଜିଏନଆରଇଜିଏସ୍‌ରେ କାମ ହେବ ବୋଲି ସେ କହୁଛନ୍ତି। ଅନ୍ୟପକ୍ଷରେ ବିଡିଓ ରଶ୍ମିରଞ୍ଜନ ମହନ୍ତ କହିଛନ୍ତି, ପଞ୍ଚାୟତ ଚାହିଁଲେ କାମ କରିପାରିବ। ଏଥିପାଇଁ ସରପଞ୍ଚଙ୍କୁ କୁହାଯିବ ବୋଲି କହିଛନ୍ତି।


## ତହସିଲ କାର୍ଯ୍ୟାଳୟ, ଦାରିଙ୍ଗବାଡ଼ି

### ଲଘୁ ଖଣିଜ ଖାଦାନ ଲିଜ ଇସ୍ତାହାର
### ବିଜ୍ଞାପନ ୨୭୮୯/ ତା. ୦୪।୧୧।୨୦୧୯

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନସ୍ଥ ଦାରିଙ୍ଗବାଡ଼ି ତହସିଲ ଅନ୍ତର୍ଗତ ନିମ୍ନଲିଖିତ ୨ ଗୋଟି ଲଘୁ ଖଣିଜ ଖାଦାନଗୁଡ଼ିକ ଆସନ୍ତା ୫ (ପାଞ୍ଚ) ବର୍ଷ ନିମନ୍ତେ (୨୦୧୯-୨୦ ଆର୍ଥିକ ବର୍ଷ ଠାରୁ ୨୦୨୩-୨୪ ଆର୍ଥିକ ବର୍ଷ ପର୍ଯ୍ୟନ୍ତ) ଲିଜ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଇଚ୍ଛୁକ ବ୍ୟକ୍ତିବିଶେଷ OMMC (Amendment) Rules, 2016 ର ନିର୍ଦ୍ଧାରିତ Form-A ପୂରଣ କରି ଏହାର ତିନି କପି ସହ ଆବଶ୍ୟକୀୟ ସମସ୍ତ କାଗଜାତ ସଂଲଗ୍ନ କରି ଜଉମୁଦ ଦିଆ ଲଫାପାରେ ଆବେଦନ କରିବେ, ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟଠାରେ ଥିବା DROP BOX ରେ ତା୩୦।୧୧।୨୦୧୯ରିଖ ଅପରାହ୍ନ ୩.୦୦ଟା ସୁଦ୍ଧା ପକାଇବେ ଏବଂ ଉକ୍ତ ଦିନ ୩.୩୦ଟା ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡ଼ିକ ତନଖି କରାଯିବ। ଯେଉଁ ସଇରାତ ଉତ୍ସଗୁଡ଼ିକ ପ୍ରଥମ ତାରିଖରେ ଲିଜ ପାଇଁ ଚୂଡ଼ାନ୍ତ ହୋଇନପାରିବ, ସେହି ଉତ୍ସଗୁଡ଼ିକ ପାଇଁ ଦ୍ୱିତୀୟ ତାରିଖ ତା୦୫।୧୨।୨୦୧୯ ଏବଂ ତୃତୀୟ ତାରିଖ ତା୨୦।୧୨।୨୦୧୯ ଅପରାହ୍ନ ୩.୦୦ଟା ସୁଦ୍ଧା ଦରଖାସ୍ତ ଗ୍ରହଣ କରାଯାଇ ଉକ୍ତ ତାରିଖମାନଙ୍କର ଅପରାହ୍ନ ୩.୩୦ଟା ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡ଼ିକ ତନଖି କରାଯିବ। ସଇରାତ ଉତ୍ସଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ ଏବଂ ଦରଖାସ୍ତ ସମ୍ବନ୍ଧୀୟ ସମସ୍ତ ତଥ୍ୟ କନ୍ଧମାଳ ଜିଲ୍ଲା Website ତଥା www.kandhamal.nic.in ରେ ଉପଲବ୍ଧ ହୋଇପାରିବ। ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ। ଅସମ୍ପୂର୍ଣ୍ଣ ଦରଖାସ୍ତଗୁଡ଼ିକ ବାତିଲ କରାଯିବ।

#### ଦାଖଲ କରିବାକୁ ଥିବା ଦଲିଲ/ କାଗଜାତ

୧. ଦରଖାସ୍ତ ଫି ସକାଶେ ଟ୧୦୦୦/- (ଏକ ହଜାର ଟଙ୍କା)ର ଟ୍ରେଜେରି ଚାଲାଣ।
୨. ଲିଜ ନିମନ୍ତେ ଆବେଦନ କରିଥିବା ଜମିର ସମ୍ପୂର୍ଣ୍ଣ ବିବରଣୀ ଓ ନକ୍ସା।
୩. କୌଣସି ମାଇନିଙ୍ଗ ଦେୟ ବକେୟା ନଥିବା ନେଇ ଏକ ସତ୍ୟପାଠ।
୪. ଆବେଦନ ଜମି ଯଦି ରୟତି ହୋଇଥାଏ, ତେବେ ସେହି ଜମିର ମାଲିକଙ୍କ ସହମତି।
୫. ଆବେଦନକାରୀଙ୍କର ସଲଭେନସି ସାର୍ଟିଫିକେଟ ଓ ଅନ୍ୟାନ୍ୟ ସ୍ଥାବର ସମ୍ପତ୍ତିର ବିବରଣୀ।
୬. ଅନ୍ୟାନ୍ୟ ବିବରଣୀ ଯଥା ବୈଷୟିକ ଜ୍ଞାନ, ଦକ୍ଷତା, ଆର୍ଥିକ ସ୍ଥିତି, ଯନ୍ତ୍ରପାତି ଇତ୍ୟାଦି।
୭. VAT Clearance ସାର୍ଟିଫିକେଟର ନକଲ।

#### ଲିଜ ପାଇଁ ଉଦ୍ଦିଷ୍ଟ ଲଘୁ ଖଣିଜ ଖାଦାନଗୁଡ଼ିକର ବିବରଣୀ

| କ୍ରମିକ ସଂଖ୍ୟା | ସଇରାତ ଉତ୍ସର ନାମ | ଲଘୁ ଖଣିଜର ନାମ | ସଇରାତ ଉତ୍ସର ଅବସ୍ଥିତିର ସବିଶେଷ ବିରଣୀ | | | | | ସର୍ବନିମ୍ନ ରୟାଲଟି |
|---|---|---|---|---|---|---|---|---|
| | | | ମୌଜା | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ରକବା (ହେକ୍ଟର) | |
| ୧ | ଭ୍ରମରବାଡ଼ି ପଥର (ରୋଡ଼ ମେଟାଲ) ଖାଦାନ-୧ | ପଥର (ରୋଡ଼ ମେଟାଲ) | ଭ୍ରମରବାଡ଼ି | ୫୩ | ୫୮ | ପଥରବଣୀ | ୧୧.୨୪୦ | ୧୦୧/- |
| ୨ | ଭ୍ରମରବାଡ଼ି ପଥର (ରୋଡ଼ ମେଟାଲ) ଖାଦାନ-୨ | ପଥର (ରୋଡ଼ ମେଟାଲ) | ଭ୍ରମରବାଡ଼ି | ୫୩ | ୫୮/୩୪୬ | ପଥରବଣୀ | ୬.୮୪୦ | ୧୦୧/- |

#### ସର୍ତ୍ତାବଳୀ

୧. ଆବେଦନକାରୀ OMMC Rules, 2004 ଓ OMMC (Amendment) Rules, 2014 ଏବଂ OMMC (Amendment) Rules, 2016 ର ପରିସରଭୁକ୍ତ ରହିବେ।
୨. ଲିଜରେ ଭାଗନେବା ପୂର୍ବରୁ ଲଘୁ ଖଣିଜ ଖାଦାନଗୁଡ଼ିକ ପରିଦର୍ଶନ କରି ସଇରାତ ପରିଚାଳନା ପାଇଁ ଗମନାଗମନର ସୁବିଧା, ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜରେ ଅଂଶଧନ ଗ୍ରହଣ କରିବେ।
୩. ଲିଜ ପରେ ସଇରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ ହେବନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।
୪. ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କର୍ତ୍ତୃପକ୍ଷ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଦାୟୀ ରହିବେ ନାହିଁ।
୫. ସର୍ବୋଚ୍ଚ ଲିଜଧାରୀ ନିଜ ଖର୍ଚ୍ଚରେ ମାଇନିଙ୍ଗ ପ୍ଲାନ ତିଆରି କରିବେ।
୬. ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ approved ମାଇନିଙ୍ଗ ପ୍ଲାନ ଓ ପରିବେଶ ମଞ୍ଜୁରୀ ଦାଖଲ କରିବେ, ନଚେତ ଅମାନତ ରାଶି ବାଜ୍ୟାପ୍ତ କରାଯିବ।
୭. ମାଇନିଙ୍ଗ ପ୍ଲାନରେ ଦର୍ଶାଯାଇଥିବା ଗଚ୍ଛିତ ଲଘୁ ଖଣିଜ ଦ୍ରବ୍ୟର ପରିମାଣ ତଥା ଲିଜଧାରୀଙ୍କ ଦ୍ୱାରା ଦର୍ଶାଯାଇଥିବା ରୟାଲଟିର ଦରକୁ ଗୁଣନ କଲେ ଯେଉଁ ପରିମାଣର ଅର୍ଥ ହେବ, ଉକ୍ତ ରାଶିକୁ Environment Clearance ଆଣି ସାରିଲା ପରେ ପଇଠ କରିବେ, ସମ୍ପୂର୍ଣ୍ଣ ରାଶି ପଇଠ ହେଲା ପରେ ଲିଜଧାରୀ Registration Act, 1908 ଓ Stamp Act, 1999 ଅନୁଯାୟୀ ଚୁକ୍ତି ପତ୍ର (Execution of Lease Deed) ସମ୍ପାଦନ କରିବେ।
୮. ଅମାନତ ରାଶିର ପରିମାଣ ଲିଜ ଫାଇନାଲ ହେଲା ପରେ ସ୍ଥିର କରାଯିବ।
୯. ଲିଜଧାରୀ ସମ୍ପୃକ୍ତ ଅଧିକାରୀଙ୍କ ଦ୍ୱାରା ସ୍ଥିର କରାଯାଇଥିବା ଅମାନତ ରାଶି ଲିଜ Bidding ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବାର ୭ (ସାତ) ଦିନ ମଧ୍ୟରେ ଡିମାଣ୍ଡ ଡ୍ରାଫ୍ଟ/ନଗଦ ଆକାରରେ ଜମା କରିପାରିବେ।
୧୦. ଲିଜଧାରୀ ସଇରାତ ଉତ୍ସର ନକ୍ସା ଅନୁଯାୟୀ, ସିମେଣ୍ଟ ଖୁଣ୍ଟ ଦ୍ୱାରା ବାଡ଼ ଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଏକ Display Board ଲଗାଇବେ, ଯେଉଁଥିରେ ସଇରାତ ଉତ୍ସର ସବିଶେଷ ବିବରଣୀ, ନକ୍ସା ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଇତ୍ୟାଦି ସମ୍ପର୍କରେ ଉଲ୍ଲେଖ କରିବେ।
୧୧. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲା ପରେ କାର୍ଯ୍ୟାଦେଶ ଦିଆଯିବ। କ୍ଷମତାପ୍ରାପ୍ତ ଅଧିକାରୀଙ୍କଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ସଇରାତ ଉତ୍ସରୁ ଲଘୁ ଖଣିଜ ଦ୍ରବ୍ୟ ଉଠାଇ ପାରିବେ ନାହିଁ।
୧୨. ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟରେ ଛୁଟିଦିନ ବ୍ୟତୀତ ସମସ୍ତ କାର୍ଯ୍ୟ ଦିବସରେ ଦେଖିପାରିବେ ଏବଂ ଏହି ଇସ୍ତାହାରର ସମ୍ପୂର୍ଣ୍ଣ ବିବରଣୀ ଜିଲ୍ଲା ୱେବସାଇଟ www.kandhamal.nic.in ରେ ମଧ୍ୟ ଦେଖିପାରିବେ।
୧୩. ଜମା ରୟାଲଟିର 2% ଲିଜଧାରୀ TCS (ଆୟକର) ବାବଦକୁ ଚାଲାଣ ଆକାରରେ ଜମା କରିବେ।
୧୪. ସରକାରୀ ଧାର୍ଯ୍ୟ ରୟାଲଟି ଦରଠାରୁ କମ ଦରରେ ଦରଖାସ୍ତ କରିଥିବା ଦରଖାସ୍ତକାରୀ କିମ୍ବା ଆବଶ୍ୟକୀୟ ଦଲିଲ ସଂଲଗ୍ନ ନ କରିଥିବା ଦରଖାସ୍ତକାରୀଙ୍କର ଦରଖାସ୍ତ ଖାରଜ କରିଦିଆଯିବ।
୧୫. ଯଦି ଏହି ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଛି ଏବଂ କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଲିଜ କାର୍ଯ୍ୟ ବାତିଲ ବା ସ୍ଥଗିତ କରିପାରିବେ।

ସ୍ୱା./- ତହସିଲଦାର, ଦାରିଙ୍ଗବାଡ଼ି

## ସଂକ୍ଷେପରେ

### ଚିଟ୍‌ଫଣ୍ଡ କୋର୍ଟ ଜଜ୍ ପଦବୀ ଖାଲି
## ବିଚାର ପ୍ରକ୍ରିୟାରେ ବିଳମ୍ବ

**ବ୍ରହ୍ମପୁର ଅଫିସ,୬।୧୧:** ବ୍ରହ୍ମପୁର ଜିଲା କୋର୍ଟରେ ସ୍ୱତନ୍ତ୍ର ଭାବେ ଓପିଆଇଡି କୋର୍ଟ ରହିଛି। ଦକ୍ଷିଣ ଓଡ଼ିଶାର ୧୦ ଜିଲା ପାଇଁ ଏହି କୋର୍ଟ ରହିଥିବା ବେଳେ ଏଠାରେ ଏବେ ବିଚାରପତି ପଦବୀ ଖାଲି ରହିଛି। ଫଳରେ ବହୁ ଗୁରୁତ୍ୱପୂର୍ଣ୍ଣ ମାମଲାଗୁଡିକର ବିଚାରରେ ବିଳମ୍ବ ଘଟୁଛି। କ୍ଷତିଗ୍ରସ୍ତ ଜମାକାରୀ ସେମାନଙ୍କ ଟଙ୍କା ଫେରି ପାଇବା ଆଶା ମଉଳି ଯାଇଛି। ରାଜ୍ୟ ସରକାର ଅନ୍ୟାନ୍ୟ କୋର୍ଟ ପାଇଁ ବିଚାରପତି ନିଯୁକ୍ତି କରୁଥିବା ବେଳେ ବ୍ରହ୍ମପୁରରେ ଥିବା ଓପିଆଇଡି କୋର୍ଟ ପ୍ରତି ଅଣଦେଖା କରୁଥିବା ନେଇ ବିଭିନ୍ନ ମହଲରେ ଅଭିଯୋଗ ହୋଇଛି। ତେଣୁ ଏ ଦିଗରେ ଦୃଷ୍ଟି ଦେଇ ତୁରନ୍ତ ବିଚାରପତି ପଦବୀ ପୂରଣ କରିବାକୁ ଓକିଲ ସଂଘ ସଭାପତି ରବି ପାଣିଗ୍ରାହୀ, ପୂର୍ବତନ ଯୁଗ୍ମ ସମ୍ପାଦକ କରୁଣାକର ପାଣିଗ୍ରାହୀ ଓ ଆଇନଜୀବୀ ରଘୁନାଥ ପ୍ରସଦ ପାଣିଗ୍ରାହୀ ପ୍ରମୁଖ ଦାବି କରିଛନ୍ତି। ବ୍ରହ୍ମପୁରରେ ଖୋଲାଯାଇଥିବା ସ୍ୱତନ୍ତ୍ର ଓପିଆଇଡି କୋର୍ଟରେ ୧୦୧ ମାମଲା ବିଚାରାଧୀନ ରହିଛି। ଜମାକାରୀଙ୍କ କୋଟି କୋଟି ଟଙ୍କା ଠକେଇ କରିଥିବା ଚିଟଫଣ୍ଡ ମାଲିକମାନେ ବର୍ତ୍ତମାନ ମଣ୍ଡଳ କାରାଗାରରେ ରହିଛନ୍ତି। ଦୀର୍ଘଦିନ ଧରି ଚିଟଫଣ୍ଡ କୋର୍ଟରେ ଜଜ୍ ନ ଥିବାରୁ ମାମଲାଗୁଡିକର ବିଚାର ହୋଇ ନ ପାରି କେବଳ ତାରିଖ ପରେ ତାରିଖ ଧାର୍ଯ୍ୟ ହେଉଛି।
ସୂଚନାଯୋଗ୍ୟ, ଜୁଲାଇରୁ ଚିଟଫଣ୍ଡ ବିଚାରପତି ପଦବୀ ଖାଲିପଡିଛି। ନିକଟରେ ହାଇକୋର୍ଟ ବିଭିନ୍ନ କୋର୍ଟରେ ନୂତନ ଜଜ ନିଯୁକ୍ତି କରିଛନ୍ତି। କିନ୍ତୁ ବ୍ରହ୍ମପୁରରେ ଥିବା ଚିଟଫଣ୍ଡ କୋର୍ଟ ପାଇଁ କୌଣସି ଜଜ ନିଯୁକ୍ତି କରାଯାଇନାହିଁ। ଏ ଦିଗରେ ଦୃଷ୍ଟି ଦେଇ ଜଜ ନିଯୁକ୍ତି କରିବା ପାଇଁ ଜମାକାରୀ ଏବଂ ଓକିଲଙ୍କ ପକ୍ଷରୁ ଦାବି ହେଉଛି।

## ବାଇକ୍ ଡିକି ଭାଙ୍ଗି ୪ ଲକ୍ଷ ଟଙ୍କା ଲୁଟ୍

**ଚିକିଟି,୬।୧୧(ଡି.ଏନ.ଏ.):** ବ୍ରହ୍ମପୁର ପୋଲିସ୍ ଜିଲା କେ.ନୂଆଗାଁ ଥାନା ଇଲାକାରେ ବୁଧବାର ଚିକିଟିଗଡ ଚିତ୍ରକାର ସାହିର ଅବସରପ୍ରାପ୍ତ ରାଜସ୍ୱ ନିରୀକ୍ଷକ ଉଲ୍ଲାସ ଗୌଡଙ୍କ ବାଇକ୍ ଡିକି ଭାଙ୍ଗି ଦୁର୍ବୃତ୍ତମାନେ ୪ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ଉଲ୍ଲାସ କେ.ନୂଆଗାଁ ଥାନାରେ ଅଭିଯୋଗ କରିଛନ୍ତି। ଚିକିଟି ଏସ୍‌ଡିପିଓ ସୁରେନ୍ଦ୍ର ନାଥ ମୁର୍ମୁ ତଦନ୍ତ କରିବା ସହ ପ୍ରତ୍ୟେକ ଛକକୁ ପୋଲିସ ପକ୍ଷରୁ ସିଲ୍ କରିଦିଆଯାଇଛି। ଉଲ୍ଲାସ ପୂର୍ବାହ୍ନ ୧୦ଟା ୪୫ରେ ଚିକିଟିପେଣ୍ଠ ସ୍ଥିତ ଆନ୍ଧ୍ରବ୍ୟାଙ୍କରୁ ୪ ଲକ୍ଷ ଟଙ୍କା ଉଠାଇ ଡିକିରେ ରଖିଥିଲେ। ପରେ ଚିକିଟିଗଡସ୍ଥିତ ରାଜସ୍ୱ କାର୍ଯ୍ୟାଳୟକୁ ଯାଇ କାମସାରି ଆସି ଦେଖିଲା ବେଳକୁ ଡିକି ଭାଙ୍ଗି ଟଙ୍କା ନ ଥିବା ଜାଣିଥିଲେ। ଖବର ଲେଖାହେବା ସୁଦ୍ଧା କୌଣସି ମାମଲା ରୁଜୁ ହୋଇନାହିଁ। ସୂଚନାଯୋଗ୍ୟ, ୨ବର୍ଷ ପୂର୍ବେ ଚିକିଟି ମୁଖ୍ୟ ବଜାର ଓଲପୁର ଗ୍ରାମର ଅର୍ଜୁନ ସାହୁଙ୍କ ବାଇକ୍ ଡିକି ଭାଙ୍ଗି କୌଣସି ଦୁର୍ବୃତ୍ତ ୨୫ ହଜାର ଟଙ୍କା ଲୁଟି ନେଇଯାଇଥିଲେ।

### ବ୍ରହ୍ମପୁରରେ ଶକ୍ତି ସଚିବ
# ବିଦ୍ୟୁତ୍ ଉପଭୋକ୍ତା, ବିଦ୍ୟାର୍ଥୀଙ୍କ ସହ ଆଲୋଚନା

**ବ୍ରହ୍ମପୁର ଅଫିସ୍,୬।୧୧**

ଶକ୍ତି ସଚିବ ବିଷ୍ଣୁପଦ ସେଠୀ ବୁଧବାର ଦିନିକିଆ ଗଞ୍ଜାମ ଜିଲା ଗସ୍ତରେ ଆସିଥିଲେ। ଏହି ଗସ୍ତ ସମୟରେ ସେ ବିଦ୍ୟୁତ୍ ଉପଭୋକ୍ତାଙ୍କ ସହ ଆଲୋଚନା କରିଥିଲେ। ଏଥି ସହ ହିଲ୍‌ପାଟଣା ପ୍ରାଥମିକ ବିଦ୍ୟାଳୟକୁ ଯାଇ ଛାତ୍ରୀଛାତ୍ରଙ୍କୁ ଭେଟିଥିଲେ। ବିଦ୍ୟାଳୟ ପରିବେଶ ଏବଂ ଶୈକ୍ଷିକ ବାତାବରଣ ବିଷୟରେ ପଚାରି ବୁଝିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ତୃଣମୂଳସ୍ତରରେ କିଭଳି କାର୍ଯ୍ୟକାରୀ ହେଉଛି, ତା'ର ତଦାରଖ ଏବଂ ସମୀକ୍ଷା କରିବା ପାଇଁ ଜିଲାଗୁଡ଼ିକୁ ଜଣେ ଲେଖାଏ ସଚିବସ୍ତରର ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଗଞ୍ଜାମ ଜିଲା ପାଇଁ ଶକ୍ତି ସଚିବ ସେଠୀଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। ବୁଧବାର ଏହି କ୍ରମରେ ସେ ଗଞ୍ଜାମ ଗସ୍ତରେ ଆସିଥିଲେ।

ସକାଳେ ସଚିବ ସେଠୀ ପ୍ରଥମେ ରଙ୍ଗେଇଲୁଣ୍ଡା ବ୍ଲକ କମାଳପୁର ପଞ୍ଚାୟତ କୋଦରାପଲ୍ଲୀ ଗ୍ରାମକୁ ଯାଇଥିଲେ। ସେଠାରେ 'ସୌଭାଗ୍ୟ' ଯୋଜନାରେ ସ୍ଥାପନ ହୋଇଥିବା ୬୩ କେଭି ସବ୍‌ଷ୍ଟେଶନ୍ ବୁଲି ଦେଖିଥିଲେ। ଏହି ଯୋଜନାରେ ଗ୍ରାମର ୫୭ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ମାଗଣା ସଂଯୋଗ ଦିଆଯାଇଛି। ତେବେ ବିଦ୍ୟୁତ୍ ସଂଯୋଗ ଦେବାରେ ସାଉଥ୍‌କୋର କୌଣସି ଅଧିକାରୀ ଲାଞ୍ଚ ମାଗିଛନ୍ତି କି ନାହିଁ, କିମ୍ବା ଅନ୍ୟ କୌଣସି ପ୍ରକାର ଦେୟ ମାଗିଛନ୍ତି କି ବୋଲି ସଚିବ ସେଠୀ ଗ୍ରାମବାସୀଙ୍କଠାରୁ ବୁଝିଥିଲେ। ସମ୍ପୂର୍ଣ୍ଣ ମାଗଣାରେ ସେମାନେ ସଂଯୋଗ ପାଇଥିବା ପ୍ରକାଶ କରିଥିଲେ। ପରେ ସେ ଗ୍ରାମ ବୁଲି ଦେଖିଥିଲେ। ବିଦ୍ୟୁତ୍ କାଟ୍ ହେଉଛି କି ନାହିଁ ଏବଂ ସେବା ସମ୍ପର୍କରେ କୌଣସି ଅଭିଯୋଗ ଅଛି କି ବୋଲି ଲୋକଙ୍କଠାରୁ ବୁଝିଥିଲେ। ସେଠାରୁ ବ୍ରହ୍ମପୁର ବିଦ୍ୟୁତ୍‌ପୁରୀ କଲୋନୀକୁ ଆସିଥିଲେ। ଅତ୍ୟାଧୁନିକ ଜ୍ଞାନ କୌଶଳରେ ନିର୍ମିତ ହୋଇଥିବା ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଷ୍ଟ୍ରେନ୍‌ଦେନ୍ ସିଷ୍ଟମ୍(ଓଡିଏସ୍‌ଏସ୍‌ପି)ର ୩୩/୧୧ କେଭି ସବ୍‌ଷ୍ଟେଶନ୍ ଏକ କଣ୍ଟେନର୍ ଭିତରୁ କିଭଳି ପରିଚାଳନା କରାଯାଉଛି ତାହା ଦେଖିଥିଲେ। କମ୍ ଜାଗାରେ କିଭଳି ଏକ ସବ୍‌ଷ୍ଟେଶନ୍ ନିର୍ମାଣ କରାଯାଇ ପାରିଛି, ତାର ସମୀକ୍ଷା କରିଥିଲେ। ଏହି ଅତ୍ୟାଧୁନିକ ଜ୍ଞାନ କୌଶଳକୁ ଦେଖି ସଚିବ ସେଠୀ ଖୁସି ବ୍ୟକ୍ତ କରିଥିଲେ। ସେଠାରୁ ହିଲ୍‌ପାଟଣା ପ୍ରାଥମିକ ବିଦ୍ୟାଳୟରେ ପହଞ୍ଚିଥିଲେ। ବିଦ୍ୟାଳୟର ନିର୍ମିତ ବଗିଚା, କାନ୍ଥ ଚିତ୍ର, ପାଠାଗାର, ଛାତ୍ରୀଛାତ୍ରଙ୍କ ଦ୍ୱାରା ଆଙ୍କିତ ଚିତ୍ରକୁ ଦେଖିଥିଲେ। ଏହି ବିଦ୍ୟାଳୟରେ 'ତଳେ ବସିବାକୁ ନା' ଯୋଜନାରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ଚୌକି ଓ ଟେବୁଲ ପ୍ରଦାନ କରାଯାଇଥିବା ଦେଖିଥିଲେ। ଜିଲା ଶିକ୍ଷା ଅଧିକାରୀ ଡ. ସନାତନ ପଣ୍ଡା, ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ପ୍ରଭାତୀ ମହାପାତ୍ର, ପ୍ରଧାନ ଶିକ୍ଷକ ରାଧାବଲ୍ଲଭ ପଟ୍ଟନାୟକଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ସହ ରାଜ୍ୟ ସରକାରଙ୍କ ତରଫରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସଫଳ ରୂପାୟନ ସମ୍ପର୍କରେ କଥା ହୋଇଥିଲେ। ବ୍ରହ୍ମପୁରରୁ ସଚିବ ସେଠୀ କୁକୁଡ଼ାଖଣ୍ଡି ଗସ୍ତ କରିଥିଲେ। ସଚିବ ସେଠୀ ଗଣମାଧ୍ୟମକୁ କହିଥିଲେ, ହିଲ୍‌ପାଟଣା ସ୍କୁଲକୁ ଆଦର୍ଶ ବିଦ୍ୟାଳୟ ଭାବେ ଗଢ଼ାଯାଇଛି। ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ବିଦ୍ୟାଳୟ ପରିଚାଳନା କମିଟି କର୍ମକର୍ତ୍ତାମାନେ ସ୍କୁଲ ବିକାଶ ଦିଗରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ଶୌଚାଳୟ ଏବଂ ସ୍ମାର୍ଟକ୍ଲାସ୍ ସହ ଅନେକ ବ୍ୟବସ୍ଥା ରହିଛି। ଏଠାରେ ଘରୋଇ ବିଦ୍ୟାଳୟରୁ ପିଲାମାନେ ପାଠ ପଢୁଛନ୍ତି। ଏହା ଅନ୍ୟମାନଙ୍କୁ ପ୍ରେରଣା ଦେବ ବୋଲି ସେ ପ୍ରକାଶ କରିଥିଲେ।

ଗସ୍ତ ସମୟରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ସାଉଥ୍‌କୋ ପ୍ରାଧିକାରୀ ଅଧିକାରୀ ଜୟରାମ ସାହୁ, ଜିଏମ୍(ପ୍ରକଳ୍ପ) ପ୍ରମୋଦ କୁମାର ଚୌଧୁରୀ, ସିଟି ସର୍କଲ୍ ଅଧୀକ୍ଷଣ ଯନ୍ତ୍ରୀ ଚନ୍ଦନ ଦାସ, ବ୍ରହ୍ମପୁର ଅଧୀକ୍ଷଣ ଯନ୍ତ୍ରୀ ସନତ ଜେନା, ଭଞ୍ଜନଗର ଅଧୀକ୍ଷଣ ଯନ୍ତ୍ରୀ ଏନ୍‌ଏନ୍ ପଣ୍ଡା, ସିଇଓ ପି.ଅରୁଣ କୁମାର, ନିର୍ବାହୀ ଯନ୍ତ୍ରୀ ପ୍ରଭାତ କୁମାର କର ଏବଂ ଦେବେଶ ରଞ୍ଜନ ପଣ୍ଡାଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।



ହିଲ୍‌ପାଟଣା ପ୍ରାଥମିକ ବିଦ୍ୟାଳୟରେ ସଚିବ ବିଷ୍ଣୁପଦ ସେଠୀ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରୁଛନ୍ତି।

### ଦକ୍ଷିଣ ଓଡ଼ିଶାରେ 'ବୁଲ୍‌ବୁଲ୍'ପ୍ରଭାବହୀନ
## ଶୁକ୍ରବାର ବର୍ଷା ସମ୍ଭାବନା

**ବ୍ରହ୍ମପୁର ଅଫିସ,୬।୧୧**

ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଏବଂ ଉତ୍ତର ଆଣ୍ଡାମାନ ନିକଟରେ ସୃଷ୍ଟି ହୋଇଥିବା ଲଘୁଚାପ ଅବପାତରେ ପରିଣତ ହୋଇଛି। ଗୁରୁବାର ଏହା ଭୟଙ୍କର ସାମୁଦ୍ରିକ ଝଡ ତଥା ବାତ୍ୟା ବୁଲ୍‌ବୁଲ୍‌ରେ ପରିଣତ ହେବ । ଏହାର ପ୍ରଭାବ ଦକ୍ଷିଣ ଓଡିଶା ଉପରେ ପଡୁ ନ ଥିବା ବେଳେ ଗୁରୁବାର ପାଗ ଶୁଖିଲା ରହିବା ନେଇ ଗୋପାଳପୁର ପାଣିପାଗ କେନ୍ଦ୍ର ବିଶେଷଜ୍ଞ ରଥ ମାରାଣ୍ଡି ସୂଚନା ଦେଇଛନ୍ତି । ବୁଧବାର ସନ୍ଧ୍ୟାସୁଦ୍ଧା ମିଳିଥିବା ସୂଚନା ପ୍ରକାରେ ଏହାର ପ୍ରଭାବ ପଶ୍ଚିମ ବାଂଲାଦେଶ ଓ ଉତ୍ତର ଓଡିଶାରେ ପଡିବାର ସମ୍ଭାବନା ରହିଛି। କିନ୍ତୁ ଏହା ଦକ୍ଷିଣ ଓଡିଶାରେ କୌଣସି କ୍ଷତି ଘଟାଇବା ସମ୍ଭାବନା ନାହିଁ । ତେବେ ଗୁରୁବାର ଦକ୍ଷିଣ ଓଡିଶାରେ ପାଗ ଶୁଖିଲା ରହିବ । ଶୁକ୍ରବାର ଦକ୍ଷିଣ ଓଡିଶାର ବିଭିନ୍ନ ଜିଲାରେ ବୁଲ୍‌ବୁଲ୍ ପ୍ରଭାବରେ ବର୍ଷା ସମ୍ଭାବନା ରହିଛି ବୋଲି ମାରାଣ୍ଡି କହିଛନ୍ତି। ଅନ୍ୟପକ୍ଷରେ ବାତ୍ୟାକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲାପାଳଙ୍କ ପକ୍ଷରୁ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ସମସ୍ତ ସରକାରୀ ଅଧିକାରୀଙ୍କ ଛୁଟି ବାତିଲ କରିଛନ୍ତି ।

### ଖଲ୍ଲିକୋଟ କଲେଜ କାର୍ଯ୍ୟକାରିଣୀ ବୈଠକ
# କ୍ୟାମ୍ପସ୍ ସଫେଇ, ସୁରକ୍ଷାକୁ ଗୁରୁତ୍ୱ



କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ସଦସ୍ୟମାନେ।

**ବ୍ରହ୍ମପୁର ଅଫିସ୍,୬।୧୧**

ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ କାର୍ଯ୍ୟକାରିଣୀ ବୈଠକ ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ଉନ୍ନୟନମୂଳକ ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବର୍ତ୍ତମାନ ଅଣଶିକ୍ଷକ କର୍ମଚାରୀଙ୍କ ଅଭାବ ଦେଖାଦେଇଛି। ଏହି ସମସ୍ୟାକୁ ଦୂର କରିବା ପାଇଁ ଅଧିକ ସଂଖ୍ୟକ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯିବ। ସେହିଭଳି ସଫେଇ ଏବଂ ସୁରକ୍ଷା କର୍ମଚାରୀଙ୍କର ମଧ୍ୟ ଅଭାବ ରହିଛି। ଏହାକୁ ଦୂର କରାଯିବ। ଫଳରେ ସୁରକ୍ଷା ଏବଂ ସଫେଇକୁ ଗୁରୁତ୍ୱ ଦିଆଯାଇପାରିବ। ଅଧ୍ୟକ୍ଷାଙ୍କ ଜଣେ ବ୍ୟକ୍ତିଗତ ସଚିବଙ୍କୁ ନିଯୁକ୍ତି ଦିଆଯିବ। ସେହିଭଳି ଦୀର୍ଘ ଦିନ ହେଲା ଖାଲି ପଡ଼ିଥିବା କ୍ରୀଡ଼ା ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏଥି ସହ ବିଭିନ୍ନ ୟୁଜି, ପିଜି ଓ ସେଲ୍ଫ ଫାଇନାସିଂ ପରୀକ୍ଷାର ପ୍ରକାଶିତ ଫଳାଫଳକୁ ଅନୁମୋଦନ ଦିଆଯାଇଥିଲା । କୋର୍ କମିଟି, ପରୀକ୍ଷା କମିଟି,ରୁଷା କମିଟି ଏବଂ ରେସିଡେନ୍ସିଆଲ କମିଟି ତରଫରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପକୁ ମଧ୍ୟ ଅନୁମୋଦନ କରାଯାଇଥିଲା। କଲେଜ ପଡ଼ିଆରେ ବିଦ୍ୟୁତ୍ ସଂଯୋଗ ପାଇଁ ଆଲୋଚନା ହୋଇଥିଲା । ସେହିପରି ଲାଇବ୍ରେରି, ପରୀକ୍ଷା ନିୟନ୍ତ୍ରଣ କକ୍ଷ ଓ ଛାତ୍ରାବାସ ପାଇଁ ନୂତନ କୋଠା ନିର୍ମାଣ ନେଇ ଆଲୋଚନା ହୋଇଥିଲା। ବୈଠକରେ ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଅଧ୍ୟକ୍ଷତା କରିଥିବା ବେଳେ ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ ପଣ୍ଡା, ସିପିଏମ ରାଜ୍ୟ ସମ୍ପାଦକ ଅଳିକିଶୋର ପଟ୍ଟନାୟକ, ଉଚ୍ଚଶିକ୍ଷା ବିଭାଗ ଆଞ୍ଚଳିକ ନିର୍ଦ୍ଦେଶକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ପରୀକ୍ଷା ନିୟନ୍ତ୍ରକ ଇଆର ପଟ୍ଟନାୟକ, ରୁଷା ସଂଯୋଜକ ଡ. ପିଏନ ଗୌଡ଼, ଡ. ଏସ୍‌ଏନ କୁଣ୍ଡୁ, ଡ. ପିକେ ନନ୍ଦ, ଡ. ଡିକେ ମିଶ୍ର, ଉପାଧ୍ୟକ୍ଷ ସିଦ୍ଧାର୍ଥ ପାଢ଼ୀ, ସହାକରୀ ଅଗ୍ନିଶମ ଅଧିକାରୀ ସନାତନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । କମିଟି ସମ୍ପାଦକ ତଥା କଲେଜ ଅଧ୍ୟକ୍ଷା ପ୍ରଫେସର ଉତ୍ତମା ଜେନା ଗତ ବୈଠକର ବିବରଣୀ ପାଠ କରିଥିଲେ ।

### ଦାଦାବଟି ମାଗିବା ମାମଲା
## ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷ

**ବ୍ରହ୍ମପୁର ଅଫିସ,୬।୧୧**

ଗଞ୍ଜାମ ଜିଲା ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗ ମାଜିଷ୍ଟ୍ରେଟ (ଜେଏମ୍‌ଏଫସି ) ବୁଧବାର ଏକ ଦାଦାବଟି ମାଗିବା ସହ ଆକ୍ରମଣ ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ଅଭିଯୁକ୍ତ ଟୁକୁନା ଦାସଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ପ୍ରକାଶ ଯେ, ୨୦୧୭ ଫେବୃୟାରୀ ୨୨ ରାତି ପ୍ରାୟ ୧୦ଟାରେ ଶାସ୍ତ୍ରୀନଗରର ରୋହନ ମହାନ୍ତି ଘରକୁ ବାଇକ୍‌ରେ ଫେରୁଥିଲେ। କେ.ସି. ହାଇସ୍କୁଲ ନିକଟରେ ଟୁକୁନା, ରୋହନଙ୍କୁ ଅଟକାଇ ଶୀତଳଷଷ୍ଠୀ ପାଇଁ ଚାନ୍ଦା ମାଗିଥିଲେ। ରୋହନ ଏହାର ପ୍ରତିବାଦ କରିବାରୁ ଟୁକୁନା ଆକ୍ରମଣ କରିବା ସହ ତାଙ୍କ ଗାଡି ଭାଙ୍ଗି ଦେଇଥିଲେ। ପରେ ରୋହନ ଏନେଇ ଗୋଷାଣୀନୂଆଗାଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ନଂ.୧୨/୧୭ରେ ଟୁକୁନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ଟୁକୁନା ଜାମିନରେ ଆସିଥିଲେ। ବୁଧବାର ମାମଲାର ବିଚାର ବେଳେ ୭ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଜେଏମ୍‌ଏଫସି ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ପ୍ରଶାନ୍ତ ନାୟକ ମକଦ୍ଦମା ପରିଚାଳନା କରିଥିଲେ।

## ବାପୁଜୀ ଆଶ୍ରମରେ ଶ୍ରଦ୍ଧାଞ୍ଜଳି ସଭା

**ବ୍ରହ୍ମପୁର ଅଫିସ,୬।୧୧**

ପୂର୍ବତନ ବିଧାୟକ ତଥା କଂଗ୍ରେସର ବରିଷ୍ଠ ନେତା ସ୍ୱର୍ଗତ ଲଲାଟେନ୍ଦୁ ବିଦ୍ୟାଧର (ଲୁଲୁ) ମହାପାତ୍ରଙ୍କ ଶ୍ରାଦ୍ଧ ବାର୍ଷିକୀ ବୁଧବାର ଗଞ୍ଜାମ ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ବ୍ରହ୍ମପୁରରେ ପାଳିତ ହୋଇଥିଲା। ଜିଲା କଂଗ୍ରେସ କାର୍ଯ୍ୟାଳୟ ବାପୁଜୀ ଆଶ୍ରମରେ ଅନୁଷ୍ଠିତ ସଭାରେ ଛାତ୍ର କଂଗ୍ରେସ ସଭାପତି ବିଜୟରାଜ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ଯୁବ ଓ ଛାତ୍ର ଗୋଷ୍ଠୀଙ୍କୁ ସଂଗଠିତ ଏବଂ ତାଙ୍କ ସାଲିସ ବିହୀନ ରାଜନୀତି ସମ୍ପର୍କରେ ମନେ ପକାଇ ଦିଆଯାଇଥିଲା। ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡାଙ୍କ ସମେତ ଭୋକାଲି ସେଠୀ, ଭାଲୁ ପାଣିଗ୍ରାହୀ, ଜଗନ୍ନାଥ ପଲେଇ, ତତ୍‌ସତ୍ ସୁବୁଦ୍ଧି, ରୁଦ୍ର ପ୍ରସାଦ ଖଟୁଆ, ରାଜୀବ କୁମାର ଖୁଣ୍ଟିଆ, ନାଗେଶ୍ୱର ରେଡ୍ଡୀ ପ୍ରମୁଖ ଲୁଲୁଙ୍କ ଅମର ଆତ୍ମାର ସଦ୍‌ଗତି କାମନା ସହ ଭାବପୂର୍ଣ୍ଣ ଶ୍ରଦ୍ଧାସୁମନ ଜଣାଇଥିଲେ। ଅନେକ ଛାତ୍ର ଓ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।




ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ କଂଗ୍ରେସ କର୍ମୀମାନେ।

# ଶିବିରରେ ୬୩ ୟୁନିଟ୍ ରକ୍ତ ସଂଗ୍ରହ

**ବ୍ରହ୍ମପୁର ଅଫିସ୍,୬।୧୧**

ସ୍ଥାନୀୟ ଏକ କଲ୍ୟାଣ ମଣ୍ଡପରେ ବ୍ରହ୍ମପୁର କ୍ୟାଟରର୍ସ ଆସୋସିଏଶନ୍ ଏବଂ ବ୍ରହ୍ମପୁର ଫଙ୍କଶନ୍ ହଲ୍ ୱେଲଫେୟାର୍ ଆସୋସିଏଶନ୍ ତରଫରୁ ତଥା ଏଭିବିଡ଼ି ଆନୁକୂଲ୍ୟରେ ବୁଧବାର ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଶିବିରରେ ମୋଟ ୬୩ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିରକୁ ବିଏମ୍‌ସି କମିଶନର୍ ଚକ୍ରବର୍ତ୍ତୀ ସିଂ ରାଠୋର ଉଦ୍‌ଘାଟନ କରିଥିଲେ। ବ୍ରହ୍ମପୁର କ୍ୟାଟରର୍ସ ସଂଘ ସଭାପତି ସଚ୍ଚିଦାନନ୍ଦ ପଣ୍ଡା, ସମ୍ପାଦକ ଇ.ଲକ୍ଷ୍ମୀକାନ୍ତ, କୋଷାଧ୍ୟକ୍ଷ କେ.ରାମୁ, ସତୀଶ କୁମାର ଦାସ, ଟି. ଶ୍ରୀନିବାସ, ରାମ ପ୍ରସାଦ ସାହୁ, ସନ୍ତୋଷ କୁମାର ଦାସ, ତପନ ମହାପାତ୍ର, ବ୍ରହ୍ମପୁର ଫଙ୍କଶନ୍ ହଲ୍ ୱେଲ୍‌ଫେୟାର୍ ଆସୋସିଏଶନ୍ ଆବାହକ ଟି.ପାର୍ଥସାରଥିଙ୍କ ସମେତ ଅନ୍ୟ ସଭ୍ୟମାନେ ସହଯୋଗ କରିଥିଲେ। ଏଭିବିଡ଼ିର ଜାମୁଲା ସୁରେଶ, କେ.ନନ୍ଦେଶୁ ସେନାପତି, ଇ.ଟି.ରାଓ, ପ୍ରସାଦ ରାଓ, ରାଜା ସୁରେଶ, ଭି. ପ୍ରସନ୍ନ କୁମାର ପାତ୍ର ଓ ଇ.ଡି. ପାତ୍ର ପ୍ରମୁଖ ସହଯୋଗ କରିଥିଲେ। ରକ୍ତ ଭଣ୍ଡାରର ଡା. ରଶ୍ମିତା ପାଣିଗ୍ରାହୀ, ଏଲ.ଇଂ. ମାଝି, ସୁଶାନ୍ତ କୁମାର ପାଣିଗ୍ରାହୀ, ଦେବାଶିଷ ପଣ୍ଡା, ସୀମାଞ୍ଚଳ ପଣ୍ଡା ଓ ଅନ୍ୟାନ୍ୟ କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ।




ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

### ଜିଲାସ୍ତରୀୟ କଳା ଉତ୍ସବ ପ୍ରତିଯୋଗିତା
# ଗୋଡ଼ରେ ଚିତ୍ର ଆଙ୍କି ବିରଞ୍ଚି ପ୍ରଥମ

**ବ୍ରହ୍ମପୁର ଅଫିସ୍,୬।୧୧**

ସ୍ଥାନୀୟ ଶହୀଦ ଲକ୍ଷ୍ମଣ ନାୟକ ଉଚ୍ଚ ବିଦ୍ୟାଳୟରେ ବୁଧବାର ଗଞ୍ଜାମ ଜିଲାସ୍ତରୀୟ କଳା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚିତ୍ରାଙ୍କନରେ ଛଣମେରୀ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବିରଞ୍ଚି ବାଡ଼ତ୍ୟା ପ୍ରଥମ ଏବଂ ବେଗୁନିଆପଡ଼ା ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସ୍ମିତାରାଣୀ ମହାପାତ୍ର ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସେହିଭଳି କଣ୍ଠସଂଗୀତ ଖଲ୍ଲିକୋଟ ଓଏଭିର ଶୁଭସ୍ମିତା ସାହୁ ପ୍ରଥମ ଏବଂ ପାକିଡ଼ିହିଲ୍ ଓଏଭିର ଶ୍ରୀମନ୍ତ ସେଠୀ ଦ୍ୱିତୀୟ ସ୍ଥାନ ରହିଥିଲେ। ସେହିଭଳି ବାଦ୍ୟଯନ୍ତ୍ରରେ ଭି.ଭି.ଗିରି ବାଳିକା ଉଚ୍ଚ ବିଦ୍ୟାଳୟର ଶୁଭସ୍ମିତା ପାଢ଼ୀ ପ୍ରଥମ ଏବଂ ଦିଗପହଣ୍ଡି ବି.କେ. ହାଇସ୍କୁଲର ଜିତେନ ମହାପାତ୍ର ଦ୍ୱିତୀୟ ହୋଇଛନ୍ତି। ସେହିଭଳି ନୃତ୍ୟରେ କବିସୂର୍ଯ୍ୟନଗର ଏଓଭିର ଯଶସ୍ୱିନୀ ମିଶ୍ର ଏବଂ ଭାଟକୁମରଡ଼ା ଏଓଭିର ସୁବ୍ରତ କୁମାର ଗୌଡ଼ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରତିଯୋଗୀଙ୍କ ମଧ୍ୟରୁ ବିରଞ୍ଚିଙ୍କ ପ୍ରତିଭା ସମସ୍ତଙ୍କୁ ଚକିତ କରିଥିଲା। ନବମ ଶ୍ରେଣୀ ଛାତ୍ର ବିରଞ୍ଚି ଜନ୍ମରୁ ଭିନ୍ନକ୍ଷମ। ତାଙ୍କ ଉଭୟ ହାତ କାମ କରୁନି। ପିଲାଟି ଦିନରୁ ସେ ଗୋଡ଼ରେ ଖାଇବାଠାରୁ ଆରମ୍ଭ କରି ସମସ୍ତ ପ୍ରକାର ନିତ୍ୟକର୍ମ କରନ୍ତି। ପାଠପଢ଼ା ଏବଂ ଲେଖା ମଧ୍ୟ ଗୋଡ଼ରେ ହିଁ ହୁଏ। ହେଲେ ପିଲା ଦିନରୁ ଚିତ୍ରାଙ୍କନ ପ୍ରତି ତାଙ୍କର ଦୁର୍ବଳତା ଥିଲା। ପରିବାର ବର୍ଗ ମଧ୍ୟ ତାଙ୍କୁ ଉତ୍ସାହିତ ଏବଂ ପ୍ରୋତ୍ସାହନ ଦେଇଥିଲେ। ଏଣୁ ବିରଞ୍ଚି ଗୋଡ଼ରେ ଚିତ୍ରଆଙ୍କିବା ଆରମ୍ଭ କରିଥିଲେ। 'ସୁରଭି' କାର୍ଯ୍ୟକ୍ରମଠାରୁ ଆରମ୍ଭ କରି ବିଭିନ୍ନ ବ୍ଲକସ୍ତରୀୟ, ଏପରିକି ଜିଲାସ୍ତରୀୟ ପ୍ରତିଯୋଗିତାରେ ମଧ୍ୟ ସେ ସଫଳ ହୋଇଛନ୍ତି। ଚିତ୍ରାଙ୍କନ ପ୍ରତିଯୋଗିତାରେ ଏକମାତ୍ର ଭିନ୍ନକ୍ଷମ ଥିଲେ ବିରଞ୍ଚି। ସମସ୍ତ ସକ୍ଷମଙ୍କୁ ପଛରେ ପକାଇ ସେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏବେ ଜୋନାଲ୍‌ସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ତାଙ୍କ କଠିନ ପରିଶ୍ରମକୁ ସବୁଆଡୁ ପ୍ରଶଂସା କରାଯାଉଛି।

ଜିଲା ଶିକ୍ଷା ଅଧିକାରୀ ଡ. ସନାତନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ. ପ୍ରଭାତୀ ମହାପାତ୍ର ଉଦ୍‌ଘାଟନ କରିଥିଲେ। ଲୋକକଳାକୁ ଲୋକାଭିମୁଖୀ କରାଇବାକୁ ଏହି ଉତ୍ସବର ପ୍ରୟାସ ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ତୁରା ନ୍ୟାଶନାଲ୍ ହାଇସ୍କୁଲ ପ୍ରଧାନ ଶିକ୍ଷକ ରାମକୃଷ୍ଣ ରାଓ ଯୋଗ ଦେଇଥିଲେ। ପ୍ରାରମ୍ଭରେ ବିଜ୍ଞାନ ନିରୀକ୍ଷକ ପ୍ରନଗ ଭୂଷଣ ମାଝି ସ୍ୱାଗତ ତଥା ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା କୁମାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ ଛାତ୍ରୀଛାତ୍ର ଦୁଇଜଣ ଲେଖାଏ ଆସନ୍ତା ୧୧ତାରିଖରେ ଖୋର୍ଦ୍ଧାରେ ଜୋନାଲ୍‌ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ପ୍ରସନ୍ନ କୁମାର ପାଢ଼ୀ, ସୀମାନ୍ତିନି ମିଶ୍ର, ଦେବଶ୍ରୀ ଦାସ, ପି.ଦଣ୍ଡାସୀ, ସ୍ମିତା ସୁରଦର୍ଶନୀ, ସୁଶୀଲ କୁମାର ତ୍ରିପାଠୀ, ଜୟନ୍ତ ଆଚାର୍ଯ୍ୟ, ସିପ୍ରାରାଣୀ ଜେନା, ଗୀତାଞ୍ଜଳି ପାଣି, ସରସି ଦାସ ଏବଂ ସନ୍ତୋଷ କୁମାର ରାଉତରାୟ ବିଚାରକ ଭାବେ ଯୋଗ ଦେଇଥିଲେ। ପ୍ରମୋଦ ପଣ୍ଡା, କେଦାରନାଥ ଚୌଧୁରୀ, କେ.ଶରତ କୁମାର, କିଶୋର କୁମାର ଏବଂ ସୁଧାଂଶୁ ଶେଖର ମୁଦୁଲି ପ୍ରମୁଖ ସହଯୋଗ କରିଥିଲେ।



ଦିବ୍ୟାଙ୍ଗ ବିରଞ୍ଚି ବାଡ଼ତ୍ୟା ଗୋଡ଼ରେ ଚିତ୍ରାଙ୍କନ କରୁଛନ୍ତି।

## ସଂକ୍ଷେପରେ

### ଆତ୍ମହତ୍ୟା ଉଦ୍ୟମ
### ସେତୁ ଉପରୁ ଡେଇଁ ଯୁବକ ଗୁରୁତର



**ଭଞ୍ଜନଗର,୬।୧୧(ଡି.ଏନ.ଏ):** ଭଞ୍ଜନଗର ବାଇପାସ୍ ରୋଡର ଲୋହରାଖଣ୍ଡି ସେତୁ ତଳୁ ବୁଧବାର ସକାଳେ ଜଣେ ଯୁବକଙ୍କୁ ଗୁରୁତର ଅବସ୍ଥାରେ ପୋଲିସ ଉଦ୍ଧାର କରିଛି। ସେ ହେଲେ ଦଦରାଲୁଣ୍ଡାର ମୁନା ନାଇକ। ତାଙ୍କୁ ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରାଯାଇଛି। କୌଣସି କାରଣରୁ ମଙ୍ଗଳବାର ରାତିରେ ମୁନା ଗ୍ରାମରୁ ଭଞ୍ଜନଗର ଅଭିମୁଖେ ଆସି ସେତୁ ଉପରୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ। କିନ୍ତୁ ସେ ଗୁରୁତର ଭାବେ ଆହତ ହୋଇଥିଲେ। ରାତିସାରା ସେଠାରେ ପଡି ରହିବାପରେ ବୁଧବାର ସକାଳୁ ପ୍ରାତଃ ଭ୍ରମଣରେ ଯାଉଥିବା ଲୋକେ ମୁନାକୁ ଦେଖି ପୋଲିସକୁ ଖବର ଦେଇଥିଲେ। ଦମକଳ ବାହିନୀ ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରିବାର ସହ ବିବାଦ ଥିବାରୁ ଅପରାହ୍ନ ପର୍ଯ୍ୟନ୍ତ କେହି ଆସି ନ ଥିଲେ। ତେଣୁ ପୋଲିସ ଓ ସମ୍ପୃକ୍ତ ପଞ୍ଚାୟତର ଲୋକପ୍ରତିନିଧିଙ୍କ ସହାୟତାରେ ମୁନାଙ୍କ ଚିକିତ୍ସା ଚାଲିଛି।

### ପୋଲିସ ହସ୍ପିଟାଲରେ ମେଡିକାଲ ଅଫିସର

**ଛତ୍ରପୁର,୬।୧୧(ଡି.ଏନ.ଏ):** ଛତ୍ରପୁରସ୍ଥିତ ପୋଲିସ ହସ୍ପିଟାଲରେ ମେଡିକାଲ ଅଫିସର ଭାବେ ଅବସରପ୍ରାପ୍ତ ଡା. ବ୍ରଜ କିଶୋର ବ୍ରହ୍ମା ଦାୟିତ୍ୱ ଗ୍ରହଣ କରିଛନ୍ତି। ଦୀର୍ଘ ଦିନ ହେଲା ଏହି ପଦବୀ ଖାଲି ପଡିଥିଲା।

### ଦାୟିତ୍ୱ ନେଲେ ନୂତନ ଅତିରିକ୍ତ ଏସ୍‌ପି



**ଛତ୍ରପୁର,୬।୧୧(ଡି.ଏନ.ଏ):** ଗଞ୍ଜାମ ପୋଲିସ ଜିଲାରେ ନୂତନ ଅତିରିକ୍ତ ଏସ୍‌ପି ଭାବେ ଠାକୁର ପ୍ରସାଦ ପାତ୍ର ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ସେ ଗଜପତି ଜିଲା ପାରଳାଖେମୁଣ୍ଡି ଏସ୍‌ଡିପିଓ ଭାବେ କାର୍ଯ୍ୟ କରୁଥିଲେ। ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏଙ୍କୁ ଭେଟି ସେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏହି ପଦବୀ ଦୀର୍ଘଦିନ ହେଲା ଖାଲି ପଡିଥିଲା।

### ୪୦୪ ସ୍କୁଲ ପାଇବ ଗାରିମା ତାମ୍ର ପୁରସ୍କାର

**ଛତ୍ରପୁର,୬।୧୧(ଡି.ଏନ.ଏ):** ଶୈକ୍ଷିକ କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଗଞ୍ଜାମ ଜିଲାର ୪୦୪ଟି ବିଦ୍ୟାଳୟକୁ ପ୍ରମାଣପତ୍ର ସହ ଗାରିମା ତାମ୍ର ପୁରସ୍କାର ମିଳିବ। ଗତ ଅଗଷ୍ଟ ମାସରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନୂତନ ଭାବେ ପ୍ରଚଳିତ ହୋଇଥିବା ସାର୍ଟିଫିକେଟ୍ ପ୍ରୋଗ୍ରାମ ଅନୁଯାୟୀ ଗାରିମା ତାମ୍ର, ରୌପ୍ୟ ଓ ସ୍ୱର୍ଣ୍ଣ ପୁରସ୍କାର ପର୍ଯ୍ୟାୟକ୍ରମେ ପ୍ରଦାନ କରିବା ପାଇଁ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଗଞ୍ଜାମ ଜିଲାର ସର୍ବାଧିକ ଦିଗପହଣ୍ଡିର ୬୧, ଶେରଗଡ଼ର ୩୧, ପୁରୁଷୋତ୍ତମପୁର ଓ ଛତ୍ରପୁରର ୨୯ ବିଦ୍ୟାଳୟକୁ ଗାରିମା ତାମ୍ର ପୁରସ୍କାର ନିମନ୍ତେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଏହି ପୁରସ୍କାର ପ୍ରକ୍ରିୟାରେ ଡିଆଇଟି, ଡିଇଓ, ଡିପିସି, ବିଇଓ, ସିଆରସିସି ଅଫିସର କର୍ମଚାରୀମାନେ ନିୟୋଜିତ ହୋଇଥିଲେ। ସ୍କୁଲଗୁଡ଼ିକୁ ସୁରଭି କାର୍ଯ୍ୟକ୍ରମରେ ପୁରସ୍କାର ପ୍ରଦାନ କରାଯିବ ବୋଲି ଜଣାପଡିଛି। ନୂତନ ପ୍ରୋତ୍ସାହନ ଓ ଗୁଣାତ୍ମକ ଶିକ୍ଷା କ୍ଷେତ୍ରରେ ଅଭିବୃଦ୍ଧି ଆଣିବା ପାଇଁ ଜିଲାର ବିଭିନ୍ନ ବିଦ୍ୟାଳୟକୁ ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ ରୌପ୍ୟ ଓ ସ୍ୱର୍ଣ୍ଣ ପୁରସ୍କାର ପ୍ରଦାନ କରିବା ନେଇ ବିଭାଗ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି।

# ଗୁଣ୍ଡିରିବାଡି, ତେନ୍ତୁଳିଆରେ ଲାଗିଲା ଟ୍ରାପ୍ କ୍ୟାମେରା

## ବାଘୁଣୀର ପାଦ ଚିହ୍ନ ମିଳିଲା, ଗାଁ ଜଗିଛି ବନ ବିଭାଗ

**ଭଞ୍ଜନଗର,୬।୧୧(ଡି.ଏନ.ଏ)**

ଗତମାସ ୯ ତାରିଖରେ ଜଗନ୍ନାଥପ୍ରସାଦ ରେଞ୍ଜ ଗୁଣ୍ଡିରିବାଡି ଗ୍ରାମ ନିକଟସ୍ଥ ଲଣ୍ଡେଇହିଲ୍ ପାହାଡ ନିକଟରୁ ଏକ ବାଘୁଣୀର ପାଦ ଚିହ୍ନ ମିଳିବାପରେ ଉକ୍ତ ଜଙ୍ଗଲରେ ବାଘ ଥିବା ପ୍ରମାଣ ମିଳିଥିଲା। ମାସେ ମଧ୍ୟରେ ବାଘୁଣୀଟି ଛାମୁଣ୍ଡା, କୁମୁଣ୍ଡା, ଲଣ୍ଡେଇହିଲ୍ ଅଞ୍ଚଳରେ ବୁଲୁଥିବା ପ୍ରମାଣ ମିଳିଛି। ବିଗତ କିଛିଦିନ ହେବ ଗୁଣ୍ଡିରିବାଡି ଓ ତେନ୍ତୁଳିଆ ଗ୍ରାମର କିଛି ଛେଳି ମରିବାକୁ ନେଇ ଲୋକେ ଆତଙ୍କିତ ହୋଇପଡିଛନ୍ତି। ସୋମବାର ରାତିରେ ଗୁଣ୍ଡିରିବାଡି ଗ୍ରାମବାସୀ ବାଘ ଗ୍ରାମକୁ ଆସିଥିବାର ଦାବି କରୁଛନ୍ତି। ବୁଧବାର ସକାଳେ ବନ ବିଭାଗ କର୍ମଚାରୀ ବାଘୁଣୀର ପାଦ ଚିହ୍ନକୁ ଲଣ୍ଡେଇହିଲ୍‌ରେ ଠାବ କରିଛନ୍ତି। ତେଣୁ ବାଘଟି ସେଠାରେ ହିଁ ଘୁରି ବୁଲୁଥିବା ଜଣାପଡିଛି। ତେଣୁ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ସନ୍ଧ୍ୟା ହେଲେ ମେଳି ହୋଇ ଯିବାଆସିବା କରୁଛନ୍ତି। ଜଙ୍ଗଲକୁ ଛେଳି ଚରାଇ ନେବାକୁ ମଧ୍ୟ ଭୟ କରୁଛନ୍ତି। ଲୋକଙ୍କ ଭୟ ଦୂର ପାଇଁ ବନ ବିଭାଗ କର୍ମଚାରୀ ବୁଧବାର ଗୁଣ୍ଡିରିବାଡି ଓ ତେନ୍ତୁଳିଆରେ ଡେରା ପକାଇଛନ୍ତି। ୨ ଗ୍ରାମରେ ବୁଧବାର ସନ୍ଧ୍ୟାରେ ଟ୍ରାପ୍ କ୍ୟାମେରା ଲଗାଯାଇଛି। ଏନେଇ ରେଞ୍ଜର ଉମାକାନ୍ତ ଦାସଙ୍କ ସହ ଯୋଗାଯୋଗ କରିବାରୁ ସେ ଏଠାରେ କହିଛନ୍ତି ଯେ, ଲୋକେ ଭୟଭୀତ ହୁଅନ୍ତୁ ନାହିଁ। ବନ ବିଭାଗ କର୍ମଚାରୀ ୨୪ ଘଣ୍ଟିଆ ଉକ୍ତ ଦୁଇ ଗ୍ରାମରେ ପାଟ୍ରୋଲିଂ କରୁଛନ୍ତି। ଏଥିସହ ବାଘର ଗତିବିଧି ଉପରେ ନଜର ରଖିଛନ୍ତି ବୋଲି କହିଥିଲେ।



ଗୁଣ୍ଡିରିବାଡି ଗ୍ରାମ ନିକଟରେ ଟ୍ରାପ୍ କ୍ୟାମେରା ଲଗାଯାଇଛି।

# ପରିବା ମାର୍କେଟ ପାର୍କିଂ ସ୍ଥାନ ଚିହ୍ନଟ

## ଛତ୍ରପୁର ଏନ୍‌ଏସି
- ସମସ୍ୟା ଅନୁଧ୍ୟାନ କଲେ ନିର୍ବାହୀ ଅଧିକାରୀ, ଥାନାଧିକାରୀ
- ଚଢ଼ା ଦରରେ ପରିବା ନ ବିକିବାକୁ ତାଗିଦ୍

**ଛତ୍ରପୁର,୬।୧୧(ଡି.ଏନ୍.ଏ.)**

ଛତ୍ରପୁର ଏନ୍‌ଏସି ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ଓ ଥାନା ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ ବୁଧବାର ପୂର୍ବାହ୍ନରେ ଏନ୍‌ଏସି ପରିବା ମାର୍କେଟକୁ ଆସି ସେଠାରେ ସୃଷ୍ଟି ହେଉଥିବା ବିଭିନ୍ନ ସମସ୍ୟା ଅନୁଧ୍ୟାନ କରିଛନ୍ତି। ମାର୍କେଟ ସମ୍ମୁଖ ମୁଖ୍ୟ ରାସ୍ତାର ଦୁଇ ପାର୍ଶ୍ୱ, ଏପରକି ରାସ୍ତା ଉପରେ ପରିବା ବିକ୍ରି କରାଯାଉଥିବାରୁ ଟ୍ରାଫିକ୍ ସମସ୍ୟା ଗୁରୁତର ହୋଇଛି। ଗାଡି ପାର୍କିଂ ନିମନ୍ତେ ସମସ୍ୟା ହେଉଛି। ଏଣିକି ରାସ୍ତା ଉପରେ ନ ବସି ଗୋଟିଏ ପାର୍ଶ୍ୱରେ ପରିବା ବିକ୍ରି କରିବାକୁ ବ୍ୟବସାୟୀଙ୍କୁ ପ୍ରଶାସନ ପକ୍ଷରୁ କୁହାଯାଇଛି। ରାସ୍ତାର ଅପରପାର୍ଶ୍ୱରେ ଗାଡି ପାର୍କିଂ କରାଯିବ। ପରିବା ମାର୍କେଟ ପରିସରରେ ମଧ୍ୟ ପାର୍କିଂ ପାଇଁ ସ୍ଥାନ ଚିହ୍ନଟ ହୋଇଛି। ବିଭିନ୍ନ ସ୍ଥାନରୁ ଚାଷୀମାନେ ମାର୍କେଟକୁ ପରିବା ଆଣୁଥିବା ବେଳେ ଏଠାର କେତେଜଣ ଦଲାଲ ଓ ନ୍ୟସ୍ତସ୍ୱାର୍ଥ ବେପାରୀ ତାହାକୁ ଜୋରଜବରଦସ୍ତ କିଣୁଛନ୍ତି। ପରେ ଉକ୍ତ ପରିବାକୁ ସେମାନେ ଚଢା ଦରରେ ଲୋକଙ୍କୁ ବିକ୍ରି କରୁଛନ୍ତି। ଏଥିପାଇଁ ବେପାରୀମାନଙ୍କୁ ତାଗିଦ୍ କରାଯାଇଛି। ଏହାର ପୁନରାବୃତ୍ତି କଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସତର୍କ କରିଦିଆଯାଇଛି। ଯାଞ୍ଚ ବେଳେ ମାଛ ଓ ପରିବା ବେପାରୀଙ୍କଠାରୁ ପଲିଥିନ ଜବତ କରାଯାଇ ଏନ୍‌ଏସି ପକ୍ଷରୁ ୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା।



ନିର୍ବାହୀ ଅଧିକାରୀ, ଥାନା ଅଧିକାରୀ ଆଲୋଚନା କରୁଛନ୍ତି।

# ଜିଲାପାଳ, ଏସ୍‌ପିଙ୍କୁ ଭେଟିଲେ ଜନପ୍ରତିନିଧି

## ସମସ୍ୟା ସମାଧାନ, ହତ୍ୟାକାଣ୍ଡର ପର୍ଦ୍ଦାଫାଶ ପାଇଁ ଦାବି

**ଆର୍.ଉଦୟଗିରି,୬।୧୧(ଡି.ଏନ୍.ଏ.)**

ନୂଆଗଡ଼ ବ୍ଲକର ୬ ପଞ୍ଚାୟତର ସମସ୍ୟା ଓ କିଛିଦିନ ଧରି ଏହି ଅଞ୍ଚଳରେ ଘଟିଥିବା ହତ୍ୟାକାଣ୍ଡର ପର୍ଦ୍ଦାଫାସ ଦାବିରେ ଗତ ୨ ତାରିଖରେ ପରିମଳ ହାଟପଦାଠାରେ ସମ୍ପୃକ୍ତ ପଞ୍ଚାୟତବାସୀ ଏକ ବୈଠକ କରିଥିଲେ। ୬ ପଞ୍ଚାୟତର ଲୋକ ପ୍ରତିନିଧିଙ୍କୁ ନେଇ ଏକ କମିଟି ଗଠନ କରାଯାଇ ୫ ତାରିଖରେ ଗଜପତି ଜିଲାପାଳ ଅନୁପ ସାହା ଏବଂ ଏସ୍‌ପି ସାରା ଶର୍ମାଙ୍କୁ ଦାବିପତ୍ର ଦେବାକୁ ସ୍ଥିର ହୋଇଥିଲା। ନିଷ୍ପତ୍ତି ପ୍ରକାରେ ମଙ୍ଗଳବାର ୬ ପଞ୍ଚାୟତର ଲୋକ ପ୍ରତିନିଧି ଏବଂ ଅଞ୍ଚଳର ଜନସାଧାରଣ ପାରଳାଖେମୁଣ୍ଡି ଯାଇ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ପରେ ଗଜପତି ଏସ୍‌ପି ସାରା ଶର୍ମାଙ୍କୁ ଭେଟି ଦାବିପତ୍ର ପ୍ରଦାନ ସହ ଅଞ୍ଚଳରେ ବିଗତ କିଛିଦିନ ମଧ୍ୟରେ ଘଟିଥିବା ହତ୍ୟାକାଣ୍ଡର ପର୍ଦ୍ଦାଫାସ କରିବାକୁ ଦାବି କରିଥିଲେ। ପରେ ଜିଲା ସ୍ୱାସ୍ଥ୍ୟ ଅଧିକାରିଣୀଙ୍କୁ ଭେଟି ମେଡ଼ିକାଲ ନିର୍ମାଣ କରିବାକୁ ଦାବି ଜଣାଇଥିଲେ। ସମ୍ବଲପୁରରେ ଏକ ସବ୍‌ସେଣ୍ଟର ଅତିଶୀଘ୍ର ଖୋଲାଯାଇଛି। ପରେ ମେଡ଼ିକାଲ ଖୋଲିବା ପାଇଁ ଚେଷ୍ଟା କରାଯିବ ବୋଲି ସେ କହିଥିଲେ। ଏହି କମିଟିରେ ସମ୍ବଲପୁର ସରପଞ୍ଚ ଜଗନ୍ନାଥ ଗମାଙ୍ଗ, କିରାମା ସରପଞ୍ଚ ସୁଫଳା ମଣ୍ଡଳ, ପରିମଳ ସରପଞ୍ଚ ପ୍ରଶାନ୍ତ ଗମାଙ୍ଗ, ଅନୁଗୁର ସରପଞ୍ଚ ଯାକବ ମାଝୀ, ସମ୍ବଲପୁର ସରପଞ୍ଚ ପରମନିତା ଶବର, ଉଦୟପୁର ସମିତିସଭ୍ୟ ରାଜେନ୍ଦ୍ର ଶବର, ବଡ଼ପଦା ସମିତିସଭ୍ୟ ପ୍ରେମା ମାଝୀ, ପ୍ରଭା ରଇତ ଓ କୃଷ୍ଣଚନ୍ଦ୍ର ଗମାଙ୍ଗ ପ୍ରମୁଖ ଥିଲେ।

### ବାର୍‌ହା ଆକ୍ରମଣରେ ମହିଳା ଗୁରୁତର

**ଭଞ୍ଜନଗର,୬।୧୧(ଡି.ଏନ.ଏ.)**

ତାରସିଂ ରେଞ୍ଜ ଲେମ୍ବେଇରେ ବୁଧବାର ସକାଳେ ବାର୍‌ହା ଆକ୍ରମଣରେ ଜଣେ ମହିଳା ଆହତ ହୋଇଛନ୍ତି। ସେ ହେଲେ କାଳିଆ ସେଠୀ। ଆହତ କାଳିଆଙ୍କୁ ଚିକିତ୍ସା ପାଇଁ ଭଞ୍ଜନଗର ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ କାଳିଆ ବୁଧବାର ସକାଳେ ଜମିକୁ ଯାଉଥିବାବେଳେ ବିଲରୁ ହଠାତ୍ ବାର୍‌ହା ବାହାରି ଆକ୍ରମଣ କରିଥିଲା। ଏହାପରେ ତାଙ୍କ ପରିବାର ଲୋକେ ଜାଣି କାଳିଆଙ୍କୁ ଜମିରୁ ଉଦ୍ଧାର କରି ଚିକିତ୍ସା ପାଇଁ ଆଣିଥିଲେ।

# ଭଞ୍ଜନଗର, ଆସିକା ଉପଖଣ୍ଡ ଅପରାଧ ସମୀକ୍ଷା



ବୈଠକରେ ଉପସ୍ଥିତ ଏସ୍‌ପି ଓ ଅନ୍ୟମାନେ ।

**ଛତ୍ରପୁର,୬।୧୧(ଡି.ଏନ୍.ଏ.)**

ଛତ୍ରପୁରସ୍ଥିତ ଗଞ୍ଜାମ ଏସ୍‌ପିଙ୍କ ସମ୍ମିଳନୀ ଗୃହରେ ବୁଧବାର ଭଞ୍ଜନଗର, ଆସିକା ଉପଖଣ୍ଡ ଅଧୀନ ବିଭିନ୍ନ ଥାନାର ଅପରାଧ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ ଅଧ୍ୟକ୍ଷତା କରିଥିଲେ। ପ୍ରତି ଥାନାୱାରୀ ଅପରାଧ ସମୀକ୍ଷା ହୋଇଥିଲା। ସ୍ୱୟଂସିଦ୍ଧା, ଆମ ପୋଲିସ, ଶିଶୁ ଓ ମହିଳା ଡେସ୍କ, ବରିଷ୍ଠ ନାଗରିକ ସେଲ୍‌କୁ ଆହୁରି କ୍ରିୟାଶୀଳ କରିବାକୁ ବୈଠକରେ ଏସ୍‌ପି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଅସାମାଜିକ ବ୍ୟକ୍ତିଙ୍କ ଉପରେ ନଜର ରଖିବାକୁ କୁହାଯାଇଥିଲା। ନିୟମିତ ପାଟ୍ରୋଲିଂ, ଅବକାରୀ ଧରପଗଡ, ହେଲମେଟ୍ ଓ ଗାଡି ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଥାନାକୁ ଆସୁଥିବା ଲୋକଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ ସହ ସେମାନଙ୍କ ସମସ୍ୟା ସମାଧାନ କରିବାକୁ କୁହାଯାଇଛି। ବୈଠକରେ ଅତିରିକ୍ତ ଏସ୍‌ପି ପତିତପାବନ ଚୌଧୁରୀ, ଡିଏସ୍‌ପି, ଭଞ୍ଜନଗର ଓ ଆସିକା ଏସ୍‌ଡିପିଓଙ୍କ ସମେତ ଥାନା ଅଧିକାରୀମାନେ ଯୋଗ ଦେଇଥିଲେ।

### ଚିଟ୍‌ଫଣ୍ଡ କ୍ଷୁଦ୍ର ଜମାକାରୀଙ୍କ ଦରଖାସ୍ତ ତନଖି ଶିବିର

**ଦିଗପହଣ୍ଡି,୬।୧୧(ଡି.ଏନ.ଏ.)**

ଦିଗପହଣ୍ଡି ତହସିଲ କାର୍ଯ୍ୟାଳୟରେ ମଙ୍ଗଳବାର ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ନିର୍ଦ୍ଦେଶକ୍ରମେ ଦିଗପହଣ୍ଡି ଅଞ୍ଚଳର ଚିଟ୍‌ଫଣ୍ଡ କ୍ଷୁଦ୍ର ଜମାକାରୀଙ୍କ ଦରଖାସ୍ତ ତନଖି କରାଯାଇଥିଲା। ଆସ୍ଥା ଓ ସିସୋର ଚିଟ୍‌ଫଣ୍ଡ ସଂସ୍ଥାରେ ଜମାରାଶି ଦାଖଲ କରି ଠକେଇର ଶିକାର ହୋଇଥିବା ୮୭ କ୍ଷୁଦ୍ର ଜମାକାରୀଙ୍କ ଦରଖାସ୍ତ, ଜମା ରସିଦ, ଜମାଖାତା ଆଦି ବିଭିନ୍ନ ନଥିପତ୍ର ଯାଞ୍ଚ କରାଯାଇଥିଲା। ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ, ଏଏସଆଇ ଲାଛମେୟା ରେଡ୍ଡୀ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜିତେନ୍ଦ୍ର ମାଲିଆ, ରାଜସ୍ୱ ନିରୀକ୍ଷକ ରତ୍ନାକର ସ୍ୱାଇଁ, ଭଗବାନ ଗୌଡ, ଦିଲୀପ ପଟ୍ଟନାୟକ ପ୍ରମୁଖ ରାଜସ୍ୱ କର୍ମଚାରୀଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଟିମ ଜମାକାରୀଙ୍କ ସମସ୍ତ ରେକର୍ଡପତ୍ର ତନଖି କରି ରିପୋର୍ଟ ପ୍ରସ୍ତୁତ କରିଛନ୍ତି। ପ୍ରସ୍ତୁତ ରିପୋର୍ଟକୁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ପଠାଯିବ ବୋଲି ତହସିଲଦାର କହିଛନ୍ତି।

# ଶକ୍ତି ସଚିବଙ୍କ ଉନ୍ନୟନ କାର୍ଯ୍ୟ ତଦାରଖ

## ଆହାର କେନ୍ଦ୍ରରେ ଭୋଜନ

**କୁକୁଡ଼ାଖଣ୍ଡି/ହିଞ୍ଜିଳିକାଟୁ, ୬।୧୧(ଡ଼ି.ଏନ.ଏ)**

ସରକାରଙ୍କ ୫ଟି ବିଭାଗ ପକ୍ଷରୁ ବିଭିନ୍ନ ସରକାରୀ କାର୍ଯ୍ୟର ତଦାରଖ ପାଇଁ ରାଜ୍ୟ ଶକ୍ତି ସଚିବ ବିଷ୍ଣୁପଦ ସେଠୀ ମଙ୍ଗଳବାର କୁକୁଡ଼ାଖଣ୍ଡି, ହିଞ୍ଜିଳିକାଟୁ ବ୍ଲକ ଓ ପୌରାଞ୍ଚଳକୁ ଆସି ବିଭିନ୍ନ କାର୍ଯ୍ୟର ତଦାରଖ କରିଛନ୍ତି। ସଚିବଙ୍କ ଗସ୍ତ ବେଳେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଜିଲା ଶିକ୍ଷାଧିକାରୀ ସନାତନ ପଣ୍ଡା, ସାଉଥ୍‌କୋ ଜୋନାଲ ମ୍ୟାନେଜର ପ୍ରମୋଦ କୁମାର ଚୌଧୁରୀ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପୂର୍ବାହ୍ନରେ ସଚିବ ପ୍ରଥମେ କୁକୁଡାଖଣ୍ଡି ବ୍ଲକର ଲାଞ୍ଜିଆ, ଟିକରପଡା, କୁକୁଡାଖଣ୍ଡି ପଞ୍ଚାୟତ ଗସ୍ତ କରି ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କରିଥିଲେ। ଲାଞ୍ଜିଆରେ ନୂତନ ପଞ୍ଚାୟତ କାର୍ଯ୍ୟାଳୟ, ଟିକରପଡା କଲ୍ୟାଣମଣ୍ଡପ, ଚାରାରୋପଣ, ଆଇଏୱାଇରେ ହୋଇଥିବା ଘର, କମ୍ୟୁନିଟି ହଲ ବୁଲି ଦେଖିଥିଲେ। ପରେ କୁକୁଡାଖଣ୍ଡି କସ୍ତୁରବା ଗାନ୍ଧୀ ଆବାସିକ ବିଦ୍ୟାଳୟ ପରିଦର୍ଶନ କରି ଛାତ୍ରୀଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ସେଠାରୁ ହିଞ୍ଜିଳିକାଟୁ ବ୍ଲକ ଆସି ଗୋଦରାପଲ୍ଲୀକୁ ଆସି ଗ୍ରାମୀଣ ବିଦ୍ୟୁତ୍‌କରଣ ଓ ପ୍ରାଥମିକ ବିଦ୍ୟାଳୟ ବୁଲି ଦେଖିଥିଲେ। କଞ୍ଚୁରୁରେ ଗୋରୁ ଗୁହାଳ ଓ ଶାସନ ଆମ୍ବଗାଁରେ ବିଜୁ ପକ୍କାଘର ଓ ପ୍ରଧାନ ମନ୍ତ୍ରୀ ଆବାସ ବୁଲି ଦେଖିବା ସହ ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ସେଠାରୁ ହିଞ୍ଜିଳିକାଟୁ ଆସି ଆହାର କେନ୍ଦ୍ରରେ ଭୋଜନ କରିଥିଲେ। ପରେ ରାଳବରେ ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ, ଉଠାଜଳ ସେଚନ ଓ ପାନ ଚାଷ ବୁଲି ଦେଖିଥିଲେ। ସେଠାରୁ ପୁଣି ହିଞ୍ଜିଳିକାଟୁ ଯାଇ ନିର୍ମାଣାଧୀନ ଇନ୍‌ଡ଼ୋର ଷ୍ଟାଡ଼ିୟମ, ଆଙ୍କୋରଡ଼ାରେ ଚାଲିଥିବା ମା' ମହୁରୀ କାଲୁଆଙ୍କ ଯାତ୍ରା ଗ୍ରାମବାସୀଙ୍କ ଅନୁରୋଧକ୍ରମେ ବୁଲି ଦେଖିଥିଲେ। ସମୟସୀମା ମଧ୍ୟରେ ଓ ଗୁଣାବତାର ସହ କାମ ସାରିବାକୁ ଓ ନିୟମିତ ତଦାରଖ ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ବିଡ଼ିଓ ପ୍ରସନ୍ନ କୁମାର ପାତ୍ର, ତହସିଲଦାର ଗୋପୀନାଥ କୁଅଁର, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼, ମନୋରଂଜନ ସାହୁ, ବିଇଓ ବସନ୍ତ କୁମାର ପଣ୍ଡା, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସଚେତନ ପରେ ବି ବନ୍ଦ ହେଉ ନି ପଲିଥିନ ବ୍ୟବହାର

**କବିସୂର୍ଯ୍ୟନଗର,୬।୧୧**

ସହରରୁ ପ୍ଲାଷ୍ଟିକ୍, ପଲିଥିନ ମୁକ୍ତ କରିବା ପାଇଁ ସରକାର ଏହାର ବ୍ୟବହାର ପ୍ରତି ରୋକ ଲଗାଇଛନ୍ତି। ଏଥିପାଇଁ କବିସୂର୍ଯ୍ୟନଗର ଏନ୍‌ଏସିରେ ଥରେ କିମ୍ବା ଦୁଇଥର ଚଢାଉ ମଧ୍ୟ କରାଯାଇ ୩ ହଜାର ଫାଇନ ଆଦାୟ ହୋଇଥିଲା। କାର୍ଯ୍ୟନୁଷ୍ଠାନ ଭୟରେ ବ୍ୟବସାୟୀମାନେ କିଛିଦିନ ପଲିଥିନ ବ୍ୟବହାର କରିବା ବନ୍ଦ କରିଦେଇଥିଲେ। ହେଲେ ଏବେ କିନ୍ତୁ ଏହା ପୂର୍ବ ଭଳି ଚାଲିଛି। ବର୍ତ୍ତମାନ ବଜାରରେ ଲୋକମାନେ ବିଭିନ୍ନ ଶୁଖିଲା ଦ୍ରବ୍ୟ, ପନିପରିବା, ମାଛ ମାଂସ, ଆଦି ନେବା ପାଇଁ ବିଭିନ୍ନ ରଙ୍ଗର ପଲିଥିନ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। କାଗଜ ଠୁଙ୍ଗା, କପଡ଼ା ବ୍ୟାଗ ସତେକି ଅଞ୍ଚଳରେ ଅଲୋଡ଼ା ହୋଇପଡ଼ିଛି। ବାରମ୍ବାର ସଚେତନତା କରାଯାଇ ମଧ୍ୟ ସହରରୁ ଆରମ୍ଭ କରି ଗ୍ରାମାଞ୍ଚଳରେ ପଲିଥିନ ବ୍ୟବହାର ବନ୍ଦ ହେଉନାହିଁ। ଚାରିଆଡ଼େ କୁଡ଼ କୁଡ଼ ପ୍ଲାଷ୍ଟିକ ଆବର୍ଜନା ଭର୍ତ୍ତି ହୋଇ ରହିଛି।ଏ ସମ୍ପର୍କରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କହିଛନ୍ତି, ପୁଣି ଗଠିତ ଟିମ ମାଧ୍ୟମରେ ଜୋରଦାର ଚଢ଼ାଉ କରାଯିବା ସହ ଫାଇନ ଆଦାୟ କରାଯିବ। ଶୀଘ୍ର ଏନ୍‌ଏସି ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସହରବାସୀ ଦାବି କରିଛନ୍ତି।

# ୬ଜଣଙ୍କୁ ବଞ୍ଚାଇ ଚାଲିଗଲେ ସୁରଜ
## ଶୁଦ୍ଧିକ୍ରିୟା ପାଇଁ ଟଙ୍କା ଧାର କରି ଫେରିଲେ ବାପା

**ଭଞ୍ଜନଗର,୬।୧୧(ଡି.ଏନ.ଏ.)**

ସୁରଟର ଏକ ରାସ୍ତା ଦୁର୍ଘଟଣାରେ ଭଞ୍ଜନଗର ନିକଟସ୍ଥ ଲଣ୍ଡେଇସାହିର ସୁରଜ ବେହେରାଙ୍କ ଜୀବନ ଚାଲିଗଲା ସତ କିନ୍ତୁ ସେ ବଞ୍ଚାଇଦେଲେ ଆଉ ୬ଜଣଙ୍କ ଜୀବନ। ଏହା କେବଳ ସୁରଜଙ୍କ ପିତା ବାବୁଲିଙ୍କ ଯୋଗୁ ସମ୍ଭବ ହୋଇଛି। କିନ୍ତୁ ବୁଧବାର ଗ୍ରାମକୁ ଫେରିବା ପରେ ଗଣମାଧ୍ୟମ ସମ୍ମୁଖରେ ବାବୁଲି ତାଙ୍କ ଦୁଃଖ କହିଥିଲେ। ପ୍ରାୟ ୨୫ ବର୍ଷ ତଳେ ପେଟ ପୋଷିବା ପାଇଁ ପରିବାର ସହ ସୁରଟ ଯାଇଥିଲି। ସେଠାରେ ସୁରଜ ବଡ ହେବାପରେ ସୂତା କଳରେ କାମ କରୁଥିଲେ। ଗତ ୨୯ ତାରିଖରେ ବସ୍ ଧକ୍କାରେ ସେ କୋମାକୁ ଚାଲିଯାଇଥିଲେ। ଦୈନିକ ୨୨ ହଜାର ଟଙ୍କା ସୁରଟର ଏକ ଘରୋଇ ମେଡିକାଲରେ ପୁଅର ଚିକିତ୍ସା ପାଇଁ ବାନ୍ଧିବାକୁ ପଡୁଥିଲା। ପାଖରେ ଗୁଜରାଟ କିମ୍ବା ଓଡିଶା ସରକାରଙ୍କ ପକ୍ଷରୁ ସ୍ୱାସ୍ଥ୍ୟ ବୀମା କାର୍ଡ ନଥିଲା। ଅର୍ଥ ଅଭାବରୁ ପୁଅକୁ ବଞ୍ଚାଇ ପାରିଲିନି। ଶେଷରେ ବିଭିନ୍ନ ଲୋକ ଏବଂ ଡାକ୍ତରଙ୍କ ପରାମର୍ଶକ୍ରମେ ପୁଅ ଶରୀରର ବିଭିନ୍ନ ଅଙ୍ଗଦାନ ପାଇଁ ନିଷ୍ପତ୍ତି ନେଇଥିଲି। ଏହାଦ୍ୱାରା ଆଉ ୬ଟି ପରିବାରରେ ଖୁସି ଫେରିଛି। ଗତ ଶନିବାର ସୁରଜର ଅଙ୍ଗଦାନ କରି ଦେଇଥିଲୁ। ବାବୁଲିଙ୍କ ପାଖରେ ରାଶନ କାର୍ଡଖଣ୍ଡେ ମଧ୍ୟ ସୁରଟରେ ନାହିଁ। ସୁରାଟର ଆଧାର କାର୍ଡ ଓଡିଶାର ଭୋଟର କାର୍ଡ ହିଁ ତାଙ୍କ ପରିଚୟ। ପୁଅ ଚାଲିଯିବା ପରେ ଶୁଦ୍ଧିକ୍ରିୟା ପାଇଁ ବୁଧବାର ବାବୁଲି ଓ ପରିବାରର ଅନ୍ୟ ସଦସ୍ୟମାନେ ଭଞ୍ଜନଗରରେ ଆସି ପହଞ୍ଚିଛନ୍ତି। ଟଙ୍କା ଧାର କରି ଘରକୁ ଫେରିଥିବା ବାବୁଲିଙ୍କ ଭାଇ କୋକ ସୂଚନା ଦେଇଛନ୍ତି।



ବାବୁଲି ସେଠୀ ଓ ଅନ୍ୟମାନେ।

# ଚିନିଶିଳ୍ପ ପରିଚାଳନା ପରିଷଦ ବୈଠକ

**ଆସିକା,୬।୧୧(ଡି.ଏନ୍.ଏ.)**

ଆସିକା ସମବାୟ ଚିନିଶିଳ୍ପ ପରିଚାଳନା ପରିଷଦ ବୈଠକ ବୁଧବାର ମଧ୍ୟାହ୍ନରେ ଚିନିଶିଳ୍ପ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ସଭାପତି ବିପିନୀ ବିହାରୀ ପାତ୍ର ଅଧ୍ୟକ୍ଷତା କରିଥିଲେ। ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ଚିନିଶିଳ୍ପ ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ବେହେରା, ସମ୍ପାଦକ ଚନ୍ଦ୍ର ଶେଖର ରେଡ୍ଡୀଙ୍କ ସମେତ ପରିଚାଳନା ପରିଷଦର ସଦସ୍ୟମାନେ ଯୋଗଦେଇଥିଲେ। ଏହି ଅବସରରେ କାରଖାନାର ବିଭିନ୍ନ ବିଷୟ ଉପରେ ଆଲୋଚନା ହୋଇଥିଲା। ୨୦୧୮-୧୯ ଆଖୁପେଡା ଋତୁ ଲାଗି ଆଖୁଚାଷୀଙ୍କ ପ୍ରାପ୍ୟ ପ୍ରଦାନ କରାଯାଇଥିଲେ ମଧ୍ୟ ବିହନ ବାବଦରେ ରହିଥିବା ପ୍ରାପ୍ୟ ଉପରେ ଆଲୋଚନା କରାଯାଇଥିଲା। ସେହିଭଳି ଚିନିଶିଳ୍ପ ସମ୍ପ୍ରସାରଣ ଲାଗି ସୁଗାର୍ କେନ୍ ଡେଭ୍‌ଲପ୍‌ମେଣ୍ଟ ଫାଇନାନ୍ସ କର୍ପୋରେସନ୍ ଠାରୁ ଚିନିଶିଳ୍ପ ଆଣିଥିବା ଋଣର ପରିମାଣ ୨୦୧୭ ସୁଦ୍ଧା ୨୨ କୋଟି ୨୩ ଲକ୍ଷ ୮ ହଜାର ୭୦୭ ଟଙ୍କା ପରିଶୋଧ ନିମନ୍ତେ ଋଣ ଆଦାୟ ଟ୍ରିବ୍ୟୁନାଲ୍‌ଙ୍କ ନିକଟରେ ରହିଥିବା ମାମଲା ସମ୍ପର୍କରେ ଆଲୋଚନା କରାଯାଇ ଆଇନଗତ ପଦକ୍ଷେପ ନିମନ୍ତେ ନିଷ୍ପତ୍ତି କରାଯାଇଥିଲା। କାରଖାନାର ଆଖୁପେଡା ଋତୁ ପୂର୍ବରୁ ଖାଲି ପଡିଥିବା ବୈଷୟିକ କର୍ମଚାରୀଙ୍କ ୮ ପଦବୀରେ ନିଯୁକ୍ତି, କାରଖାନାର ଆବଶ୍ୟକୀୟ ମରାମତି କରି ଆଖୁପେଡା ଲାଗି ପ୍ରସ୍ତୁତ ନିମନ୍ତେ ଆଲୋଚନା ହୋଇଥିଲା। ପରିବେଶ ମଞ୍ଜୁର ଅଭାବରୁ ବନ୍ଦ ହୋଇ ରହିଥିବା ଡିଷ୍ଟିଲାରିର ୯୦ ଭାଗ କାମ ସରିଥିଲେ ମଧ୍ୟ ଆଉ ବାକି ରହିଥିବା କାର୍ଯ୍ୟ ନିମନ୍ତେ ସରକାରୀ ସ୍ତରରେ ୬ କୋଟି ଟଙ୍କା ମଞ୍ଜୁର ହୋଇଛି। ଏହି ଅର୍ଥ ପହଞ୍ଚିବା ପରେ ଡିଷ୍ଟିଲାରିର ବଳକା କାମ ସାରି ଏହାକୁ କାର୍ଯ୍ୟକ୍ଷମ କରିବାକୁ ଆଲୋଚନା କରାଯାଇଥିଲା। ସେହିଭଳି ଚିନିଶିଳ୍ପ ପ୍ରସ୍ତୁତ ମଦର ଚାହିଦା କମିଯାଇଥିବାନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହାର ବିକ୍ରି ଲାଗି ସରକାର ଅଧିକ ଅଞ୍ଚଳକୁ ଏଥିରେ ସାମିଲ୍ କରିବାକୁ ଅନୁରୋଧ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। କାରଖାନା ପରିସରରେ ଦିନକୁ ଦିନ ଆଇନ ଶୃଙ୍ଖଳା ପରିସ୍ଥିତି ବିଗୁଡୁଛି। ବହୁ କର୍ମଚାରୀ ବୟସ ଅତିକ୍ରାନ୍ତ କରିଥିଲେ ମଧ୍ୟ ଦାଖଲ କରିଥିବା ସାର୍ଟିଫିକେଟ୍‌କୁ ନେଇ ସନ୍ଦେହ ଉପୁଜୁଥିବାରୁ ଯାଞ୍ଚ ପାଇଁ ବହୁ ସଦସ୍ୟ ଦାବି କରିଥିଲେ। ସେହିଭଳି କର୍ମଚାରୀମାନଙ୍କ ପ୍ରୋତ୍ସାହନ ଭତ୍ତା ଓ ଅନ୍ୟାନ୍ୟ ପ୍ରାପ୍ୟ ନିମନ୍ତେ ଆଲୋଚନା ଲାଗି ସଂଘର କର୍ମକର୍ତ୍ତାମାନେ ବୈଠକରେ ଅନୁପସ୍ଥିତି ରହିଥିବା ଯୋଗୁ ଆଲୋଚନା କରାଯାଇପାରି ନ ଥିବା ଜଣାଯାଇଛି। ଏହାଛଡା ଅବସରପ୍ରାପ୍ତ କର୍ମଚାରୀଙ୍କ ପୁନଃନିଯୁକ୍ତି, ନୂତନ ଭାବେ ଯୋଗ ଦେଇଥିବା ସମ୍ପାଦକଙ୍କ ଯୋଗଦାନକୁ ଅନୁମୋଦନ ଆଦି ବହୁ ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ନର୍ମଦା ସାହୁ, ଡାଇରେକ୍ଟର ଦୟାନିଧି ମହାନ୍ତି, ଶଙ୍କର ପ୍ରଧାନ, ସୁଦର୍ଶନ ଗୌଡ, କିଶୋର ଚନ୍ଦ୍ର ପ୍ରଧାନ, ସନ୍ତୋଷ ପ୍ରଧାନ, ଲକ୍ଷ୍ମଣ ପ୍ରଧାନ, ବାବୁଲା ପ୍ରଧାନ, କମଳା ସ୍ୱାଇଁଙ୍କ ସମେତ ଆଖୁପରିଚାଳକ ଭଗବାନ ପଣ୍ଡା, ହିସାବ ଅଧିକାରୀ ସନ୍ତୋଷ କୁମାର ପାତ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।



ପରିଚାଳନା ପରିଷଦ ବୈଠକରେ ଯୋଗ ଦେଇଥିବା ସଦସ୍ୟ ଓ ଅଧିକାରୀ।

# ଟ୍ରେଣ୍ଡି ଟ୍ରେଡ୍ ଫେୟାର



## ସିଲ୍କର ସମ୍ଭାର



ଭୁବନେଶ୍ୱରର ୟୁନିଟ୍-୩ ଇଡ୍କୋ ପ୍ରଦର୍ଶନୀ ପଡ଼ିଆ ଏବେ ଚଳଚଞ୍ଚଳ। ଆର୍ଟିସାନ୍ସ ଆଣ୍ଡ୍ ୱେଭର୍ସ ୱେଲଫେୟାର୍ ଆସୋସିଏଶନ୍ 'ହସ୍ତଶିଳ୍ପୀ' ଦ୍ୱାରା ଏଠାରେ ଆୟୋଜିତ ହୋଇଛି ସିଲ୍କ ଇଣ୍ଡିଆ ଏକ୍ସପୋ-୨୦୧୯। ଦେଶର ବିଭିନ୍ନ ରାଜ୍ୟର ଉତ୍କୃଷ୍ଟ ସିଲ୍କ ଉତ୍ପାଦ ଏହାର ମୁଖ୍ୟ ଆକର୍ଷଣ। ନଭେମ୍ବର ୧୧ ତାରିଖ ଯାଏ ଚାଲିବ ଏହି ଏକ୍ସପୋ। ଗୋଟିଏ ଛାତତଳେ ବିଭିନ୍ନ ପ୍ରକାର ପୋଷାକ ସାମଗ୍ରୀ ଉପଲବ୍ଧ ହେଉଛି। ଦେଖିବାକୁ ମିଳୁଛି ସିଲ୍କ ଶାଢ଼ିରୁ ଆରମ୍ଭକରି ଡିଜାଇନର ୱେର୍‌ର ସମ୍ଭାର। ଖାଣ୍ଟି ସିଲ୍କରେ ଆଗ୍ରହ ରଖୁଥିବା ଗ୍ରାହକଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ ଆଣିଦେଇଛି ଏହି ଏକ୍ସପୋ। ଏଠାରେ ଥିବା ୬୫ଟି ଷ୍ଟଲ୍‌ରେ ହ୍ୟାଣ୍ଡ୍ ବ୍ଲକ୍ ପ୍ରିଣ୍ଟ ଶାଢ଼ି, ସାଲୱାର୍ ସୁଟ୍ ଏବଂ ସିଲ୍କ୍ ବେଡ୍ କଭର୍, ଡିଜାଇନର୍ ୱେର୍ ଆଦି ମିଳୁଛି। ବିଭିନ୍ନ ରାଜ୍ୟରୁ ଆସିଥିବା ପାରମ୍ପରିକ ଶାଢ଼ି ବ୍ୟତୀତ କୁର୍ତ୍ତା, ହାତବୁଣା ମଟ୍‌କା ଏବଂ ଆସାମ ମୁଗା ଫ୍ୟାବ୍ରିକ୍, ଏମ୍ବ୍ରୋଡୋରୀ ଡିଜାଇନ୍ ସିଲ୍କ ଶାଢ଼ି ଏବଂ ଡ୍ରେସ୍ ମ୍ୟାଟେରିଆଲ୍, ଭାଗଲପୁରୀ ସୁଟ୍, ପ୍ରିଣ୍ଟେଡ୍ ସିଲ୍କ ଶାଢ଼ି, ରେଶମୀ ପ୍ଲେନ୍ ଏବଂ ବୁଟି ଶାଢ଼ି, କୋଟା ସିଲ୍କ, ମଲବେରୀ ସିଲ୍କଗ୍ରାହକଙ୍କୁ ଆକର୍ଷିତ କରିପାରିଛି। କେବଳ ଏତିକି ନୁହେଁ, ଗ୍ରାହକମାନେ ୱେଡିଙ୍ଗ ଶାଢ଼ି, ସିଲ୍କ ଓ ଟସର କଞ୍ଚାମାଲ, ଷ୍ଟୋଲ୍, ସିଲ୍କ ଯୁକ୍ତ ଫ୍ୟାବ୍ରିକ୍/ଫର୍ଣ୍ଣିସିଙ୍ଗ୍, ଉତ୍ପାଦ ଇତ୍ୟାଦି ମଧ୍ୟ ପାଇପାରୁଛନ୍ତି।

## ନାମୀଦାମୀ ହୋମ୍ ଡେକୋର

ଜନତା ମଇଦାନଠାରେ ଚାଲିଛି 'କ୍ରେଡାଇ ଭୁବନେଶ୍ୱର ହୋମ୍ ଆଣ୍ଡ ଡେକୋର ଏବଂ ୧୬ତମ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ମେଗା ଟ୍ରେଡ୍ ଫେୟାର'। ଏହା କ୍ରେଡାଇ ଭୁବନେଶ୍ୱର, ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି(ୟୁସିସିଆଇ), ବେଙ୍ଗଲ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଏବଂ ଜି.ଏସ୍. ମାର୍କେଟିଂ ଆସୋସିଏଟ୍ସର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେଉଛି। ଓଡ଼ିଶାବାସୀଙ୍କ ପାଇଁ ଆଣିଦେଇଛି ଦେଶ ବିଦେଶର ଏକାଧିକ ନାମୀଦାମୀ ହୋମ୍ ଡେକୋର୍ ବ୍ରାଣ୍ଡର ଉତ୍ପାଦ। ଘରକରଣ ସାମଗ୍ରୀଠାରୁ ଆରମ୍ଭ କରି ଅନ୍ତର୍ଜାତୀୟସ୍ତରର ବିଭିନ୍ନ ଦ୍ରବ୍ୟ ମିଳୁଛି ଗୋଟିଏ ସ୍ଥାନରେ। କେବଳ ଏତିକି ନୁହେଁ, ବିଭିନ୍ନ ରିୟଲ ଇଷ୍ଟେଟ୍ ଡେଭଲପର୍ସ ଏଠାରେ ସେମାନଙ୍କର ପ୍ରକଳ୍ପ ପ୍ରଦର୍ଶିତ କରିଛନ୍ତି। ରିୟଲ ଇଷ୍ଟେଟ୍ ସମ୍ବନ୍ଧିତ ବିଭିନ୍ନ ଉପକରଣ କମ୍ପାନୀ ଏବଂ ବ୍ୟାଙ୍କ ବି ଏଥିରେ ଭାଗ ନେଇଛନ୍ତି। ସୁଲଭ ହାଉସିଂ ଏବଂ ପ୍ରଦର୍ଶିତ 'ରେଡି ଟୁ ମୁଭ୍' ପ୍ରକଳ୍ପ ଗ୍ରାହକଙ୍କୁ ନିଜ ସ୍ୱପ୍ନର ଘର ବାଛିବାକୁ ଏହା ଆଣିଦେଇଛି ନୂଆ ଅପ୍‌ସନ୍। ପ୍ରଥମଥର ପାଇଁ ଓଡିଶା ଏହାର ଆୟୋଜକ ରାଜ୍ୟ ଥିବାବେଳେ କର୍ନାଟକ ଓ ପଶ୍ଚିମବଙ୍ଗ ସହଯୋଗୀ ରାଜ୍ୟ ଏବଂ ତାମିଲନାଡୁ ଓ ମହାରାଷ୍ଟ୍ର ଫୋକସ ରାଜ୍ୟ ରହିଛନ୍ତି। ସେହିଭଳି ସହଯୋଗୀ ଦେଶଭାବେ ବାଂଲାଦେଶ ଓ ଥାଇଲାଣ୍ଡ, ଫୋକସ ରାଷ୍ଟ୍ର ଭାବେ ରହିଛନ୍ତି ଆଫଗାନିସ୍ତାନ ଏବଂ ତୁର୍କୀ। ମୋଟ ୫୦୦ଟି ଷ୍ଟଲ୍‌ରେ ୭ଟି ଦେଶ ଓ ଭାରତର ୧୦ଟି ରାଜ୍ୟ ଅଂଶଗ୍ରହଣ କରି ସେମାନଙ୍କ ଉତ୍ପାଦ ପ୍ରଦର୍ଶନ କରୁଛନ୍ତି। ତୁର୍କୀ, ଆଫଗାନିସ୍ତାନ, ବାଂଲାଦେଶ, ଦୁବାଇ, ମାଲେସିଆ, ଭାରତ ଏବଂ ଥାଇଲାଣ୍ଡ ଭଳି ଦେଶ ଏଥର ଏହି ମେଳାରେ ଅଂଶଗ୍ରହଣ କରିଛନ୍ତି। ବିଭିନ୍ନ ରାଜ୍ୟର କାରୁକାର୍ଯ୍ୟପୂର୍ଣ୍ଣ ସାମଗ୍ରୀ ଏଠାରେ ସୁଲଭ ମୂଲ୍ୟରେ ଗ୍ରାହକମାନଙ୍କ ପାଇଁ ଉପଲବ୍ଧ ହେଉଛି।









ପର୍ଯ୍ୟଟନ ଋତୁ। ଶୀତର ଆଗମନ। ଠିକ୍ ଏହି ସମୟରେ ଆରମ୍ଭ ହୋଇଯାଇଛି ରାଜଧାନୀରେ ଟ୍ରେଡ୍ ଫେୟାର। ଜମିଛି ବ୍ୟବସାୟୀଙ୍କର ଭିଡ଼। ସଭିଙ୍କ ପାଇଁ ସାଜିଛି ମୁଖ୍ୟ ଆକର୍ଷଣ। ପୋଷାକରୁ ପାରମ୍ପରିକ ଅଳଙ୍କାର ହେଉ କି ଘରକରଣାରୁ ଘରସଜ୍ଜା ଜିନିଷ, ଭଳିକି ଭଳି ପସରା ମେଲିଛି ମେଳାରେ। ଗ୍ରାହକଙ୍କୁ ଆକୃଷ୍ଟ କରିଛି ଏହାର ପ୍ରତିଟି ସାମଗ୍ରୀ।

## ପ୍ରଥମ 'ଆଦି ମହୋତ୍ସବ'



ପାରମ୍ପରିକ ଜନଜାତି ସାମଗ୍ରୀକୁ ନେଇ ଭୁବନେଶ୍ୱରର ଜନତା ମଇଦାନଠାରେ ଆୟୋଜିତ ହୋଇଛି ଏକ ନିଆରା 'ଆଦି ମହୋତ୍ସବ'। ଏଥର ପ୍ରଥମଥର ପାଇଁ ଓଡ଼ିଶାରେ 'ଆଦି ମହୋତ୍ସବ'ର ଆୟୋଜନ କରାଯାଇଛି। ସମଗ୍ର ଭାରତର ଜନଜାତିମାନଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତଶିଳ୍ପ, ହସ୍ତତନ୍ତ ସହ ବିଭିନ୍ନ ପ୍ରକାର ଅର୍ଗାନିକ୍ ଓ ହର୍ବାଲ ସାମଗ୍ରୀ ଏଠାରେ ବିକ୍ରି କରାଯାଉଛି।। କେନ୍ଦ୍ର ଆଦିବାସୀ ମନ୍ତ୍ରଣାଳୟ ଅଧୀନ ଟ୍ରାଇବାଲ କୋଅପରେଟିଭ୍ ମାର୍କେଟିଂ ଡେଭଲପ୍‌ମେଣ୍ଟ ଫେଡେରେଶନ ଅଫ୍ ଇଣ୍ଡିଆ(ଟ୍ରାଇଫେଡ୍) ତଥା ଟ୍ରାଇବ୍‌ସ ଇଣ୍ଡିଆ ପକ୍ଷରୁ ଚାଲିଛି ଏହି ମହୋତ୍ସବ। ଏଥିରେ ଓଡ଼ିଶା ସମେତ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ଛତିଶଗଡ଼, ଆସାମ, ନାଗାଲାଣ୍ଡ, ସିକିମ, ମେଘାଳୟ, ହିମାଚଳ ପ୍ରଦେଶ, ଗୁଜରାଟ, ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, କର୍ନାଟକ ଓ କେରଳ ଭଳି ୨୨ଟି ରାଜ୍ୟର ଜନଜାତି ଅଂଶଗ୍ରହଣ କରିଛନ୍ତି। ମୋଟ ୧୦୪ଟି ଷ୍ଟଲ୍‌ରେ ୨୧୦ଜଣ କାରିଗରଙ୍କ ହାତତିଆରି ଘରସଜ୍ଜା, ଗୃହଉପକରଣ, ଖାଦ୍ୟ ସାମଗ୍ରୀ ଏବଂ ହସ୍ତତନ୍ତ ଉପଲବ୍ଧ ହେଉଛି। ସେହିଭଳି ୨୨ଟି ଷ୍ଟଲରେ ଓଡ଼ିଶାର ୫୦ରୁ ଉର୍ଦ୍ଧ୍ୱ ଜନଜାତି ସେମାନଙ୍କ ଉତ୍ପାଦିତ ସାମଗ୍ରୀ ବିକ୍ରିବଟା କରୁଛନ୍ତି। ଆକର୍ଷଣୀୟ ସଉରା ପେଣ୍ଟିଂ ସହ ଗୁଣୁପୁର ଫୁଲଝାଡ଼ୁ, ସବାଇ ଘାସ ଓ ଲାଖ ସାମଗ୍ରୀ, ଛତିଶଗଡ଼ର ଟସର ସିଲ୍କ, ହିମାଚଳର ଶୀତବସ୍ତ୍ର, ନାଗାଲାଣ୍ଡର ନାଗା ସାଲ, ଚନ୍ଦେରୀ ଶାଢ଼ି, ମହେଶ୍ୱରୀ ଶାଢ଼ି, ପଶ୍ଚିମବଙ୍ଗର କନ୍ଥା ଏମ୍ବ୍ରୋଡୋରି ଆଦି ସବୁକିଛି ଏଠାରେ ଉପଲବ୍ଧ। ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମହୋତ୍ସବର ଫୁଡ୍‌ଜୋନ୍‌ରେ ବାରିପଦା ମୁଢିମାଂସରୁ ଆରମ୍ଭକରି ସୁନ୍ଦରଗଡ଼ ଦେଶୀ ଚିକେନ୍, ଗୁଜରାଟୀ ଖାଦ୍ୟର ମଜା ବି ନେଇହେଉଛି।

–ସସ୍ମିତା ପାଇକରାୟ

ଫଟୋ: ବିକାଶ ନାୟକ



ଡ. ମାନସ ପୁହାଣ

କେବଳ ରାଜ୍ୟ ନୁହେଁ, ସମଗ୍ର ଦେଶରେ ଡ. ମାନସ ପୁହାଣ ଜଣେ ପ୍ରତିଷ୍ଠିତ ଚର୍ମରୋଗ ବିଶେଷଜ୍ଞ। ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ଅନ୍ତର୍ଗତ ବାଘମରା ଗାଁରେ ତାଙ୍କର ଜନ୍ମ। ଶରତ ଚନ୍ଦ୍ର ପୁହାଣ ଓ ସରସ୍ୱତୀ ପୁହାଣଙ୍କ ପୁଅ ମାନସଙ୍କ ଅନୁଭୂତିରୁ କିଛି..

# ଏମ୍‌ବିବିଏସ୍ ପାଇଛି ବୋଲି ପାନଦୋକାନୀ ଖବର ଦେଇଥିଲେ

### ମୋ ଅନୁଭୂତି

ମୋ ଗାଁ ନାଁ ଶୁଣିଲେ ସାଧାରଣରେ ଅନୁମାନ କରାଯାଏ ଯେ, ସେଠାକାର ପରିସ୍ଥିତି କିପରି ଥିବ। ଯେତେବେଳେ ମୁଁ ସ୍କୁଲ୍‌ରେ ପାଠ ପଢୁଥିଲି ସେତେବେଳେ ଲାଇନ୍, ପକ୍କା ରାସ୍ତା ଆମ ଗାଁରେ ନଥିଲା। ଏଣୁ ଦେଶଦୁନିଆର ଖବରଠାରୁ ଆମେ ସବୁବେଳେ ବହୁ ଦୂରରେ ରହିଯାଉ। ଯେବେ ଏମ୍‌ବିବିଏସ୍ ପାଇଥିଲି, ସେ ଖବର ବି ଦୁଇ ଦିନ ପରେ ମୋ ପାଖରେ ପହଞ୍ଚିଥିଲା। ଜଣେ ବସ୍ ଡ୍ରାଇଭର ଆମ ଗାଁ ଛକ ପାନଦୋକାନରେ ଏକଥା କହିଯାଇଥିଲେ। ଦୋକାନୀ ଜଣକ ଦୁଇ ଦିନ ପରେ ଆମ ଘରେ ଆସି ଖବର ଦେଇଥିଲେ।

ଅନୁନ୍ନତ ଅଞ୍ଚଳରେ ମୋର ଜୀବନ ଆରମ୍ଭ ହୋଇଛି। ବ୍ରହ୍ମପୁର ମେଡ଼ିକାଲ କଲେଜରେ ଏମ୍‌ବିବିଏସ୍ ପଢ଼ିଥିଲି। ପଢ଼ା ସମୟର କଥା। ଦିନେ ଘରୁ ବାହାରି କଲେଜ ଯିବା ପାଇଁ ପ୍ରସ୍ତୁତ ହେଉଥାଏ। ହଠାତ୍ ଆମ ଘର ପାଖରେ ଏକ ପୋଲିସ ଜିପ୍ ଲାଗିଲା। ପୋଲିସ ଆସିବା ଖବରକୁ ପ୍ରାୟ ସମସ୍ତେ ସହଜରେ ଗ୍ରହଣ କରିପାରନ୍ତିନି। ପୋଲିସ ଆସିଛି ମାନେ, କ'ଣ ସମସ୍ୟା ହୋଇଛି ବୋଲି ସାଧାରଣରେ ଭାବନା ରହିଛି। ହେଲେ ପୋଲିସ କିଛି ବ୍ୟକ୍ତିଗତ କାର୍ଯ୍ୟରେ ଆମ ଘର ପାଖକୁ ଆସିଥିଲା। ବସ୍ ଧରିବାକୁ ହେଲେ ମୋତେ ଘରଠାରୁ ୨କି.ମି. ରାସ୍ତା ଅତିକ୍ରମ କରି ଯିବାକୁ ହୁଏ। ଏଣୁ ଭାବିଲି ପୋଲିସଙ୍କୁ କହି ତାଙ୍କ ଜିପ୍‌ରେ ବସ୍ ଷ୍ଟପେଜ ପର୍ଯ୍ୟନ୍ତ ଚାଲିଯିବି। ସାହସ କରି ଗାଡ଼ିରେ ବସିଥିବା ଜଣେ ବଡ଼ ଅଧିକାରୀଙ୍କ ସହ କଥା ହୋଇଥିଲି। ହେଲେ ସେ ଅଧିକାରୀ ଜଣଙ୍କ ମୋ ବିଷୟରେ ଜାଣିଥିଲେ। ମୁଁ ମେଡ଼ିକାଲ ପଢୁଛି ବୋଲି ତାଙ୍କ ନିକଟରେ ଖବର ଥିଲା। ଏଣୁ ସେ ପୋଲିସ ଗାଡ଼ିରେ ମୋତେ ନେବାକୁ ମନା କରି ଦେଇଥିଲେ। ଯଦି ଏବେ ଆମ ସାଙ୍ଗରେ ଯିବ, ତା'ହେଲେ ଆଖପାଖ ୫ଖଣ୍ଡ ଗାଁରେ ତୁମକୁ ପୋଲିସ ନେଇଗଲା ବୋଲି ଗୁଜବ ଉଠିବ। ଭଲ ହେବ ତୁମେ ସାଇକେଲ ନେଇ ଚାଲିଯାଅ ବୋଲି ସେ ଅଧିକାରୀ ଜଣକ କହିଥିଲେ। ଏହା ପରେ ସ୍କୁଟର ନେଇ ଯାଉଥିବା ଜଣେ ବ୍ୟକ୍ତିଙ୍କୁ ଲିଫ୍ଟ ମାଗି ବସ୍ ଷ୍ଟପେଜ ପର୍ଯ୍ୟନ୍ତ ଆସିଥିଲି। ଏବେ ଅନେକ ଦେଶ ବୁଲିଲିଣି। ହେଲେ ସେ ଦିନର କଥା ମନେ ଅଛି। ପୋଲିସ ଅଧିକାରୀ ଜଣକ ଯାହା କହିଥିଲେ ତାହା ମିଛ ନୁହେଁ। ଏ ସମାଜରେ ଲୋକ କିଛି ନବୁଝି ମନ୍ତବ୍ୟ ଦିଅନ୍ତି। ପୋଲିସ ଅଧିକାରୀଙ୍କ ସେଦିନର କଥା ମନେ ପଡ଼ିଲେ ଏବେ ହସ ଲାଗେ।

– କୁମାରଶ୍ରୀ ସାହୁ

## ଖାଦ୍ୟରୁଚି

# ରାନୀ ପାଲକ

ପର୍ଯ୍ୟଟନ ସହର ପୁରୀର ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟରେ ଭିନ୍ନ ଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ ହେଉଛି। କିନ୍ତୁ ଯେଉଁଠି ସୁସ୍ୱାଦୁ ଖାଦ୍ୟ ସେଇଠି ଗ୍ରାହକଙ୍କ ଭିଡ଼। ଏମିତି ଭିଡ ଜମୁଛି ପୁରୀ ସ୍ୱର୍ଗଦ୍ୱାର ନିକଟ ହୋଟେଲ ଅତିଥି ହେରିଟେଜ୍‌ରେ। ଗ୍ରାହକଙ୍କ ଚାହିଦାକୁ ନେଇ ଉଭୟ ଆମିଷ ଓ ନିରାମିଷ ଖାଦ୍ୟ ଏଠାରେ ପ୍ରସ୍ତୁତ କରାଯାଉଛି। ଆଉ ସବୁଠୁ ଚାହିଦା ରହିଛି ନିରାମିଷ ଡିଶ୍ 'ରାନୀ ପାଲକ'ର। ଗୋଟିଏ ପ୍ଲେଟ୍‌ର ଦାମ୍ ୧୫୦ ଟଙ୍କା। ଏହାର ପ୍ରସ୍ତୁତି ସମ୍ପର୍କରେ ହୋଟେଲର ମୁଖ୍ୟ ଶେଫ୍ ମଙ୍ଗରାଜ ଦାସ ଯାହା କୁହନ୍ତି....



### ଆବଶ୍ୟକ ସାମଗ୍ରୀ

- ପାଳଙ୍ଗ ଶାଗ: ୨୫୦ ଗ୍ରାମ୍
- ପିଆଜ: ୭୫ ଗ୍ରାମ୍
- ଟମାଟୋ: ୫୦ ଗ୍ରାମ୍
- ଅଦା: ୧୦ ଗ୍ରାମ୍
- ରସୁଣ: ୨୦ ଗ୍ରାମ୍
- କଞ୍ଚାଲଙ୍କା: ୫ଟି
- ଗୋଟା ଜିରା: ୫ ଗ୍ରାମ୍
- ତେଲ: ୫୦ ଗ୍ରାମ୍
- ସୁଇଟ୍ କର୍ନ: ୨୫ ଗ୍ରାମ୍
- ପନିର: ୨୫ ଗ୍ରାମ୍
- ଜିରାଗୁଣ୍ଡ: ୫ ଗ୍ରାମ୍
- ଚିନି: ୫ ଗ୍ରାମ୍
- ବଟର: ୧୦ ଗ୍ରାମ୍
- ଅମୁଲ କ୍ରିମ୍: ୨୫ ଗ୍ରାମ୍

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ପାଳଙ୍ଗ ଶାଗକୁ କାଟି ଭଲ ଭାବେ ଧୋଇ ସିଝାଇଦେବେ। ଏହା ଥଣ୍ଡା ହୋଇଗଲା ପରେ ବାଟି ଦିଅନ୍ତୁ। ଅଦା, ରସୁଣ, ଲଙ୍କା ଓ ପିଆଜକୁ କିମା କରି ଅଲଗା ପାତ୍ରରେ ରଖନ୍ତୁ। ଟମାଟୋକୁ ପେଷ୍ଟ କରି ଏକ ପାତ୍ରରେ ରଖିଦିଅନ୍ତୁ। ଏହାପରେ କଡ଼େଇରେ ତେଲ ପକାଇ ଗରମ କରନ୍ତୁ। ଏଥିରେ ଗୋଟା ଜିରା ପକାନ୍ତୁ। ଜିରା ହାଲ୍‌କା ଫୁଟିବା ପରେ ସେଥିରେ କିମା କରିଥିବା ପିଆଜ, ଅଦା, ରସୁଣ ଓ ଲଙ୍କା ପକାଇ ଭଲ ଭାବେ ଭାଜନ୍ତୁ। ସ୍ୱାଦ ଅନୁସାରେ ଲୁଣ ଏବଂ ଜିରାଗୁଣ୍ଡ ଓ ଚିନି ପକାନ୍ତୁ। ପୂର୍ବରୁ ପେଷ୍ଟ ହୋଇଥିବା ପାଳଙ୍ଗ ଶାଗକୁ ସେଥିରେ ପକାଇ ମିଶାଇ ଦିଅନ୍ତୁ। ଭଲ ଭାବେ ମିଶିଯିବା ପରେ କିମା ହୋଇଥିବା ପନିର ଓ ସୁଇଟ୍ କର୍ନ ପକାଇ ସେଥିରେ ହାଲକା ପାଣି ଦିଅନ୍ତୁ। ପରେ କମ୍ ଆଞ୍ଚରେ ୫ରୁ ୧୦ ମିନିଟ୍ ଯାଏ ଘୋଡେଇ ରଖନ୍ତୁ। ଏହାପରେ ଘୋଡଣୀ ଖୋଲି ସେଥିରେ ବଟର ଏବଂ କ୍ରିମ୍ ପକାନ୍ତୁ। ଏହାକୁ ଏକ ପାତ୍ରରେ ବାହାର କରି ପରଷି ଦିଅନ୍ତୁ। ନାନ୍, ରୁଟି କିମ୍ବା ପରଟା ସହିତ ଏହାର ସ୍ୱାଦ ନିଅନ୍ତୁ।



ଶେଫ୍ ମଙ୍ଗରାଜ ଦାସ

ରିପୋର୍ଟ: ହେମନ୍ତ ନାୟକ
ଫଟୋ: ଯଜ୍ଞେଶ୍ୱର ମହାନ୍ତି

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : bmpselfie@gmail.com



ସତ୍ୟମ



ଅଶୋକ



ଶ୍ରୀମନ୍ତ



ଅକ୍ଷୟ



ତ୍ରିଲୋଚନ

## ସଂକ୍ଷେପରେ

### ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

**ହିଞ୍ଜିଳିକାଟୁ,୬।୧୧(ଡି.ଏନ୍.ଏ.):** ହିଞ୍ଜିଳିକାଟୁ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ବୁଧବାର ଲକ୍ଷ୍ମୀ ନୃସିଂହ କଳା ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ବିଇଓ ବସନ୍ତ କୁମାର ପଣ୍ଡାଙ୍କ ସଂଯୋଜନାରେ ଏଥିରେ ବ୍ଲକ ଅଧ୍ୟକ୍ଷ ଏନ. ରଘୁନାଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ବିଡ଼ିଓ ପ୍ରସନ୍ନ କୁମାର ପାତ୍ର ସମ୍ମାନିତ ଅତିଥି ତହସିଲଦାର ଗୋପୀନାଥ କୁଅଁର ଉପସ୍ଥିତ ଥିଲେ। ଏଥିରେ ବିଭିନ୍ନ ବିଦ୍ୟାଳୟର ୨୩୦ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସମାଜ ସଚେତନ ଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଏଭି ଶାସନଆମ୍ବଗାଁ ଅଧ୍ୟକ୍ଷ ଅରୁଣ କୁମାର ପଟେଲ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଜିଲାସ୍ତରୀୟ ସୁରଭି ପ୍ରତିଯୋଗିତାରେ ପାଇଁ ମନୋନୀତ ହୋଇଥିଲେ। କାର୍ଯ୍ୟକ୍ରମକୁ ଏବିଇଓ ବିଶ୍ୱନାଥ ମହାରଣା, କେ. ନିମାଇଁଚାନ୍ଦ ମହାପାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନାରେ ସହଯୋଗ କରିଥିଲେ।

### ଅଟୋ ଓଲଟି ଜଣେ ମୃତ, ୯ ଆହତ

ମୋହନା,୬।୧୧(ଡି.ଏନ୍.ଏ.): ମୋହନା ଥାନା ଭାଲିଆଗୁଡା ବିଦ୍ୟାଳୟ ନିକଟରେ ଏକ ଅଟୋ ମଙ୍ଗଳବାର ଓଲଟି ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୯ ଜଣ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଗର୍ଭବତୀ ମହିଳା ଓ ଶିଶୁ ଓ କେତେକ ଯାତ୍ରୀଙ୍କୁ ଧରି ଏକ ଅଟୋ କେଶରା ଗ୍ରାମକୁ ଆସୁଥିଲା। ସେଠାରେ ଟିକା ଓ ଛତୁଆ ଦିଆଯାଉଥିଲା। କୌଣସି କାରଣରୁ ଭାରସାମ୍ୟ ହରାଇବା ଅଟୋଟି ଭାଲିଆଗୁଡା ନିକଟରେ ଓଲଟି ପଡିଥିଲା। ଘଟଣାସ୍ଥଳରେ କାନ୍ଦରିଙ୍ଗ ମଲିକଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟ ଆହତଙ୍କୁ ଉଦ୍ଧାର କରି ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଦୁର୍ଘଟଣା ପରେ ଅଟୋ ଚାଳକ ଫେରାର ହୋଇଯାଇଥିଲେ। ମୋହନା ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।

### ଶୌଣ୍ଡିକ ସମାଜର ସାଧାରଣ ସଭା

**କନିଷି,୬।୧୧(ଡି.ଏନ.ଏ.):** ରଙ୍ଗେଇଲୁଣ୍ଡା ବ୍ଲକ କନିଷି ହାଟସ୍ଥିତ ଚନ୍ଦ୍ରକକ୍ଳେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ଶୌଣ୍ଡିକ ସମାଜର ସାଧାରଣ ସଭା ଦେବଦତ୍ତ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଶୌଣ୍ଡିକ ପରିବାରର ୧୫୦ ଜଣ ସଭ୍ୟ ଯୋଗଦେଇ ଶୌଣ୍ଡିକ ସେବା ସଂଗଠନ ନାମକ ଏକ ସେବା ସଂସ୍ଥା ଗଠନ କରାଯାଇଥିଲା। ଏଥିରେ ସଂଗଠନର ପରିଚାଳନା ପାଇଁ ଏକ ୧୧ ଜଣିଆ କମିଟି ଗଠନ କରାଯାଇଛି । ଶୌଣ୍ଡିକ ସମାଜର ସଭାପତି ଡ. ଦେବଦତ୍ତ ଚୌଧୁରୀ, କୋଷାଧ୍ୟକ୍ଷ ଯୁଧିଷ୍ଠିର ସାହୁ, ସମ୍ପାଦକ ତନୁଚନ୍ଦ୍ର ଚୌଧୁରୀ, ସମ୍ପାଦକ କୁମାର ସାହୁ, ପ୍ରକାଶ ଚନ୍ଦ୍ର ସାହୁ, ଶ୍ୟାମସୁନ୍ଦର ସାହୁ, ହେମନ୍ତ ସାହୁ, ଭାସ୍କର ସାହୁ, ରଞ୍ଜନ ସାହୁ, ସୁବାସ ଚନ୍ଦ୍ର ସାହୁ କମିଟିର ସଭ୍ୟ ରୂପେ ମନୋନିତ ହୋଇଛନ୍ତି। କାର୍ଯ୍ୟକ୍ରମକୁ ଧୀରଜ କୁମାର ସାହୁ, ନିଲୁ ସାହୁ, ଚନ୍ଦ୍ରଶେଖର ଚୌଧୁରୀ ପ୍ରମୁଖ ପରିଚାଳନା କରିଥିଲେ।

## ୨ୟ ଦିନରେ ମଦ ବିରୋଧୀ ଆନ୍ଦୋଳନ

# ୨ ମଦ ଦୋକାନ ଭାଙ୍ଗିଲେ, ରାସ୍ତାରୋକୋ

**ଧରାକୋଟ,୬।୧୧(ଡି.ଏନ.ଏ.)**



ମହିଳାଙ୍କ ମଦ ବିରୋଧୀ ଆନ୍ଦୋଳନ।

ଜାହାଡ଼ା ଗ୍ରାମରେ ସରକାରୀ ସ୍ୱୀକୃତିପ୍ରାପ୍ତ ମହୁଲି ମଦ ପିଇ ବିଶ୍ୱନାଥ ନାୟକ ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିବାକୁ ନେଇ ୨ଦିନ ହେଲା ଗ୍ରାମର ମହିଳାମାନେ ରାସ୍ତାକୁ ଓହ୍ଲାଇଛନ୍ତି। ମଙ୍ଗଳବାର ଗୋଟିଏ ମଦ ଦୋକାନ ଭାଙ୍ଗି ନିଆଁ ଲଗାଇଥିବାବେଳେ ବୁଧବାର ଅପରାହ୍ନରେ ପ୍ରାୟ ୩ ଶହରୁ ଊର୍ଦ୍ଧ୍ୱ ମହିଳା ହାତରେ ଠେଙ୍ଗା ଧରି ଦୁଇଟି ଦୋକାନକୁ ପୁଣି ପୋଡ଼ି ଦେଇଛନ୍ତି। ମଦ ଦୋକାନ ଚଳାଉଥିବା ଭ୍ରମର ସ୍ୱାଇଁ ଓ ଡ଼ାକ ଖଟାଇଙ୍କ ଘର ମଧ୍ୟରୁ ମହୁଲି ମଦ ପ୍ୟାକେଟ, ବିଦେଶୀ ମଦ ସହ ଗଞ୍ଜେଇ ପ୍ରାୟ ୩୦ କେଜି ଜବତ କରିଛନ୍ତି । ଏହା ପରେ ଉତ୍ତ୍ୟକ୍ତ ମହିଳାମାନେ ଜାତୀୟ ରାଜପଥ ୫୯କୁ ତାଳପାଟଣା ଛକ ଠାରେ ପ୍ରାୟ ୨ ଘଣ୍ଟା ଟାୟାର ଜାଳି ଅବରୋଧ କରିଥିଲେ ମଧ୍ୟ ପୋଲିସ କିମ୍ବା ପ୍ରଶାସନର କୌଣସି ଅଧିକାରୀ ପହଞ୍ଚି ନ ଥିଲେ। ଫଳରେ ଉତ୍ତେଜନା ବୃଦ୍ଧି ପାଇଥିଲା। ଏହା ପରେ ମହିଳାମାନେ ସାଙ୍ଗରେ ଆଣିଥିବା ଗଞ୍ଜେଇ ମଦ ଧରି ଧରାକୋଟ ଥାନା ସମ୍ମୁଖରେ ବିକ୍ଷୋଭ କରିଥିଲେ। ଏପରିକି ଉତ୍ତ୍ୟକ୍ତ ମହିଳାମାନେ ବନ୍ଦ ଥିବା ଫାଟକକୁ ଭାଙ୍ଗି ଭିତରକୁ ଧସେଇ ପସିବାକୁ ଉଦ୍ୟମ କରିବା ସହ ଥାନା ଭିତରେ ମୁତୟନ ଥିବା କର୍ମଚାରୀମାନଙ୍କ ଉପରକୁ ପାଣି ପାଉଚ ପୋପାଡ଼ିଥିଲେ। ଆଶ୍ଚର୍ଯ୍ୟର କଥା ମଙ୍ଗଳବାର ଜାହାଡ଼ାରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିବା ବେଳେ ପୋଲିସ ନାମକୁ ମାତ୍ର ତାଳିପକା ଉଦ୍ୟମ କରି ନିଜର ଦାୟିତ୍ୱ ସାରିଦେଇଥିଲା। ଫଳରେ ଆଜି ମହିଳାଙ୍କ ଅସନ୍ତୋଷ ଉଗ୍ରରୂପ ନେଇଥିଲା। ଖବର ଲେଖା ହେବାବେଳକୁ ଏସ୍‌ଡିପିଓ ଥାନା ଅଧିକାରୀ ପହଞ୍ଚି ମହିଳାମାନଙ୍କୁ ବୁଝାଶୁଝା କରୁଥିବା ଜଣାପଡିଛି।

# ବେଗୁନିଆପଡ଼ାରେ ସାମାଜିକ ସମୀକ୍ଷା ବୈଠକ

**ବେଗୁନିଆପଡ଼ା, ୬।୧୧(ଡି.ଏନ.ଏ.)**

ବେଗୁନିଆପଡ଼ା ବ୍ଲକ ପରିସରରେ ବୁଧବାର ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ ଜାତୀୟ ସାମାଜିକ ସହାୟତା ଯୋଜନାର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ୨୦୧୮ ଏପ୍ରିଲ ୧ରୁ ୨୦୧୯ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ଏଥିରେ ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ବିଡ଼ିଓ ପ୍ରଦୀପ କୁମାର ପଣ୍ଡା, ଅଧ୍ୟକ୍ଷା ପ୍ରତିନିଧି ବିଜୟ କୁମାର ଦୋରା, ଜିଲା ସାମାଜିକ ସମୀକ୍ଷକ ରବୀନ୍ଦ୍ର ନାଥ ମଲାଣ, ସହକାରୀ ଯନ୍ତ୍ରୀ ପ୍ରଦୀପ କୁମାର ପରିଡା, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ଅଜୟ କୁମାର ଜେନା, ବିଏସଓ ସୁନୀଲ କୁମାର ମିଶ୍ର ଯୋଗଦେଇ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ। ବୈଠକରେ କୌଣସି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଉପସ୍ଥିତ ନ ଥିବା ଅଭିଯୋଗ ହୋଇଥିଲା। ଚାରା ରୋପଣରେ ଅନେକ ଅନିୟମିତ ହୋଇଥିବା, ଅଡିଟ ହୋଇ ନ ଥିବା, କ୍ୟାସ ରେକର୍ଡ ଠିକ ଭାବେ ଲେଖା ହେଉ ନ ଥିବା, ପଲ୍ଲୀସଭାରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମାନେ ଉପସ୍ଥିତ ନ ରହିବା ଆଦି ଜିଲା ସାମାଜିକ ସମୀକ୍ଷକ କହିବା ସହ ୧୫ ଦିନ ମଧ୍ୟରେ ରେକର୍ଡ ପତ୍ର ଠିକ କରିବା ପାଇଁ କହିଥିଲେ। ଏଥିରେ ଅତିରିକ୍ତ ଉଦ୍ୟାନ ବିଭାଗ ଅଧିକାରୀ ସୌମ୍ୟଶ୍ରୀ ମହାରଣା, ଅତିରିକ୍ତ ମୃତ୍ତିକା ସଂରକ୍ଷଣ ଅଧିକାରୀ ମୋନାଲିସା ହୋତା, ବନ ବିଭାଗ କର୍ମଚାରୀ ସସ୍ମିତା ଦଳବେହେରା, ସରପଞ୍ଚ, ସମିତିସଭ୍ୟ, କନିଷ୍ଠ ଯନ୍ତ୍ରୀ, ଜିଆରଏସ୍, ହିତାଧିକାରୀ ମାନେ ଉପସ୍ଥିତ ଥିଲେ।

# ପଞ୍ଚାୟତ ସମିତି ବୈଠକ



ବୈଠକ ଉପସ୍ଥିତ ଏମ୍‌ପି, ବିଧାୟକ ଓ ଅନ୍ୟମାନେ।

**କୁକୁଡ଼ାଖଣ୍ଡି,୬।୧୧(ଡି.ଏନ.ଏ.)**

କୁକୁଡ଼ାଖଣ୍ଡି ବ୍ଲକ ପରିସରରେ ୫ମ ପଞ୍ଚାୟତ ସମିତି ବୈଠକ ବ୍ଲକ ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ରଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷଙ୍କ ସମେତ ବିଡିଓ ଗଦାଧର ପାତ୍ର, ତହସିଲଦାର ସୁବାସ ଚନ୍ଦ୍ର ରଇତ, ସହକାରୀ ଯନ୍ତ୍ରୀ ସୁଜିତ କୁମାର ଟହଲ, ଉପାଧ୍ୟକ୍ଷ ଲକ୍ଷ୍ମୀପ୍ରିୟା ସାହୁ ମଞ୍ଚାସୀନ ଥିଲେ। ବ୍ଲକର ୨୨ ପଞ୍ଚାୟତର ଜନ ପ୍ରତିନିଧି, ୩ ଜିଲା ପରିଷଦ, ଏମ୍‌ପି ଏବଂ ବିଧାୟକ ପ୍ରତିନିଧି, ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ବ୍ଲକ ଶିକ୍ଷା ଅଧିକାରୀ, କୃଷି ଅଧିକାରୀ, ସିଡିପିଓ, ଆର.ଡବ୍ଲୁ.ଏସଏସ ଯନ୍ତ୍ରୀ, ଯୋଗାଣ ଅଧିକାରୀମାନେ ବୈଠକରେ ଯୋଗ ଦେଇଥିଲେ। ସର୍ବ ପ୍ରଥମେ ନିୟମିତ ସମିତି ବୈଠକ କରିବା ପାଇଁ ଜନ ପ୍ରତିନିଧି ମାନେ ବ୍ଲକ ଅଧ୍ୟକ୍ଷଙ୍କୁ ପରାମର୍ଶ ଦେଇଥିଲେ। ସମିତି ବୈଠକ ନିୟମିତ କରିବା ସହ ସମସ୍ତ ଜନ ପ୍ରତିନିଧିମାନଙ୍କୁ ସହଯୋଗ କରିବି ବୋଲି ବ୍ଲକ ଅଧ୍ୟକ୍ଷ ପ୍ରତିଶ୍ରୁତି ଦେଇଛନ୍ତି। କୃଷି ସମ୍ବନ୍ଧରେ ଆଲୋଚନା ବେଳେ କୁକୁଡାଖଣ୍ଡି ବ୍ଲକର ଚାଷୀ ମାନଙ୍କୁ ଚାଷୀ ବୀମା ମିଳିବା, ବିଜୁ କୃଷକ କଲ୍ୟାଣ ଯୋଜନା, ଚାଷୀ ପଞ୍ଜୀକରଣ ଧାରାବାହିକ ଭବେ ତ୍ୱରାନ୍ୱିତ କରିବା ପାଇଁ ଜନପ୍ରତିନିଧି ମାନେ ନିବେଦନ କରିଥିଲେ। ଗ୍ରାମ ସେବକ ବର୍ତ୍ତମାନ ୫ ଅଛନ୍ତି। ୧୧ଜଣଙ୍କୁ ନିୟୋଜିତ କରି କୃଷି କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ସରକାରଙ୍କୁ ପ୍ରସ୍ତାବ ଦେବା ପାଇଁ ୮ନମ୍ବର ଜୋନ ଜିଲା ପରିଷଦ ବୃନ୍ଦାବନ ଖଟେଇ ପରାମର୍ଶ ଦେଇଛନ୍ତି। ପରିମଳ ବ୍ୟବସ୍ଥାରେ କୁକୁଡ଼ାଖଣ୍ଡି ବ୍ଲକ ୭୪% ଭାଗ ସଫଳତା ହାସଲ କରିଥିବା ଆରଡବ୍ଲୁଏସଏସ ଯନ୍ତ୍ରୀ ବୈଠକରେ କହିଛନ୍ତି। ଅନନ୍ତଇ ପଞ୍ଚାୟତ ଅନନ୍ତଇରେ ଦୁଇ ନମ୍ବର ୱାର୍ଡରେ ନଳକୂପ ପାଣି ଜଙ୍ଗ ଏବଂ ଗୋଳିଆ ପାଣି ବାହାରୁଥିବା ସହ ଏହା ବ୍ୟବହାର କରି ପାଖାପାଖି ୨୫ ଜଣ ଜଣ୍ଡିସ ଏବଂ ଟିଭି ରୋଗରେ ଆକ୍ରାନ୍ତ ହୋଇଥିବା ୯ ନମ୍ବର ଜୋନ ଜିଲା ପରିଷଦ ନିରୂପମା ପାତ୍ର ଅଭିଯୋଗ କରିଥିଲେ। ଏହା ତୁରନ୍ତ ସୁଧାରିବାକୁ ସମ୍ପୃକ୍ତ ଯନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ମସିହାଖାଲି ସମିତିସଭ୍ୟ ନରସିଂହ ସାହୁ ଆଙ୍କୁଶପୁରରୁ ମସିହାଖାଲି ପର୍ଯ୍ୟନ୍ତ ରାସ୍ତାଟି ମହାତ୍ମା ଗାନ୍ଧୀଙ୍କ ନାଁରେ ନାମକରଣ କରିବା ସହ ସଦର ଥାନା ସମ୍ମୁଖରେ ଏକ ପ୍ରତିମୂର୍ତ୍ତି କରିବା ପାଇଁ ନିବେଦନ କରିବା ସହ ପ୍ରସ୍ତାବ ଦେଇଛନ୍ତି।

### ଉତ୍କଳ ମହିଳା ସମିତିର ଜିଲା ସମ୍ମିଳନୀ

**ପୋଲସରା,୬।୧୧**

ପୋଲସରାରେ ଚାଲିଥିବା ଉତ୍କଳ ମହିଳା ସମିତିର ୨ ଦିନିଆ ଗଞ୍ଜାମ ଜିଲା ସମ୍ମିଳନୀ ବୁଧବାର ଉଦଯାପିତ ହୋଇଛି। ପ୍ରଥମ ସମ୍ମିଳନୀକୁ ଉତ୍କଳ ମହିଳା ସମିତିର ବରିଷ୍ଠ ନେତ୍ରୀ ବନଲତା ଜେନା ଉଦଘାଟନ କରି ସାମ୍ପ୍ରତିକ ସମାଜରେ ମହିଳାମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହିତ ସଂଗଠିତ ଭାବେ ଏହାର ମୁକାବିଲା କରିବାକୁ ପରାମର୍ଶ ଦେଇଥିଲେ। ସ୍ଥାନୀୟ ବସଷ୍ଟାଣ୍ଡଠାରେ ଆୟୋଜିତ ସାଧାରଣ ସଭାରେ ମହିଳା ସମିତିର ରାଜ୍ୟ ସଭାନେତ୍ରୀ ପ୍ରମୋଦିନୀ ପାଇକରାୟ, ସାଧାରଣ ସମ୍ପାଦିକା ପ୍ରଭାବତୀ ଦାସ, ସମ୍ପାଦିକା ଚିନ୍ମୟୀ ସାହାଣୀ ଏବଂ ରେଣୁକା ଦୋରା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସମ୍ମିଳନୀ ଶେଷରେ ଆଗାମୀ ୩ ବର୍ଷ ପାଇଁ ଆର.ବିଜୟ ଲକ୍ଷ୍ମୀଙ୍କୁ ଗଞ୍ଜାମ ଜିଲା ସଭାନେତ୍ରୀ, ଆରତୀ ଗୌଡ, ଜ୍ୟୋତ୍ସ୍ନା ମହାରଣା ଓ ଗୌରୀ ପ୍ରଧାନଙ୍କୁ ଉପ ସଭାନେତ୍ରୀ ଭାବେ ମନୋନୀତ କରାଯାଇଥିଲା। ସେହିପରି ପି.ରେଣୁକା ଦୋରାଙ୍କୁ ସାଧାରଣ ସମ୍ପାଦିକା ଏବଂ ଜୟନ୍ତୀ ପ୍ରଧାନ, ରଶ୍ମିତା ଦୋରା ଓ ସୁଜଳା ସ୍ୱାଇଁଙ୍କୁ ସମ୍ପାଦିକା ଏବଂ ପ୍ରମିଳା ଲେଙ୍କାଙ୍କୁ କୋଷାଧକ୍ଷା ଭାବେ ନିର୍ବାଚିତ କରାଯାଇଥିଲା। ମଙ୍ଗଳବାର ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ହଜାର ହଜାର ମହିଳା ସମିତିର ପତାକା ଧରି ସହର ପରିକ୍ରମା କରିଥିଲେ।


> ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# 'ମୋ ହସ୍‌ପିଟାଲ, ମୋ ଗର୍ବ' କାର୍ଯ୍ୟକ୍ରମ

**ଶେରଗଡ,୬।୧୧(ଡି.ଏନ୍.ଏ.)**

ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବୁଧବାର 'ମୋ ହସ୍‌ପିଟାଲ, ମୋ ଗର୍ବ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ସୁରଞ୍ଜନ କୁମାର ସାହୁ, ତହସିଲଦାର ଡ. ଦୟାସିନ୍ଧୁ ପରିଡା ଯୋଗ ଦେଇ ହସପିଟାଲକୁ ନିଜର ବୋଲି ଭାବିବା ସହ ରୋଗୀମାନଙ୍କ ସହିତ ଉତ୍ତମ ବ୍ୟବହାର କରିବାକୁ ପଡିବ। ଦରକାର ପଡିଲେ ରୋଗୀମାନେ ଯେପରି ଠିକ ଭାବେ ସହାୟତା ପାଇବେ ସେଥିପ୍ରତି ହସ୍‌ପିଟାଲ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ପଡିବ ବୋଲି ହସପିଟାଲ ପରିସରରେ ଆୟୋଜିତ ଏକ ସଭାରେ କହିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ. ଶାନ୍ତ୍ୱ ଦେବୀଙ୍କ ସଂଜୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧିକାରୀ ସଭାପରେ ହସ୍‌ପିଟାଲର ସମସ୍ତ କକ୍ଷ ବୁଲିଥିଲେ। ଏହାପରେ ନିରାମୟ କେନ୍ଦ୍ର ପରିଦର୍ଶନ କରି ବିଭିନ୍ନ ପରାମର୍ଶ ଦେଇଥିଲେ। ବିଡିଓ, ତହସିଲଦାର ଓ ଡାକ୍ତରମାନେ ଝାଡୁଧରି ହସ୍‌ପିଟାଲ ଚାରିପଟେ ସଫେଇ କରିଥିଲେ। ଶେରଗଡ ବିଜୁ ଯୁବ ବାହୀନି (ଖ)ର ସଭ୍ୟମାନେ ସାମିଲ ହୋଇଥିଲେ। ବିପିଓ କୁଞ୍ଜ ବିହାରୀ ନାୟକ, ଡ. ମନ୍ମଥ କୁମାର ବେହେରା, ଉଦୟନାଥ ପ୍ରଧାନ, ସହକାରୀ ଯନ୍ତ୍ରୀ ବିଷ୍ଣୁକେଶରୀ ଉପାଧ୍ୟାୟଙ୍କ ସମେତ ବହୁବ୍ୟକ୍ତି ଯୋଗ ଦେଇଥିଲେ। ସେହିପରି ଶେରଗଡ ବ୍ଲକ କରଡାକଣା ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ମୋ ହସ୍‌ପିଟାଲ ମୋ ଗର୍ବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଡ.ବିଘ୍ନେଶ୍ୱର ପାଣିଗ୍ରାହୀଙ୍କ ସମେତ ସମସ୍ତ କର୍ମଚାରୀ ସାମିଲି ଥିଲେ। ପିତଳ, ଅଲାରିଗଡ, ଡେଙ୍ଗାପଦର, କୁଲାଗଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଯଶୋଦା ମହିଳା ଡିଗ୍ରୀ କଲେଜରେ ବୁକ୍‌ବ୍ୟାଙ୍କ ଉଦ୍‌ଘାଟିତ



ବୁକ୍ ବ୍ୟାଙ୍କ ଉଦ୍‌ଘାଟନ କରୁଛନ୍ତି ବିଧାୟକ।

**ଗଞ୍ଜାମ,୬।୧୧(ଡି.ଏନ.ଏ.)**

ଗଞ୍ଜାମ ସହରସ୍ଥିତ ଯଶୋଦା ମହିଳା ଡିଗ୍ରୀ କଲେଜରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ବୁକ୍ ବ୍ୟାଙ୍କର ଉଦଘାଟନ କରିଥିଲେ। ଏହି ଅବସରରେ ଯଶୋଦା ଫାଉଣ୍ଡେସନ ପକ୍ଷରୁ ସାତ ଜଣ ଛାତ୍ରୀଙ୍କୁ ସ୍କଲାରସିପ୍ (ବୃତ୍ତି) ପ୍ରଦାନ କରିଥିଲେ ବିଧାୟକ। ଯଶୋଦା ଫାଉଣ୍ଡେସନ ମୁଖ୍ୟ ତଥା କଲେଜ ଚେୟାରମ୍ୟାନ ଗୋବିନ୍ଦ ଚନ୍ଦ୍ର ପଣ୍ଡା, କଲେଜ ପ୍ରିନ୍ସପାଲ ଭୀମଶିଖା ସାହୁ (ସଂଯୁକ୍ତ କଳାକାର ସଂସଦ ମୁଖ୍ୟ) (ୟୁଏଏ) ମଙ୍ଗରାଜ ପଣ୍ଡାଙ୍କ ସମେତ କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର

**ପୁରୁଷୋତ୍ତମପୁର, ୬।୧୧(ଡି.ଏନ.ଏ.)**

ପୁରୁଷୋତ୍ତମପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ବେକାର ଯୁବତୀ ଯୁବକଙ୍କୁ ନିଯୁକ୍ତି ଦେବା ଲାଗି ବୁଧବାର ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଉପାଧ୍ୟକ୍ଷା ବବିତା ରାଉଳ ପୌରୋହିତ୍ୟ କରିଥିବା ବେଳେ ବିଡିଓ ସୀମାଞ୍ଚଳ ମହାନ୍ତି, ଏବିଡିଓ ମଧୁସୂଦନ ମହାରଣା, ପିଏ କିଶୋର କୁମାର ପାଣିଗ୍ରାହୀଙ୍କ ସମେତ ୯ କମ୍ପାନୀର ଅଧିକାରୀ ମାନେ ଯୋଗଦେଇ ଥିଲେ। ଏହି ଅବସରରେ ଆବେଦ କରିଥିବା ୫୪୦ଜଣ ଯୁବତୀ ଯୁବକ ମଧ୍ୟରୁ ୪୨୫ ଜଣଙ୍କୁ ବିଭିନ୍ନ କମ୍ପାନୀ ପକ୍ଷରୁ ନିଯୁକ୍ତି ଦେବା ଲାଗି ଚୟନ କରାଯାଇଛି। ଏହାକୁ ବ୍ଲକର କର୍ମଚାରୀମାନେ ପରିଚାଳନା କରିଥିଲେ।

# ଜିଲାସ୍ତରୀୟ ଶିଶୁ ମହୋତ୍ସବ ଆଜି

**ଛତ୍ରପୁର,୬।୧୧(ଡି.ଏନ.ଏ.)**

**ଛତ୍ରପୁର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି**

ଛତ୍ରପୁର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୧୯ ବୁଧବାର ଅନସ୍ଲୋ ହାଇସ୍କୁଲରେ ଆୟୋଜିତ ହୋଇଥିଲା। ଛତ୍ରପୁର ବିଡିଓ ଅମ୍ବିକା ପ୍ରସାଦ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ । ଏଭଳି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀଛାତ୍ରମାନଙ୍କର ବିକାଶ ହୋଇପାରିବ ବୋଲି ବିଡିଓ ଦାଶ କହିଥିଲେ । ବ୍ଲକ ଶିକ୍ଷା ଅଧିକାରୀ ଅବିନାଶ ଶତପଥୀ, ଏବିଇଓ ନୃସିଂହ ମିଶ୍ର ଓ ସୀତାରାମ ପାତ୍ର, ପ୍ରଧାନଶିକ୍ଷୟିତ୍ରୀ ନମିତା ଦେ ମଞ୍ଚାସୀନ ଥିଲେ। ଏଥିରେ ବିଭିନ୍ନ ସ୍କୁଲର ୩୦୦ ଛାତ୍ରୀଛାତ୍ର ଓ ୧୦୦ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ କୁଇଜ୍, ବକ୍ତୃତା, ସଙ୍ଗୀତ, ପ୍ରବନ୍ଧ, ଶ୍ରୁତ ଲିଖନ ଆଦି ୧୭ ବିଭାଗ ଉପରେ ପ୍ରତିଯୋଗୀତା ହୋଇଥିଲା। ଏଥିରେ ପ୍ରଥମ ହୋଇଥିବା କୃତୀ ଛାତ୍ରୀଛାତ୍ର ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୧୯ରେ ଭାଗ ନେବାକୁ ମନୋନୀତ ହୋଇଛନ୍ତି । ଗୁରୁବାର ଅନସ୍ଲୋ ହାଇସ୍କୁଲରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ ଆୟୋଜନ ହେବ ବୋଲି ସୂଚନା ଦିଆଯାଇଛି ।




ବିଡିଓ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## କୁକୁଡ଼ାଖଣ୍ଡି ଇଲାକାରେ ପଥର ମାଫିଆ ସକ୍ରିୟ

# ରାଜସ୍ୱ ସଚିବଙ୍କୁ ସ୍ମାରକପତ୍ର ପ୍ରଦାନ

**ଦିଗପହଣ୍ଡି/ କୁକୁଡ଼ାଖଣ୍ଡି,୬।୧୧(ଡି.ଏନ.ଏ.)**



ମହୁଡ଼ା ନିକଟ ପଥର ଖାଦାନ।

କୁକୁଡାଖଣ୍ଡି ଇଲାକାରେ ଗ୍ରାନାଇଟ ଚୋରାଚାଲାଣ ବୃଦ୍ଧି ପାଉଛି। ପ୍ରଶାସନର ନିଷ୍କ୍ରିୟତା କାରଣରୁ ଦିବାଲୋକରେ ଏପରି ଲୁଟ ହେଉଛି। କୁକୁଡାଖଣ୍ଡି ବ୍ଲକର ଫାଦିରିପଲ୍ଲୀ, ନୂଆ ବାଇଗଣବାଡ଼ି, ଅନ୍ତେଇ, ବାଲିପଡ଼ା, ମହୁଡା ଅଞ୍ଚଳରେ ଥିବା ପାହାଡକୁ କିଛି ନିର୍ଦ୍ଦିଷ୍ଟ କମ୍ପାନୀକୁ ପଥର ଖାଦାନ ପାଇଁ ଅନୁମତି ଦିଆଯାଇଛି। ନିୟମ ଅନୁଯାୟୀ ଖାଦାନରେ ପଥର ଉତ୍ତୋଳନ କରା ନ ଯାଇ ବେଆଇନ ଡିନାମାଇଟ, ଜିଲୋଟିନ ଖଞ୍ଜି କମ୍ପ୍ରେଶର ମେଶିନ ଜରିଆରେ ପଥର ଫଟାଯାଉଛି। ବିସ୍ଫୋରଣ ଯୋଗୁ ବନ୍ୟଜନ୍ତୁ ମାନେ ଗ୍ରାମମୁହାଁ ହେଉଛନ୍ତି। ଏ ନେଇ ଅଭିଯୋଗ କରାଗଲେ କମ୍ପାନୀ କର୍ତ୍ତୃପକ୍ଷ ମିଥ୍ୟା ମାମଲାରେ ଛନ୍ଦିବା ସହ ଜୀବନରେ ମାରିଦେବାର ଧମକ ଦେଉଛନ୍ତି। ଏହାର ତଦନ୍ତ କରାନଗଲେ ଜନଆନ୍ଦୋଳନ ପାଇଁ ବ୍ଲକ ଜନପ୍ରତିନିଧି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଜଣେ ରାଜନେତାଙ୍କ ପୁଅ ସରକାରୀ ଜମି ନିଜ ଅକ୍ତିଆରରେ ରଖି କ୍ରଶର ଚଳାଇଛନ୍ତି। କ୍ରଶର ପାଖରେ ମୋରମ ଠୁଳ କରାଯାଇଛି। ସେହିପରି ବଉଳଝୋଳି ଏବଂ ଅନନ୍ତେଇ ଆଦି ଗାଁ ନିକଟରେ ଥିବା କ୍ରଶର କମ୍ପାନୀଗୁଡିକ ମଧ୍ୟ ବେଆଇନ ଲଘୁ ଖଣିଜ ପଦାର୍ଥ ଠୁଳ କରିଛନ୍ତି। କୁକୁଡାଖଣ୍ଡି ବ୍ଲକ ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ର, ଜିଲା ପରିଷଦ ସଭ୍ୟ ବୃନ୍ଦାବନ ଖଟେଇ, ଏଲ.ମୋହନ ଦାସ, ବାଲିପଡ଼ା ସମିତିସଭ୍ୟ ନିରଞ୍ଜନ ମହାନ୍ତି, ସରପଞ୍ଚ ଉମାଶଙ୍କର ସାମଲ, ସୀତାରାମ ସାହୁ, ଏ.ଚେନେୟା, ସନାତନ ସଂଗ୍ରାମ ସିଂ, ସାମାଜିକ କର୍ମୀ କାହ୍ନୁ ଚରଣ ପାତ୍ର, ସଞ୍ଜୟ କୁମାର ପାଣିଗ୍ରାହୀ, ବାବୁଲା ସାହୁ, ବିକ୍ରମ କୁମାର ଜେନାଙ୍କ ସମେତ ଅଞ୍ଚଳର ଶତାଧିକ ଜନସାଧାରଣ ରାଜସ୍ୱ ସଚିବ, ମୁଖ୍ୟ ଶାସନ ସଚିବ, ଗଞ୍ଜାମ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି।



❝ ନିକଟରେ ବହୁ ଫିଲ୍ମ ମୁଁ ହାତଛଡ଼ା କରିଛି, ଯାହା ସୁପରହିଟ୍ ହୋଇଛି। ଏବେ ଭଲ ଫିଲ୍ମ ଆଉ ଛାଡ଼ିବାକୁ ମୁଁ ଚାହୁଁନି।

-ସୋନାକ୍ଷୀ ସିହ୍ନା,
ବଲିଉଡ୍ ଅଭିନେତ୍ରୀ



# ବର୍ଷକରେ ୩ଗୁଣ ବଢ଼ିଛି ରୋଗୀଙ୍କ ସଂଖ୍ୟା

ଭାରତରେ ପ୍ରତିଦିନ କ୍ୟାନ୍ସରରେ ୩୦୦ ଲୋକ ପ୍ରାଣ ହରାଉଛନ୍ତି। ଗତ ଦୁଇ ଦଶନ୍ଧିରେ କ୍ୟାନ୍ସର ରୋଗୀଙ୍କ ସଂଖ୍ୟା ଭାରତରେ ଦୁଇ ତୃତୀୟାଂଶରୁ ଅଧିକ ବୃଦ୍ଧି ପାଇଛି। ବିଶ୍ୱରେ ଅନ୍ୟ ଦେଶ ତୁଳନାରେ ଭାରତରେ କ୍ୟାନସରଜନିତ ମୃତ୍ୟୁ ହାର ମଧ୍ୟ ଅଧିକ। ନ୍ୟାଶ୍ନାଲ ହେଲ୍ଥ ପ୍ରୋଫାଇଲ(୨୦୧୯)ର ତଥ୍ୟରୁ ଜଣାପଡେ, ୨୦୧୭-୨୦୧୮ ଗୋଟିଏ ବର୍ଷରେ ଦେଶରେ କ୍ୟାନ୍ସର ୩୦୦ ପ୍ରତିଶତ ଅର୍ଥାତ ୩ଗୁଣରୁ ଅଧିକ ରୋଗୀଙ୍କ ସଂଖ୍ୟା ବୃଦ୍ଧିପାଇଛି। ଏଣୁ ଭାରତରେ କ୍ୟାନ୍ସର ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ନଭେମ୍ବର ୭ରେ 'ରାଷ୍ଟ୍ରୀୟ କ୍ୟାନ୍ସର ସଚେତନତା ଦିବସ' ପାଳନ କରାଯାଉଛି। ୨୦୧୪ ସେପ୍ଟେମ୍ବରରେ ଭାରତର ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ରାଷ୍ଟ୍ରୀୟ କ୍ୟାନ୍ସର ସଚେତନତା ଦିବସ ପାଳନ କରାଯିବା ଲାଗି ଘୋଷଣା କରିବା ପରେ ସେହିବର୍ଷ ନଭେମ୍ବର ୭ ରେ ପ୍ରଥମେ ଏହି ଦିବସ ପାଳନ କରାଯାଇଥିଲା।




'ଇଣ୍ଡିଆ ଏଗେନ୍ଷ୍ଟ କ୍ୟାନସର'ର ତଥ୍ୟରୁ ଜଣାପଡେ ଯେ,ଭାରତରେ ୨୫ ଲକ୍ଷରୁ ଅଧିକ କ୍ୟାନ୍ସର ପୀଡିତ ରହିଛନ୍ତି। ପ୍ରତିବର୍ଷ ୧୧ ଲକ୍ଷ ନୂଆ ରୋଗୀ ଯୋଡି ହେଉଛନ୍ତି ଏବଂ ୭ ଲକ୍ଷରୁ ଅଧିକ ପୀଡିତଙ୍କ ମୃତ୍ୟୁ ହେଉଛି। ପ୍ରତି ଦୁଇ ମିନିଟ୍‌ରେ ଜଣେ କ୍ୟାନ୍ସର ରୋଗୀ ଚିହ୍ନଟ ହେଉଛନ୍ତି। ସର୍ଭାଇକଲ କ୍ୟାନ୍ସରରେ ପ୍ରତି ୮ ମିନିଟରେ ଜଣେ ମହିଳା ଓ ତମାଖୁ ଜନିତ କ୍ୟାନ୍ସରରେ ପ୍ରତିଦିନ ୩୫୦୦ ଜଣଙ୍କର ମୃତ୍ୟୁ ହେଉଛି।

ଲାନସେଟ୍ ରିପୋର୍ଟରୁ ଜଣାପଡିଛି ଯେ ,ହୃଦ୍‌ଘାତ ପରେ କ୍ୟାନ୍ସରରେ ବେଶି ଲୋକ ମୃତ୍ୟୁମୁଖରେ ପଡୁଛନ୍ତି। କ୍ୟାନ୍ସରର ମୂଳ କାରଣ ଧୂମପାନ, ତମାଖୁ ସେବନ। ତମାଖୁରୁ ୧୪ ପ୍ରକାର କ୍ୟାନ୍ସର ହେଉଛି। ଏହାବାଦ ମଦ୍ୟ, ଡ୍ରଗ୍ସ ଓ ଅପୁଷ୍ଟିକର ଖାଦ୍ୟ ଯୋଗୁ ମଧ ଏହା ହେଉଛି। ୧୦୦ ଜଣ କ୍ୟାନ୍ସର ରୋଗୀଙ୍କ ମଧ୍ୟରୁ ୪୦ ଜଣ ଏହି ଦୁଇଟି କାରଣ ଯୋଗୁ ପୀଡିତ ହେଉଛନ୍ତି। ଦେଶରେ ତମାଖୁ ସେବନ କାରଣରୁ ଦିନକୁ ୩ ହଜାରରୁ ଉର୍ଦ୍ଧ୍ୱ କ୍ୟାନ୍ସର ପୀଡିତଙ୍କ ମୃତ୍ୟୁ ହେଉଛି। ରାଜସ୍ଥାନରେ ତମାଖୁ ଓ ଧୂମପାନ ଉତ୍ପାଦ ବ୍ୟବହାରରୁ ଦିନକୁ ୨୬୭ ଜଣଙ୍କର ମୃତ୍ୟୁ ଘଟୁଛି। ଗୋଟିଏ ପକେଟ ସିଗାରେଟ ଆୟୁଷରୁ ୩ ଘଣ୍ଟା ୪୦ ମିନିଟ କମାଇ ଦେଉଛି। ଧୂମପାନ ଯୋଗୁ ଦେଶରେ ପ୍ରତି ଘଣ୍ଟାରେ ୧୩୭ ଲୋକଙ୍କର ପ୍ରାଣହାନି ହେଉଛି। ସରକାର ତମାଖୁ ବିକ୍ରି ଉପରେ କଟକଣା ଲଗାଇଲେ ବି ତାହା ଧୂଆଁରେ ରହିଯାଉଛି। ସର୍ବସାଧାରଣ ସ୍ଥାନରେ ଧୂମପାନ ଉପରେ କଟକଣା ଲାଗୁଯାଇଥିଲେ ମଧ୍ୟ ତାହାକୁ କଡାକଡି ଭାବେ ପାଳନ କରାଯାଇପାରୁନି। ବାୟୁପ୍ରଦୂଷଣ ଯୋଗୁ ଲିଭର କ୍ୟାନ୍ସର ବ୍ୟାପୁଛି। ଅସୁରକ୍ଷିତ ଯୌନସମ୍ପର୍କ ସର୍ଭାଇକଲ କ୍ୟାନ୍ସରର କାରଣ। କ୍ୟାନ୍ସର ଆରମ୍ଭରୁ ୬୦ ପ୍ରତିଶତ ପୀଡିତଙ୍କର ସଫଳ ଚିକିତ୍ସା କରାଯାଇପାରିବ। କ୍ୟାନ୍ସରର ଲକ୍ଷଣ, ଚିକିତ୍ସା ପଦ୍ଧତି ସମ୍ପର୍କରେ ଅବଗତ କରିବା ସହ ଏହାକୁ କିଭଳି ରୋଗାଯାଇପାରିବ ସେଥିପାଇଁ ସଚେତନତା ଆଣିବା ସାମ୍ପ୍ରତିକ ସମୟର ଏକ ବଡ଼ ଆହ୍ୱାନ।

# ଏବେ ଆଲିଆ ହଲିଉଡ୍ ମୁହାଁ

**ମୁମ୍ବାଇ:** ଖୁବ୍ କମ୍ ସମୟରେ ବଲିଉଡରେ ଜଣେ ସଫଳ ଅଭିନେତ୍ରୀ ହୋଇସାରିଥିବା ଆଲିଆ ଏବେ ଚର୍ଚ୍ଚାରେ। ମହେଶ ତନୟା ଆଲିଆଙ୍କୁ ନେଇ ଏକ ରୋଚକ ଖବର ଶୁଣିବାକୁ ମିଳିଛି। ଆଲିଆ ଏବେ ହଲିଉଡ୍ ମୁହାଁ ହୋଇଛନ୍ତି। ବର୍ତ୍ତମାନ ସମୟର ଜଣେ ଆଗଧାଡ଼ିର ନାୟିକାଙ୍କ ଲିଷ୍ଟରେ ନିଜର ନାମ ଯୋଡ଼ିସାରିଥିଲେ ମଧ୍ୟ ଆଲିଆ ନିଜର କ୍ୟାରିୟରକୁ ନୂଆ ଦିଗ ଦେବାକୁ ଚାହୁଁଛନ୍ତି। ପ୍ରିୟଙ୍କା ଓ ଦୀପିକାଙ୍କ ପନ୍ଥାକୁ ଅନୁସରଣ କରିବାକୁ ଯାଉଛନ୍ତି ଏହି ଚୁଲ୍‌ବୁଲି ନାୟିକା। ଏଥିପାଇଁ ଆଲିଆ ଲସ୍‌ଆଞ୍ଜେଲସ୍‌ରେ ନିଜର ବସା ବାନ୍ଧୁଛନ୍ତି। ଆଲିଆ ନିଜ ମ୍ୟାନେଜରଙ୍କ ସହିତ ମିଶି ନିଜ ଲାଗି ଇଣ୍ଟର୍‌ନ୍ୟାଶ୍ନାଲ ସେଲିବ୍ରିଟି ମ୍ୟାନେଜର ଖୋଜୁଛନ୍ତି। କୁହାଯାଉଛି ଯେ, ଆଲିଆ ବଲିଉଡ୍ ସହିତ ହଲିଉଡ୍‌ରେ ମଧ୍ୟ କ୍ୟାରିୟର ଗଢ଼ିବାକୁ ଚାହୁଁଛନ୍ତି । ଏହି ଦୁଇଟି ନାଁରେ ବାଲାନ୍ସ ବନାଇବା ପାଇଁ ତାଙ୍କୁ ମ୍ୟାନେଜରଙ୍କ ଆବଶ୍ୟକତା ରହିଛି। ଆଲିଆଙ୍କ ଅପ୍‌କମିଂ ଫିଲ୍ମ ମଧ୍ୟରେ ରହିଛି, ଅୟାନ ମୁଖାର୍ଜୀଙ୍କ 'ବ୍ରହ୍ମାସ୍ତ୍ର'। ଏଥିସହିତ 'ସଡ଼କ-୨', 'ତଖତ' ସଞ୍ଜୟ ଲୀଲା ଭନ୍‌ସାଲୀଙ୍କ ଫିଲ୍ମ 'ଗଙ୍ଗୁବାଇ କାଠିଆୱାଡ଼ି'। ସୂଚନା ଥାଉ କି, 'ସଡ଼କ-୨'କୁ ମହେଶ ଭଟ୍ଟ ଡିରେକ୍ଟ କରୁଛନ୍ତି। ଏଥିରେ ଆଲିଆଙ୍କ ବ୍ୟତୀତ ସଞ୍ଜୟ ଦତ୍ତ, ପୂଜା ଭଟ୍ଟ ଏବଂ ଆଦିତ୍ୟ ରୟ କପୁରଙ୍କୁ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିବ।



# ମହାକାଶ କେନ୍ଦ୍ରରେ ପହଞ୍ଚିଲା ୧୨ ମଦ ବୋତଲ

**ୱାଶିଂଟନ:** ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରରେ ୧୨ ବୋତଲ ମଦ ପହଞ୍ଚିଛି। ଫ୍ରାନ୍ସରେ ପ୍ରସ୍ତୁତ ହୋଇଥିବା ଏହି ରେଡ୍ ୱାଇନ୍‌କୁ କୌଣସି ମହାକାଶଚାରୀ ପିଇବେ ନାହିଁ। ଏହା ଉପରେ ଏକ ବର୍ଷ ଧରି ଗବେଷଣା କରାଯିବ। ମହାକାଶରେ ଏହା ଉପରେ କିଭଳି ପ୍ରଭାବ ପଡୁଛି ତାହା ଅନୁଧ୍ୟାନ କରାଯିବ। ଆସନ୍ତା ୩ ବର୍ଷ ଧରି ଏଭଳି ୧୨ଟି ଲେଖାଏଁ ମଦ ବୋତଲ ମହାକାଶ କେନ୍ଦ୍ରକୁ ପଠାଯିବ। ଶୂନ୍ୟ ଗୁରୁତ୍ୱ ଆକର୍ଷଣ(ଜିରୋ ଗ୍ରାଭିଟି)ର ପ୍ରଭାବରେ ଏଥିରେ ବିଘଟନ ହେଉଛି କି ନାହିଁ ତାହା ଉପରେ ପରୀକ୍ଷା ନିରୀକ୍ଷା କରାଯିବ। ଏହାକୁ ପୃଥିବୀକୁ ଫେରାଇ ଅଣାଯିବା ପରେ ପୁଣି ଅନୁଧ୍ୟାନ କରାଯିବ ବୋଲି ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।



# ଚଳନ୍ତା କାର ଉପରେ ବସିଲା ହାତୀ



**ବ୍ୟାଙ୍କକ୍:** ଥାଇଲାଣ୍ଡରେ ଥିବା ଖାଓ ୟାଇ ଜାତୀୟ ଉଦ୍ୟାନରେ ଏକ ଚଳନ୍ତା କାର ଉପରେ ହାତୀ ବସିବାକୁ ପ୍ରୟାସ କରୁଥିବା ଦୃଶ୍ୟ ଏବେ ସୋସିଆଲ୍ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ହାତୀଟି କାର ପାଖରେ କିଛି ସମୟ ବୁଲା ବୁଲି କରିବା ପରେ ଏହା ଉପରେ ବସିବାର ପ୍ରୟାସ କରୁଥିବା ଭିଡ଼ିଓରେ ଦେଖିବାକୁ ମିଳୁଛି। ତେବେ ଚାଳକ କୌଶଳ କରି କାରକୁ ହାତୀ ପେଟ ମଝିରୁ ବାହାର କରି ଦୂରକୁ ପଳାଇ ଆସିଥିଲେ। ଏହି ଘଟଣା ପରେ ଜାତୀୟ ଉଦ୍ୟାନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ପର୍ଯ୍ୟଟକଙ୍କ ପାଇଁ ଗାଇଡ୍ ଲାଇନ୍ ଜାରି କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ହାତୀଠାରୁ ୩୦ ମିଟର ଦୂରରେ ନିଜ ଯାନବାହନକୁ ରଖିବାକୁ ପରାମର୍ଶ ଦିଆଯାଇଛି। ଫଟୋ ଉଠାଇବା ଲାଗି ବାହାରକୁ ନ ଆସିବାକୁ କୁହାଯାଇଛି।

# ଜୀବନ୍ତ ଅବସ୍ଥାରେ ମୃତ୍ୟୁର ଅନୁଭବ 'ଲିଭିଂ ଫ୍ୟୁନେରାଲ'

**ସିଓଲ:** ଥରେ ଭାବନ୍ତୁ ତ, ଜଣେ ବ୍ୟକ୍ତିଙ୍କୁ ଜୀବନ୍ତ ଅବସ୍ଥାରେ କଫିନରେ ଭର୍ତ୍ତି କରାଯିବ। ମରିବା ପରେ ଯେମିତି ଶେଷକୃତ୍ୟ କରାଯାଏ, ଠିକ୍ ସେମିତି ସବୁ ବିଧି ନୀତିନିୟମ ଅନୁଯାୟୀ ହେବ। ଏହି ସ୍ମୃତିକୁ ସାଇତି ରଖିବାକୁ ଫଟୋ ଉଠାଯିବ। କଫିନ୍ ଭିତରେ ଥିବା ଲୋକଟି ମୃତ୍ୟୁର ଅନୁଭବ କରିବାର କିଛି ସମୟ ପରେ ପୁଣି ବାହାରକୁ ଆସିବ। ହେଲେ ସେତେବେଳକୁ ବଦଳିଯାଇଥିବ ଜୀବନର ଲକ୍ଷ୍ୟ। ଜୀବନ୍ତ ଅବସ୍ଥାରେ ମରଣ ସହ ପରିଚିତ ହେବା ପରେ ଅବଶିଷ୍ଟ ଜୀବନ ବେଶ୍ ସହଜିଆ ହୋଇଯିବ ନା ? ଯଦି ଏହାର ଉତ୍ତର ଲୋଡ଼ାଯାଏ ତେବେ ଅଧିକାଂଶ ଲୋକ ନିଶ୍ଚିତ ଭାବେ ହଁ ବୋଲି କହିବେ। ଜୀବନର ବାସ୍ତବତାକୁ ଲୋକଙ୍କୁ ହୃଦ୍‌ବୋଧ କରାଇବାକୁ ଦକ୍ଷିଣ କୋରିଆର 'ହ୍ୱେବୋନ ହିଲିଂ' କମ୍ପାନୀ ଦୀର୍ଘ ୭ବର୍ଷ ହେଲା ଆୟୋଜନ କରିଆସୁଛି ଏଭଳି ନିଆରା ପ୍ରୋଗ୍ରାମ, ଯାହାର ନାଁ ହେଉଛି 'ଲିଭିଂ ଫ୍ୟୁନେରାଲ'। ପାଖାପାଖି ୨୫୦୦୦ ଜଣ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ମୃତ୍ୟୁକୁ ଅତି ନିକଟରୁ ଅନୁଭବ କରିସାରିଥିବା କମ୍ପାନୀ ପକ୍ଷରୁ ଦାବି କରାଯାଇଛି। ମୃତ୍ୟୁ ଭଳି ଚିରନ୍ତର ସତ୍ୟକୁ ଜୀବନ୍ତ ଅବସ୍ଥାରେ ଅନୁଭବ କରିବାକୁ ହଜାର ହଜାର ଲୋକ ସ୍ୱତଃପ୍ରବୃତ୍ତ ଭାବେ ଆସୁଛନ୍ତି। ସେମାନଙ୍କୁ ୧୦ ମିନିଟ ଯାଏ କଫିନ୍ ଭିତରେ ରଖାଯାଉଛି। ଅନ୍ତିମ ଇଚ୍ଛା ଅନୁଯାୟୀ ଜୀବନ୍ତ ଅବସ୍ଥାରେ ଶେଷକୃତ୍ୟ ସମ୍ପର୍କିତ ସବୁ ନୀତି କରାଯାଉଛି, ଯାହା ଜଣେ ବ୍ୟକ୍ତିର ମୃତ୍ୟୁ ପରେ ହୋଇଥାଏ। କଫିନ୍ ଭିତରେ ମୃତ୍ୟୁର ଅନୁଭୂତି ସାଉଁଟି ସାରିଥିବା ୭୫ ବର୍ଷୀୟ ଚୋ-ଜେ-ହୀ କୁହନ୍ତି, ମୃତ୍ୟୁର ଅନୁଭବ ହେବା ପରେ ହିଁ ଜଣେ ଜୀବନର ବାସ୍ତବତା ଜାଣି ପାରେ। ୨୮ ବର୍ଷୀୟ ଛାତ୍ର ଚୋଇ-ଜିନ୍-କୁ-ୟୁ କୁହନ୍ତି, କଫିନ୍ ଭିତରେ ବନ୍ଦ ହୋଇଯିବା ପରେ ଭିନ୍ନ ଅନୁଭବ ହୋଇଥିଲା। ଏହା ପୂର୍ବରୁ ସେ ନିଜକୁ ଅନ୍ୟମାନଙ୍କ ପ୍ରତିଦ୍ୱନ୍ଦ୍ୱୀ ବୋଲି ଭାବୁଥିଲେ। ହେଲେ କଫିନ୍‌ରୁ ବାହାରିବା କ୍ଷଣି ଏପରି ମନୋଭାବ ବଦଳି ଯାଇଥିଲା। ସେ ଚାକିରିର ଗହଳିରେ ହଜିଯିବା ଅପେକ୍ଷା ନିଜେ ଗୋଟିଏ ଛୋଟ ବ୍ୟବସାୟ କରି ସାଧାରଣ ଜୀବନଯାପନ କଲେ ଅଧିକ ଆତ୍ମସନ୍ତୁଷ୍ଟି ପାଇବେ ବୋଲି କହିଛନ୍ତି। ଦକ୍ଷିଣ କୋରିଆର ଜନସାଧାରଣଙ୍କ ମଧ୍ୟରେ ଆତ୍ମହତ୍ୟାପ୍ରବଣତା ବଢ଼ିବାରେ ଲାଗିଛି। ଦେଶ ଏବେ ଘୋର ଆର୍ଥିକ ସଙ୍କଟ ମଧ୍ୟରେ ଗତି କରୁଛି। ଶିକ୍ଷା, ଦାରିଦ୍ର୍ୟ, ବେରୋଜଗାର ଯୁବପିଢ଼ିଙ୍କ ମାନସିକ ଅବସ୍ଥାକୁ ଦୋହଲାଇ ଦେଉଛି। ସେମାନେ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେବାକୁ ପଛାଉନାହାନ୍ତି। ହେଲେ ଜୀବନ ଥାଉ ଥାଉ ମୃତ୍ୟୁର ଅନୁଭବ କରିବା ପରେ ସେମାନଙ୍କ ମଧ୍ୟରେ ସକାରାତ୍ମକ ଚିନ୍ତାଧାରା ସୃଷ୍ଟି ହେଉଛି। ସେମାନେ ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଉନ୍ନତ ଜୀବନ ଜିଇଁବାକୁ ଇଚ୍ଛୁକ ହେଉଥିବା କମ୍ପାନୀ ପକ୍ଷରୁ କୁହାଯାଇଛି।



# ବଢ଼ିଛି ଭାରତୀୟଙ୍କ ଆୟୁଷ

**ନୂଆଦିଲ୍ଲୀ:** ସ୍ୱାସ୍ଥ୍ୟ ହିଁ ସମ୍ପଦ। ଶରୀର ସୁସ୍ଥ ରହିଲେ ଜଣେ ମଣିଷ ମାନସିକସ୍ତରରେ ମଧ ସୁସ୍ଥ ରହିଥାଏ। ଯୋଗ, ପ୍ରାଣାୟମ ଆଦି କରି ଲୋକମାନେ ଶରୀର ସୁସ୍ଥ କରିବାକୁ ଚେଷ୍ଟା କରନ୍ତି। କିନ୍ତୁ ଏବେକାର କର୍ମମୟ ଜୀବନରେ ଅନେକ ଲୋକ ଶରୀର ପ୍ରତି ଧ୍ୟାନ ଦେଇନଥାନ୍ତି। ଫଳରେ ଯୁବକାବସ୍ଥାରୁ ହିଁ ଅନେକଙ୍କୁ ନାନା ରୋଗବ୍ୟାଧିର ସମ୍ମୁଖୀନ ହେବାକୁ ପଡୁଥିବା ଲକ୍ଷ୍ୟ କରାଯାଏ। ଏହିସବୁ ମଧ୍ୟରେ ନ୍ୟାଶନାଲ ହେଲ୍ଥ ସର୍ଭେ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଦର୍ଶାଯାଇଛି ଯେ, ଗତ ୫ ଦଶକ ଭିତରେ ଭାରତୀୟଙ୍କ ଆୟୁଷ ୧୯ବର୍ଷ ବୃଦ୍ଧି ପାଇଛି। ୧୯୭୦-୭୫ ମଧ୍ୟରେ ଜନ୍ମ ହୋଇଥିବା ଶିଶୁଙ୍କ ଆୟୁଷ ୪୯ବର୍ଷ ୮ମାସ ୧୨ ଦିନ ହୋଇଥିବା ବେଳେ ୨୦୧୨-୧୬ ମଧ୍ୟରେ ଜନ୍ମିତ ଶିଶୁ ୬୯ ବର୍ଷ ପର୍ଯ୍ୟନ୍ତ ବଞ୍ଚିପାରିବେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ୧୯୮୦ ପର୍ଯ୍ୟନ୍ତ ଭାରତୀୟ ମହିଳାଙ୍କ ଆୟୁଷ ପୁରୁଷଙ୍କ ତୁଳନାରେ କମ୍ ଥିଲା। କେବଳ ସହରରେ ବାସ କରୁଥିବା ମହିଳାମାନେ ପୁରୁଷଙ୍କଠାରୁ ଅଧିକ ବର୍ଷ ବଞ୍ଚୁଥିଲେ। ୧୯୭୦ରେ ଜନ୍ମିତ ଝିଅଙ୍କ ତୁଳନାରେ ପୁଅମାନେ ୬ମାସ ଅଧିକ ସମୟ ବଞ୍ଚୁଥିଲେ। କିନ୍ତୁ ୨୦୧୫ରେ ଜନ୍ମିତ ଶିଶୁଙ୍କ ମଧ୍ୟରୁ ଝିଅମାନେ ପୁଅଙ୍କ ତୁଳନାରେ ୨ବର୍ଷ ୭ମାସ ୬ଦିନ ଅଧିକ ବଞ୍ଚିବେ ବୋଲି ଏହି ରିପୋର୍ଟରେ ପ୍ରକାଶ କରାଯାଇଛି।



ପୁଅଙ୍କଠାରୁ ଝିଅ ହେବେ ଦୀର୍ଘଜୀବୀ

# ଭୋକିଲାଙ୍କ ତ୍ରାଣକର୍ତ୍ତା ସୀତାରାମ ବାବା

**ଚେନ୍ନାଇ:** ଭୋକିଲା ଲୋକଙ୍କୁ ଖାଇବାକୁ ଦେଲେ ଅନେକ ପୂଣ୍ୟ ହୋଇଥାଏ ବୋଲି କୁହାଯାଏ। କେବଳ ମଣିଷ ନୁହେଁ ପଶୁପକ୍ଷୀଙ୍କୁ ମଧ ଖାଇବାକୁ ଦେଲେ ଏହାପୂଣ୍ୟ ବୋଲି କୁହାଯାଏ। ତାମିଲନାଡୁର ରାମେଶ୍ୱରମରେ ୭୦ ବର୍ଷ ହେବ ସୀତାରାମ ଦାସ ବାବାଙ୍କ ଆଶ୍ରମ ରହିଛି। ଏହି ଆଶ୍ରମରେ ସେ ଦୀର୍ଘ ୩୬ ବର୍ଷ ହେବ ପ୍ରତିଦିନ ପ୍ରାୟ ୫ଶହ ଲୋକଙ୍କୁ ମାଗଣାରେ ଖାଇବାକୁ ଦିଅନ୍ତି ବୋଲି କୁହାଯାଏ। ରାମନାଥ ସ୍ୱାମୀ ମନ୍ଦିରକୁ ଲାଗି ରହିଥିବା ଏହି ଆଶ୍ରମକୁ ଯିଏ ବି ତୀର୍ଥଯାତ୍ରୀ ଅବା ପର୍ଯ୍ୟଟକ ଆସନ୍ତି, ସେମାନେ କେହି ଖାଲି ପେଟରେ ଯାଆନ୍ତି ନାହିଁ। ଏହି ଆଶ୍ରମର ନାଁ ହେଉଛି ବଜରଙ୍ଗ ଦାସ ବାବା ଆଶ୍ରମ। ଏଠାରେ ଉତ୍ତର ଭାରତୀୟ ଓ ଦକ୍ଷିଣ ଭାରତୀୟ ଖାଦ୍ୟ ଦିଆଯାଇଥାଏ। ଏଠାରେ ଜାତିଧର୍ମ, ବର୍ଣ୍ଣର କୌଣସି ବାରଣ ନ ଥାଏ। ତେବେ ଭକ୍ତଙ୍କ ଦାନରେ ଏହି ଆଶ୍ରମ ଚାଲେ ବୋଲି ବାବା କୁହନ୍ତି। ପ୍ରତିଦିନ ସକାଳ ୫ଟାରୁ ଉଠି ବାବା ନିଜ ହାତରେ ଖାଦ୍ୟ ପ୍ରସ୍ତୁତ କରନ୍ତି। ଦିନ ୧୧ଟା ୩୦ରୁ ୨ଟା ପର୍ଯ୍ୟନ୍ତ ଏଠାରେ ମାଗଣାରେ ଖାଇବାକୁ ମିଳିଥାଏ।



# ମନର ବୋଝ ହାଲ୍‌କା କରେ ସହକର୍ମୀଙ୍କ ସହ ବାର୍ତ୍ତାଳାପ

**ଲଣ୍ଡନ:** ବିଭିନ୍ନ ସାମାଜିକ ତଥା ଆର୍ଥିକ ସମସ୍ୟା ଯୋଗୁ ମନ ଅନେକ ସମୟରେ ଭାରାକ୍ରାନ୍ତ ହୋଇଯାଇଥାଏ। ମାନସିକ ଅବସ୍ଥାର ସାଧାରଣ ସ୍ଥିତି ଫେରାଇ ଆଣିବାରେ ଭାବର ଆଦାନ ପ୍ରଦାନ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ବୋଲି ଲଣ୍ଡନ ସୁରୀ ବିଶ୍ୱବିଦ୍ୟାଳୟରେ ହୋଇଥିବା ଏକ ଗବେଷଣା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ବନ୍ଧୁବାନ୍ଧବଙ୍କ ସହିତ କଥାବାର୍ତ୍ତା ହେଲେ ମନର ବୋଝ ହାଲ୍‌କା ହୋଇଥାଏ। ସେହିପରି କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହିତ ବନ୍ଧୁତ୍ୱପୂର୍ଣ୍ଣ ବାତାବରଣ ସୃଷ୍ଟି କରିବା ଦ୍ୱାରା ମଧ୍ୟ ମାନସିକ ଅବସ୍ଥାରେ ସନ୍ତୁଳନ ଆସିଥାଏ। କର୍ମକ୍ଷେତ୍ରରେ କାର୍ଯ୍ୟର ଚାପଯୋଗୁ ବିଭିନ୍ନ ଶାରୀରିକ ସମସ୍ୟା ସୃଷ୍ଟି ହୋଇଥାଏ ବୋଲି ପୂର୍ବରୁ ଆକଳନ କରାଯାଉଥିଲା। ଏହି ନୂତନ ଅନୁଧ୍ୟାନରୁ ମିଳିଥିବା ତଥ୍ୟ ଅନୁସାରେ କର୍ମକ୍ଷେତ୍ରରେ ମାନସିକ ଚାପ ସୃଷ୍ଟି ହେବା ପରିବର୍ତ୍ତେ ହ୍ରାସ ପାଇଥାଏ ବୋଲି ଜଣାପଡିଛି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହିତ ଭାବର ଆଦାନ ପ୍ରଦାନ ଯୋଗୁ କାମ ଭଲ ହୋଇଥାଏ ଓ ମାନସିକ ଅବସ୍ଥା ସୁଧୁରି ଯାଇଥାଏ। ଏହି ମର୍ମରେ ଗବେଷକ ୫୦୦ କର୍ମଚାରୀଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ସେମାନେ ଦେଇଥିବା ଉତ୍ତର ଆଧାରରେ ଏକ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା। ପ୍ରାୟ ୮୭ ପ୍ରତିଶତ କର୍ମଜୀବୀ କର୍ମକ୍ଷେତ୍ରରେ ମାନସିକ ଚାପ କମିଯାଇଥାଏ ବୋଲି କହିଥିଲେ। ଅନ୍ୟପକ୍ଷରେ ୧୨ ପ୍ରତିଶତ ଲୋକ କର୍ମକ୍ଷେତ୍ର ମାନସିକ ଅଶାନ୍ତି ବଢ଼ାଇଥାଏ ବୋଲି ମତ ଦେଇଥିଲେ। ସେହିପରି ୯୦ ପ୍ରତିଶତରୁ ଅଧିକ ଲୋକ କର୍ମକ୍ଷେତ୍ରରେ ବନ୍ଧୁତ୍ୱପୂର୍ଣ୍ଣ ବାତାବରଣ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି କରାଇଥାଏ ବୋଲି କହିଥିଲେ।



# 'ନୋ ଏଣ୍ଟ୍ରି' ସିକ୍ୱେଲରୁ ବାଦ୍ ପଡ଼ିଲେ ସଲ୍‌ମାନ

**ମୁମ୍ବାଇ:** ୨୦୦୫ରେ ରିଲିଜ୍ ହୋଇଥିବା ଫିଲ୍ମ 'ନୋ ଏଣ୍ଟ୍ରି'ରେ 'ପ୍ରେମ୍' ଭୂମିକାରେ ଦର୍ଶକଙ୍କ ମନ କିଣିଥିଲେ ସଲ୍‌ମାନ। ଏହାର ସିକ୍ୱେଲ ନିର୍ମାଣ ହେବାକୁ ଥିବାବେଳେ ସଲ୍‌ମାନଙ୍କ ପ୍ରଶଂସକଙ୍କ ପାଇଁ କିନ୍ତୁ ଏକ ଖରାପ ଖବର ରହିଛି। ଶୁଣିବାକୁ ମିଳିଛି ଯେ, ଏହାର ସିକ୍ୱେଲରେ ସଲ୍‌ମାନ ଅଭିନୟ କରିବେ ନାହିଁ। ସେ ଏହି ଫିଲ୍ମରୁ ବାଦ୍ ପଡ଼ିଥିବା ବିଷୟରେ ନିଜେ ଅନିଲ କପୁର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ନିର୍ଦ୍ଦେଶକ ଅନୀସ୍ ବାଜ୍‌ମୀଙ୍କ ୧୪ ବର୍ଷ ତଳେ ମୁକ୍ତିଲାଭ କରିଥିବା ଫିଲ୍ମ 'ନୋ ଏଣ୍ଟ୍ରି'ର ସିକ୍ୱେଲକୁ ମନା କରିଦେଇଛନ୍ତି ସଲ୍‌ମାନ। ଏହି ସିକ୍ୱେଲର ନାମ 'ନୋ ଏଣ୍ଟ୍ରି ମେ ଏଣ୍ଟ୍ରି' ରଖାଯାଇଛି ବୋଲି ଏହାର ରାଇଟର୍ ତଥା ଡାଇରେକ୍ଟର ଅନୀସ୍ ବାଜ୍‌ମୀ କହିଛନ୍ତି। ଏହାର ସିକ୍ୱେଲକୁ ବୋନି କପୁର ପ୍ରଡ୍ୟୁସ୍ କରୁଛନ୍ତି। ତେବେ ସେ ନିଭାଇଥିବା ପ୍ରେମ୍ ଚରିତ୍ର ଲାଗି ଏପର୍ଯ୍ୟନ୍ତ କେହି ଅଭିନେତା ସିଲେକ୍ଟ ହୋଇ ନ ଥିବା ବୋନିଙ୍କ ଭାଇ ଅନିଲ କହିଛନ୍ତି। ଏଥିସହିତ ସେ କହିଛନ୍ତି ଯେ, ପ୍ରେମ୍ ଚରିତ୍ର ପାଇଁ ଅଭିନେତାଙ୍କ ସନ୍ଧାନ ହୋଇଯିବା ପରେ ଫିଲ୍ମର ସୁଟିଂ ଖୁବ୍‌ଶୀଘ୍ର ଆରମ୍ଭ ହେବ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏହି ଫିଲ୍ମରେ ପୂର୍ବରୁ ତିନି ଜଣ ହିରୋଇନ ଏବଂ ହିରୋ ଥିବାବେଳେ ଏହାର ସିକ୍ୱେଲରେ ଦଶ ଜଣ ହିରୋ ଏବଂ ଛଅ ଜଣ ହିରୋଇନ ରହିବେ। କେବଳ ଏକ୍ସଟ୍ରା ମାରିଟାଲ ଆଫାୟର୍ସ ଉପରେ ନୁହେଁ ବରଂ ସ୍ୱାମୀ- ସ୍ତ୍ରୀ ମଧ୍ୟରେ ଥିବା ଖଟା, ମିଠା ସମ୍ପର୍କକୁ ନେଇ ଏହି ଫିଲ୍ମଟିର କାହାଣୀ ଆଧାରିତ ହେବ ବୋଲି ନିର୍ଦ୍ଦେଶକ ଅନୀସ୍ କହିଛନ୍ତି।



## ସଂକ୍ଷେପରେ

### ୩ୟ ଶ୍ରାଦ୍ଧ ବାର୍ଷିକ ପାଳିତ
## 'ଲୁଲୁ ଜଣେ ନିର୍ଭୀକ, ଦୃଢ଼ମନା ନେତା ଥିଲେ'

**ଭୁବନେଶ୍ୱର,୬।୧୧(ବ୍ୟୁରୋ):** ପୂର୍ବତନ ବିଧାୟକ ତଥା ଯୁବନେତା ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର(ଲୁଲୁ)ଙ୍କ ୩ୟ ଶ୍ରାଦ୍ଧ ବାର୍ଷିକୀ ବୁଧବାର ଲୁଲୁ ମହାପାତ୍ର ରାଜ୍ୟସ୍ତରୀୟ ସ୍ମୃତି କମିଟି ପକ୍ଷରୁ ସ୍ଥାନୀୟ ରୋଟାରୀ ଭବନଠାରେ ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ଆୟୋଜିତ ସ୍ମୃତିସଭାରେ ସ୍ମୃତି କମିଟି ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି ଅଧ୍ୟକ୍ଷତା କରିଥିବାବେଳେ ସଭାପତି ଚିନ୍ମୟ ପ୍ରସାଦ ବେହୁରା ସ୍ୱାଗତ ଭାଷଣ ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଲୁଲୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଏହାପରେ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇ କହିଲେ, ଲୁଲୁ ବାବୁ ଜଣେ ନିର୍ଭୀକ, ଦୃଢ଼ମନା ନେତା ଥିଲେ। ରାଜନୀତିରେ ସତ୍ୟରୁ ସେ କେବେ ବିଚ୍ୟୁତ ହେଉ ନ ଥିଲେ। କଂଗ୍ରେସ କିପରି ଅଧିକ ସଙ୍ଗଠିତ ଏବଂ ଜନପ୍ରିୟ ହୋଇପାରିବ ସେନେଇ ସବୁବେଳେ ଉଦ୍ୟମ ଜାରି ରଖିଥିଲେ। ଆଜିର ଯୁବ ସମାଜ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ଦରକାର ବୋଲି ରାଉତରାୟ କହିଛନ୍ତି। ସମ୍ମାନିତ ଅତିଥିଭାବେ ପ୍ରସାଦ ହରିଚନ୍ଦନ, ମହମ୍ମଦ ମୋକିମ୍, ବିଜୟଲକ୍ଷ୍ମୀ ସାହୁ ପ୍ରମୁଖ ଯୋଗଦେଇ କହିଛନ୍ତି, ଲୁଲୁ ବାବୁ ଜଣେ ଉଜ୍ଜ୍ୱଳ ବ୍ୟକ୍ତିତ୍ୱ ଥିଲେ। ତାଙ୍କ ସତ୍ୟବାଦିତା ଓ ନିର୍ଭୀକତା ଯୁବକଙ୍କୁ ଆକୃଷ୍ଟ କରୁଥିଲା। ବିଧାୟକଭାବେ ନିଜ ଅଞ୍ଚଳର ବିକାଶ ପାଇଁ ସେ ବହୁ କାର୍ଯ୍ୟ କରିଛନ୍ତି। ଏହାସହ କୁଆଖାଇ ନଦୀରେ ଲୁଲୁ ମହାପାତ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶତାଧିକ କଂଗ୍ରେସ କର୍ମୀ ତିଳତର୍ପଣ କରିଛନ୍ତି। ସ୍ଥାନୀୟ କ୍ୟାପିଟାଲ ହସ୍ପିଟାଲରେ ସ୍ମୃତି କମିଟି ଅଧ୍ୟକ୍ଷ ମହାନ୍ତିଙ୍କ ନେତୃତ୍ୱରେ ରୋଗୀମାନଙ୍କୁ ଫଳ ବଣ୍ଟନ ମଧ୍ୟ କରାଯାଇଛି।

### ମଣ୍ଟୁ ଘୋଷ ହତ୍ୟା ଘଟଣାର ପର୍ଦ୍ଦାଫାଶ
# ଭାଇ ହତ୍ୟାର ପ୍ରତିଶୋଧ ନେଲେ ଭାଇ

- ପୋଲିସ ଏନ୍‌କାଉଣ୍ଟରରେ ମୁଖ୍ୟ ଅଭିଯୁକ୍ତଙ୍କ ସହ ୪ ଆହତ
- ଦୁର୍ବୃତ୍ତଙ୍କ ପାଲଟା ଗୁଳିରେ ଏଏସ୍‌ଆଇ ଗୁରୁତର
- ୧୦ଦିନ ପୂର୍ବରୁ ପ୍ରସ୍ତୁତ ହୋଇଥିଲା ଯୋଜନା
- ଅପରାଧୀମାନେ ମୁଖ୍ୟ ସ୍ରୋତକୁ ଫେରିଆସିବାକୁ ଆହ୍ୱାନ

**ବ୍ରଜରାଜନଗର, ୬।୧୧ (ଡି.ଏନ୍.ଏ.)**

ବ୍ରଜରାଜନଗର ଥାନା ମୁଖ୍ୟ ବଜାରସ୍ଥିତ ଲକ୍ଷ୍ମୀ କାଫେରେ ମଙ୍ଗଳବାର ରାତିରେ ଘଟିଥିବା ଗୁଳିକାଣ୍ଡରେ ମଣ୍ଟୁ ଘୋଷଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାର ୬ ଘଣ୍ଟା ନ ପୂରୁଣୁ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ତାଙ୍କ ୩ ସହଯୋଗୀଙ୍କୁ ଏନକାଉଣ୍ଟର କରି ଗିରଫ କରିଛି। ସେମାନେ ହେଲେ ଅନନ୍ତ ଧଳ (ଭୀମା) ଓ ତାଙ୍କ ୩ ସହଯୋଗୀ ଶୈଳେନ୍ଦ୍ର ପାତ୍ର, ରଫିକ ଆନସାରୀ ଓ ନିକି ସିଂ। ସେମାନଙ୍କୁ ଝାରସୁଗୁଡ଼ା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସମସ୍ତ ଅଭିଯୁକ୍ତଙ୍କ ଗୋଡ଼ରେ ଗୁଳି ବାଜିଛି। ସେମାନଙ୍କ ପାଲଟା ଗୁଳିମାଡ଼ରେ ଗାନ୍ଧୀ ଛକ ଫାଣ୍ଡି ଅଧିକାରୀ ଚୂଡ଼ାମଣି ମହାନନ୍ଦ ଆହତ ହୋଇଛନ୍ତି। ଭାଇ ହତ୍ୟାକାଣ୍ଡର ପ୍ରତିଶୋଧ ନେବା ପାଇଁ ଅନନ୍ତ ମଣ୍ଟୁଙ୍କୁ ଟାର୍ଗେଟ କରିଥିବା ପୋଲିସ କହିଛି।

ଏ ନେଇ ଝାରସୁଗୁଡ଼ା ଏସ୍‌ପିଙ୍କ କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଉତ୍ତରାଞ୍ଚଳ ଡିଆଇଜି ହିମାଂଶୁ ଲାଲ କହିଛନ୍ତି, ଗତ ଜୁନ ୨୪ ତାରିଖ ଅପରାହ୍ନ ପ୍ରାୟ ୫ଟା ୧୫ମିନିଟରେ ପୁରୁଣା ବସ୍‌ଷ୍ଟାଣ୍ଡଠାରେ ଅମିତ ଧଳଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ସେଦିନଠାରୁ ଅମିତଙ୍କ ଭାଇ ଅନନ୍ତ ପ୍ରତିଶୋଧ ପରାୟଣ ହୋଇ ହାତରେ ବନ୍ଧୁକ ଧରି ହତ୍ୟାକାରୀଙ୍କୁ ଖୋଜି ବୁଲୁଥିଲେ। ଅମିତ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ସୋନୁ ଘୋଷ ଗିରଫ ହୋଇ ଏବେ ଜେଲରେ ଅଛନ୍ତି। ସୋନୁଙ୍କ ଆପରାଧିକ କାର୍ଯ୍ୟକଳାପ ସହିତ ଭାଇ ମଣ୍ଟୁଙ୍କ କେତେକାଂଶରେ ସମ୍ପୃକ୍ତି ଥିଲା। ଅମିତ ହତ୍ୟାକାଣ୍ଡ ପରେ ମଣ୍ଟୁ ସହର ଛାଡ଼ି ଚାଲିଯାଇଥିଲେ। ଅଳ୍ପ କିଛିଦିନ ହେବ ସେ ବ୍ରଜରାଜନଗରକୁ ଫେରି ବୁଲାବୁଲି କରୁଥିଲେ। ଅନନ୍ତ ଏହି ଖବର ପାଇବା ପରେ ମଣ୍ଟୁଙ୍କୁ ଗତ ୧୦ ଦିନ ହେବ ଟାର୍ଗେଟ କରିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ମଣ୍ଟୁ ଲକ୍ଷ୍ମୀ କାଫେରେ ଜଳଖିଆ ଖାଇ ବାହାରୁ ଥିବା ବେଳେ ଅନନ୍ତ ପ୍ରଥମେ ତାଙ୍କ ଛାତିକୁ ଲକ୍ଷ୍ୟକରି ଗୁଳିମାଡ଼ କରିଥିଲେ। ମଣ୍ଟୁ ଘଟଣାସ୍ଥଳରେ ଟଳି ପଡ଼ିବା ପରେ ସେ ଆଉ ଦୁଇ ରାଉଣ୍ଡ ଗୁଳି ତାଙ୍କ ମୁଣ୍ଡକୁ ମାରିଥିଲେ। ଖବର ପାଇବା ପରେ ବ୍ରଜରାଜନଗର ଥାନା ପ୍ରଭାରୀ ବିଶ୍ୱମିତ୍ର ହରପାଲ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ମଣ୍ଟୁଙ୍କୁ ମଣ୍ଡଳିଆ ଡାକ୍ତରଖାନାକୁ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଏହି ଘଟଣାର ୬ ଘଣ୍ଟା ଭିତରେ ସମସ୍ତ ଅଭିଯୁକ୍ତଙ୍କୁ ପୋଲିସ ଏନକାଉଣ୍ଟର କରି ଗିରଫ କରିବାରେ ସଫଳ ହୋଇଛି। ବୁଧବାର ସକାଳେ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ଲକ୍ଷ୍ମୀ କାଫେରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏପରି ଘଟଣାର ଯେପରି ପୁନରାବୃତ୍ତି ନ ଘଟେ ସେଥିପ୍ରତି ପୋଲିସ ଦୃଢ଼ ପଦକ୍ଷେପ ଗ୍ରହଣ କରିଛି। ଅପରାଧୀମାନେ ସମାଜର ମୁଖ୍ୟସ୍ରୋତକୁ ଫେରି ଆସନ୍ତୁ। ନଚେତ ସ୍ଥାନ ଛାଡ଼ି ତୁରନ୍ତ ପଳାନ୍ତୁ ବୋଲି ଡିଆଇଜି ଲାଲ୍ କହିଛନ୍ତି। ରାଜ୍ୟ ସରକାରଙ୍କ ୫-ଟି ମନ୍ତ୍ର ଅନୁଯାୟୀ ପୋଲିସ ଅପରାଧୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରସ୍ତୁତ। ଏହାର ଦାୟିତ୍ୱ ସେ ନିଜେ ନେବା ସହ ଜିଲାର ଉଚ୍ଚପଦସ୍ଥ ଅଧିକାରୀମାନେ ନେବେ ବୋଲି ଡିଆଇଜି ସ୍ପଷ୍ଟ କରିଛନ୍ତି।

କେନ୍ଦ୍ରୀୟ ଚିକିତ୍ସାଳୟରେ ରାତି ତମାମ ମୃତଦେହ ରହିବା ପରେ ବୁଧବାର ମଧ୍ୟାହ୍ନରେ ବ୍ୟବଚ୍ଛେଦ ପାଇଁ ଝାରସୁଗୁଡ଼ା ପଠାଯାଇଛି। ଅମିତ ଧଳଙ୍କ ଘରଠାରୁ ମେଡିକାଲ ପର୍ଯ୍ୟନ୍ତ ପୋଲିସ ହାଇଆଲର୍ଟ ଜାରି କରିଛି। ଖୁବ୍‌ଶୀଘ୍ର ସମସ୍ତ ଅପରାଧୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ଅଶ୍ୱିନୀ ମହାନ୍ତି କହିଛନ୍ତି। ଏପରି ଘଟଣାର ଯେପରି ପୁନରାବୃତ୍ତି ନ ଘଟେ ସେଥିପ୍ରତି ପୋଲିସ ସଜାଗ ରହିବ ବୋଲି ଥାନା ପ୍ରଭାରୀ ସୂଚନା ଦେଇଛନ୍ତି।

### ସାତ ପାହାଚରେ ଗୋଡ଼ ଖସିଲା
## ଶ୍ରୀମନ୍ଦିର ବୋଝିଆ ଗୁରୁତର



**ପୁରୀ ଅଫିସ, ୬।୧୧**

ଶ୍ରୀମନ୍ଦିରରେ ବୁଧବାର ଜଣେ ବୋଝିଆ ଗୁରୁତର ଭାବେ ଆହତ ହୋଇଛନ୍ତି। ତାଙ୍କ ନାମ ଦୁଃଶାସନ ଜେନା (୪୫)। ସାତପାହାଚରେ ଗୋଡ଼ ଖସିଯିବାରୁ ସେ ତଳେ ପଡ଼ିଯାଇଥିଲେ। ତାଙ୍କ ଅଣ୍ଟା ଓ ଆଣ୍ଠୁରେ ଗଭୀର ଆଘାତ ଲାଗିଛି। ସୂଚନା ମୁତାବକ, ଉତ୍ତରଣା ମଠ ସାହିର ଦୁଃଶାସନ ଶ୍ରୀମନ୍ଦିରରେ ବୋଝିଆ କାମ କରନ୍ତି। ବୁଧବାର ଅପରାହ୍ନରେ ସେ ଭଅଣ୍ଡ ଘରୁ ଏକ ବେତାରେ ଡାଲି, ଅନ୍ନ ଧରି ଆସୁଥିଲେ। ସାତ ପାହାଚରୁ ତଳକୁ ଗୋଡ଼ ପକାଉଥିବାବେଳେ ତାଙ୍କ ଗୋଡ଼ ଖସିଯାଇଥିଲା। ଫଳରେ ଅବଢ଼ା ଢାଳି ହୋଇଯିବା ସହ ସେ ପଡ଼ିଯାଇଥିଲେ। ତାଙ୍କ ଅଣ୍ଟାରେ ଶକ୍ତ ଆଘାତ ଲାଗିଥିଲା। ଡାହାଣ ଗୋଡ଼ ଆଣ୍ଠୁ ମଧ୍ୟ ମାଡ଼ ହୋଇଥିଲା। ତୁରନ୍ତ ସାଥୀ ବୋଝିଆମାନେ ତାଙ୍କୁ ଶ୍ରୀମନ୍ଦିର ଆମ୍ବୁଲାନ୍ସରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ତାଙ୍କର ଚିକିତ୍ସା କରାଯାଉଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଶ୍ରୀମନ୍ଦିର ମହାପ୍ରସାଦ ବାହକ ସଂଘ ସଭାପତି ରୋହିତ ଦାସ କହିଛନ୍ତି, ଯିବା ଆସିବା ଦ୍ୱାରା ଭଅଣ୍ଡଘର ପାହାଚ ସମେତ ସାତପାହାଚ ମସୃଣ ହୋଇଗଲାଣି। ବାରମ୍ବାର ବୋଝିଆଙ୍କ ଗୋଡ଼ ଖସି ଦୁର୍ଘଟଣା ଘଟୁଛି। ମସୃଣ ପଥର ବଦଳାଇବାକୁ ସେମାନେ ଦାବି କରୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଫଳରେ ଦୁର୍ଘଟଣା ବଢୁଛି।

## ବିଶ୍ୱ ଚାହିଦାକୁ ପୂରଣ କରିବାରେ ବଡ଼ ଭୂମିକା ନେବ ଓଡ଼ିଶା କ୍ରୋମିୟମ: ଧର୍ମେନ୍ଦ୍ର




**ଭୁବନେଶ୍ୱର,୬।୧୧(ବ୍ୟୁରୋ):** ଓଡ଼ିଶାରେ ଗଚ୍ଛିତ ଅମାପ କ୍ରୋମିୟମ ବିଶ୍ୱ ଚାହିଦାକୁ ପୂରଣ କରିବାରେ ବଡ଼ ଭୂମିକା ନେବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ବୁଧବାର ନୂଆଦିଲ୍ଲୀଠାରେ ଅନ୍ତର୍ଜାତୀୟ କ୍ରୋମିୟମ ବିକାଶ ସଂଘ ପକ୍ଷରୁ ଆୟୋଜିତ କ୍ରୋମିୟମ ସମ୍ମିଳନୀରେ ଯୋଗଦେଇ ଧର୍ମେନ୍ଦ୍ର କହିଛନ୍ତି, ଓଡ଼ିଶାରେ ୯୫ ପ୍ରତିଶତରୁ ଉର୍ଦ୍ଧ୍ୱ କ୍ରୋମ ଗଚ୍ଛିତ ଅଛି। ଦେଶରେ କ୍ରୋମିୟମ କ୍ଷେତ୍ରରେ ଓଡ଼ିଶା ଅଗ୍ରଣୀ ଭୂମିକା ଗ୍ରହଣ କରୁଥିବାବେଳେ ରାଜ୍ୟ ଅଧିକ ଘରୋଇ ନିଯୁକ୍ତି ସୃଷ୍ଟି କରିବାର କ୍ଷମତା ରଖିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ଆମେରିକୀୟ ଡଲାରରେ ୫ଟ୍ରିଲିୟନ ଅର୍ଥନୀତିକୁ ହାସଲ କରିବାର ଲକ୍ଷ୍ୟ ରଖିଛି। ତେଣୁ ଦେଶରେ ଉଭୟ ବ୍ୟବସାୟିକ ଓ ଜନସାଧାରଣଙ୍କ ଜୀବନଶୈଳୀ ଉପରେ ଅଧିକ ଜୋର ଦିଆଯାଇଛି। ପୁଞ୍ଜିନିବେଶ କରିବା ପାଇଁ ଭାରତ ଏକ ଉତ୍କୃଷ୍ଟ ସ୍ଥାନ। ଭାରତ ସରକାର ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଏଠାରେ ପୁଞ୍ଜିନିବେଶ ବୃଦ୍ଧି କରିବା ନେଇ ପୁଞ୍ଜିନିବେଶକାରୀଙ୍କୁ ଆକୃଷ୍ଟ କରିବାକୁ ଅନେକ ଉଦ୍ୟମ କରୁଛି। କେନ୍ଦ୍ର ସରକାରଙ୍କ ବିଭିନ୍ନ ନୀତିଗତ ପଦକ୍ଷେପ ଏବଂ ଇସ୍ପାତ୍ ଶିଳ୍ପଗୁଡ଼ିକର ଉଦ୍ୟମ ଯୋଗୁ ଅନେକ ସୁପ୍ରଭାବ ପରିଲକ୍ଷିତ ହୋଇଛି। ଭାରତରେ କଳଙ୍କ ଲାଗୁନଥିବା ଇସ୍ପାତର ଉତ୍ପାଦନ ଏବଂ ବ୍ୟବହାରର ବୃଦ୍ଧି ଦେଶର ଅର୍ଥନୀତିକୁ ମଜବୁତ୍ କରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

### ଅନୁଗୋଳ ଫାଶୀ ଦଣ୍ଡାଦେଶ ମାମଲା
## ହାଇକୋର୍ଟରେ ଶୁଣାଣି

**କଟକ ଅଫିସ, ୬।୧୧:** ଅନୁଗୋଳ ଥାନା ଅଞ୍ଚଳରେ ଘଟିଥିବା ନାବାଳିକା ବଳାତ୍କାର ଓ ହତ୍ୟା ଘଟଣାରେ ନିମ୍ନ ଅଦାଲତ ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡାଦେଶ ଦେଇଥିଲେ। ତେବେ ଏହି ମାମଲାର ଶୁଣାଣି ବୁଧବାର ହାଇକୋର୍ଟରେ ହୋଇଥିଲା। ଅନୁଗୋଳ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ଜଜ୍ ଅଭିଯୁକ୍ତ ଶ୍ରୀନିବାସ ଦେହୁରୀ ଓରଫ ଅନାମ(୨୨)ଙ୍କୁ ଗତ ଜୁଲାଇ ୨୬ରେ ଫାଶୀ ଦଣ୍ଡାଦେଶ ଦେଇଥିଲେ। ଏହି ଆଦେଶରେ ମୋହର ଲାଗିବା ପାଇଁ ହାଇକୋର୍ଟ ଆସିଥିବାବେଳେ ବିଚାରପତି ସଞ୍ଜୟ କୁମାର ମିଶ୍ର ଓ ବିଚାରପତି ଏ.କେ. ମିଶ୍ରଙ୍କ ଖଣ୍ଡପୀଠରେ ବୁଧବାର ଏହାର ଶୁଣାଣି ହୋଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ବୁଧବାର ଯୁକ୍ତି ଉପସ୍ଥାପନ ହୋଇଥିବାବେଳେ ଗୁରୁବାର ମାମଲାର ପରବର୍ତ୍ତୀ ଶୁଣାଣି ହେବ। ମାମଲାର ବିବରଣୀରୁ ପ୍ରକାଶ, ଅନୁଗୋଳ ଥାନା ଅଞ୍ଚଳର ଜନୈକ ବ୍ୟକ୍ତିଙ୍କ ଏକ ଦୋକାନ ରହିଛି। ତାଙ୍କର ୧୨ବର୍ଷୀୟା ଝିଅ ପ୍ରତିଦିନ ଖାଦ୍ୟ ନେଇ ଦୋକାନକୁ ଯାଇଥାନ୍ତି। ଗତ ଜାନୁୟାରୀ ୨୦ ତାରିଖ ମଧ୍ୟାହ୍ନ ୧୨ଟାରେ ନାବାଳିକା ଘରୁ ଖାଦ୍ୟ ନେଇ ବାପାଙ୍କ ପାଖକୁ ଯାଇଥିଲେ। ହେଲେ ଦୋକାନରେ ପହଞ୍ଚିବାରେ ବିଳମ୍ବ ହେବାରୁ ପରିବାର ଲୋକଙ୍କ ପକ୍ଷରୁ ନାବାଳିକାଙ୍କୁ ଖୋଜାଖୋଜି କରାଯାଇଥିଲା। ଗାଁ ପାଖ ସାହିରେ ଟିଫିନ, ଚପଲ, ରକ୍ତ ପଡିଥିବା ଦେଖିବାକୁ ମିଳିଥିଲା। କିଛିବାଟ ଦୂରରେ ଥିବା ଏକ ବୁଦାମୂଳେ ନାବାଳିକାଙ୍କ ମୃତଦେହ ଉଲଗ୍ନ ଅବସ୍ଥାରେ ପଡ଼ିଥିଲା। ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିଲା। ନାବାଳିକାଙ୍କୁ ବଳାତ୍କାର ପରେ ଅତି ନୃଶଂସ ଭାବେ ହତ୍ୟା କରାଯାଇଥିବା ତଦନ୍ତରୁ ଜଣାପଡ଼ିଥିଲା। ଏହି ଘଟଣାରେ ସ୍ଥାନୀୟ ଅଞ୍ଚଳର ଅନାମ ଦେହୁରୀଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଥିଲା। ଏହି କାଣ୍ଡ ଘଟାଇ ଅନାମ ଫେରାର ହୋଇଯାଇଥିବାବେଳେ ପୋଲିସ ତାଙ୍କୁ କଲିକତାରୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅନୁଗୋଳ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ଜଜ୍ ୩୬ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରିବା ସହ ତାଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରିଥିଲେ।

## ଉଠାଜଳସେଚନ ନିଗମ ଅଧ୍ୟକ୍ଷଙ୍କ ପ୍ରକଳ୍ପ ସମୀକ୍ଷା

**ଭୁବନେଶ୍ୱର,୬।୧୧(ବ୍ୟୁରୋ)**

ଉଠା ଜଳସେଚନ ନିଗମ ଅଧ୍ୟକ୍ଷ ଅମରେଶ ପତ୍ରୀଙ୍କ ଦ୍ୱାରା ଯାଜପୁର ଜିଲା ଧର୍ମଶାଳା ଓ ରସୁଲପୁର ବ୍ଲକର ବିଭାଗୀୟ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରାଯାଇଛି। ୨ ବ୍ଲକରେ ନିର୍ମାଣାଧୀନ ପ୍ରକଳ୍ପକୁ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ସାରିବା ପାଇଁ ନିଗମ ଅଧ୍ୟକ୍ଷ ସଂପୃକ୍ତ ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁ ଉଠା ଜଳସେଚନ ପ୍ରକଳ୍ପଗୁଡ଼ିକରେ ବିଦ୍ୟୁତ୍ ଶକ୍ତି ଯୋଗାଣ ସମସ୍ୟା ରହିଛି, ସେଠାରେ ସେସବୁ କର୍ମଚାରୀଙ୍କ ସହିତ ଯୋଗାଯୋଗ ରକ୍ଷାକରି ସେହି ସବୁ ପ୍ରକଳ୍ପଗୁଡ଼ିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ଅଧ୍ୟକ୍ଷ ଗୁରୁତ୍ୱାରୋପ କରିଛନ୍ତି। ଏହି ବୈଠକରେ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ଭାରପ୍ରାପ୍ତ ଅଧୀକ୍ଷଣ ଯନ୍ତ୍ରୀ ଇଂ. ମାନସ ରଞ୍ଜନ ପଟ୍ଟନାୟକ ଏବଂ ଉଠାଜଳସେଚନ ଡିଭିଜନର ନିର୍ବାହୀ ଯନ୍ତ୍ରୀ ଇଂ. ଶିବରାମ ପଣ୍ଡା ଉପସ୍ଥିତ ଥିଲେ।


**ଭଡ଼ାସୂତ୍ରେ ସରକାରୀ କାର୍ଯ୍ୟାଳୟ ନିମନ୍ତେ ଗୃହ ଆବଶ୍ୟକ**

ଓଡ଼ିଶା ସରକାରଙ୍କ ବନ୍ଦୋବସ୍ତ କାର୍ଯ୍ୟାଳୟ, ପୁରୀ ଶାଖା ନିମନ୍ତେ ୫୦୦୦ରୁ ୬୫୦୦ Square Feet ଗୃହର ମାସିକ ଭଡ଼ାସୂତ୍ରେ ପୁରୀ ଟାଉନରେ ଆବଶ୍ୟକତା ଅଛି। ଏଣୁ ଗୃହ ଭଡ଼ାସୂତ୍ରେ ଦେବାକୁ ଇଚ୍ଛୁକ ବ୍ୟକ୍ତି ତୁରନ୍ତ ନିମ୍ନଲିଖିତ ମୋବାଇଲ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଉଛି।

ମୋ. ନଂ. ୯୪୩୮୩୬୦୬୦୩, ୯୮୬୧୧୭୦୮୯୪, ୮୮୯୫୨୯୫୭୯୦, ୯୮୬୧୨୧୧୭୭୨, ୯୦୪୦୩୪୧୬୭୦

*Sd./- Addl. Sub-Collector, Puri*



**DISTRICT PLANNING AND MONITORING UNIT, JAGATSINGHPUR**

Office Order No. 1104 / Stat. Dt. 06.11.2019

**Tender Notice for Outsourcing of Manpower**

**No. x-23:** Bids in sealed cover are invited under two-bid system from reputed and experienced manpower service provider for providing Data Entry Operator / Field Enumerators for District Planning and Monitoring Unit, Jagatsinghpur. Intending agencies are required to download Tender Documents from Jagatsinghpur distrist website (https://jagatsinghpur.nic.in) from dt.11.11.2019. Last date of submission of bid is dt.25.11.2019 upto 3.00PM (Contact No. 06724-220468).

*Sd./- Deputy Director (P&S)*
*DPMU, Jagatsinghpur*

21020/11/0001/1920



**କୃଷକମାନଙ୍କ ପାଇଁ ବିଶେଷ ସୂଚନା**

L-75:- ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଆସନ୍ତା ୮ ରୁ ୧୦ ତାରିଖ ମଧ୍ୟରେ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳ ଓ ଉତ୍ତର ଓଡ଼ିଶାରେ ଲଘୁଚାପ ଜନିତ ବର୍ଷା ସ୍ୱଳ୍ପରୁ ମଧ୍ୟମ ଓ ସ୍ଥାନେ ସ୍ଥାନେ ପ୍ରବଳ ହେବାର ସମ୍ଭାବନା ରହିଛି। ଏହି ଅଞ୍ଚଳର ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ, ବର୍ଷା ହେବା ପୂର୍ବରୁ ଧାନ ଫସଲ ଶତକଡ଼ା ୮୫ ଭାଗ ପାକଳ ହୋଇଯାଇଥିଲେ ତୁରନ୍ତ ଅମଳ କରି ସୁରକ୍ଷିତ ସ୍ଥାନକୁ ନେଇଯାଆନ୍ତୁ।

01034/11/0028/1920

**କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା**



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, BALANGIR (R&B) CIRCLE, BALANGIR**

Mail ID: sepwdbalangir@gmail.com, Fax/Ph. No.: 06652-231866

No.B-278:- e-Procurement Notice

**BID IDENTIFICATION NO: SE(R&B) BGR/03/2019-20**
**No. 3047 // Dtd. 06.11.2019**

| | | | |
|---|---|---|---|
| 1. | The Superintending Engineer, Bolangir (R&B) Circle, Bolangir on behalf of Governor of Odisha invites percentage rate bid in double cover system in ONLINE MODE for the construction of works detailed in the table below from B / A Class Contractors registered with the State Governments and contractors of equivalent Grade/ Class registered with Central Government/ MES/ Railways for execution of Civil works. The proof of registration from the appropriate authority shall be enclosed along with the bid. | | |
| 2. | Nature of Work | : | Building work |
| 3. | No. of tender | : | Building- 04 No |
| 4. | Tender Cost | : | Rs. 10,000/- |
| 5. | Class of Contractor | : | "B" & "A" Class. |
| 6. | Date & Time of sale & Receipt of Bids | : | From Dt. 18.11.2019, 10.00 AM to Dt. 02.12.2019 upto 05.00 PM |
| 7. | Date of Opening Bid | : | Dt. 03.12.2019 at 11.00 A.M. |
| 8. | The bidders have to participate in ONLINE bidding only. Further details can be seen from the Web Site: http://tendersorissa.gov.in. All future corrigendum will be available on ONLINE MODE only. | | |

Sd./- Superintending Engineer
Balangir (R&B) Circle,
Balangir

34131/11/0003/1920



**OFFICE OF THE EXECUTIVE ENGINEER, RWS&S DIVISION, BARIPADA.**

No.O-491

Tel. No.06792-254029, Fax No.06792-259464,
E-Mail : eerwss_bpd@rediffmail.com, eerwss_bpd@ori.nic.in

**Govt. of Odisha e-procurement Notice.**

**Bid Identification No.15 of 2019-20, Date:05.11.2019.**

1. Nature of the work : Augmentation of Rural Piped Water Supply Project, Construction of OHTs in different Blocks of Mayurbhanj District under different Programme in Lump-sum rate contract in Single cover system (3packages).
2. Estimated Cost : 18.32 lakh to 32.56 lakh.
3. Period of Completion : 180days.
4. Date and time of availability of bid document in portal : 11 hour of 13.11.2019 to 22.11.2019 upto 17 hours.
5. Last Date / Time for receipt of bids in the portal : 17 hours of 22.11.2019.
6. Name and address of the O.I.T. : Executive Engineer, RWS&S Division,Baripada.
7. Date & Time for Opening of Tender : 23.11.2019 at 11.00 A.M.
8. Corrigendum and addendum if any shall only be published in the above website http://www.tenderodisha.gov.in

Further details can be seen from the e-procurement portal: "https://tendersodisha.gov.in"

Sd./- Executive Engineer
RWS&S Division, Baripada

25014/11/0005/1920



**SECTION-I**
**NOTICE INVITING TENDER**

Tender Reference No. 14391 Dated: 06.11.2019

**TENDERS ARE INVITED FROM ELIGIBLE BIDDERS AS PER THE ELIGIBILITY CRITERIA FOR SUPPLY & OF DRUGS, HOSPITAL EQUIPMENT & CONSUMABLE**

| | | |
|---|---|---|
| 1. | Period of Availability of Tender Document | From 07.11.2019 to 14.11.2019 (Downloadable from website: www.cuttack.nic.in) In case of any bid amendment and clarification, responsibility lies with the bidders to collect the same from the above mentioned website before last date of submission of tender document and the tender inviting authority shall have no responsibility for any delay / omission on part of the bidder. |
| 2. | Last date & time for submission of Tender | Date: 15.11.2019, time: 2.30PM **Address of Submission of Bid:** The Chief District Medical & Public Health Officer, Cuttack (through Speed Post / Registered Post only) |
| 3. | Date, time and place of opening of Tender | a) **Technical Bid (Cover A) opening:** 15.11.2019 3.30PM at the address mentioned above. b) **Financial Bid (Cover B):** the date of opening of financial bid will be intimated to the firms found successful in the technical bid evaluation. (Venue is mentioned at the address mentioned above) (Bidders/ authorized representative may remain present at the time of opening of bid) |

*Sd./- Chief District Medical & Public Health Officer cum District Mission Director, Cuttack*



**OMECL**
ODISHA MINERAL EXPLORATION CORPORATION LIMITED

No. CAD-543

**E-PROCUREMENT NOTICE**

NIT No. 01/OMECL/E-PROC/2019 Dated. 06/11/2019

| | | |
|---|---|---|
| 1. | Name of the work | Empanelment of agencies for providing technical / professional manpower at various locations of OMECL |
| 2. | Availability of bid document in Govt. Portal | 06/11/2019 after 05:00PM |
| 3. | Last date for sending queries to OMECL | 13/11/2019 up to 05:00PM |
| 4. | Pre-bid meeting | 16/11/2019 at 11.00AM |
| 5. | Uploading of final tender schedule | 19/11/2019 up to 05:00PM |
| 6. | Last date of online submission of tender in portal | 02/12/2019 up to 05:00PM. |
| 7. | Tender paper fee | Amount: Rs. 5,000/- (Rupees five thousand) + GST @18% only through on line as available in www.tendersodisha.gov.in |
| 8. | Submission of EMD | The bidder shall have to deposit Rs.50,000.00 (Rupees fifty thousand) only through on line as available in www.tendersodisha.gov.in |
| 9. | Date of opening of Techno-commercial Bid | 03/12/2019 at 11:00AM. |

All other details can be seen from the tender document available at Govt. web site i.e www.tendersodisha.gov.in & in OMC website i.e. www.omcltd.in.

OMECL reserves the right to reject this tender without assigning any reason thereof.

Sd/- General Manager (Exploration)
Odisha Mineral Exploration Corporation Ltd.
Bhubaneswar

30005/11/0085/1920

The Odisha Mineral Exploration Corporation
Registered Office : OMC HOUSE,Bhubaneswar-751001,India
Tel: 0674-2399914, www.omcltd.in



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, JEYPORE (R&B) CIRCLE, JEYPORE**

No. B-277:

email ID: supenger_rbjyp@yahoo.co.in
Ph. No. 06854-231528, Fax No. 06854-231528

**INVITATIONS FOR BIDS (IFB)**

**Bid Identification No. S.E.J.C. (R&B)-05/2019-20**

No. 2748 Date: 06.11.2019

| | | | |
|---|---|---|---|
| 1. | Name of the Work | : | Building Work |
| 2. | Total No. of works | : | 01 (One) No. |
| 3. | Estimated Cost | : | Rs. 110.67 Lakhs |
| 4. | Period of completion | : | 07 (Seven) Months |
| 5. | Bid Cost | : | Rs. 10,000/- (Each) |
| 6. | Class of Contractor | : | "B" & "A" |
| 7. | Date & time of availability of bid document in the portal | : | From 10.00 hours of 14.11.2019 to 17.00 hours of 25.11.2019 |
| 8. | Last date / time for receipt of bids in the portal | : | 17.00 hours of 25.11.2019 |
| 9. | Opening date of Bid | : | 11.00 hours of 26.11.2019 |
| 10. | Name and address of the Officer Inviting Bid | : | Superintending Engineer, Jeypore (R&B) Circle, Jeypore |

Further details can be seen from the e-procurement portal https://tendersodisha.gov.in.

Any addendum / corrigendum / cancellation of tender can also be seen in the said website only.

*Sd./- Superintending Engineer*
*Jeypore (R&B) Circle, Jeypore*

34108/11/0005/1920



**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**P.H. DIVISION, BHANJANAGAR, AT-CHATRAPUR**

Phone: 06811-263909, Fax: 06811-263950,
No.C-295:- E-mail: eephchpr@gmail.com

**NATIONAL COMPETITIVE BIDDING THROUGH e-Procurement**

**Bid Identification No. 23/03/SPH©./2019-20 dt. 05.11.2019**

| | | |
|---|---|---|
| 1 | Name of the work | 01 (One) No. of work |
| 2 | Estimated cost | 52.95 lakh |
| 3 | Date & time of availability of bid document in the portal | From 11.00 AM of 15.11.2019 to 05.00 PM of 28.11.2019 |
| 4 | Last date/ time of receipt of bid in the portal | 05.00 PM of 28.11.2019 |
| 5 | Date and time of opening of bids | 11.00 AM on dated 02.12.2019 |
| 6 | Name and address of the Officer inviting the bid | Executive Engineer, P.H. Division, Bhanjanagar at Chatrapur. |

Further details can be seen from the e-procurement portal **https://www.tenderorissa.gov.in.**

Sd./-Executive Engineer
P.H. Division, Bhanjanagar
At- Chatrapur

13013/11/0016/1920

## ଖ ବ ର ଟ ବ ର

❖ସଞ୍ଜୟ ଲୀଲା ଭଁସାଲିଙ୍କ 'ଗାଙ୍ଗୁବାଇ କାଠିଆୱାଡି'ରେ ଆଲିୟା ଭଟ୍ଟଙ୍କୁ ମିଳିଛି ଏକ ଭିନ୍ନ ଚରିତ୍ର। ବର୍ତ୍ତମାନ ଆଲିୟା କିପରି କାଠିଆୱାଡି ଭୂମିକାକୁ ଭଲ ଭାବରେ ତୁଲାଇ ପାରିବେ ସେନେଇ ସଞ୍ଜୟ ଜଣେ କାଠିଆୱାଡି ଟ୍ୟୁଟର ସନ୍ଧାନରେ ଅଛନ୍ତି।

❖ୟାମି ଗୌତମଙ୍କୁ ଏବେ ଏକାଥରେ ତିନୋଟି ହିନ୍ଦୀ ସିନେମା ଅଫର ମିଳିଛି। ତେବେ ଏ ନେଇ ଶେଷ ନିଷ୍ପତ୍ତି ନେବାକୁ ତାଙ୍କୁ କିଛି ଦିନ ଲାଗିବ ବୋଲି ସେ ସୂଚନା ଦେଇଛନ୍ତି।

❖ସାଜିଦ ନାଡିଆଡୱାଲାଙ୍କ ଆଗାମୀ ଅନଟାଇଟଲଡ୍ ଫିଲ୍ମରେ ଜଣେ ନବାଗତା ନିଜର ବଲିଉଡ୍ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ସେ ହେଲେ କ୍ରିତି ସାନନ୍‌ଙ୍କ ଭଉଣୀ ନୁପୂର। ଏହି ଫିଲ୍ମରେ ସେ ସୁଶାନ୍ତ ସିଂ ରାଜପୁତଙ୍କ ସହ ସ୍କ୍ରିନ୍ ଶେୟାର କରିବେ।

❖ଆମୀର ଖାନ୍ ତାଙ୍କର ଆଗାମୀ ଫିଲ୍ମ 'ଲାଲ୍ ସିଂ ଚଢ୍ଢା'ର ଏକ ୩୬ ସେକେଣ୍ଡ ଅବଧିବିଶିଷ୍ଟ ଭିଡିଓ ତାଙ୍କର ସୋସିଆଲ ମିଡିଆରେ ଅପଲୋଡ କରିଛନ୍ତି, ଯାହା ବେଶ୍ ଭାଇରାଲ ହୋଇଛି। ଏହି ଫିଲ୍ମରେ ଆମୀରଙ୍କ ନାୟିକା ସାଜିଛନ୍ତି କରୀନା କପୁର।


ଆଲିୟା

ପ ର ଦା ରେ..

# ମାଲ୍ ମହୁ ଜୀବନ ମାଟି

ସମସ୍ତ କଳ୍ପନାଜଳ୍ପନାର ଅବସାନ ଘଟାଇ ପରଦା ଉପରକୁ ଆସୁଛି ଦ୍ୱିଭାଷୀ-ଓଡ଼ିଆ-ଛତିଶଗଡ଼ୀ ଫିଲ୍ମ 'ମାଲ ମହୁ ଜୀବନ ମାଟି-ଭାଗ୍ୟର ନୋ ଗ୍ୟାରେଣ୍ଟି'। ଚଳଚ୍ଚିତ୍ରଟି ଚଳିତ ମାସ ୮ରେ ରିଲିଜ ହେଉଛି। ଖାସ୍ କଥା ହେଲା, ଏଥିରେ ଦର୍ଶକ ସବ୍ୟସାଚୀଙ୍କୁ ଏକ ଭିନ୍ନ ଭୂମିକାରେ ଦେଖିବାକୁ ପାଇବେ। ଏପରି ଭୂମିକା ସମ୍ପର୍କରେ ସବ୍ୟସାଚୀ କହନ୍ତି, 'ଏଥିରେ ମୋ ଭୂମିକାଟି ହେଲା ମାଇକେଲ। ସେ ଭଲ ଭାବରେ କଥା କହିପାରେନା। ଯାହା କିଛି କରିବାକୁ ଚାହୁଁଛି ଭାଗ୍ୟ ତାହାର ସାଥ୍ ଦେଉନି। ତେଣୁ ସବୁବେଳେ ସେ ବିଭିନ୍ନ ସମସ୍ୟାରେ ଛନ୍ଦି ହୋଇଯାଉଛି। ହେଲେ ତା' ଭିତରେ ପ୍ରେମ କରିବସିଛି। ଏଥିରେ ସେ ସଫଳ ହେଉଛି ତ? ଏ ସବୁର ଉତ୍ତର ରହିଛି ଉକ୍ତ ସିନେମାରେ। ମୋଟ ଉପରେ ଏହାର କାହାଣୀରେ ନୂତନତ୍ୱ ରହିଛି।' ଅପରପକ୍ଷରେ ଏହି ଫିଲ୍ମରେ ସଂଯୋଜିତ ଗୀତ 'ମଲ୍ଲିକା ଚାଲ ଯିବା ଚିଲିକା' ବେଶ୍ ଭାଇରାଲ ହୋଇସାରିଲାଣି। ଡ. ନିର୍ମଳ ନାୟକଙ୍କ ରଚିତ ଏହି ଗୀତଟିକୁ ସ୍ୱରାୟିତ କରିଛନ୍ତି ଅଭିଜିତ ମଜୁମଦାର। କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର ଏବଂ ସୋନାଲି ନନ୍ଦ। ଲେଡି ବାର୍ଡ ଏଣ୍ଟରଟେନ୍‌ମେଣ୍ଟ ସହାୟତା ତଥା ଆମ୍‌ରା ମ୍ୟୁଜିକ୍ ବ୍ୟାନରରେ ଏହାକୁ ପ୍ରସ୍ତୁତ କରାଯାଇଛି। ଏହାର ଗୀତ ସହ ସଂଳାପ ରଚନା କରିଛନ୍ତି ଡ. ନିର୍ମଳ ନାୟକ। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ରମେଶ ରାଉତ। ସବ୍ୟସାଚୀ-ଏଲିନାଙ୍କ ବ୍ୟତୀତ ଏହି ଫିଲ୍ମରେ ସଲିଲ ମିତ୍ର, ପ୍ରଦ୍ୟୁମ୍ନ ଲେଙ୍କା, ବିଦୁସ୍ମିତା, ଲଭ୍‌ଲି, ପଦ୍ମଶ୍ରୀ ଅଞ୍ଜୁ ଶର୍ମା, ବିଜୁ ବଡ଼ଜେନା, ଅମର ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଖାସ୍ କଥା ହେଲା, ଗାୟିକା ଅସୀମା ପଣ୍ଡା ଏହି ଫିଲ୍ମରୁ ନିଜର ବଡ଼ ପରଦା ଆକ୍ଟିଂ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ତେବେ ଏହି ଫିଲ୍ମଟିକୁ ନେଇ ବେଶ୍ ଆଶା ବାନ୍ଧିଥିବା ସବ୍ୟସାଚୀ ଦର୍ଶକଙ୍କୁ ନିଜ ଅଭିନୟରେ କେତେ ମତୁଆଲା କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।


ସବ୍ୟସାଚୀ-ଏଲିନା


ଅପରାଜିତା-ଉତ୍ତମ

## ଅ ତୀ ତ ରୁ

❖ଓଡ଼ିଆ ସିନେମା ଜଗତର ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ଅପରାଜିତା ମହାନ୍ତି। ଦିନ ଥିଲା ଉତ୍ତମ-ଅପରାଜିତା ଯୋଡ଼ି ଇଣ୍ଡଷ୍ଟ୍ରିରେ ରାଜ୍ କରୁଥିଲେ। ଅପରାଜିତାଙ୍କ ବଡ଼ ପରଦା ଜୀବନ ଆରମ୍ଭ ହୋଇଥିଲା 'ଅସ୍ତରାଗ'ରୁ। ୧୯୮୨ରେ ମୁକ୍ତିଲାଭ କରିଥିବା ଏହି ଚିତ୍ରରେ ଉତ୍ତମ ମହାନ୍ତି, ଶରତ ପୂଜାରୀ ଏବଂ ରାଧା ପଣ୍ଡା ପ୍ରମୁଖ କଳାକାର ଅଭିନୟ କରିଥିଲେ। ସଙ୍ଗୀତ ନିର୍ଦ୍ଦେଶକ ଥିଲେ ପ୍ରଫୁଲ୍ଲ କର।

❖'ତତେ କିଏ କଲା ବନଚାରୀରେ ଜଟାଧାରୀ, ଆହେ ଦୁଃଖହାରୀ ମୋ ଦୁଃଖ କିଏ ହରିବ, ରାମ ଯିବେ ବନବାସ' ପରି ଲୋକପ୍ରିୟ ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ପ୍ରଫୁଲ୍ଲ କର। ଆଉ ଚଳଚ୍ଚିତ୍ରଟି ଥିଲା 'ରାମାୟଣ'। ଧୀର ବିଶ୍ୱାଳଙ୍କ ପ୍ରଯୋଜନାରେ ଏହି ଫିଲ୍ମର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ଉତ୍ତମ ମହାନ୍ତି (ରାମ), ଶୁଭ୍ରା ପତି (ସୀତା), ଧୀର ବିଶ୍ୱାଳ (ରାବଣ) ପ୍ରମୁଖ କଳାକାର।

❖ଅଜିତ ଦାସ-ମହାଶ୍ୱେତା ରାୟଙ୍କୁ ନେଇ ନିର୍ମିତ ହୋଇଥିଲା 'ବାଟ ଅବାଟ'। ବୃନ୍ଦାବନ ଜେନା ନିର୍ଦ୍ଦେଶନା ଦେଇଥିବା ବେଳେ ସଙ୍ଗୀତ ଦାୟିତ୍ୱ ତୁଲାଇଥିଲେ ଭୁବନ-ହରି।

❖ବାବୁଲାଲ ଦୋଷୀଙ୍କ ପ୍ରଯୋଜିତ 'ଅକ୍ଷୟ ତୃତୀୟା'ର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ଶରତ ପୂଜାରୀ, ଅନିତା ଦାସ, ଦୀପା ସାହୁ, ପ୍ରସନ୍ନ ମିଶ୍ର ପ୍ରମୁଖ କଳାକାର। ନିର୍ଦ୍ଦେଶନା ଦେଇଥିଲେ ସୁଶୀଲ ମୁଖାର୍ଜୀ।

❖ଓଡ଼ିଆ ଚଳଚ୍ଚିତ୍ର 'ବତାସୀ ଝଡ଼'ର ନାୟକ ଭୂମିକାରେ ଦେଖାଦେଇଥିଲେ ଅକ୍ଷୟ ମହାନ୍ତି (କାଶ୍ୟପ)। ଆରତି ଦାସ ପ୍ରଯୋଜିତ ଏହି ଚିତ୍ରର ନିର୍ଦ୍ଦେଶକ ଥିଲେ ରମେଶ ମହାନ୍ତି। ଏଥିରେ କାଶୀ ରଥ, ଜୟାଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା।


❖କାମିନୀ ପିକ୍ଚର୍ସ, ରାଉରକେଲା ବ୍ୟାନରରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'କାଚଘର'। କାମିନୀ ତ୍ରିପାଠୀ ଏହାର ପ୍ରଯୋଜନା କରିଥିବା ବେଳେ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଥିଲେ ବ୍ୟୋମକେଶ ତ୍ରିପାଠୀ। ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ କାହ୍ନୁ ଦାସ। ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ସୁରେଶ, ଜ୍ୟୋତ୍ସ୍ନା, ବିନୋଦ, ବିନି ପ୍ରମୁଖ କଳାକାର।

❖ଓଡ଼ିଆ ଚଳଚ୍ଚିତ୍ର 'ରକ୍ତ ଗୋଲାପ'ର ନାୟକ ଭୂମିକାରେ ଅଭିନୟ କରିଥିଲେ ଶ୍ରୀରାମ ପଣ୍ଡା ଏବଂ ତାଙ୍କର ନାୟିକା ସାଜିଥିଲେ ସେ ସମୟର ଅନ୍ୟତମ ଲୋକପ୍ରିୟ ନାୟିକା ବନଜା ମହାନ୍ତି। କେ. ଭୀମେଶ୍ୱର ରାଓ ନିର୍ଦ୍ଦେଶନା ଦେଇଥିବା ବେଳେ ସ୍ୱର ସଂଯୋଜନା କରିଥିଲେ ଧନଞ୍ଜୟ ଶତପଥୀ।

କଥା ସେଦିନର

## ରାତିତମାମ୍ ଭିଜିଥିଲୁ

ମଡେଲ-କମ୍-ଆକ୍ଟର ଆରିଏନ ଧୀର କୁମାରଙ୍କୁ ଶ୍ରୀଧର ମାର୍ଥାଙ୍କ ପ୍ରଯୋଜିତ 'ଯୋଗୀ'ରେ ବ୍ରେକ୍ ମିଳିଥିଲା। ଏଥିରେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଥିଲେ ପ୍ରଥମ ଥର ପାଇଁ ନାୟିକା ସାଜିଥିବା ନିକିତା। ଉକ୍ତ ଫିଲ୍ମରେ ଏହି ଯୋଡ଼ିକୁ ନେଇ ଏକ ବର୍ଷାଭିଜା ଗୀତ- 'ଧୂଆଁ ଧୂଆଁ'ର ଦୃଶ୍ୟାୟନ କରାଯାଇଥିଲା। ଏହାର ଶୁଟିଂ ସମୟର ଅନୁଭୂତି ଏବେ ମଧ୍ୟ ଆରିଏନ୍‌ଙ୍କ ମନରେ ସତେଜ ହୋଇ ରହିଛି। ଏ ସମ୍ପର୍କରେ ସେ କହନ୍ତି, 'ଗୀତର ଶୁଟିଂ ପୂର୍ବରୁ ସିକୁଏନ୍ସ ବିଷୟରେ ଆମକୁ ବୁଝାଇ ଦିଆଗଲା। ବର୍ଷାରେ ଭିଜି ଶଟ୍ ଦେବାକୁ ପଡ଼ିବ। ତେଣୁ ଏ ନେଇ ନିଜକୁ ପ୍ରସ୍ତୁତ କରିନେଲି। ପୁଣି ଶୀତ ରାତି ଆଉ ସେଥିରେ ବର୍ଷାରେ ଭିଜିଲେ ଯେମିତି ଲାଗୁଥିବ ଜାଣିପାରୁଥିବେ। ହେଲେ ଶଟ୍ ସହ ନିଜକୁ ଏମିତି ଜଡ଼ିତ କରିନେଇଥିଲି ଯେ ମୋତେ କିଛି ଜଣାପଡି ନ ଥିଲା। ରାତିତମାମ ଶଟ୍ ନିଆଗଲା ଆଉ ଆମ ଦୁହିଙ୍କୁ ବର୍ଷାରେ ଭିଜିବାକୁ ପଡିଥିଲା। ତା'ପରଦିନ ଯାଏ କୁଆଡ଼େ? ପ୍ରବଳ ଥଣ୍ଡା ଜ୍ୱର। ଏହି ଗୀତ କଥା ମୋର ମନେପଡେ, ତା'ସହ ସେହି ରାତିତମାମ ବର୍ଷାରେ ଭିଜିବା ଦୃଶ୍ୟ ସ୍ୱତଃ ଆଖି ସାମ୍‌ନାକୁ ଚାଲିଆସେ ବୋଲି କହନ୍ତି ଆରିଏନ।' ସୂଚନାଯୋଗ୍ୟ, ରେଞ୍ଜ୍ ରୟାଲ ସିନେ ଲ୍ୟାବ୍ ବ୍ୟାନରରେ ଏହି ଫିଲ୍ମର ଟାଇଟଲ ଭୂମିକାରେ ଅଭିନୟ କରିଥିଲେ ହର ରଥ ଏବଂ ନିର୍ଦ୍ଦେଶନା ଦେଇଥିଲେ ନିରଞ୍ଜନ ବେହେରା।


ନିକିତା-ଆରିଏନ୍

## ସେହି ୪ ମିନିଟ୍

ବିଶେଷଭାବରେ କୌଣସି ସିନେମାରେ ଲିପ୍-ଲକ୍ ସିନ୍‌କୁ ନେଇ ବେଶି ଚର୍ଚ୍ଚା ହୋଇଥାଏ। କିଛି ବର୍ଷ ପୂର୍ବରୁ ଏପରି ଶଟ୍ ଦେଇ ମଲ୍ଲିକା ଶେରାୱତ ଚର୍ଚ୍ଚିତ ହୋଇଥିଲେ। ହେଲେ ବଲିଉଡ୍‌ରେ ଏପରି କିସ୍ ଶଟ୍ ପ୍ରଥମେ କେବେ ନିଆଯାଇଥିଲା, ଯାହାର ରେକର୍ଡ ଏବେ ମଧ୍ୟ ବଳବତ୍ତର ରହିଛି। ୧୯୩୩ରେ ନିର୍ମିତ ହୋଇଥିଲା ହିନ୍ଦୀ ସିନେମା 'କର୍ମା'। ଏହାର ନାୟକ ଭାବରେ ହିମାଂଶୁ ରାୟ ଏବଂ ନାୟିକା ଭୂମିକାରେ ତାଙ୍କର ପତ୍ନୀ ସାଜିଥିବା ଦେବିକା ରାଣୀଙ୍କୁ ଦେଖିବାକୁ ମିଳିଥିଲା। ଏହି ଫିଲ୍ମରେ ଦୁହିଁଙ୍କୁ ନେଇ ଏକ କିସ୍ ଶଟ୍ ନିଆଯାଇଥିଲା, ଯାହାର ଅବଧି କେତେ ଥିଲା ଜାଣନ୍ତି ? ଚାରି ମିନିଟ୍। ଏହି ଶଟ୍‌କୁ ବଲିଉଡ୍‌ର ସର୍ବାଧିକ ସମୟବିଶିଷ୍ଟ କିସ୍ ଶଟ୍ ଭାବେ ନିଆଯାଇଛି।

ଅ|ପେ|ରା|ହା|ଲ୍|ଚା|ଲ

## ମର୍ଡର ମିଶନ ଅନ୍ତରାଳେ

'ହଁ.. ହଁ.. ମୁଁ ଅବିନାଶ, ମୋର ଆରମ୍ଭ ନାହିଁ କି ନାହିଁ ଶେଷ। ମୁଁ ଖୁସି ଥିଲେ ବିନ୍‌ଦାସ ବିଗିଡି ଗଲେ ଖଲାସ..।' ଏପରି ଏକ ମାନିଆ ଡାଏଲଗ ଏବେ ଜଲିଉଡ୍‌ରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି। ଅବିନାଶ ଜଣେ ସାଇକୋ। ମୁଣ୍ଡରେ କେବଳ ଗୋଟିଏ କଥା ବସା ବାନ୍ଧିଛି। ସୁନ୍ଦରୀ ନାରୀଟିଏ ଦେଖିଲେ ତାକୁ ଉପଭୋଗ କରି ମର୍ଡର କରିବା ଏକ ନିଶା ପାଲଟି ଯାଇଛି। ହେଲେ ଏହି ମର୍ଡର ମିଶନ ଅନ୍ତରାଳରେ କ'ଣ ଲୁଚି ରହିଛି। ଅବିନାଶ ମନରୁ ଏପରି ମାନସିକତା ଦୂର ହେଉଛି କି ନାହିଁ। ତାହାର ଉତ୍ତର ରହିଛି ଚଳିତ ଯାତ୍ରା ସିଜନରେ ଚହଳ ସୃଷ୍ଟି କରି ଦର୍ଶକାଦୃତ ହୋଇଥିବା ଅପେରା ନାଟକ 'ଗଙ୍ଗାଠୁ ପବିତ୍ର ଗଙ୍ଗଶିଉଳି'ରେ। ମହେଶ ହାଜରାଙ୍କ ନିର୍ଦ୍ଦେଶିତ ଉକ୍ତ ନାଟକ ଅପେରା ରଙ୍ଗମହଲକୁ କେତେ ମାଇଲେଜ ଦେଇଛି ତାହା କହିବା ବାହୁଲ୍ୟ। କେବଳ ସେତିକି ନୁହେଁ, ଅବିନାଶ ଭୂମିକାରେ ଟାହିଆଙ୍କ ଜବରଦସ୍ତ ଅଭିନୟ ପ୍ରଶଂସା ସାଉଁଟିବାରେ ଲାଗିଛି। ଭାଇ-ଭଉଣୀର ଅନାବିଳ ସ୍ନେହକୁ ନେଇ ଆଧାରିତ ଉକ୍ତ ନାଟକରେ ଲଭ୍, ରୋମାନ୍ସ, କମେଡି, ଥ୍ରୀଲର ଭରି ରହିଛି। କେବଳ ଟାହିଆ ନୁହନ୍ତି, ଜଲିଉଡ୍‌ର କିଙ୍ଗ୍ ଷ୍ଟାର ଭାବେ ପରିଚିତ ସୁବାସ ବେହେରାଙ୍କ ଭାଇ ଭୂମିକା ଏବଂ ମାମାଙ୍କ ଭଉଣୀ ଚରିତ୍ରରେ ଜୀବନ୍ତ ଅଭିନୟ ନାଟକଟିକୁ ଆହୁରି ସଫଳ କରି ଗଢ଼ି ତୋଳିଛି।


ଟାହିଆ

## ଆହତ ହେବା ସତ୍ତ୍ୱେ ଶଟ୍ ଦେଇଥିଲେ ଗୋବିନ୍ଦା

ବଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତା ହେଉଛନ୍ତି ଗୋବିନ୍ଦା। ଥରେ ସେ 'ଖୁଦ୍ଦାର' ଫିଲ୍ମର ଶୁଟିଂ ପାଇଁ ଯାଉଥାଆନ୍ତି। ବାଟରେ ତାଙ୍କର କାର୍ ଆକ୍ସିଡେଣ୍ଟର ସମ୍ମୁଖୀନ ହେଲା। ଏଥିରେ ଆହତ ହୋଇ ସେ ଲହୁ ଲୁହାଣ ହୋଇଥିଲେ। ହେଲେ ତାକୁ ଖାତିର ନ କରି ସେ ଶୁଟିଂ ସେଟ୍‌ରେ ପହଞ୍ଚି ଶଟ୍ ଦେଇଥିଲେ। ଗୋବିନ୍ଦାଙ୍କ ହିନ୍ଦୀ ସିନେମା କ୍ୟାରିୟର ଆରମ୍ଭ ହୋଇଥିଲା 'ଇଲଜାମ୍' ଚଳଚ୍ଚିତ୍ରରୁ। ଏ ପର୍ଯ୍ୟନ୍ତ ସେ ପ୍ରାୟ ୧୬୫ଟି ସିନେମାର ଅଭିନୟ କରି ନିଜ ଅଭିନୟ ଦକ୍ଷତାର ପରିଚୟ ଦେଇସାରିଛନ୍ତି। ତାଙ୍କର ଆକ୍ଟିଂ ହେଉ କି ବ୍ୟକ୍ତିଗତ ଜୀବନରେ ଅନେକ ରୋମାଞ୍ଚକର ଘଟଣା ଘଟିଛି। ତାଙ୍କର ସବୁଠାରୁ ପ୍ରିୟ ଅଭିନେତା ଥିଲେ ଧର୍ମେନ୍ଦ୍ର। ମିଥୁନ ଚକ୍ରବର୍ତ୍ତୀଙ୍କ ଅଭିନୀତ 'ଡିସ୍କୋ ଡ୍ୟାନ୍ସର' ଫିଲ୍ମକୁ ସେ ଅନେକ ଥର ଦେଖିଛନ୍ତି। କେବଳ ସେତିକି ନୁହେଁ, ଏଥିରୁ ଡ୍ୟାନ୍ସ ଶିଖି ସେ ନିଜକୁ ଜଣେ ନାମୀ ଡ୍ୟାନ୍ସର ଭାବରେ ପରିଚିତ କରାଇଥିଲେ। ହେଲେ ତାଙ୍କର ଗୋଟିଏ ବଦଗୁଣ ଥିଲା। ଶୁଟିଂ ସେଟ୍‌କୁ ବିଳମ୍ବରେ ଆସିବା ତାଙ୍କର ଏକ ଅଭ୍ୟାସ। ଥରେ 'ମନି ହୈ ତୋ ହନି ହୈ' ଫିଲ୍ମର ଶୁଟିଂ ସେଟ୍‌ରେ ଜଣେ ଦର୍ଶକଙ୍କୁ ଚଟକଣା ମାରି ସେ ଚର୍ଚ୍ଚିତ ହୋଇଥିଲେ। କାଦର ଖାଁଙ୍କ ସହ ୪୧ଟି ଏବଂ ଶକ୍ତି କପୁରଙ୍କ ସହ ୪୨ଟି ସିନେମାରେ ଗୋବିନ୍ଦା ଅଭିନୟ କରଛନ୍ତି। ସେ କେବଳ ଜଣେ ଅଭିନେତା ନୁହନ୍ତି ବରଂ ଜଣେ କ୍ଲାସିକ ଡ୍ୟାନ୍ସର ଭାବରେ ତାଙ୍କର ସ୍ୱତନ୍ତ୍ର ପରିଚୟ ଦେଇଛି। ୧୯୯୯ରେ ବିବିସି ନ୍ୟୁଜ୍ ଦ୍ୱାରା ହୋଇଥିବା ଅନ ଲାଇନ୍ ପୋଲ୍‌ରେ ସେ ଶ୍ରେଷ୍ଠ ଦଶ ଜଣଙ୍କ ଭିତରେ ୧୦ ମ ସ୍ଥାନରେ ସ୍ଥାନ ପାଇଥିଲେ। ଗୀତ ଗାଇବା ତାଙ୍କର ଆଉ ଏକ ହବି। 'ସୋଲା ଔର ସବନମ୍', ହସିନା ମାନ୍ ଜାୟେଗୀ', ଏବଂ 'ଆଖେଁ' ଫିଲ୍ମ ପାଇଁ ସେ କଣ୍ଠଦାନ କରିଛନ୍ତି। ନୀଲମ ଏବଂ ରାଣୀ ମୁଖାର୍ଜୀଙ୍କ ସହ ତାଙ୍କର ଆଫେୟାର୍ସ ପାଇଁ ସେ ଆଲୋଚନାର କେନ୍ଦ୍ରବିନ୍ଦୁ ସାଜିଥିଲେ। ଅନିଲ ଶର୍ମାଙ୍କ ସୁପରହିଟ୍ ଫିଲ୍ମ 'ଗଦ୍ଦର' ପାଇଁ ପ୍ରଥମେ ଗୋବିନ୍ଦାଙ୍କୁ ଅଫର ଦିଆଯାଇଥିଲା। ହେଲେ ସେ ମନା କରିବାରୁ ସନି ଦେଓଲଙ୍କୁ ସାଇନ୍ କରାଯାଇଥିଲା। ନିର୍ଦ୍ଦେଶକ ଡେଭିଡ ଧାୱନଙ୍କ ସହ ତାଙ୍କର ଯୋଡି ବେଶ୍ ଜମିଥିଲା। ଏହାର ଉଦାହରଣ ଭାବରେ 'କୁଲି ନମ୍ବର ୱାନ୍', 'ହିରୋ ନମ୍ବର ୱାନ୍', 'ସାଜନ ଚଲେ ଶଶୁରାଲ୍'କୁ ଉଦାହରଣ ଭାବରେ ନେଇପାରନ୍ତି।


ଗୋବିନ୍ଦା

| Dollar | Sensex | Nifty | Gold | Silver |
|---|---|---|---|---|
| 70.97 (28) | 221.55 ↑ 40,469.78 | 48.85 ↑ 11,966.05 | ₹301 ↓ 38,870.00 | ₹906 ↓ 46,509.00 |

ଇନ୍‌ଫୋସିସ୍ ବିଭିନ୍ନ ବେଆଇନ କାର୍ଯ୍ୟକଳାପକୁ ଖଣ୍ଡନ କରୁଛି। ଏଠାରେ ଭଗବାନ ବି କୌଣସି ହେରଫେର କରିପାରିବେ ନାହିଁ।
– ନନ୍ଦନ ନିଲେକାନୀ, ଇନ୍‌ଫୋସିସ୍ ଅଧ୍ୟକ୍ଷ



କେବଳ ଡିଜିଟାଲ ଟୁଲ୍ ନୂଆ ପ୍ରଫେସନାଲଙ୍କୁ ଗଢ଼ିବାରେ ସହାୟକ ହେବା ସହ ଅଧିକ ସଂଖ୍ୟାରେ ନିଯୁକ୍ତି ସୃଷ୍ଟି କରିବ।
– ଏନ୍.ଚନ୍ଦ୍ରଶେକରନ, ଟାଟା ସନ୍ସ ଅଧ୍ୟକ୍ଷ



## ସଂକ୍ଷେପରେ

### ୟୁବିଆଇର ଆର୍ଥିକ ଫଳାଫଳ ଘୋଷଣା

**କଲିକତା,୬-୧୧:** ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ(ୟୁବିଆଇ) ପକ୍ଷରୁ ଆର୍ଥିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ୨୦୧୯-୨୦ ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସ ଲାଗି ବ୍ୟାଙ୍କର ବୋର୍ଡ ଅଫ୍ ଡାଇରେକ୍ଟର୍ସ ଆର୍ଥିକ ଫଳାଫଳକୁ ଅନୁମୋଦନ କରିଥିବା ଜଣାପଡ଼ିଛି। ଏହି ସମୟରେ ବ୍ୟାଙ୍କର ମୋଟ କାରବାର ୨.୦୮ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଏହା ମଧ୍ୟରେ ୧.୩୪ ଲକ୍ଷ କୋଟି ଟଙ୍କାର ଜମା ରହିଥିବା ବେଳେ ୭୪,୪୭୧ କୋଟି ଟଙ୍କାର ଅଗ୍ରିମ ରହିଛି। ବ୍ୟାଙ୍କର ଜମା ୩.୩୩% ବଢ଼ିଥିବା ବେଳେ ଅଗ୍ରିମ ୧୧.୩୬% ବଢ଼ିଛି। ବ୍ୟାଙ୍କ ଏହାର ମୋଟ ବାଣିଜ୍ୟ କ୍ଷେତ୍ରରେ ୬.୦୬% ଉନ୍ନତି କରିପାରିଛି। ବ୍ୟାଙ୍କର କାସା ୬୮ ହଜାର କୋଟି ଟପିଥିବା ବେଳେ ଏହା ମୋଟ ଜମାର ୫୦.୯୨%। ଏକ୍ଷେତ୍ରରେ ଅଭିବୃଦ୍ଧି ୧୬୯ ବେସିସ ପଏଣ୍ଟ ରହିଛି। ଏହା ୧୨୩.୮୮ କୋଟିର ନେଟ୍ ଲାଭ କରିଛି। ଗତ ବର୍ଷ ସମାନ ସମୟରେ ବ୍ୟାଙ୍କ କ୍ଷତି ହାସଲ କରିଥିଲା। ଏହା ୫୯୮ କୋଟି ଟଙ୍କାର ପରିଚାଳନାଗତ ଲାଭ ହାସଲ କରିଛି। ନେଟ୍ ସୁଧ ଜନିତ ଆୟ ୭୭୨ କୋଟି ରହିଥିବା ୟୁବିଆଇ ପ୍ରକାଶ କରିଛି।

### ଉଦ୍ୟୋଗ ବିକାଶ ଦିଗରେ ସିଡ୍‌ବୀର ପଦକ୍ଷେପ

**ଭୁବନେଶ୍ୱର,୬-୧୧:** ସ୍ମଲ ଇଣ୍ଡଷ୍ଟ୍ରିଜ ଡେଭଲପମେଣ୍ଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ସିଡବୀ) ପକ୍ଷରୁ ଉଦ୍ୟୋଗ ବିକାଶ ଦିଗରେ ନୂଆ ପଦକ୍ଷେପ ଗ୍ରହଣ କରାଯାଇଛି। ଦେଶ ମଧ୍ୟରେ ବ୍ୟବସାୟ ମନୋବୃତ୍ତିକୁ ଦୃଢ଼ କରିବା ଲାଗି ଏହି ବ୍ୟାଙ୍କ ୫ଟି ରାଜ୍ୟରେ ୧୦୦ ସ୍ୱାବଲମ୍ବନ କେନ୍ଦ୍ର (ଏସ୍‌ସିକେ) ସ୍ଥାପନ କରିବାକୁ ନିଷ୍ପତ୍ତି ନେଇଛି। ଦେଶରେ ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ଲାଗି ଉଦ୍ୟୋଗୀଙ୍କ ଗଢ଼ି ତୋଳିବା ଦିଗରେ ଏଭଳି ପଦକ୍ଷେପ ସହାୟକ ହେବ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଏହି ଅଭିଯାନରେ ଓଡ଼ିଶା ସମେତ ତେଲେଙ୍ଗାନା, ଉତ୍ତରପ୍ରଦେଶ, ବିହାର ଏବଂ ଝାଡଖଣ୍ଡ ଭଳି ରାଜ୍ୟ ଯୋଡି ହୋଇଛନ୍ତି। ୭୦୦୦ ନୂତନ ସଂସ୍ଥା ସ୍ଥାପନ କରିବା ଲାଗି ଏଥିରେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି ପଦକ୍ଷେପ ଅନ୍ତର୍ଗତ ପୂର୍ବରୁ ସ୍ଥାପନ ହୋଇଥିବା ଉଦ୍ୟୋଗଗୁଡ଼ିକୁ ଆଗକୁ ବଢ଼ିବାରେ ସହାୟତା ମଧ୍ୟ ପ୍ରଦାନ କରାଯିବ।

ଉକ୍ତ ଅଭିଯାନକୁ ତ୍ୱରାନ୍ୱିତ କରିବା ଲାଗି ସିଡ୍‌ବୀ ଲେଟ୍‌ସ ଏଣ୍ଡୋର୍ସ ଡେଭଲପମେଣ୍ଟ ଭଳି ସଂସ୍ଥା ସହ ଚୁକ୍ତିରେ ସାମିଲ ହୋଇଛି। ପ୍ରାରମ୍ଭିକ ପର୍ଯ୍ୟାୟର ସଚେତନତା ବାଦ୍ ବ୍ୟବସାୟିକ ସଂସ୍ଥା ସ୍ଥାପନ, ବ୍ୟବସାୟକୁ ଆଗକୁ ବଢ଼ାଇବା ଲାଗି ସହାୟତା ଯୋଗାଣ, ଆସୁଥିବା କଲ୍‌କୁ ସୂଚନା ଭିତ୍ତିକ ଲିଡ୍‌ରେ ପରିବର୍ତ୍ତନ କରିବା, ଉପଯୁକ୍ତ ପରିଚାଳନା ଅଭାବର ମ୍ୟାପିଂ ଏବଂ ଋଣ ପ୍ରାପ୍ତି ସହାୟତା ଭଳି ବିଭିନ୍ନ ଦିଗରେ ଏହା କାର୍ଯ୍ୟ କରିବ। ସଚେତନତାଠାରୁ ଉପରକୁ ଉଠି ବ୍ୟବସାୟିକ ସ୍ୱପ୍ନକୁ ବାସ୍ତବ କରିବା ଦିଗରେ ଏହା ଏକ ପ୍ରମୁଖ ଅଭିଯାନ ବୋଲି ସିଡ୍‌ବୀର ଏମ୍‌ଡି ମହମ୍ମଦ ମୁସ୍ତାଫା କହିଛନ୍ତି।

# ଭିଆର୍‌ଏସ୍ ସ୍କିମ୍ ଆଣିଲା ବିଏସ୍‌ଏନ୍‌ଏଲ୍

ନୂଆଦିଲ୍ଲୀ,୬-୧୧

ଭାରତ ସଞ୍ଚାର ନିଗମ ଲିମିଟେଡ(ବିଏସ୍‌ଏନ୍‌ଏଲ୍) ଏହାର କର୍ମଚାରୀଙ୍କ ଲାଗି ସ୍ୱେଚ୍ଛାକୃତ ଅବସର ଯୋଜନା ( ଭିଆର୍‌ଏସ୍)ର ଆରମ୍ଭ କରିଛି। କ୍ଷତିରେ ଚାଲୁଥିବା ଏହି କମ୍ପାନୀର ପୁନରୁଦ୍ଧାର ଯୋଜନାକୁ ସରକାର ନିକଟରେ ମଞ୍ଜୁରୀ ପ୍ରଦାନ କରିଥିଲେ। ଏହି ପଦକ୍ଷେପ ଅନ୍ତର୍ଗତ ଉକ୍ତ ଯୋଜନାକୁ କମ୍ପାନୀ ଆରମ୍ଭ କରିଥିବା ଜଣାପଡ଼ିଛି। ଏହି ଯୋଜନାର ଲାଭ ୭୦ରୁ ୮୦ ହଜାର କର୍ମଚାରୀ ନେବେ ବୋଲି ବିଏସ୍‌ଏନ୍‌ଏଲ୍ ଆଶାବାଦୀ ରହିଛି। ଏହା ଦ୍ୱାରା ମଞ୍ଜୁରୀ ବିଲ୍ ବାବଦକୁ କମ୍ପାନୀ ପ୍ରାୟ ୭,୦୦୦ କୋଟି ଟଙ୍କା ସଞ୍ଚୟ କରିବାକୁ ସକ୍ଷମ ହେବ ବୋଲି କୁହାଯାଇଛି। ନଭେମ୍ବର ୪ଠାରୁ ଡିସେମ୍ବର ୩ ମଧ୍ୟରେ ଏହା ଖୋଲାରହିବ। ଭିଆର୍‌ଏସ୍ ଅଫରିଂ ନେଇ କର୍ମଚାରୀଙ୍କୁ ସୂଚନା ଦେବାକୁ ଫିଲ୍ଡ ୟୁନିଟ ଗୁଡ଼ିକୁ କୁହାଯାଇଥିବା ବିଏସ୍‌ଏନ୍ ଏଲ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ପି.କେ. ପରୱାର ବୁଧବାର କହିଛନ୍ତି।

କମ୍ପାନୀରେ ବର୍ତ୍ତମାନ ୧.୫୦ ଲକ୍ଷ କର୍ମଚାରୀ ଅଛନ୍ତି। ଏମାନଙ୍କ ମଧ୍ୟରୁ ପ୍ରାୟ ୧ ଲକ୍ଷ ଭିଆର୍‌ଏସ୍ ନେବାକୁ ଯୋଗ୍ୟ ବିବେଚିତ ହୋଇପାରିବେ। ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ଏହା ସର୍ବୋତ୍ତମ ଭିଆର୍‌ଏସ୍ ହୋଇଥିବା ବେଳେ କର୍ମଚାରୀମାନେ ସକାରାତ୍ମକ ଭାବେ ଏହାକୁ ଗ୍ରହଣ କରିବାକୁ ପରୱାର କହିଛନ୍ତି। ୫୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବିଏସ୍‌ଏନ୍‌ଏଲ୍‌ର କର୍ମଚାରୀ, ନିୟମିତ ତଥା ସ୍ଥାୟୀ କର୍ମଚାରୀ, ଅନ୍ୟ ସ୍ଥାନରେ ଡେପୁଟେଶନରେ କାର୍ଯ୍ୟକରୁଥିବା କମ୍ପାନୀର କର୍ମଚାରୀ ଏହି ସ୍କିମ୍ ଗ୍ରହଣ ଲାଗି ଯୋଗ୍ୟ ବିବେଚିତ ହେବ। ସେହିଭଳି ଏମ୍‌ଟିଏନ୍ ଏଲ୍ ମଧ୍ୟ ଭିଆର୍‌ଏସ୍ ହାତକୁ ନେଇଛି।




- ୭୦ରୁ ୮୦ ହଜାର କର୍ମଚାରୀ ଲାଭ ନେଇପାରିବେ
- ଡିସେମ୍ବର ୩ ଯାଏ ସମୟ ଅବଧି
- ୧୭,୧୬୦ କୋଟି ଟଙ୍କାର ପ୍ୟାକେଜ
- ଏମ୍‌ଟିଏନ୍‌ଏଲ୍ ମଧ ଦେଉଛି ଭିଆର୍‌ଏସ୍ ପ୍ୟାକେଜ

ଏହା ଗୁଜରାଟ ମଡେଲ ଭିଆରଏସ୍ ହୋଇଥିବା ଏହାର ଲାଭ କର୍ମଚାରୀମାନେ ଡିସେମ୍ବର ୩ ତାରିଖ ଯାଏ ନେଇ ପାରିବେ। କମ୍ପାନୀର ସ୍ଥାୟୀ କର୍ମଚାରୀ ଏବଂ ବୟସ ୫୦ ବର୍ଷରୁ ଉର୍ଦ୍ଧ୍ୱ ହୋଇଥିଲେ ଏହି ସ୍କିମ ଲାଭ ନେବାକୁ କୁହାଯାଇଛି।

ସରକାର ଗତ ମାସରେ ବିଏସ୍‌ଏନ୍‌ଏଲ୍ ଏବଂ ଏମ୍‌ଟିଏନ୍‌ଏଲ୍ ଲାଗି ୬୯,୦୦୦ କୋଟି ଟଙ୍କାର ପୁନରୁଦ୍ଧାର ଯୋଜନା ଘୋଷଣା କରିଥିଲେ। କ୍ଷତିରେ ଚାଲୁଥିବା ଏହି ୨ କମ୍ପାନୀର ମିଶ୍ରଣ, ସମ୍ପତ୍ତିର ମୁଦ୍ରାକରଣ, କର୍ମଚାରୀଙ୍କୁ ଭିଆର୍‌ଏସ୍ ଯୋଜନା ନେଇ ପ୍ରସ୍ତାବ ରହିଛି। ଆଗାମୀ ବର୍ଷଗୁଡ଼ିକରେ ଏହି କମ୍ପାନୀକୁ ଏକ ଲାଭବାନ କମ୍ପାନୀଭାବେ ଗଢ଼ି ତୋଳିବା ଲାଗି ବିଭିନ୍ନ ଯୋଜନା ହାତକୁ ନିଆଯାଉଥିବା ସରକାରଙ୍କ ପକ୍ଷରୁ ସୂଚନା ରହିଛି। କମ୍ପାନୀକୁ ସରକାର ୪ଜି ସ୍ପେକ୍ଟ୍ରମ କ୍ରୟ ଲାଗି ୨୦,୧୪୦ କୋଟି ଟଙ୍କା ପ୍ରଦାନ କରିବେ। ସ୍ପେକ୍ଟ୍ରମ ଦେୟ ପ୍ରଦାନ ବେଳେ ୩,୬୭୪ କୋଟି ଟଙ୍କାର ଜିଏସ୍‌ଟି ପ୍ରଦାନ ନେଇ ପାଣ୍ଠି ବ୍ୟବସ୍ଥା ସରକାର କରିବେ।



ଚନ୍ଦ୍ରଶେଖରପୁରସ୍ଥିତ ତନିଷ୍କ ଶୋ'ରୁମ୍‌ରେ ବିଭିନ୍ନ କଲେକ୍ସନ୍‌ର ପ୍ରଦର୍ଶନ କରାଯାଉଛି।

# ତନିଷ୍କ ପକ୍ଷରୁ ୱେଡ଼ିଂ ଅଫର ଘୋଷଣା

ଭୁବନେଶ୍ୱର,୬-୧୧(ବ୍ୟୁରୋ)

ପ୍ରମୁଖ ଜୁଏଲେରି ବ୍ରାଣ୍ଡ ତନିଷ୍କ ପକ୍ଷରୁ ୱେଡ଼ିଂ ଅଫର ଘୋଷଣା କରାଯାଇଛି। ବିବାହ ସମୟରେ ଗହଣା କ୍ରୟକୁ ଅଧିକ ଆକର୍ଷଣୀୟ କରିବା ଦିଗରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ସ୍ଥାନୀୟ ଚନ୍ଦ୍ରଶେଖରପୁରସ୍ଥିତ ତନିଷ୍କ ଶୋ'ରୁମଠାରେ ଏହି ଅଫରକୁ ଆରମ୍ଭ କରାଯାଇଛି। ଏଥିରେ ଗ୍ରାହକମାନେ ସୁନା ଗହଣା ଗଢ଼ା ମୂଲ୍ୟ ଉପରେ ୨୫% ପର୍ଯ୍ୟନ୍ତ ରିହାତି ଲାଭ କରିପାରିବେ। ନଭେମ୍ବର ପହିଲାରୁ ଆସନ୍ତା ମାସ ୧୫ ଯାଏ ଏହି ଅଫରର ଲାଭ ଗ୍ରାହକ ନେଇପାରିବେ। ଏହି ସମୟରେ କମ୍ପାନୀ ଅଧିକ ଡିଜାଇନର ଗହଣା ସହ ଶୁଦ୍ଧତା ପ୍ରଦାନ କରୁଛି।

ଏହି ଅବସରରେ କମ୍ପାନୀ ରିଭା କଲେକ୍ସନ, ରିଭା ଡାଇମଣ୍ଡସ ବ୍ରାଇଡସ କଲେକ୍ସନ, ଅହଲ୍ୟା କଲେକ୍ସନ, ରେଡ କାର୍ପେଟ କଲେକ୍ସନ, ସ୍ୱୟମ, ଉତ୍ସବ, ଲାବଣ୍ୟମ, ଗୁଲନାଜ, ପ୍ରୀନ ଏବଂ ଆଭିର ଭଳି ସ୍ୱତନ୍ତ୍ର ଡିଜାଇନ ଗହଣା ପ୍ରଦାନ କରୁଛି। ଟାଇଟାନର ପ୍ରମାଣନ ଏବଂ ଟାଟା ଗ୍ରୁପ ଭରସାର ପ୍ରତିଫଳନ ଗ୍ରାହକ ଏଠାରେ ଲାଭ କରିପାରିବେ। ଶୋ'ରୁମଗୁଡ଼ିକରେ ଷ୍ଟେଟ ଅଫ୍ ଆର୍ଟ କ୍ୟାରେଟ ମିଟର ସୁବିଧା, ୨୨ ଏବଂ ୧୮ କ୍ୟାରେଟ ଗହଣା, ୫ ହଜାରରୁ ଉର୍ଦ୍ଧ୍ୱ ପାରମ୍ପରିକ, ପାଶ୍ଚାତ୍ୟ ଓ ଫ୍ୟୁଜନ ଗହଣା ପ୍ରଦାନ କରାଯାଉଥିବା ତନିଷ୍କ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମ ଅବସରରେ ଶୋ'ରୁମ ଫ୍ରାଞ୍ଚାଇଜ ଓନର ମାନିକ ହଂସଙ୍କ ସମେତ କମ୍ପାନୀର ଅଧିକାରୀମାନେ ଉପସ୍ଥିତ ଥିଲେ।

# ଯଥେଷ୍ଟ ଜରୁରିକାଳୀନ ପାଣ୍ଠି ରଖିବା ବୁଦ୍ଧିମତ୍ତା ହେବ

## ଅର୍ଥର ଅର୍ଥ



Rupkumar Pradhan
**CERTIFIED FINANCIAL PLANNER CM, CHARTERED WEALTH MANAGER**
"Director, SmartFin Wealth Management Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

**ଏକ ଘରୋଇ ଆଇଟି କମ୍ପାନୀରେ କାମ କରୁଛି। ମୋର ବୟସ ୩୪ ବର୍ଷ। ବିବାହିତ ଓ ମୋର ୧ ବର୍ଷର ଝିଅଟିଏ ଅଛି। ଏପର୍ଯ୍ୟନ୍ତ ଜୀବନରେ ବିଶେଷ କିଛି ସଞ୍ଚୟ କରିନାହିଁ। ମୋର ମାସିକ ବ୍ୟାଙ୍କ ଋଣ କିସ୍ତି ପାଖାପାଖି ମାସିକ ଆୟରୁ ଅଧିକ ରାଶି କିସ୍ତି ପଇଠ କରିବାରେ ଚାଲି ଯାଉଛି। ଏ ମାସିକ ଋଣ କିସ୍ତିରୁ କିପରି ବାହାରିବି? ଏ ଋଣ ଯନ୍ତାରୁ ବାହାରିବାକୁ କଣ ସବୁ ପଦକ୍ଷେପ ନେବାକୁ ପଡିବ?**

–ବିଦ୍ୟାଧର ମାନସିଂ, ଭୁବନେଶ୍ୱର

▶ ବେଳେବେଳେ କିଛି ଅସଂଯୋଜିତ ଘଟଣା ଆମ ଜୀବନରେ ଘଟିଥାଏ। ଉଦାହରଣ ସ୍ୱରୂପ ଆକସ୍ମିକ ଚିକିତ୍ସାଗତ ଖର୍ଚ୍ଚ, ଚାକିରି ଚାଲିଯିବା ଏବଂ ମାସିକ ଦରମା ବିଳମ୍ବରେ ମିଳିବା ପରିସ୍ଥିତିରେ ଜଣେ ବ୍ୟକ୍ତି ନିଜର ଋଣ ପରିଶୋଧ କରିବାର କ୍ଷମତାଠାରୁ ଅଧିକ ରାଶି ଋଣ କରିଥାଏ। ଏହି ସବୁ ପରିସ୍ଥିତି ହିଁ ଋଣ ଯନ୍ତାରେ କବଳିତ ହେବାର ପ୍ରଥମ ସୋପାନ। ଏଭଳି ହଠାତ୍ ଆକସ୍ମିକ ଖର୍ଚ୍ଚସବୁ ଠାରୁ ଦୂରରେ ରହିବା ପାଇଁ ଆପଣଙ୍କୁ ଯଥେଷ୍ଟେ ପରିମାଣର ଏକ ଜରୁରିକାଳୀନ ପାଣ୍ଠି ଚଳାଇବା ଉଚିତ୍ ହେବ। କିନ୍ତୁ ବେଳେବେଳେ ଅତି ଧୀର ଭାବରେ କ୍ରମଶଃ ଏକ ଋଣ ଯନ୍ତାରେ ଫସିଯିବା ଆପଣଙ୍କ ପାଇଁ ଏକ ଭୟଙ୍କର ପରିସ୍ଥିତି ସୃଷ୍ଟି କରିବାର ପ୍ରମାଣିତ ହୋଇଯିବ। ଯାହାକି ଅଲକ୍ଷିତ ଭାବରେ ହୋଇଯିବ ଏବଂ ପରେ ବହୁତ ବିଳମ୍ବ ହୋଇ ସାରିଥିବ। ଋଣ ଯନ୍ତାରେ ଫସିବାରେ ଅନେକ କିଛି ଲକ୍ଷଣ ଅଛି। ପ୍ରଥମତଃ ଯେତେବେଳେ ମାସିକ ଖର୍ଚ୍ଚସବୁ ପାଇଁ ଋଣ କରିବାକୁ ପଡିଥାଏ। ଅନେକ କିଛି ଲକ୍ଷଣ ଅଛି ଯାହାକି ଅସ୍ୱାସ୍ଥ୍ୟକର ବ୍ୟକ୍ତିଗତ ଆର୍ଥିକ ପରିଚାଳନା ସବୁ:-

➞ କ୍ରେଡିଟ୍ କାର୍ଡର ବିଲ୍ ଚାଲୁ ରଖିବା- କ୍ରେଡିଟ୍ କାର୍ଡ ବିଲ୍ ସମୁଦାୟ ପଇଠ ନ କରି ପରବର୍ତ୍ତି ମାସ ପରେ ମଧ୍ୟ ଚାଲୁ ରଖିବା। ଯାହାକି ଆପଣଙ୍କୁ ବାର୍ଷିକ ୩୬-୪୦% ସୁଧ ପଇଠ କରିବାକୁ ପଡିଥାଏ।

➞ ଏକ ଋଣକୁ ଅନ୍ୟ ଏକ ଋଣ କରି ପଇଠ କରିବା- ଏକ ଋଣ ପଇଠ କରିବାକୁ ଅନ୍ୟ ଏକ ଋଣ କରିବା ଦ୍ୱାରା କ୍ରେଡିଟ୍ କାର୍ଡ ବାଲାନ୍ସ ଏକ କାର୍ଡରୁ ଅନ୍ୟ କାର୍ଡକୁ ସ୍ଥାନାନ୍ତର କରିବା କିମ୍ବା ବ୍ୟକ୍ତିଗତ ଋଣ କରିବା।

➞ କ୍ରେଡିଟ୍ କାର୍ଡରେ ନଗଦ ରାଶି ଅଗ୍ରିମ ନେବା- କ୍ରେଡିଟ୍ କାର୍ଡରୁ ଅଗ୍ରୀମ ନଗଦ ନେବା ହେଉଛି ସବୁଠାରୁ ଅତ୍ୟନ୍ତ ଖରାପ ଯାହାକି ବହୁତ ସୁଧହାର ଥାଏ।

➞ ମାସିକ ଆୟର ଅଧାରୁ ମାସିକ ଋଣ କିସ୍ତି ଅଧିକ

➞ ସ୍ଥାୟୀ ଖର୍ଚ୍ଚ ମାସିକ ଆୟରୁ ଅଧିକ

➞ ଭବିଷ୍ୟତର ମାସିକ ଆୟକୁ ଲକ୍ଷ୍ୟ ରଖି ଏବେଠୁ ଋଣ କରିବା।

➞ ଜୀବନର ଦୈନନ୍ଦିନ ଖର୍ଚ୍ଚସବୁ କରିବା ପାଇଁ ସଞ୍ଚୟ ବ୍ୟବହାର କରିବା।

ଜଣେ ବ୍ୟକ୍ତି ଜୀବନରେ କିଛି ଋଣ କରିଥାନ୍ତି ଋଣ ସବୁ ଭଲ ଋଣ ଯଥା- ଘର କରିବା ପାଇଁ ଋଣ, ପାଠ ପଢ଼ା ପାଇଁ ଋଣ କିମ୍ବା ଏକ ଆକସ୍ମିକ ଚିକିତ୍ସାଗତ ଖର୍ଚ୍ଚ ପାଇଁ ଋଣ। କିଛି ଋଣ ବହୁତ ଖରାପ ଋଣ ଯଥା କ୍ରେଡିଟ୍ କାର୍ଡ ଋଣ ଇତ୍ୟାଦି। ଆମର ପରାମର୍ଶ ଆପଣ ନିଜର ଆୟବ୍ୟୟ କରି ଏକ ବଜେଟ୍ ପ୍ରସ୍ତୁତ କରନ୍ତୁ ଓ ଆସନ୍ତା ୩-୪ ବର୍ଷ ଭିତରେ ଏ ଋଣ ଯନ୍ତା ବାହାରି ଆସିବା ପାଇଁ ଏକ ବଳିଷ୍ଠ ରଣନୀତି ଅନୁଯାୟୀ ପଦକ୍ଷେପ ନିଅନ୍ତୁ। ସବୁଠାରୁ ଭଲ ହେବ ଆପଣ ଜଣେ ଦକ୍ଷ ଓ ଅଭିଜ୍ଞ ପରାମର୍ଶଦାତାଙ୍କ ପରାମର୍ଶ ନେବା ଉଚିତ ହେବ।

**ମୋର ଅବସରକାଳୀନ ପାଣ୍ଠିରୁ କିଛି ଟଙ୍କା କେନ୍ଦ୍ର ସରକାରଙ୍କ ବଣ୍ଡରେ ନିବେଶ କରିବାକୁ ଚାହୁଁଛି। ଏବେ କିଛି ବଣ୍ଡ ଅଛି କି ଓ ଏହାର ସୁଧହାର କେତେ ? ଆୟକର ପ୍ରଭାବ କଣ ରହିବ?**

–ମାଳତୀ ରାଣୀ ମିଶ୍ର, ଅନୁଗୁଳ

▶ ହଁ ବର୍ତ୍ତମାନ କେନ୍ଦ୍ର ସରକାର ବଣ୍ଡ ବଜାରରେ ଉପଲବ୍ଧ ଅଛି। ଏହି ବଣ୍ଡରେ ଆପଣ ବାର୍ଷିକ ୭.୭୫% ସୁଧହାର ପାଇବେ ଯାହାକି ବ୍ୟାଙ୍କ ସ୍ଥାୟୀ ଜମା ସୁଧହାର ଠାରୁ ଅଧିକ ଅଛି। ଏହି ବଣ୍ଡରେ ଆପଣ ୧୦୦୦ ଟଙ୍କା ସର୍ବନିମ୍ନ କିମ୍ବା ତଦୁର୍ଦ୍ଧ୍ୱ ୧୦୦୦ ଟଙ୍କା ଗୁଣିତିକ ହିସାବରେ ନିବେଶ କରିପାରିବେ। ୭ ବର୍ଷ ପରେ ଆପଣ ପରିପକ୍ୱ ରାଶି ପାଇବେ। ଆପଣ ୧୦୦୦ ଏକ ବଣ୍ଡ କିଣି ୭ ବର୍ଷ ପରେ ବାର୍ଷିକ ୭.୭୫% ହିସାବରେ ୧୭୦୩ ଟଙ୍କା ପରିପକ୍ୱ ରାଶି ପାଇପାରିବେ। ଯଦି ଆପଣ ଇଚ୍ଛା କରନ୍ତି ସୁଧରାଶି ନେବା ପାଇଁ ତେବେ ଅର୍ଦ୍ଧ ବାର୍ଷିକ ହିସାବରେ (ପ୍ରତ୍ୟେକ ବର୍ଷ ୧ ଫେବୃୟାରି ଓ ୧ ଅଗଷ୍ଟ ତାରିଖରେ) ପାଇବେ। ଏହି ବଣ୍ଡର ସୁଧ ରାଶି ଆୟ ଉପରେ ଆୟକର ଦେବାକୁ ପଡିବ।

**ମୋର ମାସିକ ରୋଜଗାର ମାତ୍ର ୭୦୦୦-୮୦୦୦ ଟଙ୍କା ମାସିକ ୫୦୦ ଟଙ୍କା ସଞ୍ଚୟ କରିବାକୁ ଚାହୁଁଛି। ରିସ୍କି ନେବା ପାଇଁ ଚାହୁଁ ନାହିଁ। ବ୍ୟାଙ୍କ ଆର୍‌ଡି ଠିକ୍ ହେବ କି ?**

–ସନାତନ ମାଝି, ବାଲେଶ୍ୱର

▶ ଆପଣ ଡାକଘର ପୌନଃପୁନିକ ଜମାଖାତାରେ ସଞ୍ଚୟ କରନ୍ତୁ। ଏହି ସ୍କିମରେ ମାସିକ ୭.୫% ସୁଧହାର ହିସାବରେ ତ୍ରୈମାସିକ ଚକ୍ରବୃଦ୍ଧି ସୁଧହାର ମିଳିଥାଏ ମାସିକ ୫୦୦ ସଞ୍ଚୟ କରିପାରିବେ। ଏହି ସ୍କିମରେ ସର୍ବନିମ୍ନ ଜମା ପରିମାଣ ୧୦ ଟଙ୍କା କିମ୍ବା ୫ ଟଙ୍କାର ଗୁଣିତକ ଏବଂ ସର୍ବୋଚ୍ଚ ସୀମା ନାହିଁ। ୫ ବର୍ଷ ପର୍ଯ୍ୟନ୍ତ ଏହି ସ୍କିମରେ ଜମା କରିପାରିବେ ଚାହିଁଲେ ଏହାକୁ ଆଉ ୫ବର୍ଷ ବଢ଼ା ଯାଇପାରିବ। ଏବେଠୁ ସଞ୍ଚୟ ଆରମ୍ଭ କରନ୍ତୁ।

**ଆମ ଠିକଣା**
**ବିଜ୍‌ନେସ ଧରିତ୍ରୀ**
**ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ,**
**ଭୁବନେଶ୍ୱର - ୧୦**

NATIONAL HEALTH MISSION | NATIONAL CANCER AWARENESS DAY 7TH NOVEMBER

## ଜାତୀୟ କର୍କଟ ରୋଗ ସଚେତନତା ଦିବସ
### ୭ ନଭେମ୍ବର, ୨୦୧୯

ବହୁଦିନ ଧରି କ୍ଷତ ନଶୁଖିବା, ଦୀର୍ଘଦିନ ଧରି ରକ୍ତସ୍ରାବ, ସ୍ତନରେ ଏକ ବା ଏକାଧିକ ଗେଟାଳି/ଗୁଳା ଜଣା ପଡିବା, ଖାଦ୍ୟ ଖାଇବା ବେଳେ କଷ୍ଟ ଅନୁଭବ କରିବା ବା ହଜମ ନହେବା, ଦେହରେ ଥିବା ଭାତୁଡ଼ି କିମ୍ବା ଜାଇରେ ଶୀଘ୍ର ପରିବର୍ତ୍ତନ ଘଟିବା ଓ ବୃଦ୍ଧି ହେବା, ସ୍ୱରରେ ପରିବର୍ତ୍ତନ ଏବଂ କାଶିଲାବେଳେ କଷ୍ଟ ହେବା, ପାଟି ଭିତରେ ଘା' କିମ୍ବା ମାଂସ ବୃଦ୍ଧି ହେବା, କ୍ରମାଗତ ଭାବେ ମୁଣ୍ଡବ୍ୟଥା ଓ ବାନ୍ତି ହେବା ଇତ୍ୟାଦି କର୍କଟ ରୋଗର ଲକ୍ଷଣ ହୋଇପାରେ।

**ପ୍ରତିରୋଧର ଉପାୟ:**

- କୌଣସି ପ୍ରକାର ତମାଖୁ ସେବନରୁ ନିବୃତ୍ତ ରହିବା
- ମାଦକଦ୍ରବ୍ୟ ବା ନିଶା ସେବନ ନକରିବା
- ନିୟମିତ ସ୍ତନ୍ୟପାନ କରାଇବା
- ନିରାପଦ ଯୌନ ଓ ପ୍ରଜନନ ଅଭ୍ୟାସକୁ ଆପଣାଇବା
- ସ୍ୱାସ୍ଥ୍ୟକର ଖାଦ୍ୟାଭ୍ୟାସ ଜାରି ରଖିବା
- ସୁସ୍ଥ ଜୀବନଶୈଳୀ ଆପଣାଇବା
- ନିୟମିତ ସ୍ୱାସ୍ଥ୍ୟପରୀକ୍ଷା କରାଇବା

ପ୍ରାଥମିକ ଅବସ୍ଥାରେ କର୍କଟ ରୋଗ ନିଶ୍ଚିତ ଆରୋଗ୍ୟସାଧ୍ୟ

ଏ ସମ୍ପର୍କରେ ଅଧିକ ସୂଚନା ପାଇଁ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର, କିମ୍ବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହ ଯୋଗାଯୋଗ କରନ୍ତୁ।

ଆସନ୍ତୁ ଆମେ ବ୍ୟକ୍ତିଗତ ଓ ସାମୂହିକ ସ୍ତରରେ ପ୍ରୟାସ ଜାରିରଖି କର୍କଟ ମୁକ୍ତ ସମାଜ ଗଠନରେ ସାମିଲ୍ ହେବା।

Facebook.com | http://www.health.odisha.gov.in | HFWOdisha

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

DSPL-145
10003/13/0050/1920

**OFFICE OF THE DISTRICT LEGAL SERVICES AUTHORITY, RAYAGADA**

**DATED: 05.11.2019**

The written examination for the posts of Junior Clerk/Junior Clerk-cum-Typist is scheduled to be held on 08.12.2019 at 10.00 A.M. onwards at Women's College, Rayagada. Candidates are requested visit the websites http://ecourts.gov.in/odisha/rayagada/recruitment and Rayagada District web portal www.rayagada.nic.in to download admit cards and further information.

**Sd./- Secretary**
**District Legal Services Authority**
**Rayagada**

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ : (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ : www.oshb.org

ପ୍ରତ୍ର ସଂଖ୍ୟା.30 **ବିଜ୍ଞାପନ** ତା. : 24.10.19

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତା ତାଙ୍କର ସ୍ୱାମୀ ଓ ପୁତ୍ରଙ୍କୁ ଉକ୍ତ ସମ୍ପତ୍ତିର ଯୁଗ୍ମ ଆବଣ୍ଟନଗ୍ରାହୀ ହିସାବରେ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିପାଇଁ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ।

| କ୍ର. ନଂ. | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ସମ୍ପତ୍ତି ବିବରଣୀ | ଯୁଗ୍ମ ଆବଣ୍ଟନକାରୀଙ୍କ ନାମ ଦରଜ |
|---|---|---|---|
| ୧ | ଶ୍ରୀମତୀ ବନଲତା ସାହୁ ସ୍ୱା-ଭାଗିରଥୀ କୁଅଁର | ଏଚ୍.ଆଇ.ଜି-ବି-୭୩ ଛେଣ୍ଡ କଲୋନୀ ତୃତୀୟ ପର୍ଯ୍ୟାୟ ରାଉରକେଲା | ୧) ଭାଗିରଥୀ କୁଅଁର ପି-ଦୀନବନ୍ଧୁ କୁଅଁର |
| ୨. | ଅବଶେଷ କୁଅଁର ପି-ଭାଗିରଥୀ କୁଅଁର ଗ୍ରା-ଅସ୍ତକ ପୋ-ଗୋପବନ୍ଧୁନଗର ଥା-ଧୁସୁରୀ, ଜି-ଭଦ୍ରକ | | ୨) ପରିଶେଷ କୁଅଁର ପି-ଭାଗିରଥୀ କୁଅଁର |

ସ୍ୱା- ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା



"ଜଣେ ଉଦୀୟମାନ ଖେଳାଳିଙ୍କୁ ଦିନିକିଆ ଏବଂ ଟେଷ୍ଟ ଦଳରେ ସ୍ଥାନ ଦେବା ପୂର୍ବରୁ ତାଙ୍କର ଟି୨୦ରେ ପରୀକ୍ଷା କରାଇନେବା ଉଚିତ୍ ।"
–ରୋହିତ ଶର୍ମା, ଭାରତୀୟ ଟି୨୦ ଦଳର କାମଚଳା ଅଧିନାୟକ

"ପିଲାଦିନର କୋଚ୍ ସନ୍ଦୀପ ଗୁପ୍ତାଙ୍କୁ ଛାଡ଼ି ସନ୍ମୟ ପରାଞ୍ଜପେଙ୍କ ନିକଟରେ ତାଲିମ ନେବା ପରେ ମୋ ପ୍ରଦର୍ଶନରେ ଏବେ ଉନ୍ନତି ଘଟିଛି ।"
–ମନିକା ବାତ୍ରା, ଭାରତୀୟ ଟେବୁଲ ଟେନିସ ଖେଳାଳି



## ସଂକ୍ଷେପରେ

### ସାଇନାଙ୍କ ବିଦାୟ, ଆଗେଇଲେ କାଶ୍ୟପ, ପ୍ରଣୀଥ

ଫୁଝୋଉ(ଚାଇନା),୬।୧୧(ପିଟି)- ଷ୍ଟାର ଭାରତୀୟ ଶଟଲର ପି. ଭି. ସିନ୍ଧୁଙ୍କ ପରେ ସାଇନା ନେହ୍ୱାଲ ମଧ ଚଳିତ ଚାଇନା ଓପନର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଅନ୍ୟପକ୍ଷରେ ୭ ଲକ୍ଷ ଆମେରିକୀୟ ଡଲାର ପୁରସ୍କାର ରାଶି ବିଶିଷ୍ଟ ଟୁର୍ନାମେଣ୍ଟରେ ପାରୁପଲ୍ଲୀ କାଶ୍ୟପ ଓ ବି. ସାଇ ପ୍ରଣୀଥ ଆଗକୁ ବଢ଼ିଛନ୍ତି। ବିଶ୍ୱର ୯ମ ର୍‌ୟାଙ୍କ ସାଇନା ୯-୨୧, ୧୨-୨୧ ଗେମ୍‌ରେ ଘରୋଇ ଫେଭରାଇଟ୍ କାଇ ୟ୍ୟାନ ୟ୍ୟାନଙ୍କଠାରୁ ପରାସ୍ତ ହୋଇଛନ୍ତି। ମ୍ୟାଚ୍‌ରେ ସାଇନା ମାତ୍ର ୨୪ ମିନିଟ୍ ପର୍ଯ୍ୟନ୍ତ ତିଷ୍ଠି ରହିଥିଲେ। ତାଙ୍କ ସ୍ୱାମୀ ତଥା ବ୍ୟକ୍ତିଗତ କୋଚ୍ କାଶ୍ୟପ ପୁରୁଷ ସିଙ୍ଗଲ୍ସ ବର୍ଗର ପ୍ରଥମ ରାଉଣ୍ଡରେ ଥାଇଲାଣ୍ଡ ସିତ୍ତିକମ ଥାମାସିନଙ୍କୁ ସିଧାସଳଖ ସେଟ୍‌ରେ ହରାଇ ଦେଇଛନ୍ତି। ପୂର୍ବତନ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ କାଶ୍ୟପ ମ୍ୟାଚ୍‌କୁ ୨୪-୧୪, ୨୧-୧୩ ଗେମ୍‌ରେ ଜିତି ନେଇଛନ୍ତି। ସେ ପରବର୍ତ୍ତୀ ମ୍ୟାଚ୍‌ରେ ଡେନମାର୍କର ଭିକ୍ଟର ଆକ୍ସେଲସନଙ୍କୁ ଭେଟିବେ। ଅନ୍ୟ ଏକ ମ୍ୟାଚ୍‌ରେ ବିଶ୍ୱ ଚାମ୍ପିୟନଶିପ୍‌ର ବ୍ରୋଞ୍ଜ ପଦକଧାରୀ ପ୍ରଣୀଥ ଇଣ୍ଡୋନେସିଆର ଟମି ସୁଗିଆର୍ତୋଙ୍କୁ ୧୫-୨୧, ୨୧-୧୨, ୨୧-୧୦ ଗେମ୍‌ରେ ପରାସ୍ତ କରିଛନ୍ତି। ବିଶ୍ୱର ୧୧ତମ ର୍‌ୟାଙ୍କ ପ୍ରଣୀଥ ପରବର୍ତ୍ତୀ ରାଉଣ୍ଡରେ ଡେନମାର୍କର ୪ର୍ଥ ସିଡ୍ ଆଣ୍ଡ୍ରେସ ଆଣ୍ଟୋସେନଙ୍କ ସହ ମୁକାବିଲା କରିବେ। ମିକ୍ସଡ୍ ଡବଲ୍ସ ବର୍ଗରେ ପ୍ରଣବ ଜେରୀ ଚୋପ୍ରା ଓ ସିକ୍କି ରେଡ୍ଡୀଙ୍କ ଯୋଡ଼ି ମଧ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ୨୯ ବର୍ଷୀୟ ସାଇନା ଏବେ ଫିଟ୍‌ନେସ ସମସ୍ୟା ଦେଇ ଗତି କରୁଛନ୍ତି। ସେ ଗତ ୩ଟି ଟୁର୍ନାମେଣ୍ଟର ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇ ଆସୁଛନ୍ତି।

### ଦିଲ୍ଲୀ କ୍ୟାପିଟାଲ୍ସ ସହ ଅଶ୍ୱିନଙ୍କ ଡିଲ୍ ଶେଷ



ନୂଆଦିଲ୍ଲୀ,୬।୧୧- ଗତ ଦୁଇ ସିଜନ ହେଲା କିଙ୍ଗ୍ସ ଏକାଦଶ ପଞ୍ଜାବ ଦଳର ନେତୃତ୍ୱ ନେଉଥିବା ବରିଷ୍ଠ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ସହ ଦିଲ୍ଲୀ କ୍ୟାପିଟାଲ୍ସ ଡିଲ୍ ଶେଷ କରି ଦେଇଛି। ଏ ନେଇ ଖୁବ ଶୀଘ୍ର ଘୋଷଣା ହେବା ନିକଟରେ ପଞ୍ଜାବ ଫ୍ରାଞ୍ଚାଇଜର ସହମାଲିକ ନେସ ୱାଡିଆ ଅଶ୍ୱିନଙ୍କ ଟ୍ରାନ୍ସଫରକୁ ଅସ୍ୱୀକାର କରିଥିଲେ। କିନ୍ତୁ ଫ୍ରାଞ୍ଚାଇଜର କ୍ରିକେଟ ଅପରେଶନ ମୁଖ୍ୟ ଅନିଲ କୁମ୍ବଲେ ବରିଷ୍ଠ ଅଫ୍ ସ୍ପିନରଙ୍କ ଭାଗ୍ୟକୁ ନେଇ ଅନିଶ୍ଚିତତା ଲାଗି ରହିଥିବା କହିଥିଲେ। ଅଶ୍ୱିନଙ୍କ ନେତୃତ୍ୱରେ ଦଳକୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଦଳକୁ ସଫଳତା ମିଳିଥିଲେ ମଧ ଦ୍ୱିତୀୟାର୍ଦ୍ଧରେ ପ୍ରାୟତଃ ମ୍ୟାଚ୍ ପରାସ୍ତ ହୋଇଥିଲା। ୨୦୧୮ ସଂସ୍କରଣରେ ଦଳ ୭ମ ସ୍ଥାନରେ ରହିଥିବାବେଳେ ୨୦୧୯ରେ ୬ଷ୍ଠ ସ୍ଥାନ ଅଧିକାର କରିଥିଲା। ଏଭଳି ପରିସ୍ଥିତିରେ ଉଇକେଟକିପର ବ୍ୟାଟ୍ସମ୍ୟାନ ଲୋକେଶ ରାହୁଲଙ୍କୁ ଆସନ୍ତା ସିଜନରେ ଦଳର ନେତୃତ୍ୱ ଭାର ଦିଆଯାଇପାରେ। କାରଣ ଦଳରେ ରାହୁଲ ଏକମାତ୍ର ସିନିୟର ଖେଳାଳି ରହିଛନ୍ତି।

# ରାଜେଶଙ୍କ ଉପରୁ ବାସନ୍ଦ ଉଠିଲା

## ବିସିସିଆଇ ଦେଲା କ୍ଲିନଚିଟ୍

କଟକ ଅଫିସ,୬।୧୧



ରାଜେଶ ମହାନ୍ତି

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ପକ୍ଷରୁ ଓଡ଼ିଶାର ଉଦୀୟମାନ ପେସ୍ ତାରକା ରାଜେଶ ମହାନ୍ତିଙ୍କ ଉପରୁ ବାସନ୍ଦ ଆଦେଶ ବୁଧବାର ଉଠାଇ ଦିଆଯାଇଛି। ଗତ ୧ ତାରିଖରେ ବୟସ ଜାଲିଆତି ଅଭିଯୋଗରେ ବିସିସିଆଇ ରାଜେଶଙ୍କ ସମେତ କ୍ରୀଷ୍ଟା ପଲାଇଙ୍କୁ ୨ବର୍ଷର ବାସନ୍ଦ ଆଦେଶ ଦେଇଥିଲା। ତେବେ କେବଳ ରାଜେଶଙ୍କୁ କ୍ଲିନ ଚିଟ୍ ମିଳିଛି। ବିସିସିଆଇର ଆଣ୍ଟି ଡୋପିଂ, ବୟସ ଯାଞ୍ଚ ଓ ମେଡ଼ିକାଲ ପରାମର୍ଶ ବିଭାଗର ଡ. ଅଭିଜିତ ସାଲଭି ଏ ନେଇ ବୁଧବାର ଅପରାହ୍ନରେ ଓସିଏକୁ ଏକ ମେଲ୍ ପଠାଇଛନ୍ତି। ସୂରଟଠାରେ ଆସନ୍ତା ୮ରୁ ଆରମ୍ଭ ହେବାକୁ ଥିବା ସୟଦ ମୁସ୍ତାକ ଅଲ୍ଲୀ ଟି୨୦ ଟୁର୍ନାମେଣ୍ଟ ନିମନ୍ତେ ରାଜେଶ ଖୁବଶୀଘ୍ର ରାଜ୍ୟ ଦଳରେ ଯୋଗଦେବେ ବୋଲି ଜଣାପଡ଼ିଛି।

ଗତ ୧ ତାରିଖରେ ରାଜ୍ୟର ଦୁଇ ପ୍ରତିଭାବାନ କ୍ରିକେଟ ଖେଳାଳିଙ୍କୁ ବୟସ ଜାଲିଆତିରେ ୨ବର୍ଷ ନିମନ୍ତେ ବାସନ୍ଦ କରାଯାଇଥିଲା। ରାଉରକେଲାର କ୍ରୀଷ୍ଟା ଓ ନୟାଗଡ଼ର ରାଜେଶ ଏହି ଆଦେଶ ପାଇଥିଲେ। ନୟାଗଡ଼ର ତୁଳସୀପୁର ଗ୍ରାମରେ ଜନ୍ମିତ ରାଜେଶଙ୍କ ଉପରେ ଲାଗିଥିବା ବୟସ ଜାଲିଆତି ଅଭିଯୋଗକୁ ବିସିସିଆଇ ଉଠାଇ ଦେଇଛି। ରାଜେଶଙ୍କର ଜନ୍ମ ନୟାଗଡ଼ର ବଡ଼ ପଣ୍ଡୁସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ହୋଇଛି। ଏଣୁ ତାଙ୍କ ଜନ୍ମପ୍ରମାଣ ପତ୍ରର ପଞ୍ଜୀକରଣ ନମ୍ବର ନୟାଗଡ଼ ମ୍ୟୁନିସିପାଲିଟିର ୱେବସାଇଟ୍‌ରେ ନାହିଁ। ଯାହା ଫଳରେ ରାଜେଶଙ୍କ ଜନ୍ମ ପ୍ରମାଣପତ୍ରର ପଞ୍ଜୀକରଣ ନମ୍ବର ନୟାଗଡ଼ ମ୍ୟୁନିସିପାଲିଟିର ୱେବସାଇଟ୍‌ରେ ଖୋଜିଲେ ଅନ୍ୟ ଜଣେ ଯୁବକଙ୍କ ନାଁ ଓ ଠିକଣା ଦେଖାଉଛି। ଏହାକୁ ଭିତ୍ତି କରି ରାଜେଶଙ୍କ ନାମରେ ଅଭିଯୋଗ କରାଯାଇଥିଲା। କ୍ଲିନଚିଟ୍ ପାଇବା ପରେ ଏହି ପ୍ରତିଭାବାନ ପେସ ବୋଲର ଜଣଙ୍କ ପୁନର୍ବାର ରାଜ୍ୟ ଦଳକୁ ପ୍ରତ୍ୟାବର୍ତ୍ତନ କରିବେ। ସୟଦ ମୁସ୍ତାକ ଅଲ୍ଲୀ ଟି୨୦ ଟୁର୍ନାମେଣ୍ଟ ନିମନ୍ତେ ଘୋଷିତ ୧୫ଜଣିଆ ଦଳରେ ତାଙ୍କ ନାମ ଥିଲା। ବାସନ୍ଦ ଆଦେଶ ପରେ ତାଙ୍କ ବଦଳରେ ପ୍ରୟାସ ସିଂ ଙ୍କୁ ଦଳରେ ନିଆଯାଇଛି। ଓସିଏ ଚୟନକମିଟି ଅଧ୍ୟକ୍ଷ ବିଷ୍ଣୁଦେବ ମହାନ୍ତିଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କହିଛନ୍ତି, ବିସିସିଆଇ ବାସନ୍ଦ ଆଦେଶ ଉଠାଇବା ପରେ ସେ ଖୁବଶୀଘ୍ର ଦଳରେ ଯୋଗଦେବେ। ଓସିଏର ପଦାଧିକାରୀଙ୍କ ସହ ବୈଠକ ଡକାଯାଇ ଏ ନିଷ୍ପତ୍ତି ନିଆଯିବ ବୋଲି ଅଧ୍ୟକ୍ଷ ମହାନ୍ତି କହିଛନ୍ତି।

# ବାଇସୋୟାଙ୍କୁ ୧୦ଉଇକେଟ

## ବିଜୟ ମର୍ଚ୍ଚାଣ୍ଟ ଟ୍ରଫି

ତେଜପୁର (ଆସାମ), ୬।୧୧ (ପି.ଟି.)

ମେଘାଳୟ ଅଫ୍ ସ୍ପିନର ନିର୍ଦ୍ଦେଶ ବାଇସୋୟା ଏକ ବଡ଼ ସଫଳତା ହାସଲ କରିଛନ୍ତି। ଏଠାରେ ବୁଧବାର ଆରମ୍ଭ ହୋଇଥିବା ନାଗାଲାଣ୍ଡ ବିପକ୍ଷ ୧୬ ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି ମ୍ୟାଚରେ ସେ ଗୋଟିଏ ଇନିଂସରେ ୧୦ ଉଇକେଟ ଅକ୍ତିଆର କରିଛନ୍ତି। ବାଇସୋୟାଙ୍କ ପ୍ରକୃତ ଘର ହେଉଛି ମିରଟରେ। ମ୍ୟାଚରେ ସେ ୨୧ ଓଭର ବୋଲିଂ କରି ୧୦ ମେଡେନ ସହ ୫୧ ରନ ବିନିମୟରେ ୧୦ଉଇକେଟ ହାସଲ କରିଛନ୍ତି। ନାଗାଲାଣ୍ଡ ପ୍ରଥମ ଦିବସରେ ମାତ୍ର ୧୧୩ରନ କରି ଅଲଆଉଟ ହୋଇଯାଇଥିଲା। ଅନ୍ୟ ଭାରତୀୟ ଖେଳାଳିଙ୍କ ମଧ୍ୟରେ ଅନିଲ କୁମ୍ବଲେ ୧୯୯୯ରେ ନୂଆଦିଲ୍ଲୀରେ ପାକିସ୍ତାନ ବିପକ୍ଷରେ ଏହି ବିରଳ ସଫଳତା ହାସଲ କରିଥିଲେ। ସେ ୭୪ ରନ ବିନିମୟରେ ୧୦ଉଇକେଟ ହାସଲ କରିଥିଲେ। ଭାରତ ଏହି ମ୍ୟାଚ ୨୧୨ରନରେ ଜିତି ନେଇଥିଲା। ସେହିପରି ମଣିପୁର



ପେସ୍ ବୋଲର ରେକ୍ସ ସିଂ ଗତବର୍ଷ ଏକ କୁଚବିହାର ଟ୍ରଫି ମ୍ୟାଚର ଗୋଟିଏ ଇନିଂସରେ ୧୦ ଉଇକେଟ ନେଇ ଇତିହାସ ସୃଷ୍ଟି କରିଥିଲେ।

# ସେମିରେ ପାରାମାଉଣ୍ଟ




ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ସ୍ୱୟଂମ ସାର୍ଥକ।

## ଟୁଇନ୍ ସିଟି କ୍ରିକେଟ୍

ଭୁବନେଶ୍ୱର, ୬।୧୧ (ସ୍ପୋର୍ଟ୍ସ ବ୍ୟୁରୋ)

ଶ୍ରୀ ଜୟଦେବ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ମହମ୍ମଦ ଇମ୍ରାନ ମେମୋରିଆଲ ଟୁଇନ ସିଟି କ୍ରିକେଟ୍ ଟୁର୍ନାମେଣ୍ଟ (୧୭ ବର୍ଷରୁ କମ୍)ର ସେମିଫାଇନାଲ ଲାଇନ୍ ଅପ୍ ଚୂଡ଼ାନ୍ତ ହୋଇଯାଇଛି। ଜୁଭେନାଇଲ କ୍ରିକେଟ ଏକାଡେମୀ ଓ ୟୁନିୟନ ସ୍ପୋର୍ଟିଂ ମଧ୍ୟରେ ଆସନ୍ତା ୧୧ରେ ପ୍ରଥମ ସେମିଫାଇନାଲ ଖେଳାଯିବ। ସେହିଭଳି ୧୨ରେ ଦ୍ୱିତୀୟ ସେମିଫାଇନାଲରେ ରାମେଶ୍ୱର ସ୍ପୋର୍ଟିଂକୁ ଭେଟିବ ପାରାମାଉଣ୍ଟ ସ୍ପୋର୍ଟିଂ।

ବୁଧବାର ସ୍ଥାନୀୟ ନହରକଣ୍ଟାସ୍ଥିତ ଶ୍ରୀ ଜୟଦେବ କଲେଜ ପଡ଼ିଆରେ ଖେଳାଯାଇଥିବା ଅନ୍ତିମ ତଥା ୪ର୍ଥ କ୍ୱାର୍ଟର ଫାଇନାଲରେ ପାରାମାଉଣ୍ଟ ୬୫ ରନରେ ପ୍ରଗତି ସ୍ପୋର୍ଟିଂକୁ ପରାସ୍ତ କରିଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପାରାମାଉଣ୍ଟ ସ୍ପୋର୍ଟିଂ ନିର୍ଦ୍ଧାରିତ ୩୦ ଓଭରରେ ୮ ଉଇକେଟ୍ ହରାଇ ୧୫୬ ରନ କରିଥିଲା। ଦଳ ପକ୍ଷରୁ ଏମ୍. ଜ୍ଞାନେନ୍ଦ୍ର କୁମାର ୩୦, ସାଇ ଶୁଭମ ୩୧ ଓ ସ୍ୱୟମ ସାର୍ଥକ ୨୮* ରନ କରିଥିଲେ। ପ୍ରତିପକ୍ଷ ବୋଲର ଆଶୁତୋଷ ବେହେରା ୪ଟି ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ପ୍ରଗତି ସ୍ପୋର୍ଟିଂ ୩୦ ଓଭରରେ ୭ ଉଇକେଟ୍ ହରାଇ ୯୧ ରନ କରିବାକୁ ସମର୍ଥ ହୋଇଥିଲା। ବିଜୟୀ ଦଳର ପ୍ରତ୍ୟୁଷ ପ୍ରକାଶ, ସ୍ୱୟମ ସାର୍ଥକ ଓ ସାଇ ଶୁଭମ ୨ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ଲାଗି ସାର୍ଥକଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ବାରଙ୍ଗ ବ୍ଲକ ଚେୟାରମ୍ୟାନ ସରୋଜ କୁମାର ସାହୁ ଓ ଓସ୍କାର ସ୍ପୋର୍ଟିଂ କୋଚ୍ ମନୋଜ କୁମାର ମହାରଣା ଅତିଥି ଭାବେ ଯୋଗଦେଇଥିଲେ। ମ୍ୟାଚ୍‌କୁ ଖଗେଶ୍ୱର ମଲ୍ଲିକ ଓ ସୁଶାନ୍ତ ଦାଶ ପରିଚାଳନା କରିଥିବାବେଳେ ମନୁ ମହାପାତ୍ର ରେଫରି ରହିଥିଲେ। ଜିତେନ୍ଦ୍ର ସେନାପତି ସ୍କୋରିଂରେ ସହାୟତା କରିଥିଲେ।

# ପ୍ରଥମ ଦିନିକିଆରେ ୱେଷ୍ଟଇଣ୍ଡିଜ ବିଜୟୀ

ଲକ୍ଷ୍ନୌ,୬।୧୧

ଏଠାରେ ବୁଧବାର ଖେଳାଯାଇଥିବା ଆଫଗାନିସ୍ତାନ ବିପକ୍ଷ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ୍ ୨୧ଟି ବଲ ବାକି ରଖି ୭ ଉଇକେଟରେ ଅତି ସହଜରେ ବିଜୟ ହାସଲ କରିଛି। ଏଥିସହିତ ୱେଷ୍ଟଇଣ୍ଡିଜ୍ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୧-୦ରେ ଅଗ୍ରଣୀ ହାସଲ କରିଛି। ଟସ୍ ହାରି ଆଫଗାନିସ୍ତାନ ପ୍ରଥମେ ବ୍ୟାଟିଂ କରି ୪୫.୨ ଓଭରରେ ୧୯୪ ରନ କରି ଅଲଆଉଟ ହୋଇଥିଲା। ଦଳ ତରଫରୁ ରହମତ ଶାହ ୬୧, ଅକରାମ ଅଲିଖିଲ ୫୮, ଅସଘର ଆଫଗାନ ୩୫, ଗୁଲବଦିନ ନାଇବ ୧୭ ରନ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ୱେଷ୍ଟଇଣ୍ଡିଜ ତରଫରୁ ଜାସନ ହୋଲ୍ଡର, ରୋମାରିଓ ଶେଫର୍ଡ ଓ ରୋଷ୍ଟନ ଚେଜ୍ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଜବାବରେ ୱେଷ୍ଟଇଣ୍ଡିଜ ୪୬.୩ ଓଭରରେ ୩ ଉଇକେଟ ହରାଇ ୧୯୭ ରନ କରି ବିଜୟୀ ହୋଇଥିଲା। ଦଳ ତରଫରୁ ରୋଷ୍ଟନ ଚେଜ୍ ସର୍ବାଧିକ ୯୪ କରିଥିବା ବେଳେ ଓପନର ସାଇ ହୋପ ୭୭ ରନ କରି ଅପରାଜିତ ରହିଥିଲେ। ଆଫଗାନିସ୍ତାନର ମୁଜିବ ଉର ରହମାନ ୨ଟି ଉଇକେଟ ନେଇଥିଲେ। ରୋଷ୍ଟନ ଚେଜ୍ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

**ସଂକ୍ଷିପ୍ତ ସ୍କୋର:**

ଆଫଗାନିସ୍ତାନ ୪୫.୨ ଓଭରରେ ୧୯୪ (ରହମତ- ୬୧, ଇକରାମ- ୫୮, ହୋଲ୍ଡର- ୨/୨୧, ଚେଜ୍- ୨/୩୧, ଶେଫର୍ଡ- ୨/୩୨)।

ୱେଷ୍ଟଇଣ୍ଡିଜ୍ ୪୬.୩ ଓଭରରେ ୧୯୭/୩ (ଚେଜ୍- ୯୪, ହୋପ- ୭୭*, ରହମାନ- ୨/୩୩)।

## ବିଜୟ ମର୍ଚ୍ଚାଣ୍ଟ ଟ୍ରଫି: ଓଡ଼ିଶାର ଦୁର୍ବଳ ବ୍ୟାଟିଂ

କଟକ ଅଫିସ,୬।୧୧

ବାରବାଟୀ ଷ୍ଟାଡିୟମରେ ବୁଧବାରଠାରୁ ଓଡ଼ିଶା ଓ ବେଙ୍ଗଲ ମଧ୍ୟରେ ୧୬ ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି ମ୍ୟାଚ୍ ଆରମ୍ଭ ହୋଇଛି। ଘରୋଇ ମାଟିରେ ପ୍ରତିଯୋଗିତାର ଅନ୍ତିମ ଲିଗ ମ୍ୟାଚ୍ ଖେଳୁଥିବା ଓଡ଼ିଶାର ଦୁର୍ବଳ ବ୍ୟାଟିଂ ଦେଖିବାକୁ ମିଳିଛି। ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଓଡ଼ିଶା ୧୩୩ ରନରେ ଅଲଆଉଟ ହୋଇଥିବା ବେଳେ ବେଙ୍ଗଲ ବିନା ଉଇକେଟରେ ୬୪ରନ କରିଛି।

ଓଡ଼ିଶା ଅଧିନାୟକ ଆଶୀର୍ବାଦ ସ୍ୱାଇଁ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଦଳୀୟ ସ୍କୋର ୨ ରନ ହୋଇଥିବାବେଳେ ଦଳ ୨ଟି ଉଇକେଟ ହରାଇଥିଲା। ଓପନର ସାଇଦୀପ ମହାପାତ୍ର ଓ ବ୍ୟାଟିଂ କ୍ରମ ୩ ନଂରେ ଆସିଥିବା ଶୁଭମ ନାୟକ ଖାତା ଖୋଲି ପାରି ନ ଥିଲେ। ଅନ୍ୟତମ ଓପନର ତଥା ଅଧିନାୟକ ଆଶୀର୍ବାଦ ସତର୍କତାର ସହ ବ୍ୟାଟିଂ କରି ୯୫ ବଲରୁ ୩୨ ରନ ସଂଗ୍ରହ କରିଥିଲେ। ଅଂଶୁମାନ ବେଜ ୧୭, ପ୍ରତୀକ ବଳ ୧୬, ତାରିଣୀ ପ୍ରସାଦ ନାୟକ ୧୨ ରନ କରିଥିବାବେଳେ ଅନ୍ୟ କୌଣସି ଖେଳାଳି ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ।

# କୋଲକାତାକୁ ହରାଇଲା କଟକ

ନୟାଗଡ଼ ଅଫିସ, ୬।୧୧



ଏସ୍. ଆର. କେ. ଫୁଟବଲ୍ କ୍ଲବ ଓ ସ୍ପୋର୍ଟ୍ସ ହଷ୍ଟେଲ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

ନୟାଗଡ଼ ଜିଲା ଶରଣକୁଳ ଲଡୁକେଶ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ଚାଲିଥିବା ୬୦ତମ ସର୍ବଭାରତୀୟ ଫୁଟବଲ୍ ଟୁର୍ନାମେଣ୍ଟରେ ବୁଧବାର ଏସ୍. ଆର. କେ. ଫୁଟବଲ୍ କ୍ଲବ (କୋଲକାତା) ଓ ସ୍ପୋର୍ଟ୍ସ ହଷ୍ଟେଲ (କଟକ) ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ କଟକ ଦଳ ୪-୧ ଗୋଲରେ ବିଜୟ ଲାଭ କରିଛି। ଖେଳ ପ୍ରଥମାର୍ଦ୍ଧର ୨ୟ ମିନିଟରେ କଲିକତା ଦଳର କାଲାମ ମ୍ୟାଚର ପ୍ରଥମ ଗୋଲ୍ ସ୍କୋର ଦେଇଥିଲେ। ମାତ୍ର ୫ମ ମିନିଟରେ ଅଜିତ କୁମାର ମାଝିଙ୍କ ଗୋଲ ବଳରେ କଟକ ଦଳ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିଥିଲା। ପରେ ଭାବଗ୍ରାହୀ ପ୍ରଧାନ (୩୦ତମ ମିନିଟ), କାଳିଆ ବେହେରା (୪୦ତମ) ଗୋଟିଏ ଲେଖାଏଁ ଗୋଲ ସ୍କୋର କରି ସ୍ପୋର୍ଟ୍ସ ହଷ୍ଟେଲକୁ ପ୍ରଥମାର୍ଦ୍ଧ ସୁଦ୍ଧା ୩-୧ ଗୋଲରେ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟାର୍ଦ୍ଧ ଖେଳର ୪୦ତମ ମିନିଟ ମଞ୍ଜିତ କିଷାନ ଦଳ ପକ୍ଷରୁ ଚତୁର୍ଥ ଗୋଲ୍ ସ୍କୋର କରିଥିଲେ। ଫଳରେ ୪-୧ ଗୋଲରେ ସ୍ପୋର୍ଟ୍ସ ହଷ୍ଟେଲ କଟକ ବିଜୟୀ ହୋଇଥିଲା। ଉତ୍କଳ ଡ୍ରଗିଷ୍ଟ ଓ କେମିଷ୍ଟ ଆସୋସିଏଶନର ସମ୍ପାଦକ ବଂଶୀଧର ସାହୁ, ସୁରେନ୍ଦ୍ର ନାଥ ପ୍ରଧାନ, ପୂର୍ବତନ ଜିଲା ପରିଷଦ ସଦସ୍ୟ ମହେନ୍ଦ୍ର ନାଥ ପ୍ରଧାନ, ଅନୁଷ୍ଠାନର ଉପସଭାପତି ବିକ୍ରମ କୁମାର ଦାଶ, ବୈକୁଣ୍ଠ ନାଥ ସିଠ୍, ଯୁଗ୍ମ ସମ୍ପାଦକ ରବୀନ୍ଦ୍ର କୁମାର ଚୌଧୁରୀ, ସରପଞ୍ଚ ସୁଶାନ୍ତ କୁମାର ଜେନା ପ୍ରମୁଖ ବୁଧବାର ଖେଳରେ ଅତିଥିଭାବେ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଶିବପ୍ରସାଦ ଦାସ ଖେଳପରିଚାଳନା କରିଥିବା ବେଳେ ଅଶୋକ କଅଁର, ଲକ୍ଷ୍ମୀ ପ୍ରସାଦ ଓ ଦିଗ୍‌ବିଜୟୀ ଦାସ ତାଙ୍କୁ ଲାଇନ୍‌ରେ ସହାୟତା କରିଥିଲେ। ଗୁରୁବାର ସ୍ପୋର୍ଟିଂ କ୍ଲବ ଟାଟା ସହିତ ସାଇ ହାଲ୍ ସୁନାବେଡ଼ା ମଧ୍ୟରେ ଖେଳ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ସମ୍ପାଦକ ଯୋଗେନ୍ଦ୍ର ନାଥ ପ୍ରଧାନ ସୂଚନା ଦେଇଛନ୍ତି।

## ଉଜ୍‌ବେକିସ୍ତାନଠାରୁ ହାରିଲା ଭାରତ

ଅଲ୍ ଖୋବାର , ୬।୧୧ (ପି.ଟି.)

୧୯ ବର୍ଷରୁ କମ୍ ଏଏଫ୍‌ସି ଚାମ୍ପିୟନଶିପ୍ ୨୦୨୦ଯୋଗ୍ୟତାପର୍ଯ୍ୟାୟ ଟୁର୍ନାମେଣ୍ଟରେ ଭାରତର ଆରମ୍ଭ ନୈରାଶ୍ୟଜନକ ରହିଛି। ବୁଧବାର ଉଜ୍‌ବେକିସ୍ତାନଠାରୁ ଦଳ ୨-୦ ଗୋଲରେ ହାରିଯାଇଛି। ପ୍ରଥମାର୍ଦ୍ଧ ଖେଳ ଗୋଲଶୂନ୍ୟ ରହିଥିଲା। ଉଜ୍‌ବେକିସ୍ତାନ ଦ୍ୱିତୀୟାର୍ଦ୍ଧରେ ଦୁଇଟି ଗୋଲ ସ୍କୋର କରିଥିଲା। ଏହି ବିଜୟ ସହ ଦଳ ୩ପଏଣ୍ଟ ଅର୍ଜନ କରିପାରିଛି। ଗୋଲକିପର ପ୍ରଭସୁଖାନ ଗିଲ୍ ଭାରତୀୟ ଦଳର ଅଧିନାୟକତ୍ୱ କରିଥିଲେ। ଶୁକ୍ରବାର ଭାରତ ଏହାର ପରବର୍ତ୍ତୀ ମ୍ୟାଚ ସୌଦିଆରବ ବିପକ୍ଷରେ ଖେଳିବ।

# ପୂର୍ବାଞ୍ଚଳ ଟେନିସ କ୍ରିକେଟ: ତୁଷାର ଓଡ଼ିଶା ଅଧିନାୟକ

ଭୁବନେଶ୍ୱର, ୬।୧୧(ସ୍ପୋର୍ଟ୍ସ ବ୍ୟୁରୋ)




ଖବରଦାତା ସମ୍ମିଳନୀରେ ଅତିଥିଙ୍କ ଦ୍ୱାରା ଟ୍ରଫି ଉନ୍ମୋଚନ କରାଯାଉଛି।

ସ୍ଥାନୀୟ ନହରକଣ୍ଟାସ୍ଥିତ ଶ୍ରୀ ଜୟଦେବ କଲେଜ ପଡିଆଠାରେ ଆସନ୍ତା ୮ ତାରିଖର ଶୁକ୍ରବାରଠାରୁ ପୂର୍ବାଞ୍ଚଳ ଟେନିସ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହେବ। ଭାରତୀୟ ଟେନିସ କ୍ରିକେଟ ସଂଘ (ଟିସିଏଆଇ) ଓ ଓଡ଼ିଶା ରାଜ୍ୟ ଟେନିସ କ୍ରିକେଟ ସଂଘ (ଓଏସ୍‌ଟିସିଏ) ମିଳିତ ଆନୁକୂଲ୍ୟରେ ଏହି ଟୁର୍ନାମେଣ୍ଟ ଆୟୋଜନ କରୁଛନ୍ତି। ଏହା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ପୂର୍ବାଞ୍ଚଳର ୮ଟି ରାଜ୍ୟ ଅଂଶଗ୍ରହଣ କରିବେ। ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଝାଡଖଣ୍ଡ, ଆସାମ, ଛତିଶଗଡ଼, ଅରୁଣାଚଳ ପ୍ରଦେଶ, ବିହାର ଓ ତ୍ରିପୁରା ଟାଇଟଲ ପାଇଁ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ। ୮ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯିବ। ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ଦୁଇଟି ଦଳ ସେମିଫାଇନାଲରେ ପ୍ରବେଶ କରିବେ। ଟୁର୍ନାମେଣ୍ଟରେ ଶ୍ରେଷ୍ଠ ୩ଟି ଦଳ ଆସନ୍ତା ଡିସେମ୍ବରରେ ଖେଳାଯିବାକୁ ଥିବା ଫେଡେରେଶନ କପ୍ ଖେଳିବା ଲାଗି ଯୋଗ୍ୟତା ଅର୍ଜନ କରିବେ। ଦେଶରେ ଟେନିସ କ୍ରିକେଟର ପ୍ରଚାର ଓ ପ୍ରସାର ପାଇଁ ଏହି ଟୁର୍ନାମେଣ୍ଟ ଆୟୋଜନ କରାଯାଉଛି ବୋଲି ଓଏସ୍‌ଟିସିଏ ସମ୍ପାଦକ ରିଣ୍ଟୁ ମିତ୍ର କହିଛନ୍ତି। ଏ ନେଇ ଆୟୋଜିତ ଖବରଦାତା ସମ୍ମିଳନୀରେ ଓଏସ୍‌ଟିସିଏ ଉପ ସଭାପତି ଚୌଧୁରୀ ଅଶୋକ କୁମାର, ଦୀପକ କୁମାର ହଂସ, ଟିସିଏସ୍‌ଆଇ ପ୍ରଶାସକ ଆଶିଷ କୁମାର ସିଂ, ବାରିଜ ରଞ୍ଜନ ମହାନ୍ତି, ସରୋଜ କୁମାର ଜେନା, ବାସୁଦେବ ଓଝା, ମହମ୍ମଦ ଆଜମ, ସୋଭେନ୍ଦ୍ର ମହାରଣା, ରାଜେନ୍ଦ୍ର ମହାରଣା, ଅଖିଳେଶ ତିୱାରୀ, ବଦ୍ରିନାରାୟଣ ପାତ୍ର, ସମୀର ବାରିକ, ଦୀପକ ମଲ୍ଲିକ, ଅମରେନ୍ଦ୍ର କୁମାର ଦାସ, କୋଷାଧ୍ୟକ୍ଷ ରାଗିଣୀ ମିତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଟୁର୍ନାମେଣ୍ଟ ବେଶ୍ ସଫଳ ହେବ ବୋଲି ଭାରତୀୟ ସଂଘ ସମ୍ପାଦକ କହ୍ନେୟା ଗୁର୍ଜର, ଓଡ଼ିଶା ସଂଘ ସଭାପତି ଅବିନାଶ ସାହୁ ଓ ସମ୍ପାଦକ ତଥା ବୈଷୟିକ ମୁଖ୍ୟ ରିଣ୍ଟୁ ମିତ୍ର ଆଶା ପ୍ରକାଶ କରିଛନ୍ତି। ଏହି ଅବସରରେ ଟୁର୍ନାମେଣ୍ଟର ଟ୍ରଫି ଅନାବରଣ କରାଯାଇଥିଲା। ଦ୍ୱିତୀୟ ଥର ପାଇଁ ଏହି ପ୍ରତିଯୋଗିତା ଓଡ଼ିଶାରେ ଆୟୋଜନ ହେବାକୁ ଯାଉଛି। ଭୁବନେଶ୍ୱରରେ ଅନୁଷ୍ଠିତ ୨୦୧୭ ଓ ରାଞ୍ଚିରେ ଅନୁଷ୍ଠିତ ୨୦୧୮ ସଂସ୍କରଣରେ ଓଡ଼ିଶା ଫାଇନାଲରେ ଝାଡଖଣ୍ଡକୁ ହରାଇ ଚାମ୍ପିୟନ ହୋଇଥିଲା। ଏଥର ମଧ ବାଜି ମାରି ଓଡ଼ିଶା ହ୍ୟାଟ୍ରିକ ଟାଇଟଲ ହାସଲ ଲକ୍ଷ୍ୟରେ ରହିଛି। ଏଥର ଓଡ଼ିଶା ଦଳର ନେତୃତ୍ୱ ନେଉଛନ୍ତି ତୁଷାର କୁମାର ପଟ୍ଟନାୟକ।

**ଓଡ଼ିଶା ଦଳ:** ତୁଷାର କୁମାର ପଟ୍ଟନାୟକ (ଅଧିନାୟକ), ଅଜିତ ରାଏ, ବିବେକ ବେହେରା, ବିଭବ ଜେନା, ବିଜୟ ମହରାଣା, ଜଗତ୍ରମ ଭୁଇ, ମୃତ୍ୟୁଞ୍ଜୟ ପାତ୍ର, ବବ୍‌ଲୁ ବେହେରା, ପ୍ରବୀଣ ଆଚାର୍ଯ୍ୟ, ସହଦେବ ଦାସ, ସୁଧାଂଶୁ କୁମାର ଜେନା, ଦୀପକ କୁମାର ମଲିକ, ଉମାକାନ୍ତ ବେହେରା, ସମୀର ବାରିକ, ସନ୍ତୋଷ ପ୍ରଧାନ, ଦୀପକ ପରିଡା, ବିମଳ କୁମାର ମହାପାତ୍ର ଓ ଅନିରୁଦ୍ଧ ବାରିକ।

କୋଚ୍- ଶୈବାଳ କୁମାର ମିତ୍ର, ମ୍ୟାନେଜର- ବାସୁଦେବ ଓଝା।

# ସେମିରେ ସ୍ପୋର୍ଟିଂ ୟୁନିୟନ

ଧର୍ମଶାଳା,୬।୧୧(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଜାରକାସ୍ଥିତ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଧର୍ମଶାଳା ମହୋତ୍ସବ ପଡିଆରେ ଆୟୋଜିତ ସର୍ବଭାରତୀୟ ୧୦ମ ବାର୍ଷିକ ସିକ୍କୁ କପ୍ କ୍ରିକେଟ୍ ଟୁର୍ନାମେଣ୍ଟର ବୁଧବାର ଦ୍ୱିତୀୟ ଦିନର ପହଞ୍ଚିଛି। ଏହି ଅବସରରେ ଆୟୋଜିତ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ସୁପର ନୋଭସ ବିଶାଖାପାଟଣାକୁ ହରାଇ ଝାଡଖଣ୍ଡର ସ୍ପୋର୍ଟିଂ ୟୁନିୟନ୍ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବିଶାଖାପାଟଣା ଦଳ ନିର୍ଦ୍ଧାରିତ ୩୦ ଓଭରରୁ ୨୬.୨ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୮୭ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପ୍ରକାଶ ରାଓ ସର୍ବାଧିକ ୬୫ ରନ୍ କରିଥିଲେ। ବିପକ୍ଷ ଝାଡଖଣ୍ଡ ଦଳର କାର୍ତ୍ତିକ ୟାଦବ୍ ଓ ଚନ୍ଦନ ୟାଦବ ୨ ଉଇକେଟ୍ ପାଇଥିଲେ। ଜବାବ୍‌ରେ ଝାଡଖଣ୍ଡ ଦଳ ବ୍ୟାଟିଂ କରି ୨୪.୧ ଓଭରରେ ୫ ଉଇକେଟ୍ ହରାଇ ୧୯୧ ରନ୍ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଅମିତ ସିଂ ସର୍ବାଧିକ ୧୦୪ ରନ୍ କରିଥିଲେ। ବିପକ୍ଷ ବିଶାଖାପାଟଣା ଦଳର ବୋଲର ରଫିକ ଉଦ୍ଦିନ୨ଟି ଓ ଚନ୍ଦୁ ପାଲ ଗୋଟିଏ ଉଇକେଟ୍ ପାଇଥିଲେ। ସୌମେନ୍ଦ୍ର ପାତ୍ର ଓ ଦୀଲିପ ସାମଲ ଖେଳ ପରିଚାଳନା କରିଥିଲେ। ଚିତ୍ତରଞ୍ଜନ ମହାନ୍ତି, ଓ ଶୁଭାଶିଷ ଦାସ ସହଯୋଗ କରିଥିଲେ। ପୁରସ୍କାର ବିତରଣି ଉତ୍ସବରେ ଦୀଲିପ ବିଲ୍ଡକନ ଚଣ୍ଡିଖୋଲର ପ୍ରକଳ୍ପ ମୁଖ୍ୟ କମଲ ସିଂ ଚୌହ୍ୱାନ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳର ଅମିତ ସିଂଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ବୁବୁ ସିହ୍ନା ଖେଳର ଧାରା ବିବରଣୀ ପ୍ରଦାନ କରିଥିବାବଳେ ସୁବ୍ରତ ଜେନା ସ୍କୋର୍‌ରେ ସହାୟତା କରିଥିଲେ। ଗୁରୁବାର ସେମିଫାଇନାଲ ମ୍ୟାଚ୍ ସ୍ପୋର୍ଟିଂ ୟୁନିୟନ ଝାଡଖଣ୍ଡ ଓ ରାଇଜିଂ ଷ୍ଟୁଡେଣ୍ଟ କଟକ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ରେକର୍ଡ ନିକଟତର ରୋହିତ

ରାଜକୋଟ, ୬।୧୧- ସ୍ଥାନୀୟ ସୌରାଷ୍ଟ୍ର କ୍ରିକେଟ ଆସୋସିଏଶନ ଷ୍ଟାଡିୟମରେ ଗୁରୁବାର ଖେଳାଯିବାକୁ ଥିବା ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ ଟସ୍ ପଡ଼ିବା କ୍ଷଣି ଭାରତୀୟ ଦଳର କାମଚଳା ଅଧିନାୟକ ରୋହିତ ଶର୍ମା ଆଉ ଏକ ମାଇଲଷ୍ଟୋନର ଅଧିକାରୀ ହେବେ। ବିଶ୍ୱର ଦ୍ୱିତୀୟ କ୍ରିକେଟର ଭାବେ ସେ ୧୦୦ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍ ଖେଳିବେ। ଏହି ତାଲିକାରେ କେବଳ ପାକିସ୍ତାନର ଅଲରାଉଣ୍ଡର ଶୋଏବ ମଲିକ ରହିଛନ୍ତି। ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଟି୨୦ରେ ରୋହିତ ପୂର୍ବତନ ଭାରତୀୟ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କୁ ପଛରେ ପକାଇ ଦେଶ ପାଇଁ ସର୍ବାଧିକ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍ ଖେଳିବାର ରେକର୍ଡର ଅଧିକାରୀ ହୋଇଛନ୍ତି। ଏଥିସହ ବିରାଟ କୋହଲିଙ୍କୁ ଅତିକ୍ରମ କରି ଅନ୍ତର୍ଜାତୀୟ ଟି୨୦ରେ ବିଶ୍ୱରେ ସର୍ବାଧିକ ରନ୍ କରିଥିବା ବ୍ୟାଟ୍ସମ୍ୟାନ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ରୋହିତ୍ ଏବେ ୨୪୫୨ ରନ୍ ସହ ଶୀର୍ଷରେ ଥିବାବେଳେ କୋହଲି (୨୪୫୦ ରନ୍) ଦୁଇ ରନ୍ ପଛରେ ରହିଛନ୍ତି। ଏହି ତାଲିକାରେ ନ୍ୟୁଜିଲାଣ୍ଡର ମାର୍ଟିନ ଗୁପ୍‌ଟିଲ (୨୩୨୬), ଶୋଏବ ମଲିକ (୨,୨୬୩) ଓ ବ୍ରେଣ୍ଡନ ମ୍ୟାକ୍‌କୁଲମ (୨୧୪୦) ରହିଛନ୍ତି। ଦ୍ୱିତୀୟ ସ୍ଥାନରେ ଥିବା କୋହଲିଙ୍କ ବ୍ୟବଧାନକୁ ନିଶ୍ଚିତ ବଡ଼ କରିବା ଲକ୍ଷ୍ୟରେ ରହିବେ ଶୀର୍ଷରେ ଥିବା ରୋହିତ୍।

### ଭାରତୀୟ ଦଳରେ ଧୀରଜ ନୂଆ ମୁହଁ



ନୂଆଦିଲ୍ଲୀ, ୬।୧୧ (ପି.ଟି.)- ୨୦୨୨ ଫିଫା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟରେ ଭାରତ ଏହାର ପ୍ରଥମ-ଲେଗ୍ ମ୍ୟାଚରେ ଆଫଗାନିସ୍ତାନକୁ ଭେଟିବ। ଏଥିଲାଗି ମୁଖ୍ୟ କୋଚ୍ ଇଗର୍ ଷ୍ଟିମାକ ବୁଧବାର ୨୬ ଜଣିଆ ଭାରତୀୟ ଦଳ ଘୋଷଣା କରିଛନ୍ତି। ନୂଆ ମୁହଁ ଭାବେ ଯୁବ ଗୋଲକିପର ମୋଇରାଙ୍ଗଥେମ୍ ଧୀରଜ ସିଂଙ୍କୁ ଏହି ଦଳରେ ସ୍ଥାନ ମିଳିଛି। ଏହି ମ୍ୟାଚ୍ ଆସନ୍ତା ୧୪ରେ ନିରପେକ୍ଷ ଭେନ୍ୟୁ ତାଜିକସ୍ତାନର ରାଜଧାନୀ ଦୁଶାନବେରେ ଖେଳାଯିବ। ଏହାପରେ ଭାରତ ଏହାର ଦ୍ୱିତୀୟ-ଲେଗ୍ ମ୍ୟାଚ୍‌ରେ ଓମାନ ବିପକ୍ଷରେ ଖେଳିବ। ନଭେମ୍ବର ୧୯ରେ ମସ୍କାଟଠାରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବ। ପୂର୍ବରୁ ସେପ୍ଟେମ୍ବର ୫ରେ ଘରୋଇ ମାଟିରେ ଖେଳାଯାଇଥିବା ଓମାନ ବିପକ୍ଷ ମ୍ୟାଚ୍‌କୁ ଭାରତ ୧-୨ ଗୋଲରେ ହାରିଯାଇଥିଲା। ଗତବର୍ଷ ଭାରତରେ ଖେଳାଯାଇଥିବା ୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ୍ ମ୍ୟାଚ୍‌ରେ ଧୀରଜଙ୍କ ପ୍ରଦର୍ଶନ ବେଶ୍ ପ୍ରଭାବୀ ରହିଥିଲା। ଧୀରଜଙ୍କ ସମେତ ୧୭ ବର୍ଷରୁ କମ୍ ବିଶ୍ୱକପ୍ ଖେଳିଥିବା ଭାରତୀୟ ଦଳର ଅଧିନାୟକ ଅମରଜିତ୍ ସିଂ ଓ ଡିଫେଣ୍ଡର ଅନଓ୍ୱର ଅଲୀଙ୍କୁ ମଧ ସିନିୟର ଦଳରେ ସୁଯୋଗ ମିଳିଛି।

" ଟି୨୦ କ୍ରିକେଟ ଟିକେ ଲଟେରି ଭଳି। ହେଲେ ଆସନ୍ତାବର୍ଷ ହେବାକୁଥିବା ଆଇସିସି ବିଶ୍ୱକପ୍‌ରେ ଭାରତ ହେଉଛି ଅନ୍ୟତମ ଫେଭରାଇଟ୍ ଦଳ।
**-ଆଡାମ ଗିଲ୍‌କ୍ରିଷ୍ଟ, ଅଷ୍ଟ୍ରେଲିଆ କ୍ରିକେଟ କିମ୍ବଦନ୍ତୀ**



" ଚଳିତ ଭାରତ ବିପକ୍ଷ ଟି୨୦ ସିରିଜରେ ବିଜୟୀ ହୋଇପାରିଲେ ଶକିବ ଉଲ ହସନଙ୍କ ଅନୁପସ୍ଥିତିରେ ଦଳର ମନୋବଳ ବୃଦ୍ଧି ପାଇବ।
**-ମହମୁଦୁଲ୍ଲା, ବାଂଲାଦେଶ ଅଧିନାୟକ**



# ଦ୍ୱିତୀୟ ଟି୨୦ ଆଜି: ପ୍ରତ୍ୟାବର୍ତ୍ତନ ଲକ୍ଷ୍ୟରେ ଭାରତ

**ରାଜକୋଟ, ୬।୧୧(ପି.ଟି.)**

ଦିଲ୍ଲୀରେ ଅନୁଷ୍ଠିତ ବାଂଲାଦେଶ ବିପକ୍ଷ ପ୍ରଥମ ଟି୨୦ ମ୍ୟାଚ୍‌ରେ ପରାସ୍ତ ହୋଇଥିବା ଭାରତ ଦ୍ୱିତୀୟ ମ୍ୟାଚ୍‌ରେ ପ୍ରତ୍ୟାବର୍ତ୍ତନ କରିବା ଲକ୍ଷ୍ୟରେ ରହିଛି। ସ୍ଥାନୀୟ ସୌରାଷ୍ଟ୍ର କ୍ରିକେଟ ଆସୋସିଏଶନ ଷ୍ଟାଡିୟମରେ ଗୁରୁବାର ଖେଳାଯିବାକୁଥିବା ଏହି ମ୍ୟାଚ୍ ଜିତି ଭାରତ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜକୁ ୧-୧ ସମାନସ୍ତରକୁ ଆଣିବା ଲକ୍ଷ୍ୟରେ ରହିଛି। ବାତ୍ୟା 'ମହା' ଏହି ମ୍ୟାଚ୍‌କୁ ପ୍ରଭାବିତ କରିବାର ଯଥେଷ୍ଟ ଆଶଙ୍କା ରହିଛି।

ରବିବାର ପ୍ରଦୂଷଣ ପ୍ରଭାବିତ ପ୍ରଥମ ମ୍ୟାଚ୍‌ରେ ଭାରତ ୭ ଉଇକେଟରେ ପରାସ୍ତ ହୋଇଥିଲା। ପାଉଣାକୁ ନେଇ ଷ୍ଟ୍ରାଇକ କରିଥିବା ବାଂଲାଦେଶ ଖେଳାଳିମାନେ ବିବାଦରେ ଛନ୍ଦି ହୋଇପଡିଥିଲେ। ପୁଣି ତାରକା ଅଲରାଉଣ୍ଡର ଶକବ ଅଲ ହାସନ ଓ ଅନ୍ୟ କେତେଜଣ ବରିଷ୍ଠ କ୍ରିକେଟରଙ୍କ ଅନୁପସ୍ଥିତି ସତ୍ତ୍ୱେ ବାଂଲାଦେଶ ଦମ୍‌ଦାର ପ୍ରଦର୍ଶନ କରି ଭାରତକୁ ଚକ୍‌ମା ଦେଇଥିଲା। ଏହା ନିଶ୍ଚିତ ଭାବେ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟକୁ ବ୍ୟଥିତ କରିଥିବ। ଟେଷ୍ଟ ଓ ଦିନିକିଆରେ ଭାରତ ଯେଉଁଭଳି ସଫଳତା ଅର୍ଜନ କରିଛି ଟି୨୦ରେ ଅବଶ୍ୟ ଆଶାନୁରୂପ ଭାବେ ସଫଳ ହୋଇନାହିଁ। ଏହି ଫର୍ମାଟରେ ଭାରତ ଅବଶ୍ୟ ଉନ୍ନତ ପ୍ରଦର୍ଶନ କରିବାକୁ ଚାହିଁବ। ଭାରତ ଏହା ପୂର୍ବରୁ ଅଷ୍ଟ୍ରେଲିଆ ବିପକ୍ଷ ଟି୨୦ ସିରିଜରେ ପରାସ୍ତ ହୋଇଥିଲା। ଏହାପରେ ଦକ୍ଷିଣ ଆଫ୍ରିକା ଟି୨୦ ସିରିଜକୁ ଡ୍ର ରଖିଥିଲା। ଅବଶ୍ୟ ଟେଷ୍ଟ ସିରିଜରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତ କ୍ଲିନ୍ ସୁଇପ୍ କରିଥିଲା। ଅଧିନାୟକ ବିରାଟ କୋହଲିଙ୍କ ସମେତ କେତେଜଣ ସିନିୟର କ୍ରିକେଟରଙ୍କ ଅନୁପସ୍ଥିତି ଦଳରେ ସାମିଲ ହୋଇଥିବା ଯୁବ ଖେଳାଳିଙ୍କ ପାଇଁ ସୁଯୋଗ ସୃଷ୍ଟି ହୋଇଛି। ଯୁବ ଖେଳାଳିମାନେ ନିଜ ପ୍ରତିଭା ଓ ଦକ୍ଷତା ପ୍ରମାଣ କରିବାର ଭରପୂର ସୁଯୋଗ ପାଇବେ।

ତେବେ ବାତ୍ୟା 'ମହା' ପ୍ରଭାବ କିପରି ରହୁଛି ତାହା ଦେଖିବାକୁ ବାକି ରହିଲା। ମ୍ୟାଚ୍ ଦିନ ହିଁ ଏହି ବାତ୍ୟା ଗୁଜରାଟ ଉପକୂଳକୁ ଛୁଇଁବ। ପ୍ରଥମ ମ୍ୟାଚ୍‌ରେ ଭାରତ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲା ବୋଲି ଭାରତୀୟ କାମଚଳା ଅଧିନାୟକ ରୋହିତ ଶର୍ମା ସ୍ୱୀକାର କରିଛନ୍ତି। ପଡିଆରେ ଭାରତ ଭଲ ଖେଳି ନ ଥିଲା। କେତୋଟି ତ୍ରୁଟିପୂର୍ଣ୍ଣ ଡିଆରଏସ୍ ଦଳ ପାଇଁ ମହଙ୍ଗା ପଡିଥିଲା ବୋଲି ସେ କହିଛନ୍ତି। ଏହି ପରାଜୟ ଅବଶ୍ୟ ଭାରତର ଆଖି ଖୋଲିଦେଇଛି। ଅଭିଜ୍ଞ ଓପନର ଶିଖର ଧାଓ୍ୱନଙ୍କ ଫର୍ମ ଓ ଷ୍ଟ୍ରାଇକ୍‌ରେଟ୍ ଟିମ୍ ମ୍ୟାନେଜମେଣ୍ଟ ପାଇଁ ଚିନ୍ତା ସୃଷ୍ଟି କରିଛି। ଯଦି ଭାରତ ଏହି ମ୍ୟାଚ୍‌ରେ ପରାସ୍ତ ହୁଏ ତାହେଲେ ସିରିଜ ପରାଜୟବରଣ କରିବ। ଏପରିସ୍ଥଳେ ଭାରତୀୟ ଦଳ ବହୁ ପ୍ରଶ୍ନର ସମ୍ମୁଖୀନ ହେବ। ଆଉ ଗୋଟିଏ ବର୍ଷ ପରେ ଅଷ୍ଟ୍ରେଲିଆରେ ଟି୨୦ ବିଶ୍ୱକପ୍ ଆରମ୍ଭ ହେବା କାର୍ଯ୍ୟକ୍ରମ ରହିଛି। ପ୍ରଥମ ଟି୨୦ରେ ଭାରତ ମାତ୍ର ୧୪୮ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ବାଂଲାଦେଶ ଅଭିଜ୍ଞ ବ୍ୟାଟ୍ସମ୍ୟାନ ମୁସ୍‌ଫିକର ରହିମ ଅତି ସୁନ୍ଦରଭାବେ ବ୍ୟାଟିଂ କରି ଦଳକୁ ଜିତାଇଥଲେ।

ଧାଓ୍ୱନ ୪୨ଟି ବଲ୍ ଖେଳି ମାତ୍ର ୪୧ ରନ ସଂଗ୍ରହ କରିଥିଲେ। ଯଦି ଆଗାମୀ ଦୁଇଟି ମ୍ୟାଚ୍‌ରେ ସେ ଭଲ ନ ଖେଳନ୍ତି ତାହେଲେ ତାଙ୍କ ଦକ୍ଷତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବ ବୋଲି କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସୁନୀଲ ଗାଭାସ୍କର କହିଛନ୍ତି। ସେହିପରି ଲୋକେଶ ରାହୁଲ ଟେଷ୍ଟ ଦଳରୁ ସ୍ଥାନ ହରାଇବା ପରେ ଟି୨୦ ଦଳରେ ସ୍ଥାନ ପକ୍କା କରିବାକୁ ଚାହାନ୍ତି। ତେବେ ତାଙ୍କୁ ଏଥିପାଇଁ ଭଲ ପ୍ରଦର୍ଶନ କରିବାକୁ ହେବ। ପ୍ରଥମ ମ୍ୟାଚ୍‌ରେ ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ ଶ୍ରେୟାସ ଆୟାରଙ୍କୁ ବାଦ୍ ଦେଲେ ବାକି ସମସ୍ତେ ବିଫଳ ହୋଇଥିଲେ। ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ, ଦୁଇ ଅଲରାଉଣ୍ଡର କ୍ରୁନାଲ ପାଣ୍ଡ୍ୟା ଓ ଶିବମ ଦୁବେ ନିରାଶ କରିଥିଲେ। ଏହି ମ୍ୟାଚ୍‌ରେ ଯୁବ ଖେଳାଳିମାନଙ୍କୁ ନିଜ ଚୟନର ଯଥାର୍ଥତା ପ୍ରତିପାଦନ କରିବାକୁ ହେବ। ମ୍ୟାଚ୍ ପରିସ୍ଥିତି ନେଇ ଏମାନଙ୍କୁ ଖେଳିବାକୁ ହେବ। ଦ୍ୱିତୀୟ ମ୍ୟାଚ୍‌ରେ ଟିମ୍ ମ୍ୟାନେଜମେଣ୍ଟ ଶିବମ ଦୁବେଙ୍କୁ ଖେଳାଇବ କି ଉଇକେଟକିପର ବ୍ୟାଟ୍ସମ୍ୟାନ ସଞ୍ଜୁ ସାମସନଙ୍କୁ ଖେଳାଇବ ତାହା ଦେଖିବାକୁ ବାକି ରହିଲା। ଯଦି କର୍ଣ୍ଣାଟକ ବ୍ୟାଟ୍ସମ୍ୟାନ ମନୀଷ ପାଣ୍ଡେ ଖେଳନ୍ତି ତାହେଲେ ଏମାନଙ୍କ ମଧ୍ୟରୁ ଜଣକୁ ବେଞ୍ଚରେ ବସିବାକୁ ପଡିବ।

ଅନଭିଜ୍ଞ ବୋଲିଂ ବିଭାଗ ଭାରତ ପାଇଁ ଚିନ୍ତା ସୃଷ୍ଟି କରିଛି। ଦ୍ରୁତ ବୋଲର ଖଲିଲ ଅହମ୍ମଦ ୪ ଓଭରରେ ୩୭ ରନ ବ୍ୟୟ କରିଥିଲେ। ୧୯ତମ ଓଭରରେ ସେ କ୍ରମାଗତ ୪ଟି ଚୌକା ଦେଇଥିଲେ। ତାଙ୍କ ବଦଳରେ ଶାର୍ଦ୍ଦୁଳ ଠାକୁରଙ୍କୁ ଦଳରେ ସାମିଲ କରାଯାଇପାରେ। ସେହିପରି ସ୍ପିନର ଓ୍ୱାଶିଂଟନ ସୁନ୍ଦର, ଯୁଜବେନ୍ଦ୍ର ଚହଲ ଓ କ୍ରୁନାଲ ରନ୍ ରୋକିବା ସହିତ ବ୍ରେକ୍ ଥ୍ରୁ ଦେବା ନିହାତି ଜରୁରୀ ହୋଇପଡିଛି।

ଅପରପକ୍ଷରେ ୯ଟି ମ୍ୟାଚ୍ ଖେଳି ବାଂଲାଦେଶ ଭାରତ ବିପକ୍ଷରେ ପ୍ରଥମ ଟି୨୦ ବିଜୟ ହାସଲ କରି ବେଶ୍ ଉତ୍ସାହିତ ହୋଇପଡିଛି। ଆଉ ଏକ ମ୍ୟାଚ୍ ଜିତି ବାଂଲାଦେଶ ସିରିଜ ବିଜୟ ଲକ୍ଷ୍ୟରେ ରହିଛି। ତାମିମ ଇକବାଲ ଓ ଶକିବଙ୍କ ଅନୁପସ୍ଥିତିରେ ମୁସ୍‌ଫିକର ରହିମ ଆଉ ଏକ ଦମ୍‌ଦାର ଇନିଂସ ଖେଳିବେ ଓ ବାଂଲାଦେଶ ସ୍ପିନର ଅମିନୁଲ ଇସ୍‌ଲାମ ଓ ଦ୍ରୁତ ବୋଲର ସଫିଉଲ ଇସ୍‌ଲାମ ପୁଣି ଥରେ ଦମ୍ ଦେଖାଇବେ ବୋଲି ଆଶା କରାଯାଉଛି। ଏହି ମ୍ୟାଚ୍ ଭାରତ ପାଇଁ ଅଧିକ ଗୁରୁତ୍ୱବହନ କରୁଛି। ଫଳରେ ଏହି ମୁକାବିଲାରେ ସଂଘର୍ଷପୂର୍ଣ୍ଣ ଓ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।

**ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), ଖଲିଲ ଅହମ୍ମଦ, ଯୁଜବେନ୍ଦ୍ର ଚହଲ, ଦୀପକ ଚହର, ରାହୁଲ ଚହର, ଶିଖର ଧାଓ୍ୱନ, ଶିବମ୍ ଦୁବେ, ଶ୍ରେୟାସ ଆୟାର, ମନୀଷ ପାଣ୍ଡେ, କ୍ରୁନାଲ ପାଣ୍ଡ୍ୟା, ରିଷଭ ପନ୍ତ, ଲୋକେଶ ରାହୁଲ, ସଞ୍ଜୁ ସାମସନ, ଓ୍ୱାଶିଂଟନ ସୁନ୍ଦର ଓ ଶର୍ଦ୍ଦୁଳ ଠାକୁର।

**ବାଂଲାଦେଶ ଦଳ:** ମହମୁଦୁଲ୍ଲା ରିୟାଦ (ଅଧିନାୟକ), ତାଇଜୁଲ ଇସ୍‌ଲାମ, ମହମ୍ମଦ ମିଥୁନ, ଲିଟନ କୁମାର ଦାସ, ସୌମ୍ୟ ସରକାର, ନାଇମ ଶେଖ, ମୁସ୍‌ଫିକର ରହିମ, ଅଫିପ୍ ହୋସେନ, ମୋସାଡେକ ହୋସେନ, ଅମିନୁଲ ଇସ୍‌ଲାମ, ଆରାଫତ ସନ୍ନୀ, ଅବୁ ହାଇଦର, ଅଲ- ଅମିନ ହୋସେନ, ମୁସ୍ତାଫିଜୁର ରହମାନ ଓ ସାଫିଉଲ ଇସ୍‌ଲାମ।

**ମ୍ୟାଚ୍ ଆରମ୍ଭ: ସନ୍ଧ୍ୟା ୭ଟା**
**ସ୍ଥାନ: ରାଜକୋଟ**
**ପ୍ରସାରଣ: ଷ୍ଟାରସ୍ପୋର୍ଟ୍ସ ନେଟ୍‌ଓ୍ୱାର୍କ**



ଅଭ୍ୟାସ ସେସନ ଅବସରରେ ରୋହିତ୍ ଶର୍ମା (ଡାହାଣ) ଓ ସାଥୀ ଖେଳାଳି।



ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସ୍‌ଏଲ୍) ପ୍ରତିଯୋଗିତାରେ ବୁଧବାର ନର୍ଥଇଷ୍ଟ ୟୁନାଇଟେଡ୍ ଓ ହାଇଦ୍ରାବାଦ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

## ଭାରତ-ଭିଏତ୍‌ନାମ ମ୍ୟାଚ୍ ଡ୍ର

ହାନୋଇ (ଭିଏତ୍‌ନାମ), ୬।୧୧ (ପି.ଟି.) ଭାରତ ଓ ଭିଏତ୍‌ନାମ ମହିଳା ଫୁଟ୍‌ବଲ ଦଳ ମଧ୍ୟରେ ବୁଧବାର ଏଠାରେ ଖେଳାଯାଇଥିବା ଫିଫା ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଡ୍ର'ରେ ଶେଷ ହୋଇଛି। ନିର୍ଦ୍ଧାରିତ ସମୟ ସୀମା ସୁଦ୍ଧା ଉଭୟ ଦଳ ଗୋଟିଏ ଲେଖାଏ ଗୋଲସ୍କୋର କରିବାରେ ସଫଳ ହୋଇଥିଲେ। ସ୍ଥାନୀୟ ନ୍ୟାଶନାଲ ଟ୍ରେନିଂ ସେଣ୍ଟରେ ଖେଳାଯାଇଥିବା ଏହି ମ୍ୟାଚ୍‌ର ୩୯ତମ ମିନିଟ୍‌ରେ ଭିଏତ୍‌ନାମ ଅଗ୍ରଣୀ ହାସଲ କରିଥିଲା। ଥାଇ ଥି ଥାଓଙ୍କ ଗୋଲ ବଳରେ ଘରୋଇ ଦଳ ପ୍ରଥମାର୍ଦ୍ଧ ସୁଦ୍ଧା ୧-୦ରେ ଆଗୁଆ ରହିଥିଲା। ତେବେ ଭାରତ ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ଗୋଲ ଶୁଝାଇବାରେ ସକ୍ଷମ ହୋଇଥିଲା। ରଞ୍ଜନ ଚାଣୁ ଭାରତ ପାଇଁ ଏହି ଗୋଲଟି ଦେଇଥିଲେ। ମ୍ୟାଚ୍ ଶେଷ ସୁଦ୍ଧା ଉଭୟ ଦଳ ପକ୍ଷରୁ ଆଉ କୌଣସି ଗୋଲ ହୋଇ ନ ଥିଲା। ଫଳରେ ୧-୧ରେ ଡ୍ର ରହିଥିଲା। ପୂର୍ବରୁ ଉଭୟ ଦଳ ମଧ୍ୟରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଭାରତ ୦-୩ ଗୋଲରେ ପରାସ୍ତ ହୋଇଥିଲା।

## ସର୍ବଭାରତୀୟ ଟୁର୍ନାମେଣ୍ଟ ଲାଗି ସମ୍ବଲପୁରକୁ ଯୋଗ୍ୟତା

**କଟକ ଅଫିସ,୬।୧୧**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ କଟକରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଫୁଟବଲ ଟୁର୍ନାମେଣ୍ଟରୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦଳ ସର୍ବଭାରତୀୟ ଟୁର୍ନାମେଣ୍ଟ ନିମନ୍ତେ ଯୋଗ୍ୟତା ହାସଲ କରିଛି। ଓଡ଼ିଶାର ଏକମାତ୍ର ଦଳ ଭାବେ ଏହି ଦଳ ଲିଗ୍ ପର୍ଯ୍ୟାୟରେ ଖେଳିବାର ସୁଯୋଗ ପାଇଛି। ଏଥିସହ ସମ୍ବଲପୁର ଆଗାମୀ ଦିନରେ ହେବାକୁ ଥିବା ସର୍ବଭାରତୀୟ ବିଶ୍ୱବିଦ୍ୟାଳୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବାର ଯୋଗ୍ୟତା ମଧ ହାସଲ କରିଛି। ବୁଧବାର ଟୁର୍ନାମେଣ୍ଟର ଲିଗ୍ ପର୍ଯ୍ୟାୟ ଲାଇନ୍‌ଅପ ଚୂଡ଼ାନ୍ତ ହୋଇଥିଲା। ସମ୍ବଲପୁର ସମେତ ପଶ୍ଚିମବଙ୍ଗର ଆଡାମସ ବିଶ୍ୱବିଦ୍ୟାଳୟ ଓ କଲିକତା ବିଶ୍ୱବିଦ୍ୟାଳୟ, ଝାଡ଼ଖଣ୍ଡର ରାଞ୍ଚି ବିଶ୍ୱବିଦ୍ୟାଳୟ ଲିଗ ପର୍ଯ୍ୟାୟରେ ପ୍ରବେଶ କରିଛନ୍ତି। ଏହି ୪ଟି ଯାକ ଦଳ ପରସ୍ପର ମଧ୍ୟରେ ମ୍ୟାଚ୍ ଖେଳିବେ। ଗତବର୍ଷ ମଧ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସର୍ବଭାରତୀୟ ଟୁର୍ନାମେଣ୍ଟରେ ଅଂଶ ଗ୍ରହଣ କରିଥିଲା। ବୁଧବାର ଅନୁଷ୍ଠିତ ମ୍ୟାଚ୍‌ରେ କିସ୍ ଓ ଉତ୍କଳ ପରାସ୍ତ ହୋଇ ପ୍ରତିଯୋଗିତାରୁ ବାଦ ପଡ଼ିଥିଲେ।

## ବକ୍ସିଂ ଆଇକନ ଆଡାମ୍ସଙ୍କ ଅବସର

**ଲଣ୍ଡନ,୬।୧୧(ଏଏଫ୍‌ପି)**

ଦୁଇ ଥର ଅଲିମ୍ପିକ୍ ଚାମ୍ପିୟନ ନିକୋଲା ଆଡାମ୍ସ ବୁଧବାର ଅନ୍ତର୍ଜାତୀୟ ବକ୍ସିଂରୁ ଅବସର ନେଇଛନ୍ତି। ଦୃଷ୍ଟି ଜନିତ ସମସ୍ୟା ଯୋଗୁ ୩୭ବର୍ଷୀୟା ବ୍ରିଟେନ ବକ୍ସର ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ସେ ବିଶ୍ୱର ପ୍ରଥମ ମହିଳା ଭାବେ ଫ୍ଲାଇଓ୍ୱେଟ କାଟେଗୋରୀରେ ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହି ସଫଳତା ସେ ୨୦୧୨ ଲଣ୍ଡନ ଅଲିମ୍ପିକ୍ସ ପାଇଥିଲେ। ନିଜକୁ କମ୍‌ବ୍ୟାକ୍ କିଡ୍ କହୁଥିବା ଆଡାମ୍ସ ୨୦୧୫ରେ କାନ୍ଧରେ ଅସ୍ତ୍ରୋପଚାର ପରେ ପ୍ରଥମ ୟୁରୋପିଆନ ଜେମ୍ସ ଟାଇଟଲ ଜିତିଥିଲେ। ଦୃଷ୍ଟିଜନିତ ସମସ୍ୟା ଯୋଗୁ ହ୍ୟାଟ୍ରିକ ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ହାତେଇବା ଆଶା ତ୍ୟାଗ କରିଥିବା କହିଛନ୍ତି। ୟର୍କଶାୟର ଇଭିନିଂ ପୋଷ୍ଟ ନାମକ ଏକ ସ୍ଥାନିୟ ଖବରକାଗଜକୁ ପଠାଇଥିବା ଏକ ପତ୍ରରେ ଲେଖିଛନ୍ତି, ଡାକ୍ତରଙ୍କ ପରାମର୍ଶ କ୍ରମେ ଅବସର ନିଷ୍ପତ୍ତି ନେଇଛି। ବକ୍ସିଂ ଜାରି ରଖିବା ଦ୍ୱାରା ମୋ ଦୃଷ୍ଟି ଶକ୍ତି ସବୁଦିନ ପାଇଁ ଚାଲିଯିବା ଆଶଙ୍କା ଥିବା ଡାକ୍ତର କହିଥିଲେ। ଆଡାମ୍ସ ରିଓ ଅଲିମ୍ପିକ୍ସରେ ନିଜ ଟାଇଟଲ ସଫଳତାର ସହ ବଜାୟ ରଖିଥିଲେ। ୨୦୧୮ରେ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ଜିତିଥିଲେ। ଦେଶ ପାଇଁ ପ୍ରତିନିଧିତ୍ୱ କରିବାକୁ ସୁଯୋଗ ପାଇଥିବାରୁ ମୁଁ ଗର୍ବିତ। ଦୁଇ ଥର ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ଓ ଡବ୍ଲ୍ୟୁବିଓ ଚାମ୍ପିୟନଶିପ୍ ଜିତିବା ମୋ ପାଇଁ ସ୍ୱପ୍ନ ସତ ହେଲା ଭଳି ଘଟଣା। କିନ୍ତୁ ମୋ ଶରୀର ମୋତେ ଆଉ ଅନୁମତି ଦେଉ ନାହିଁ।



ନିକୋଲା ଆଡାମ୍ସ

## ଜୋନ୍ସ କ୍ରିକେଟ ଅଷ୍ଟ୍ରେଲିଆ ନିର୍ଦ୍ଦେଶକ

ମେଲବୋର୍ନ, ୬।୧୧: ପୂର୍ବତନ ମହିଳା କ୍ରିକେଟର ମେଲାନି ଜୋନ୍ସ କ୍ରିକେଟ ଅଷ୍ଟ୍ରେଲିଆର ନିର୍ଦ୍ଦେଶକ ଭାବେ ନିଯୁକ୍ତ ହୋଇଛନ୍ତି। ବୁଧବାର ତାଙ୍କୁ ଏହି ହାଇପ୍ରୋଫାଇଲ ପଦ ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଛି। ୧୯୯୭ରେ ଜୋନ୍ସ ଅଷ୍ଟ୍ରେଲିଆ ପାଇଁ ଅନ୍ତର୍ଜାତୀୟ କ୍ରିକେଟରେ ପଦାର୍ପଣ କରିଥିଲେ। ୨୦୦୫ରେ ସେ ତାଙ୍କର ପ୍ରଥମ ବିଶ୍ୱକପ୍ ଜିତିଥିଲେ। ଏହାପରେ ବର୍ଷ ସେ ପଦାର୍ପଣରେ ୧୩୧ ରନର ଶତକୀୟ ପାଳି ଖେଳି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଓ ଏହା ତାଙ୍କର ପ୍ରଥମ ଆଶେସ ଶତକ ଥିଲା। ଏହି ଗୁରୁଦାୟିତ୍ୱ ମିଳିଥିବାରୁ ବହୁତ ଖୁସି ବୋଲି ସେ କହିଛନ୍ତି। କ୍ରିକେଟ ପ୍ରତି ତାଙ୍କର ଅବଦାନ ପାଇଁ ଚଳିତ ବର୍ଷ ପ୍ରାରମ୍ଭରେ ତାଙ୍କୁ ଦେଶର ସର୍ବୋଚ୍ଚ ସମ୍ମାନ ଅର୍ଡର ଅଫ୍ ଅଷ୍ଟ୍ରେଲିଆ ପୁରସ୍କାର ପ୍ରଦାନ କରାଯାଇଥିଲା। କ୍ରିକେଟ ଛାଡିବା ପରେ ସେ ଭାଷ୍ୟକାର ହିସାବରେ ବେଶ୍ ସଫଳତା ହାସଲ କରିଥିଲେ। ଜୋନ୍ସଙ୍କ ଅଭିଜ୍ଞତା କାମରେ ଆସିବ ବୋଲି କ୍ରିକେଟ ଅଷ୍ଟ୍ରେଲିଆ ଚେୟାରମ୍ୟାନ ଇର୍ଲ ଏଡିଙ୍ଗ୍ସ କହିଛନ୍ତି। ଗତ ଦୁଇ ବର୍ଷ ହେବ ଅଷ୍ଟ୍ରେଲିଆ କ୍ରିକେଟରେ ବୈପ୍ଳବିକ ପରିବର୍ତ୍ତନ ହୋଇଛି। ଜୋନ୍ସଙ୍କ ଅଭିଜ୍ଞତାରୁ ଅଷ୍ଟ୍ରେଲିଆ କ୍ରିକେଟ ଆହୁରି ଆଗକୁ ଯିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।



ମେଲାନି ଜୋନ୍ସ

## ଆନ୍ତଃ ଜିଲା, ରାଜ୍ୟ ଟିଟି ଚାମ୍ପିୟନଶିପ୍ ଉଦ୍‌ଘାଟିତ

**କଟକ ଅଫିସ,୬।୧୧**

ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ୨୫ତମ ଆନ୍ତଃ ଜିଲା ଓ ରାଜ୍ୟ ଟେବୁଲ ଟେନିସ (ଟିଟି) ଚାମ୍ପିୟନଶିପ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ୪ଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତା ଚଳିତଥର ରୌପ୍ୟ ଜୟନ୍ତୀ ବର୍ଷରେ ପଦାର୍ପଣ କରିଛି। ୨୦ଜିଲା ଓ ୫ଟି ଅନୁଷ୍ଠାନରୁ ୩୧୦ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଛନ୍ତି। ଏମାନଙ୍କ ମଧ୍ୟରେ ୨୫୫ ପୁରୁଷ ଓ ୫୫ଜଣ ମହିଳା ପ୍ରତିଯୋଗୀ ରହିଛନ୍ତି।

ଉଦ୍‌ଘାଟନୀ ଦିବସରେ କ୍ୟାଡେଟ୍ ବାଳିକା ବର୍ଗର ଇଭେଣ୍ଟରେ କଟକର ଦେବୀନା ନାୟକ, ଆଫିୟା ମୋହସିନ, ପି. ସୁକୁଲ ଦେବୀ, ସବିତା ମୁର୍ମୁ, ଡି. ସାଦିକା, ଭୂମିକା ବଳ, ଉର୍ଜା ବର୍ମା, ସାକ୍ଷୀ ଭଗତ ବିଜୟୀ ହୋଇ ମୁଖ୍ୟ ଡ୍ର'ର ଶ୍ରେଷ୍ଠ ୮ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ସିନିୟର ପୁରୁଷ ଦଳଗତ ଇଭେଣ୍ଟରେ କଟକ-ବି ୩-୦ ସେଟ୍‌ରେ ବ୍ରହ୍ମପୁରକୁ ପରାସ୍ତ କରିଥିଲା। ଏହି ଇଭେଣ୍ଟର ଅନ୍ୟ ମ୍ୟାଚ୍‌ରେ ଭୁବନେଶ୍ୱର-ଏ ୩-୧ ସେଟରେ କେନ୍ଦୁଝରକୁ, ଭୁବନେଶ୍ୱର ୩-୦ ସେଟରେ ଝାରସୁଗୁଡ଼ାକୁ, ଏଜି ଓଡ଼ିଶା ୩-୦ ସେଟରେ କିଟ୍ ବିଶ୍ୱବିଦ୍ୟାଳୟକୁ, କଟକ-ଏ ୩-୦ ସେଟରେ ନବରଙ୍ଗପୁରକୁ, କଟକ-ଏ ୩-୦ ସେଟରେ କେଡିଟିଟିଏକୁ, ଇଷ୍ଟକୋଷ୍ଟ ରେଲୱେ ୩-୦ ସେଟରେ ଏମ୍‌ସିଏଲ ବୁର୍ଲାକୁ ହରାଇଥିଲା। ପ୍ରତିଯୋଗିତାରେ ମୋଟ ୧୫ଟି ଇଭେଣ୍ଟ ଖେଳାଯିବ। ସିନିୟର ପୁରୁଷ ଓ ଜୁନିୟର ବାଳକ ବିଭାଗରେ ଦଳଗତ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହାଛଡ଼ା ଉଭୟ ପୁରୁଷ ଓ ମହିଳା ସିଙ୍ଗଲ୍ସ, ୟୁଥ ବାଳକ ସିଙ୍ଗଲ୍ସ, ଜୁନିୟର ବାଳକ ଓ ବାଳିକା ସିଙ୍ଗଲ୍ସ, ସବ୍‌ଜୁନିୟର ବାଳକ ଓ ବାଳିକା ସିଙ୍ଗଲ୍ସ ଏବଂ କ୍ୟାଡେଟ୍ ବାଳକ ଓ ବାଳିକା ସିଙ୍ଗଲ୍ସ ଇଭେଣ୍ଟ ଖେଳାଯିବ। କେବଳ ଜୁନିୟର ବାଳକ ବିଭାଗରେ ଡବଲ୍ସ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଭେଟେରାନ ଖେଳାଳିମାନଙ୍କ ମଧ୍ୟରେ ୪୦ରୁ ଊର୍ଦ୍ଧ୍ୱ, ୫୦ରୁ ଊର୍ଦ୍ଧ୍ୱ ଓ ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସ ବର୍ଗରେ ସିଙ୍ଗଲ୍ସ ଓ ଡବଲ୍ସ ପ୍ରତିଯୋଗିତା ମଧ ଅନୁଷ୍ଠିତ ହେବ। କୃତୀ ପ୍ରତିଯୋଗୀଙ୍କୁ ଆକର୍ଷଣୀୟ ଟ୍ରଫି ସହ ଅର୍ଥ ପୁରସ୍କାର ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି।

ଉଦ୍‌ଘାଟନୀ ଉତ୍ସବରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନିଲ କୁମାର ସାମଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସିଏମ୍‌ସି କମିଶନର ଅନନ୍ୟା ଦାସ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉପସଭାପତି ଚିତ୍ତରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପ୍ରତିଯୋଗିତାରେ ମୁଖ୍ୟ ରେଫରି ଦାୟିତ୍ୱ ତୁଲାଉଛନ୍ତି ସୁଜିତ ରାୟ।






ପ୍ରଦୀପ ପ୍ରଜ୍ୱଳନ କରି ଅତିଥି ଟେବୁଲ ଟେନିସ ପ୍ରତିଯୋଗିତାକୁ ଉଦ୍‌ଘାଟନ କରୁଛନ୍ତି। ପ୍ରଥମ ଦିବସରେ ଭାଗ ନେଇଥିବା ପ୍ରତିଯୋଗୀମାନେ।

## ସଂକ୍ଷେପରେ

### ବାଇକ ଦୁର୍ଘଟଣା: ଚାଳକ ମୃତ

ଶଙ୍କରାଖୋଲ, ୬।୧୧ (ଡି.ଏନ୍.ଏ.)- କନ୍ଧମାଳ ଜିଲା ବିଶିପଡ଼ା ସଦରଥାନା ଗୁମାଗଡ଼ ଗ୍ରାମ ଶ୍ମଶାନ ନିକଟ ବୁଲାଣିରେ ମଙ୍ଗଳବାର ରାତି ୧୦ରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଭାରସାମ୍ୟ ହରାଇ ବାଇକଟି ରାସ୍ତା କଡ଼ରେ ଥିବା ପିଲରରେ ପିଟି ହେବାରୁ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗୁମାଗଡର ବିରୁପାକ୍ଷ କହଁର। ବୁଧବାର ସକାଳେ ସଦର ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏ ନେଇ ନଂ.୮୯।୧୯ରେ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ଆଦିତ୍ୟ କୁମାର ସେଠୀ କହିଛନ୍ତି। ବିରୁପାକ୍ଷ କୌଣସି କାମରେ ଶଙ୍କରାଖୋଲ ଆସି ଗୁମାଗଡ଼ ଫେରୁଥିବାବେଳେ କୌଣସି କାରଣରୁ ଏହି ଦୁର୍ଘଟଣା ଘଟିଥିଲା।

### ଦୁର୍ଘଟଣାରେ ୨ ଗୁରୁତର

ସୋରଡା,୬।୧୧(ଡି.ଏନ୍.ଏ.): ସୋରଡା ବ୍ଲକ ଗାଜଲବାଡି ରାସ୍ତା ସଁପଦା ଗ୍ରାମ ଛକରେ ବାଇକ ଦୁର୍ଘଟଣା ଘଟି ୨ ଗୁରୁତର ହୋଇଥିବା ବେଳେ ଜଣେ ଆହତ ହୋଇଛନ୍ତି। ସେମାନେ ହେଲେ ଅସୁରବନ୍ଧ ପଞ୍ଚାୟତ ପାନିଆମ୍ବ ଗ୍ରାମର ଜଗନ୍ନାଥ ମଲିକ (୩୪) ଓ ମଝିଗାଁର ଅନ୍ତର୍ଯ୍ୟାମୀ ମଲିକ (୩୫)। ଜଗନ୍ନାଥ ଓ ଅନ୍ତର୍ଯ୍ୟାମୀ ବାଇକ ଯୋଗେ ବୁଧବାର ରାତିରେ ଗାଜଲବାଡି ଅଭିମୁଖେ ଯାଉଥିବାବେଳେ ସଁପଦା ଛକ ନିକଟରେ ଠିଆ ହୋଇଥିବା ଗମ୍ଭାରୀଗୁଡି ଗ୍ରାମର ଟୁକୁନା ମଲିକଙ୍କୁ ଧକ୍କା ଦେଇଥିଲେ। ଦମକଳବାହିନୀ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ସୋରଡା ମେଡିକାଲକୁ ଆଣିଥିଲେ। ଅନ୍ତର୍ଯ୍ୟାମୀ ଓ ଜଗନ୍ନାଥଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଛି। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଗାଡ଼ି ଧକ୍କାରେ ସ୍କୁଲ ଛାତ୍ରୀ ଆହତ, ରାସ୍ତାରୋକୋ

ଖଲ୍ଲିକୋଟ,୬।୧୧(ଡି.ଏନ୍.ଏ.)

ଖଲ୍ଲିକୋଟ ବ୍ଲକ କେଶପୁର ବଜାର ଫାୟାର ଷ୍ଟେଶନ ନିକଟରେ ବୁଧବାର ଅପରାହ୍ନରେ ଗାଡ଼ି ଧକ୍କାରେ ଜଣେ ସ୍କୁଲ ଛାତ୍ରୀ ଆହତ ହୋଇଛନ୍ତି। ପ୍ରତିବାଦରେ ଲୋକେ ରାସ୍ତା ଅବରୋଧ କରିଥିଲେ।

ପ୍ରକାଶ ଯେ, କେଶପୁର ଓଡ଼ିଆର୍‌ପି କଲୋନୀର ମହାଲକ୍ଷ୍ମୀ ସେଠୀ(୧୦) ସ୍କୁଲରୁ ଫେରୁଥିବାବେଳେ ଦମକଳ କେନ୍ଦ୍ର ନିକଟରେ ଅଜଣା ଗାଡ଼ି ଧକ୍କାଦେବାରୁ ଆହତ ହୋଇଥିଲେ। ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ପଠାଯାଇଥିଲା। ବାରମ୍ବାର ଉକ୍ତ ସ୍ଥାନରେ ଦୁର୍ଘଟଣା ଘଟୁଥିବାବେଳେ ପ୍ରଶାସନ କୌଣସି ପ୍ରତିକାର ବ୍ୟବସ୍ଥା କରୁନାହିଁ। ଏହାର ପ୍ରତିବାଦରେ ଓଡିଆରପି କଲୋନୀ ବାସିନ୍ଦା ଦୁଇ ଘଣ୍ଟାରୁ ଅଧିକ ସମୟ ୧୬ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ସେମାନଙ୍କ ଦାବି ଥିଲା ସରକାରଙ୍କ ପକ୍ଷରୁ ଓଡିଆର୍‌ପି ଘର ପ୍ରଦାନ କରାଯାଇଥିଲେ ସୁଦ୍ଧା ସ୍କୁଲ, ଅଙ୍ଗନୱାଡ଼ି କେନ୍ଦ୍ର, ପାନୀୟ ଜଳ ଯୋଗାଣ ଆଦି ସୁବିଧା ନଥିବାରୁ କଲୋନୀ ଲୋକେ ରାଜପଥ ଅତିକ୍ରମ କରିବାକୁ ପଡୁଛି। ଫଳରେ ବିଭିନ୍ନ ସମସ୍ୟା ସହ ବହୁ ସମୟରେ ଦୁର୍ଘଟଣା ଘଟୁଛି। ଖଲ୍ଲିକୋଟ ତହସିଲଦାର ଚିତ୍ତରଞ୍ଜନ ମହାନ୍ତ, ଆଇଆଇସି ସତ୍ୟ ରଞ୍ଜନ ପ୍ରଧାନ ପ୍ରମୁଖ ପହଞ୍ଚି ଲୋକଙ୍କୁ ବୁଝାଶୁଝା ପରେ ରାସ୍ତାରୋକୋ ହଟିଥିଲା। ବିଧାୟକ ପ୍ରତିନିଧି ଦଇତାରୀ ବେହେରା, ବାବୁ ବେହେରା ପ୍ରମୁଖ ଉପସ୍ଥିତ ରହି ଆନ୍ଦୋଳନରତ ଜନସାଧାରଣଙ୍କୁ ବୁଝାଇଥିଲେ।



ଖଲ୍ଲିକୋଟ ଦମକଳ କେନ୍ଦ୍ର ନିକଟରେ ଜାତୀୟ ରାଜପଥ ଅବରୋଧ କରାଯାଇଛି।

### ■ ଜମି କିଣିବା ନାଁରେ ୧୫ ଲକ୍ଷ ଠକେଇ

# ୧୦ ବର୍ଷ ପରେ ଜମି ପାଇଲେ ମହିଳା

ଗୋପାଳପୁର,୬।୧୧

ଜଣେ ମହିଳାଙ୍କ ନାଁରେ ଜମି କିଣିବା ପାଇଁ ସମ୍ପର୍କୀୟ ଭାଇ ମହିଳାଙ୍କଠାରୁ ୧୫ ଲକ୍ଷ ଟଙ୍କା ନେଇଥିଲେ। ପରେ ଜମି କିଣି ସମ୍ପୃକ୍ତା ମହିଳାଙ୍କ ନାଁରେ ନ କରି ନିଜ ଭଣଜାଙ୍କ ନାଁରେ କରି ଦେଇଥିଲେ। ଏ ନେଇ ଦୀର୍ଘ ୧୦ ବର୍ଷ ପରେ ମହିଳା ଜଣକ ଗତ ଏକ ସପ୍ତାହ ତଳେ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ରଙ୍କଠାରେ ଅଭିଯୋଗ କରିଥିଲେ। ପୋଲିସର ହସ୍ତକ୍ଷେପପରେ ମହିଳା ଜମି ପାଇଛନ୍ତି।

ପ୍ରକାଶ ଯେ, ଗୋପାଳପୁର ଥାନା କରାପଲ୍ଲୀ ଗ୍ରାମର କାମେଶ୍ୱରୀ (୫୫)ଙ୍କ ସ୍ୱାମୀ ଭାରତୀୟ ସେନା ବାହିନୀରେ ଯବାନ ରୂପେ କାର୍ଯ୍ୟ କରୁଥିଲେ। କାର୍ଯ୍ୟରତ ଥିବାବେଳେ ତାଙ୍କ ସ୍ୱାମୀ ଶହୀଦ ହୋଇଯାଇଥିଲେ। ଏଥିପାଇଁ କାମେଶ୍ୱରୀଙ୍କୁ ୨୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ମିଳିଥିଲା। ସେତେବେଳେ ତାଙ୍କ ସମ୍ପର୍କୀୟ ଭାଇ ପୁରୁଷୋତ୍ତମ ସାହୁ ଏକ ଜମି ତୁମ ନାମରେ କିଣାଯିବ କହି ଟଙ୍କା ନେଇଥିଲେ। ଜମି କିଣିବା ପରେ ତାଙ୍କ ଭଣଜା ଅନୀଲ ସାହୁଙ୍କ ନାମରେ କରି ଦେଇଥିଲେ, ଏବଂ ତୁମର ସମୟ ଭଲ ନାହିଁ ବୋଲି କାମେଶ୍ୱରୀଙ୍କୁ କହି ବାରମ୍ବାର ଭଣ୍ଡେଇ ଚାଲିଥିଲେ। ୧୦ ବର୍ଷ ପରେ ମହିଳା ଜଣକ ବ୍ରହ୍ମପୁର ଏସ୍‌ପିଙ୍କୁ ଜଣାଇବା ପରେ ସେ ଗୋପାଳପୁର ଥାନାକୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଗୋପାଳପୁର ପୋଲିସ ଏହାର ତଦନ୍ତ କରି ଉଭୟ ପକ୍ଷକୁ ଡାକିଥିଲା। ଅନିଲ ଓ ପୁରୁଷୋତ୍ତମ ନିଜ ଭୁଲ ମାନି ଉକ୍ତ ଜାଗାକୁ କାମେଶ୍ୱରୀଙ୍କ ନାମରେ ରେଜିଷ୍ଟ୍ରେଶନ କରିଛନ୍ତି।

### ଏସ୍‌ପିଙ୍କୁ ଭେଟିଲେ ନିର୍ଯାତିତା

ଛତ୍ରପୁର,୬।୧୧(ଡି.ଏନ.ଏ)

ସ୍ୱାମୀଙ୍କ ଦ୍ୱାରା ନିର୍ଯାତିତା ପ୍ରମିଳା ସାହୁ ତାଙ୍କ ମା'ଙ୍କ ସହ ବୁଧବାର ଛତ୍ରପୁର ଆସି ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏଙ୍କୁ ଭେଟି ସମସ୍ୟା ଜଣାଇଛନ୍ତି। ବିବାହ ପରଠାରୁ ସ୍ୱାମୀ ମାଡ଼ ମାରୁଥିବା ଏବଂ ଘରେ ରଖୁ ନ ଥିବା ପ୍ରମିଳା ଅଭିଯୋଗ କରିଛନ୍ତି। କିଭଳି ସ୍ୱାମୀ ଘରେ ରଖି ସ୍ତ୍ରୀର ମର୍ଯ୍ୟାଦା ଦେବେ ସେ ନେଇ ଏସ୍‌ପିଙ୍କୁ ଅନୁରୋଧ କରିଥିଲେ। ୩ ବର୍ଷ ହେଲା ପ୍ରମିଳା ବ୍ରହ୍ମପୁରସ୍ଥିତ ତାଙ୍କ ମା'ଙ୍କ ଘରେ ରହିଆସୁଛନ୍ତି। ପୂର୍ବରୁ ଏ ନେଇ ସେ ସ୍ଥାନୀୟ ପୋଲିସକୁ ଜଣାଇଥିଲେ ମଧ୍ୟ ସମାଧାନ ହୋଇ ନ ଥିଲା। ଏହି ମାମଲାର ତଦନ୍ତ ଦାୟିତ୍ୱ ଏସ୍‌ପି ଭଞ୍ଜନଗର ଏସ୍‌ଡିପିଓଙ୍କୁ ଦେଇଛନ୍ତି।

# ଘୋଡ଼ାହାଡ଼ ଡ୍ୟାମ ପକ୍ଷରୁ ନଦୀ ତଟବର୍ତ୍ତୀ ଗାଁକୁ ସତର୍କ ସୂଚନା ଜାରି

ଦିଗପହଣ୍ଡି,୬।୧୧(ଡି.ଏନ.ଏ.)

ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗର ଏବଂ ଉତ୍ତର ଆଣ୍ଡାମାନ ନିକଟରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ଅତ୍ୟଧିକ ବର୍ଷା ହେବାର ଆଶଙ୍କା ରହିଛି। ଏଥିପାଇଁ ଘୋଡାହାଡ ଡ୍ୟାମରୁ ଯେ କୌଣସି ମୁହୂର୍ତ୍ତରେ ଘୋଡାହାଡ ନଦୀକୁ ପାଣି ଛଡାଯିବା ବୋଲି ଦିଗପହଣ୍ଡିସ୍ଥିତ ଘୋଡାହାଡ ଜଳସେଚନ କାର୍ଯ୍ୟାଳୟ ପକ୍ଷରୁ ବୁଧବାର ନୋଟିସ କରାଯାଇଛି। ଡ୍ୟାମର ଜଳଧାରଣ କ୍ଷମତା ୧୧୮.୩୦ ମିଟର ଥିବା ବେଳେ ବିପଦ ସଙ୍କେତ ୧୧୭.୮୦ ମିଟରକୁ ଧାର୍ଯ୍ୟ କରାଯାଇଛି। ସନ୍ଧ୍ୟା ସୁଦ୍ଧା ଜଳପତ୍ତନ ୧୧୭.୭୫ ମିଟର ଥିବା ଘୋଡ଼ାହାଡ ଜଳସେଚନ ଉପଖଣ୍ଡ କାର୍ଯ୍ୟାଳୟ ଉପନିର୍ବାହୀ ଯନ୍ତ୍ରୀ ଇଂ.ପ୍ରମୋଦ କୁମାର ପଣ୍ଡା କହିଛନ୍ତି। ସମ୍ଭାବ୍ୟ ବନ୍ୟା ପରିଚାଳନା ପାଇଁ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଘୋଡ଼ାହାଡ ନଦୀତଟବର୍ତ୍ତୀ ଗାଁ ସେବକ ଟିକରପଡା, ଗୋଲଣ୍ଡା, ବୁରିପଦର, କୈଠଖଣ୍ଡି, ତଲାସୀଙ୍ଗ, ମଧୁବନ, ପେଣ୍ଟା, ଧେରେଣ୍ଡି, ପନାଡ, ମଳାଭଞ୍ଜା, ଖୋଲଡ଼ି, ନୂଆଗଡ, ଭୋଇପଲ୍ଲି, ଆମ୍ବଗାଁ, ଜଳମରା, ପଳାସପୁର, ମହାନାଳା, ପାଟପୁର ଆଦିକୁ ଜଳ ସମ୍ପଦ ବିଭାଗ ପକ୍ଷରୁ ନୋଟିସ ଜାରି କରାଯାଇଛି। କୌଣସି ବ୍ୟକ୍ତି ନଦୀକୁ ନ ଯିବା ସହ ସେମାନଙ୍କ ଗୃହପାଳିତ ପ୍ରାଣୀ ନ ଛାଡିବା ପାଇଁ ନିବେଦନ କରାଯାଇଛି। ବର୍ଷା ଆରମ୍ଭ ହେଲେ ଯେକୌଣସି ମୁହୂର୍ତ୍ତରେ ଡ୍ୟାମର ଗେଟ ଖୋଲାଯାଇ ସ୍ପିଲୱେ ଦେଇ ନଦୀ ମଧ୍ୟକୁ ବନ୍ୟା ଜଳ ଛଡାଯିବ ବୋଲି ଡ୍ୟାମ ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ ଇଂ.ନିରଞ୍ଜନ ସାହୁ କହିଛନ୍ତି।

### ■ ତ୍ରାହି ଅଚ୍ୟୁତ ଆଶ୍ରମ ଜମି ବିବାଦ ମାମଲା

# ୨୬ରେ ଆପୋସ ବୁଝାମଣା ଉପରେ ଶୁଣାଣି

ଛତ୍ରପୁର,୬।୧୧(ଡି.ଏନ.ଏ.)

ଛତ୍ରପୁର ତ୍ରାହି ଅଚ୍ୟୁତ ଆଶ୍ରମ ଜମି ବିବାଦ ମାମଲାରେ ଆପୋସ ବୁଝାମଣା ପିଟିଶନ ଦାଖଲ ହୋଇଥିଲା। ଏହା ଉପରେ ବିରୋଧ ପିଟିଶନ ବୁଧବାର ଏସ୍‌ଡିଜେଏମ୍ କୋର୍ଟରେ ଦାଖଲ ହୋଇଛି। କ୍ରାଇମବ୍ରାଞ୍ଚ ପକ୍ଷରୁ କ୍ୟାଡର ଏପିପି ରାଜେଶ କୁମାର ମିଶ୍ର ଏହା ଦାଖଲ କରିଥିଲେ। ଏହା ଉପରେ ଆସନ୍ତା ୨୬ରେ ଶୁଣାଣି ପାଇଁ ଏସ୍‌ଡିଜେଏମ୍ ଧାର୍ଯ୍ୟ କରିଛନ୍ତି। ଅନ୍ୟପକ୍ଷରେ ଛତ୍ରପୁର ଏସ୍‌ଡିଜେଏମ୍ କୋର୍ଟରେ ଏହି ଜମି ବିବାଦ ମାମଲାର ଶୁଣାଣି ଉପରେ ଚ୍ୟାଲେଞ୍ଜ କରି ତ୍ରାହି ଅଚ୍ୟୁତ ଆଶ୍ରମର ମୁଖ୍ୟ ସୁରେନ୍ଦ୍ରନାଥ ମିଶ୍ର (ସୁରବାବା)ଙ୍କ ପକ୍ଷରୁ ଏକ ପିଟିଶନ ହାଇକୋର୍ଟରେ ଦାଖଲ ହୋଇଛି। ଏହାର ଶୁଣାଣି ହୋଇନାହିଁ। ସୂଚନାଯୋଗ୍ୟ, ଛତ୍ରପୁର ତହସିଲ କଣମଣା ପଞ୍ଚାୟତ ଜୟଦୁର୍ଗା ନଗରରେ ଥିବା ଜମିକୁ ହଡ଼ପ କରି ସୁରବାବା ଓ ଅନ୍ୟମାନେ ତ୍ରାହି ଅଚ୍ୟୁତ ଆଶ୍ରମ ଶାଖା ଖୋଲିଥିବା ଜମିର ପୂର୍ବମାଲିକ ବ୍ରହ୍ମପୁରର ମୋଚିରାମ ସାହୁ ଅଭିଯୋଗ କରିଥିଲେ। ୨୦୧୫ ଅଗଷ୍ଟ ୩ରେ ଏ ନେଇ ସେ ଛତ୍ରପୁର ଥାନାରେ ସୁରବାବା, ତାଙ୍କ ପୁଅ ତ୍ରିଲୋଚନ ଓ ଅନ୍ୟ ଜଣଙ୍କ ନାଁରେ ଏତଲା ଦେଇଥିଲେ। ମାମଲାର ତଦନ୍ତ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର ହୋଇଥିଲା। ପରେ ଦୁଇ ପକ୍ଷ ମଧ୍ୟରେ ଏକ ଆପୋସ ବୁଝାମଣା ପିଟିଶନ ଛତ୍ରପୁର ଏସଡିଜେଏମ୍ କୋର୍ଟରେ ଦାଖଲ ହୋଇଥିଲା।








1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ